DHARITRI

ସମ୍ବଲପୁର, ଶୁକ୍ରବାର, ଜୁଲାଇ ୧୫/୨୦୨୨ (୧୬ ପୃଷ୍ଠା) | Sambalpur, Friday, July 15/2022 | Page 16 | ₹ 7.00 | ★★

୧୮ଶ ଭାଗ ୨୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ସ୍ତ୍ରୀ ହେଲେ ମାସକୁ ୨୫ ଲକ୍ଷ ଅଫର

ସ୍ତ୍ରୀ ହେଲେ ମାସକୁ ୨୫ ଲକ୍ଷ ଟଙ୍କା ମିଳିବ ବୋଲି ଜଣେ ବ୍ୟବସାୟୀଙ୍କ ନିକଟରୁ ଅଫର ମିଳିଥିବା ବଲିଉଡ୍ ଅଭିନେତ୍ରୀ ନୀତୁ ଚନ୍ଦ୍ରା ଏକ ସାକ୍ଷାତକାରରେ କହିଛନ୍ତି।

୧୨

୧୪

## ଚହଲଙ୍କୁ ୪ ଉଇକେଟ ସଫଳତା

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତୀୟ ବୋଲର ଯୁଜବେନ୍ଦ୍ର ଚହଲ ୪ଉଇକେଟ ସଫଳତା ହାସଲ କରିଛନ୍ତି।



**ଆଜିର ସମ୍ପାଦକୀୟ**

ରାଜପାକ୍ସେ ପରିବାରର ପତନ

ଚିତ୍ରକୋଣ୍ଡା ଏସ୍‌ଡିପିଓଙ୍କ ନାମରେ କୋର୍ଟରେ ରୁଜୁହେଲା ମାମଲା

ପୃଷ୍ଠା-୩









# କଲେଜରେ ହେବ ଟିକାକରଣ

ଭୁବନେଶ୍ୱର,୧୪।୭(ବ୍ୟୁରୋ)

## ବଢ଼ିଲା କୋଭିଡ୍ ଚିନ୍ତା

- ଦୈନିକ ସଂକ୍ରମଣ ୮୦୦ ଟପିଲା
- ଆଜିଠାରୁ ବୁଷ୍ଟର ଡୋଜ
- ୭୫ ଦିନ ଧରି ଚାଲିବ ଅଭିଯାନ
- ୯୯% ନେଇନାହାନ୍ତି ବୁଷ୍ଟର ଡୋଜ
- ଆବଶ୍ୟକତା ଦେଖି ହସ୍ପିଟାଲ ବେଡ୍ ବଢ଼ାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ



ରାଜ୍ୟରେ କରୋନା ମହାମାରୀ ପୁଣି କାୟା ବିସ୍ତାର କଲାଣି। ଦୈନିକ ସଂକ୍ରମଣ ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟରେ ୨୪ ଘଣ୍ଟାରେ ସଂକ୍ରମିତଙ୍କ ସଂଖ୍ୟା ୮୦୦ ଟପିଲାଣି। ଗତ କିଛି ଦିନ ହେବ ଲଗାତର ବଢୁଥିବା କରୋନା ସଂକ୍ରମଣ ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଟିକାକରଣକୁ ଗୁରୁତ୍ୱ ଦେଉଛନ୍ତି। ବଢୁଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି କଲେଜ, ବିଶ୍ୱବିଦ୍ୟାଳୟ, ବିଭିନ୍ନ ଇଞ୍ଜିନିୟରିଂ କଲେଜ, ଛାତ୍ରାବାସ ଆଦିରେ ଛାତ୍ରୀଛାତ୍ରମାନଙ୍କର ଟିକାକରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ପ୍ରଥମ ଓ ଦ୍ୱିତୀୟ ଡୋଜ୍ ପରେ ଏବେ ବରିଷ୍ଠ ନାଗରିକଙ୍କୁ ବୁଷ୍ଟର ଡୋଜ୍ ଦେବା ଜାରି ରହିଛି। ଶୁକ୍ରବାରଠାରୁ ୧୮ରୁ ୫୯ ବର୍ଷୀୟଙ୍କୁ ବୁଷ୍ଟର ଡୋଜ୍ ଦିଆଯିବ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି କ୍ରମେ ଏହି ଡୋଜ୍ ମାଗଣାରେ ପ୍ରଦାନ କରାଯିବ। ୭୫ ଦିନ ଧରି ଚାଲିବାକୁ ଥିବା ଏହି ଟିକାକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉଭୟ ଅନ୍‌ଲାଇନ୍ ବୁକିଂ କିମ୍ବା ସିଧାସଳଖ ଟିକାକେନ୍ଦ୍ରକୁ ଯାଇ ଲୋକମାନେ ବୁଷ୍ଟର ଡୋଜ୍ ନେଇ ପାରିବେ। ରାଜ୍ୟରେ ୧୮ରୁ ୫୯ ବର୍ଷ ବୟସ ବର୍ଗରେ ରହିଥିବା ୨କୋଟି ୬୫ଲକ୍ଷ ୮୫ହଜାର ଲୋକଙ୍କ ମଧ୍ୟରୁ ମାତ୍ର ୧ ପ୍ରତିଶତ ଅଥବା ପ୍ରାୟ ୧ଲକ୍ଷ ୫୦ ହଜାର ଲୋକ ପ୍ରିକଶନ ବା ବୁଷ୍ଟର ଡୋଜ୍ ନେଇଛନ୍ତି। ଅର୍ଥାତ୍ ୯୯% ଲୋକ ବୁଷ୍ଟର ଟିକା ନେଇ ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁବାର ଲୋକସେବା ଭବନରେ ରାଜ୍ୟର କୋଭିଡ୍ ସ୍ଥିତି ସମୀକ୍ଷା କରିଛନ୍ତି। ସହରାଞ୍ଚଳଗୁଡ଼ିକରେ ୧୮ରୁ ୫୯ ବର୍ଷ ଲୋକଙ୍କ ପାଇଁ ବ୍ୟାପକ ଟିକାକରଣ ଅଭିଯାନ ଆରମ୍ଭ କରିବାକୁ ମୁଖ୍ୟ ଶାସନ ସଚିବ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଟିକାକରଣ କାର୍ଯ୍ୟରେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଜନପ୍ରତିନିଧି, ସେଚ୍ଛାସେବୀ ଅନୁଷ୍ଠାନ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସାମିଲ କରିବାକୁ ଉନ୍ନୟନ କମିଶନର ପ୍ରଦୀପ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଟିକାକରଣ କେନ୍ଦ୍ରର ଅବସ୍ଥିତି ଓ ସମୟ, କଲେକ୍ସନ ସେଣ୍ଟର ଓ ସହାୟତା କେନ୍ଦ୍ରର ନମ୍ବର ଏବଂ କୋଭିଡ୍ ଚିକିତ୍ସା ସୁବିଧା ବିଷୟରେ ଲୋକମାନଙ୍କୁ ଠିକ୍ ସୂଚନା ପ୍ରଦାନ ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ସମୀକ୍ଷାରୁ ଜଣାପଡ଼ିଛି ଯେ ରାଜ୍ୟରେ ସମୁଦାୟ ୪୨୬୨ ସକ୍ରିୟ କୋଭିଡ୍ କେସ୍ ରହିଛି। ସେମାନଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ପିଲାଙ୍କ ସଂଖ୍ୟା ୭୧। ସଂକ୍ରମିତମାନେ ମୁଖ୍ୟତଃ ହୋମ୍ ଆଇସୋଲେଶନ୍‌ରେ ରହି ଚିକିତ୍ସିତ ହେଉଛନ୍ତି। ଏବେ ସୁଦ୍ଧା ୩୯ ଜଣ ଚିକିତ୍ସା ପାଇଁ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପ୍ରତ୍ୟେକ ମେଡିକାଲ କଲେଜ ଏବଂ ଜିଲା ଚିକିତ୍ସାଳୟରେ ସ୍ୱତନ୍ତ୍ର କୋଭିଡ୍ ୱାର୍ଡ ବ୍ୟବସ୍ଥା କରାଯାଇଛି। ଆବଶ୍ୟକତା ଅନୁସାରେ ହସ୍ପିଟାଲ ଏବଂ ବେଡ୍ ସଂଖ୍ୟା ବଢ଼ାଇବା ପାଇଁ ପ୍ରତି ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଗତ ୨୪ ଘଣ୍ଟାରେ ଚିହ୍ନଟ ହୋଇଥିବା ୮୦୪ ସଂକ୍ରମିତଙ୍କ ମଧ୍ୟରୁ ୪୭୧ଜଣ କ୍ୱାରାଣ୍ଟାଇନ୍‌ରୁ ଏବଂ ୩୩୩ ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ୨୬ ଜିଲାରୁ ଏହି ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଅନ୍ୟ ୪ ଜିଲାରେ ସଂକ୍ରମଣ ନେଇ ସୂଚନା ନାହିଁ। ସଂକ୍ରମଣ କ୍ଷେତ୍ରରେ ଖୋର୍ଦ୍ଧା ଜିଲା ହଟ୍‌ସ୍ପଟ୍ ପାଲଟିଛି। କେବଳ ଏହି ଜିଲାରୁ ୩୦୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ☞ପୃଷ୍ଠା-୪

# ଦେଶରେ ପ୍ରଥମ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ



ଥିରୁଭାନନ୍ତପୁରମ୍, ୧୪।୭

ଭାରତରେ ପ୍ରଥମ ମଙ୍କିପକ୍ସ ମାମଲା ଗୁରୁବାର ଚିହ୍ନଟ ହୋଇଛି। ସମ୍ପୃକ୍ତ ବ୍ୟକ୍ତି ଜଣକ କେରଳର ହୋଇଥିବାବେଳେ ସେ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରୁ ଭାରତ ଫେରି ଥିରୁଭାନନ୍ତପୁରମର ବିମାନବନ୍ଦରରେ ଓହ୍ଲାଇଥିଲେ। ତାଙ୍କଠାରେ ମଙ୍କିପକ୍ସର ଲକ୍ଷଣ ଦେଖାଯିବାରୁ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ନମୁନା ସଂଗ୍ରହ କରାଯାଇ ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଯାଇଥିଲା। ସେ ଏହି ଭୂତାଣୁରେ ସଂକ୍ରମିତ ହୋଇଥିବା ଟେଷ୍ଟ ରିପୋର୍ଟରୁ ସ୍ପଷ୍ଟ ହୋଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଗର୍ଗ କହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ବିଦେଶରୁ ଆସିବା ପରେ ସଂକ୍ରମିତଙ୍କ ମା' ବାପାଙ୍କ ସମେତ ତାଙ୍କ ସଂସ୍ପର୍ଶରେ ଆସିଥିବା ଅଟୋ, ଟ୍ୟାକ୍ସି ଡ୍ରାଇଭର, ୧୧ ଯାତ୍ରୀଙ୍କୁ ଚିହ୍ନଟ କରାଯାଇଛି। ମଙ୍କିପକ୍ସ ଏକ ଭୂତାଣୁଜନିତ ରୋଗ। ଏଥିରେ ଆକ୍ରାନ୍ତ ହେଲେ ଜ୍ୱର ସହ ଶରୀର ସାରା ଫୋଟକା ☞ପୃଷ୍ଠା-୪

# ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ବାତିଲ

ସମ୍ବଲପୁର,୧୪।୭(ବ୍ୟୁରୋ)

## ସମ୍ବଲପୁର ବିଶ୍ୱବିଦ୍ୟାଳୟ

### ୩ଜଣିଆ କମିଟି ଗଠନ, ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ଶେଷବର୍ଷ ଏଜୁକେଶନ ଅନର୍ସ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଛି। ଗୁରୁବାର ସକାଳେ ଘଟଣା ଜଣାପଡିବା ପରେ କର୍ତ୍ତୃପକ୍ଷ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ କଲେଜକୁ ପରୀକ୍ଷା ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଏବେ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ରବୀନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇ କହିଛନ୍ତି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି ଶେଷବର୍ଷ ଦ୍ୱିତୀୟ ସେମିଷ୍ଟରର ଏଜୁକେଶନ ଅନର୍ସ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଛି। ଏ ସମ୍ପର୍କରେ ପ୍ରମାଣ ମିଳିବା ପରେ ଗୁରୁବାର କଲେଜଗୁଡିକରେ ହେବାକୁ ଥିବା ପରୀକ୍ଷା ବାତିଲ କରିଦିଆଯାଇଛି। ପ୍ରଶ୍ନପତ୍ର ସେଟ୍ କରାଯାଉଥିବା ସ୍ଥାନରୁ ଲିକ୍ ହୋଇଥିବା ସନ୍ଦେହ କରାଯାଉଛି। କୁଳପତି ସଞ୍ଜୀବ ମିତ୍ତଲଙ୍କ ନିର୍ଦ୍ଦେଶ କ୍ରମେ ୩ ଜଣିଆ କମିଟି ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏଭଳି ଘଟଣା ଯୋଗୁ ୨୦୫ କଲେଜର ୫୦୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରଭାବିତ ହୋଇଛନ୍ତି। ବାତିଲ ହୋଇଥିବା ପରୀକ୍ଷା ପୁଣିଥରେ ଠିକ୍ ସମୟରେ କରାଯାଇ ଫଳାଫଳ ପ୍ରକାଶ କରାଯିବ। ଛାତ୍ରୀଛାତ୍ରଙ୍କୁ କୌଣସି ସମସ୍ୟା ହେବ ନାହିଁ। ପ୍ରଶ୍ନପତ୍ର ଲିକ୍ ଘଟଣାରେ କୌଣସି ଅଧ୍ୟାପକଙ୍କ ସମ୍ପୃକ୍ତି ପ୍ରମାଣିତ ହେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ଗୁଳିକାଣ୍ଡରେ ଯୁବକ ମୃତ, ଜଣେ ଗୁରୁତର

ଆନନ୍ଦପୁର, ୧୪।୭ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ନିର୍ବାଚନମଣ୍ଡଳୀ ରାମଚନ୍ଦ୍ରପୁର ଥାନା ଅଧୀନ ଖଲଣା ଗ୍ରାମରେ ରାଜନୈତିକ ଶତ୍ରୁତାରୁ ଏକ ଗୁଳିକାଣ୍ଡ ଘଟିଛି। ଏଥିରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଖଲଣା ଗ୍ରାମର ସୁନନ୍ଦ ସେଠୀ (୩୨)। ଗୁରୁତର ଚନ୍ଦନ ବେହେରା(୨୩)ଙ୍କୁ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ପଞ୍ଚାୟତ ନିର୍ବାଚନକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ତିକ୍ତତା ଲାଗିରହିଥିଲା। ବୁଧବାର ଏହି ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଗୁରୁବାର ଅପରାହ୍ଣରେ ସୁନନ୍ଦ ଓ ଚନ୍ଦନ ସାଇଁକୁଳ ସାପ୍ତାହିକ ହାଟରୁ ନିଜ ଘର ଅଭିମୁଖେ ଫେରୁଥିବା ବେଳେ ରାସ୍ତାରେ କେତେଜଣ ଯୁବକ ଉଭୟଙ୍କୁ ଅଟକାଇ ମାରଣାସ୍ତ୍ରରେ ଆକ୍ରମଣ କରିବା ସହିତ ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ସୁନନ୍ଦଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ଚନ୍ଦନଙ୍କୁ ମେଡିକାଲରେ ଭର୍ତ୍ତି କରିବା ସହ ତଦନ୍ତ ଆରମ୍ଭ କରିଛି।




# କିସ୍ତି ଟଙ୍କା ଶୁଝି ନ ପାରି ଆତ୍ମହତ୍ୟା

ଯାଜପୁର ରୋଡ୍,୧୪।୭(ଡି.ଏନ.ଏ.)

ଯାଜପୁର ରୋଡ୍ ଥାନା ଅଧୀନ ସାପଗାଡ଼ିଆ ଗାଁରେ କିସ୍ତି ଟଙ୍କା ପରିଶୋଧ କରି ନ ପାରିବାରୁ ଦୀନବନ୍ଧୁ ମଣ୍ଡଳ ନାମକ ଜଣେ ବ୍ୟକ୍ତି ଗୁରୁବାର ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଦୀନବନ୍ଧୁ ତାଙ୍କ ସ୍ତ୍ରୀ ସାବିତ୍ରୀ ଏବଂ ୩ ପିଲାଙ୍କୁ ନେଇ ସାପଗଡ଼ିଆରେ ରୁହନ୍ତି। ଗତ କିଛିଦିନ ହେବ ସେ କାମଧନ୍ଦା କରିପାରୁ ନ ଥିଲେ। ଫଳରେ ବିଭିନ୍ନ ଘରୋଇ ବ୍ୟାଙ୍କରୁ ଆଣିଥିବା ଋଣ ଟଙ୍କା ଶୁଝି ପାରୁ ନ ଥିଲେ। ଗୁରୁବାର ଏକ ଘରୋଇ ବ୍ୟାଙ୍କର କିସ୍ତି ଟଙ୍କା ଦେବାକୁ ଥିବାବେଳେ ଏହାକୁ ନେଇ ସ୍ତ୍ରୀଙ୍କ ସହିତ ତାଙ୍କର ପାଟିତୁଣ୍ଡ ☞ପୃଷ୍ଠା-୪






# ଭାରତରେ ପ୍ରଥମ ବିରଳ ବ୍ଲଡ଼ଗ୍ରୁପ୍

ଅହମ୍ମଦାବାଦ, ୧୪।୭

## ଏହି ଗ୍ରୁପ୍ ରକ୍ତ ଥିବା ବିଶ୍ୱର ୧୦ମ ବ୍ୟକ୍ତି



ଗୁଜରାଟର ରାଜକୋଟରୁ ଜଣେ ୬୫ ବର୍ଷୀୟ ବୃଦ୍ଧଙ୍କ ଶରୀରରେ ଏକ ପ୍ରକାର ବିରଳ ବ୍ଲଡ଼ଗ୍ରୁପ୍ ଚିହ୍ନଟ ହୋଇଛି। ଏହା 'ଇଏମ୍‌ଏମ୍ ନେଗେଟିଭ୍' ଭାବେ ଜଣା। ଅନ୍ୟ ୪ ବ୍ଲଡ୍ ଗ୍ରୁପ୍ ଏ, ବି, ଓ, ଏବିଠାରୁ ଏହା ସମ୍ପୂର୍ଣ୍ଣ ଅଲଗା। ପୂର୍ବରୁ ବିଶ୍ୱରେ ମାତ୍ର ୯ ଜଣ 'ଇଏମ୍‌ଏମ୍ ନେଗେଟିଭ୍' ବ୍ଲଡ଼ଗ୍ରୁପ୍‌ର ହୋଇଥିବାବେଳେ ଗୁଜରାଟର ସମ୍ପୃକ୍ତ ବ୍ୟକ୍ତି ଏହି ବର୍ଗର ୧୦ମ ବ୍ୟକ୍ତି ହୋଇଛନ୍ତି। ସେ ହୃତପିଣ୍ଡଜନିତ ରୋଗରେ ମଧ୍ୟ ପୀଡ଼ିତ ବୋଲି ଜଣାଯାଇଛି। ଇଏମ୍‌ଏମ୍ ରକ୍ତ କୋଷିକାରେ ଥିବା ଏକ ପ୍ରକାର ଆଣ୍ଟିଜେନ୍। ସମ୍ପୃକ୍ତ ବୃଦ୍ଧଙ୍କ ରକ୍ତରେ ଇଏମ୍‌ଏମ୍ ନ ଥିବାରୁ ଇଣ୍ଟରନ୍ୟାଶନାଲ ସୋସାଇଟି ଅଫ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ(ଆଇଏସ୍‌ବିଟି) ଏହି ବ୍ଲଡ୍ ଗ୍ରୁପ୍‌କୁ ଇଏମ୍‌ଏମ୍ ନେଗେଟିଭ୍ ଭାବେ ଚିହ୍ନଟ କରିଛି।

ମଣିଷ ଶରୀରରେ ଏ, ବି, ଓ, ଆର୍‌ଏଚ୍ ଏବଂ ଡଫିଙ୍କୁ ମିଶାଇ ୪୨ ପ୍ରକାରର ବ୍ଲଡ୍ ସିଷ୍ଟମ ରହିଥାଏ। କିନ୍ତୁ ସାଧାରଣରେ ମଣିଷ ବ୍ଲଡ୍‌ଗ୍ରୁପ୍‌କୁ ୪ ଭାଗରେ ବିଭକ୍ତ କରାଯାଇଥାଏ। ଇଏମ୍‌ଏମ୍ ନେଗେଟିଭ୍ ୪୨ତମ ବ୍ଲଡ୍ ଗ୍ରୁପ୍ ସିଷ୍ଟମ। ଏହି ବ୍ଲଡ୍ ଗ୍ରୁପ୍ ଥିବା ଲୋକଙ୍କ ରକ୍ତରେ ଇଏମ୍‌ଏମ୍ ହାଇ-ଫ୍ରିକ୍ୱେନ୍ସି ଆଣ୍ଟିଜେନ୍ ଅଭାବ ରହିଥାଏ। ଇଏମ୍‌ଏମ୍ ନେଗେଟିଭ୍ ରକ୍ତ ଥିବା ବ୍ୟକ୍ତିମାନେ ଅନ୍ୟକୁ ରକ୍ତଦାନ କରିପାରି ନ ଥାନ୍ତି କିମ୍ବା ଆବଶ୍ୟକବେଳେ ଅନ୍ୟ କାହାର ରକ୍ତ ଗ୍ରହଣ କରିପାରି ନ ଥାନ୍ତି। ରାଜକୋଟର ଏହି ବ୍ୟକ୍ତି ଜଣକ ହୃଦ୍‌ଘାତର ଶିକାର ହେବା ପରେ ଅହମ୍ମଦାବାଦରେ ଚିକିତ୍ସିତ ହେଉଛନ୍ତି। ହାର୍ଟ ସର୍ଜରି ପାଇଁ ତାଙ୍କର ରକ୍ତ ଆବଶ୍ୟକ ପଡ଼ିଥିବାବେଳେ ପରୀକ୍ଷାରୁ ଏହି ବ୍ଲଡ୍‌ଗ୍ରୁପ୍ କଥା ଜଣାପଡ଼ିଛି।

## ସଂକ୍ଷେପରେ

### ଭାରତରେ ୨ ବିଲିୟନ ଡଲାର ନିବେଶ କରିବ ୟୁଏଇ

**ନୂଆଦିଲ୍ଲୀ, ୧୪ା୭:** ମିଳିତ ନିବେଶ, କାରବାର ସମେତ ଦକ୍ଷିଣ ଏସିଆ ଓ ମଧ୍ୟପ୍ରାଚ୍ୟରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଭାରତ, ଇସ୍ରାଏଲ, ଆମେରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଗୁରୁବାର ପ୍ରଥମ ଆଇ୨ୟୁ୨ ସମ୍ମିଳନୀ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଇସ୍ରାଏଲ ପ୍ରତିପକ୍ଷ ୟେର ଲ୍ୟାପିଡ୍, ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନହୟାନ୍ ଏବଂ ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍ ଯୋଗଦେଇଥିଲେ। ଆଲୋଚନାରେ ୟୁଏଇ ଇଣ୍ଟିଗ୍ରେଟେଡ୍ ଫୁଡ୍ ପାର୍କ ସ୍ଥାପନ ପାଇଁ ଭାରତରେ ୨ ବିଲିୟନ ଆମେରିକୀୟ ଡଲାର ନିବେଶ କରିବ ବୋଲି ଘୋଷଣା କରିଛି। ଏଥିପାଇଁ ନୂଆଦିଲ୍ଲୀ ଆବଶ୍ୟକ ଜମି ଯୋଗାଇବା ସହ ଚାଷୀଙ୍କୁ ମଧ୍ୟ ଏଥିରେ ସାମିଲ କରିବ ବୋଲି ଏକ ମିଳିତ ବିବୃତିରେ କୁହାଯାଇଛି।

### ଦଲେର ମେହନ୍ଦିଙ୍କୁ ୨ ବର୍ଷ ଜେଲ

**ଚଣ୍ଡିଗଡ଼, ୧୪ା୭:** ମାନବ ଚାଲାଣ ମାମଲାରେ ପଞ୍ଜାବୀ ଭାଙ୍ଗଡା-ପପ୍ ଗାୟକ ଦଲେର ମେହନ୍ଦିଙ୍କୁ ପଟିଆଲାର ଏକ କୋର୍ଟ ୨ ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି। ୧୯ ବର୍ଷ ପୁରୁଣା ଏହି କେସ୍‌ରେ



ଦଲେରଙ୍କୁ ଗିରଫ ପରେ ସ୍ଥାନୀୟ ଜେଲକୁ ପଠାଇଦିଆଯାଇଛି। ଦଲେର ଓ ତାଙ୍କ ଭାଇ ଶମେଶେର ସିଂ ବେଆଇନ ଭାବେ ଲୋକଙ୍କୁ ବିଦେଶ ଚାଲାଣ କରୁଥିବା ନେଇ ୨୦୦୩ରେ ମାମଲା ରୁଜୁ ହୋଇଥିଲା। ଦଲେର, ଶମଶେର (୨୦୧୭ ଅକ୍ଟୋବରରେ ମୃତ୍ୟୁ ଘଟିଛି)ଙ୍କ ସମେତ ଆଉ ଦୁଇ ଜଣଙ୍କ ନାମରେ ଲୋକଙ୍କୁ ବିଦେଶ ନେବା ଆଳରେ ୧ କୋଟି ଟଙ୍କା ଠକେଇ ଅଭିଯୋଗ ରହିଥିଲା। ପଟିଆଲାର ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ କୋର୍ଟ ଏହି ଗାୟକଙ୍କୁ ଦୁଇ ବର୍ଷ ଜେଲ ଏବଂ ୨,୦୦୦ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ଦଲେର ପଟିଆଲା ସେସନ୍ସ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଆଡିସିନାଲ ସେସନ୍ସ ଜଜ୍ ଏଚ୍. ଏସ୍. ଗ୍ରେୱାଲ ଦଲେରଙ୍କ ଜାମିନ ଆବେଦନକୁ ଖାରଜ କରିବା ସହ ଜୁଡିସିଆଲ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ରାୟକୁ ବଳବତ୍ତର ରଖିଛନ୍ତି।

### ଆର୍‌ଏସ୍‌ଏସ୍‌କୁ ପିଏଫ୍‌ଆଇ ସହ ତୁଳନା

**ବିବାଦରେ ବିହାର ପୋଲିସ ଅଧିକାରୀ**

**ପାଟନା, ୧୪ା୭:** ବିହାରର ଜଣେ ବରିଷ୍ଠ ପୋଲିସ ଅଧିକାରୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ଏକ ଆତଙ୍କବାଦୀ ସଙ୍ଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ସହ ତୁଳନା କରି ବିବାଦୀୟ ହୋଇଛନ୍ତି। ପାଟନାରୁ ପିଏଫ୍‌ଆଇ ସହ ଜଡ଼ିତ ଦୁଇ ଆତଙ୍କବାଦୀ ଗିରଫ ହେବା ପରେ ଏହା ଉପରେ ପ୍ରତିକ୍ରିୟା ରଖି ଏସ୍‌ଏସ୍‌ପି ମାନବଜିତ୍ ସିଂ ଧିଲନ୍ କହିଛନ୍ତି, ଯେପରି ଆର୍‌ଏସ୍‌ଏସ୍ ନିଜର ଶାଖା ଖୋଲି ଲାଠି ବ୍ୟବହାର ଶିଖାଉଛି, ସେହିପରି ଶାରୀରିକ ଶିକ୍ଷା ନାମରେ ପିଏଫ୍‌ଆଇ ଯୁବଗୋଷ୍ଠୀକୁ ଡାକି ସେମାନଙ୍କୁ ବିଭ୍ରାନ୍ତ କରିବା ସହ ସଙ୍ଗଠନର ଆଦର୍ଶ ଓ ବିଚାର ଧାରା ପ୍ରଚାର କରୁଥିଲା। ଏହା ଉପରେ ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ମନ୍ତବ୍ୟକୁ ଏସ୍‌ଏସ୍‌ପି ମାନବଜିତ୍ ତୁରନ୍ତ ପ୍ରତ୍ୟାହାର କରିବା ସହ ତୁରନ୍ତ ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ବିହାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି ଟୁଇଟ୍ କରିଛନ୍ତି।

## ‘ଯୌନ ଉତ୍ପୀଡ଼ନ’ ବଦଳରେ ‘ଗୋଗୋଇ’ କୁହ



ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ କେତେକ ଶବ୍ଦକୁ ‘ଅସଂସଦୀୟ’ ଦର୍ଶାଇ ସେଗୁଡ଼ିକ ଉପରେ କଟକଣା ଜାରି କରାଯାଇଥିବାବେଳେ ଉକ୍ତ ବୁକ୍‌ଲେଟ୍‌କୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ପଶ୍ଚିମବଙ୍ଗର କ୍ରିଷ୍ଣାନଗର ଏମ୍‌ପି ମହୁଆ ଏନେଇ ଟୁଇଟ୍ କରି ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ବିରୋଧରେ ଥିବା ଯୌନ ଉତ୍ପୀଡ଼ନ ମାମଲାର ଅବତାରଣା କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ଅସଂସଦୀୟ ଶବ୍ଦ ‘ଯୌନ ଉତ୍ପୀଡ଼ନ’କୁ ହଟାଇ ସେହି ସ୍ଥାନରେ ‘ମିଷ୍ଟର ଗୋଗୋଇ’ ରଖାଯାଉ। ଏହି ତାଲିକାରେ ସଂଘୀ (ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କର୍ମକର୍ତ୍ତା) ଶବ୍ଦକୁ କାହିଁକି ସ୍ଥାନିତ କରାଯାଇ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

## ନୂଆ ଭାରତ ପାଇଁ ନୂଆ ଶବ୍ଦକୋଷ



କେନ୍ଦ୍ର ସରକାର ଅସଂସଦୀୟ ଶବ୍ଦାବଳୀ ତାଲିକାଭୁକ୍ତ କରି ଜାରି କରିଥିବା ପୁସ୍ତିକା ବିବାଦୀୟ ହୋଇଛି। ସରକାରଙ୍କ ଏହି ପଦକ୍ଷେପକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ରାହୁଲ ଟୁଇଟରରେ ଏକ ଫଟୋ ଶେୟାର କରିଛନ୍ତି। ଏଥିରେ ଅସଂସଦୀୟ ଶବ୍ଦର ବ୍ୟାଖ୍ୟା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିପରି ସରକାର ଚଳାଉଛନ୍ତି ତାକୁ ସୂଚାଇବା ନିମନ୍ତେ ଆଲୋଚନା ଓ ବିତର୍କ ବେଳେ ଯେଉଁ ଶବ୍ଦଗୁଡ଼ିକୁ ନିର୍ଭୁଲ ଭାବେ ବ୍ୟବହାର କରାଯାଇଥାଏ, ସେଗୁଡ଼ିକର ଉଚ୍ଚାରଣ ଉପରେ ବର୍ତ୍ତମାନ ନିଷେଧାଦେଶ ଜାରି କରାଯାଇଛି ବୋଲି ରାହୁଲ କହିଛନ୍ତି। ଉକ୍ତ ଫଟୋରେ କ୍ୟାପ୍‌ଶନ ଲେଖାଯାଇଛି ‘ନୂଆ ଭାରତ ପାଇଁ ନୂଆ ଶବ୍ଦକୋଷ’।

# ବିବାଦରେ ଅସଂସଦୀୟ ଶବ୍ଦାବଳୀ

**ନୂଆଦିଲ୍ଲୀ, ୧୪ା୭**

ଜୁମ୍‌ଲାଜୀବୀ, ବାଲ ବୁଦ୍ଧି, କୋଭିଡ୍ ସ୍ପ୍ରେଡର୍, ଛଳନାକାରୀ, ନିକମ୍ମା, ଦୋହରା ଚରିତ୍ର, ଡିଣ୍ଡିମ ପିଟିବା, କାଲ ସରକାର ଇତ୍ୟାଦି ଇତ୍ୟାଦି। ପାର୍ଲାମେଣ୍ଟରେ ଗୃହକାର୍ଯ୍ୟ ଚାଲିଥିବାବେଳେ ସଦସ୍ୟମାନେ ବେଳେବେଳେ ଏପରି ଶବ୍ଦ ବା ବାକ୍ୟ ବ୍ୟବହାର କରିଥାଆନ୍ତି, ଯାହାକୁ ପରେ ସଦନର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ରେକର୍ଡରୁ ହଟାଇ ଦିଆଯାଇଥାଏ। ଲୋକ ସଭା ସଚିବାଳୟ ପକ୍ଷରୁ ଏଭଳି କେତେକ ଶବ୍ଦକୁ ଅସଂସଦୀୟ ଦର୍ଶାଯାଇ ସେଗୁଡ଼ିକୁ ବ୍ୟବହାର ନ କରିବାକୁ କୁହାଯାଇଛି। ଏନେଇ ଏକ ନୂଆ ପୁସ୍ତିକା ମଧ୍ୟ ଜାରି କରାଯାଇଛି। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କୌଣସି ଶବ୍ଦ ଉପରେ କଟକଣା ଜାରି କରାଯାଇ ନ ଥିବା ସଫେଇ ଦେଇଛନ୍ତି।

ସଂସଦର ମୌସୁମୀ ଅଧିବେଶନ ଜୁଲାଇ ୧୮ରେ ଆରମ୍ଭ ହେବ। ଏହା ପୂର୍ବରୁ ଉଭୟ ଉଚ୍ଚ ଓ ନିମ୍ନ ସଦନରେ ବିତର୍କ ବେଳେ ସଦସ୍ୟମାନେ କେତେକ ନିର୍ଦ୍ଦିଷ୍ଟ ଶବ୍ଦ ବ୍ୟବହାର କରିପାରିବେ ନାହିଁ ବୋଲି ବୁଧବାର ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ଜାରି ଏକ ବୁକ୍‌ଲେଟ୍‌ରେ କୁହାଯାଇଛି। ଯଦି କୌଣସି ଏମ୍‌ପି ଏଭଳି ଶବ୍ଦ ବା ଅଭିବ୍ୟକ୍ତି ବ୍ୟବହାର କରନ୍ତି ତେବେ ସେଗୁଡ଼ିକୁ ସଂସଦୀୟ କାର୍ଯ୍ୟପ୍ରଣାଳୀରୁ ହଟାଇ ଦିଆଯିବ। ୨୦୨୧ରେ ବିଭିନ୍ନ ରାଜ୍ୟର ବ୍ୟବସ୍ଥାପକ ସଂସ୍ଥା ଏବଂ ୨୦୨୦ରେ କମନୱେଲ୍‌ଥ ପାର୍ଲାମେଣ୍ଟଗୁଡ଼ିକରେ ଅସଂସଦୀୟ ଘୋଷିତ ଶବ୍ଦାବଳୀକୁ ଭବିଷ୍ୟତ ସନ୍ଦର୍ଭ ପାଇଁ ଉକ୍ତ ବୁକ୍‌ଲେଟରେ ସନ୍ନିବେଶିତ କରାଯାଇଛି। ତେବେ ରାଜ୍ୟ ସଭା ଅଧ୍ୟକ୍ଷ ଓ ଲୋକ ସଭା ବାଚସ୍ପତି ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଏଥିରେ କୁହାଯାଇଛି। ତେବେ ବିରୋଧୀ ଦଳଗୁଡ଼ିକ ଗୁରୁବାର ଏହାକୁ ନେଇ ଆପତ୍ତି ଉଠାଇଛନ୍ତି। ଭାଜପା ଦେଶକୁ କିପରି ଧ୍ୱଂସ କରୁଛି ତାହା ବର୍ଣ୍ଣନା ପାଇଁ ସେମାନେ ବ୍ୟବହାର କରୁଥିବା ସମସ୍ତ ଶବ୍ଦକୁ ଅସଂସଦୀୟ ଦର୍ଶାଯାଇଛି



ବୋଲି ବିରୋଧୀ ଅଭିଯୋଗ ଆଣିଛନ୍ତି। ଫଳରେ ଏହାକୁ ନେଇ ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଇଛି। ଏହା ଏକ ପ୍ରସ୍ତାବ କିମ୍ବା ନିର୍ଦ୍ଦେଶନାମା ନୁହେଁ, ବରଂ ପୂର୍ବରୁ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକର ଅଧ୍ୟକ୍ଷ ଏଭଳି ଶବ୍ଦଗୁଡ଼ିକୁ ହଟାଇଦେଇଥିବା କୁହାଯାଇଛି। ଏପରି କି ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଅମଳରେ ମଧ୍ୟ ଏଭଳି ଶବ୍ଦଗୁଡ଼ିକୁ ଅସଂସଦୀୟ ବିବେଚନା କରାଯାଉଥିଲା। ଗତବର୍ଷ ଉକ୍ତ ତାଲିକାରେ ୬୨ ନୂଆ ଶବ୍ଦ ଯୋଡ଼ାଯାଇଥିବା କେନ୍ଦ୍ର ସରକାରଙ୍କ ସୂତ୍ରରୁ କୁହାଯାଇଛି। ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, କୌଣସି ଶବ୍ଦ ଉପରେ କଟକଣା ଜାରି କରାଯାଇ ନାହିଁ। ସଦସ୍ୟମାନେ ଗୃହର ମର୍ଯ୍ୟାଦା ପ୍ରତି ଧ୍ୟାନଦେବା ଉଚିତ। ଏହି ତାଲିକା ହେଉଛି ଅତୀତରେ

> କୌଣସି ଶବ୍ଦ ଉପରେ କଟକଣା ଜାରି କରାଯାଇ ନାହିଁ। ସଦସ୍ୟମାନେ ଗୃହର ମର୍ଯ୍ୟାଦା ପ୍ରତି ଧ୍ୟାନଦେବା ଉଚିତ।
> **-ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି**

ରେକର୍ଡରୁ ହଟାଯାଇଥିବା କେତେକ ଶବ୍ଦର ସଙ୍କଳନ। ବିରୋଧୀ ଦଳଗୁଡ଼ିକ ଏହି ୧,୧୦୦ ପୃଷ୍ଠା ସମ୍ବଳିତ ଶବ୍ଦକୋଷକୁ ପଢ଼ିଛନ୍ତି କି? ଯଦି ପଢ଼ିଥାଆନ୍ତେ ତେବେ ବିଭ୍ରାନ୍ତି ମଧ୍ୟରେ ରହି ନ ଥାଆନ୍ତେ। ୧୯୫୪, ୧୯୮୬, ୧୯୯୨, ୧୯୯୯, ୨୦୦୪, ୨୦୦୯, ୨୦୧୦ରେ ମଧ୍ୟ ଏପରି ବୁକ୍‌ଲେଟ୍ ଜାରି କରାଯାଇଥିଲା ବୋଲି ବାଚସ୍ପତି କହିଛନ୍ତି। ପ୍ରକାଶ ଯେ, ଲୋକ ସଭାରେ କାର୍ଯ୍ୟ ପ୍ରକ୍ରିୟା ଓ ଆଚରଣ ନିୟମ ୩୮୦ ଅନୁସାରେ ବିତର୍କ ବେଳେ ଅସଂସଦୀୟ, ଅପମାନଜନକ, ଅଭଦ୍ର ବା ଅସମ୍ବେଦନଶୀଳ ଶବ୍ଦ ବ୍ୟବହାର କରାଯାଇଥିବା ବାଚସ୍ପତି ମନେକଲେ ସେ ତାକୁ ଗୃହକାର୍ଯ୍ୟରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦେଇପାରିବେ।

## କାନାଡାରେ ଗାନ୍ଧୀ ପ୍ରତିମୂର୍ତ୍ତି ଭାଙ୍ଗିଲେ

**ଅଟାୱା, ୧୪ା୭:** କାନାଡାର ରିଚ୍‌ମଣ୍ଡ ହିଲ୍ ସହରରେ ଥିବା ମହାତ୍ମା ଗାନ୍ଧୀଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ବୁଧବାର ବିଳମ୍ବିତ ରାତିରେ ଭଙ୍ଗାରୁଜା କରାଯାଇଛି। କେତେଜଣ ଖଲିସ୍ତାନୀ ସମର୍ଥକ ଏବଂ ପାକିସ୍ତାନ ବଂଶୋଦ୍ଭବ ଏହି କାର୍ଯ୍ୟରେ ସମ୍ପୃକ୍ତ ଅଛନ୍ତି। ପ୍ରତିମୂର୍ତ୍ତି ଭାଙ୍ଗିବା ବେଳର ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି। ରିପିସ୍ ପାର୍କରେ ବିଷ୍ଣୁ ମନ୍ଦିର ନିକଟରେ ଥିବା ୨୦ ଫୁଟ ଉଚ୍ଚତାର ଗାନ୍ଧୀଙ୍କ ମୂର୍ତ୍ତି ଭଙ୍ଗାଯିବାକୁ ନେଇ ଭାରତ ସରକାରଙ୍କ ପକ୍ଷରୁ ପ୍ରତିବାଦ ଜଣାଯାଇଛି। ଏପରି ଘୃଣିତ କାର୍ଯ୍ୟ ଭାରତୀୟ ସମୁଦାୟଙ୍କୁ ଦୁଃଖ ଦେଇଛି। ଏହାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଭାରତୀୟ କନ୍‌ସୁଲେଟ୍ ଜେନେରାଲ କାନାଡା କର୍ତ୍ତୃପକ୍ଷଙ୍କଠାରେ ଦାବି କରିଛନ୍ତି।

## ମଲ୍‌ରେ ନମାଜକୁ ନେଇ ବିବାଦ

**ଲକ୍ଷ୍ନୌ, ୧୪ା୭:** ଦୁଇ ଦିନ ତଳେ ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ନୂଆ କରି ଖୋଲିଥିବା ଲୁଲୁ ମଲ୍‌ରେ ନମାଜପାଠକୁ ନେଇ ବିବାଦ ଦେଖାଦେଇଛି। ମଲ୍‌ର ଏକ ଖୋଲା ସ୍ଥାନରେ କେତେଜଣ ଏକତ୍ରିତ ହୋଇ ନମାଜ ପାଠ କରୁଥିବାର ଭିଡିଓ ସୋସିଆଲ ମିଡିଆର ବହୁଳ ପ୍ରସାରିତ ହେବାପରେ ଦକ୍ଷିଣପନ୍ଥୀଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଉ ଥରେ ସେଠାରେ ନମାଜ ପାଠ କରାଗଲେ ବିକ୍ଷୋଭ ପ୍ରଦର୍ଶନ ସହ ହନୁମାନ ଚାଳିସା ପାଠ କରାଯିବ ବୋଲି ଅଖିଳ ଭାରତୀୟ ହିନ୍ଦୁ ମହାସଭା ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହ ହିନ୍ଦୁ ସମ୍ପ୍ରଦାୟ ଉକ୍ତ ମଲ୍‌କୁ ନ ଯିବାକୁ ମଧ୍ୟ ଏହି ସଙ୍ଗଠନ ଆହ୍ୱାନ ଦେଇଛି।

# ଆତଙ୍କବାଦୀଙ୍କ ଟାର୍ଗେଟରେ ଥିଲେ ମୋଦି

**ପାଟନା, ୧୪ା୭**

ବିହାର ରାଜଧାନୀ ପାଟନାରେ ଏକ ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପୋଲିସ ପଣ୍ଡ କରିଛି। ଏହି ଗୋଷ୍ଠୀର ୨ ଜଣଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ପୂର୍ବତନ ପୋଲିସ କର୍ମଚାରୀ ରହିଛନ୍ତି। ଅଭିଯୁକ୍ତମାନେ ହେଲେ ଅଠାର ପରଭେଜ୍ ଏବଂ ଝାଡ଼ଖଣ୍ଡର ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ମହମ୍ମଦ ଜଲାଲଉଦ୍ଦିନ। ଏହି ମଡ୍ୟୁଲ ୨୦୪୭ ସୁଦ୍ଧା ଭାରତକୁ ଇସ୍‌ଲାମୀୟ ଦେଶ କରିବାକୁ ଯୋଜନା କରିଥିଲେ। ଗତ ୧୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାର ଗସ୍ତ କରିଥିବାବେଳେ ସେମାନେ ତାଙ୍କୁ ହତ୍ୟା ପାଇଁ ମଧ୍ୟ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ) ଏହାର ତଦନ୍ତ ଆରମ୍ଭ କରିଛି। ତୃତୀୟ ସନ୍ଦିଗ୍ଧଙ୍କ ବିଷୟରେ ଏନ୍‌ଆଇଏ ସୂଚନା ପାଇଥିବା ଜଣାପଡ଼ିଛି।

ସମ୍ପୃକ୍ତ ଆତଙ୍କବାଦୀମାନେ ପ୍ରଧାନମନ୍ତ୍ରୀଙ୍କ ଗସ୍ତର ୧୫ ଦିନ ପୂର୍ବରୁ ବିହାରର ଫୁଲୱାରି ଶରିଫ୍‌ରେ ତାଲିମ ନେଇଥିଲେ। ମୋଦିଙ୍କ ଉପରେ ଆକ୍ରମଣ କରିବାକୁ ଜୁଲାଇ ୬ ଏବଂ ୭ ତାରିଖରେ ସେମାନେ ଏକ ବୈଠକ କରିଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ବିହାର ପୋଲିସ ଫୁଲୱାରି ଶରିଫ୍‌ଠାରେ ଥିବା ଏହି ଆତଙ୍କବାଦୀ ଗୋଷ୍ଠୀ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା।





ଗିରଫ ଦୁଇ ଅଭିଯୁକ୍ତ

- **ବିହାରରେ ବଡ଼ ଧରଣର ଆକ୍ରମଣ ଯୋଜନା ପଣ୍ଡ**
- **ପୂର୍ବତନ ପୋଲିସ କର୍ମଚାରୀଙ୍କ ସମେତ ୨ ଗିରଫ**
- **୨୦୪୭ ସୁଦ୍ଧା ଭାରତକୁ ଇସ୍‌ଲାମୀୟ ରାଷ୍ଟ୍ର କରିବାକୁ ଚାହୁଁଥିଲେ**

ସେଠାରୁ ପୋଲିସ ହାତରେ ଆପତ୍ତିଜନକ ଦସ୍ତାବିଜ୍ ଲାଗିଥିଲା। ଗୋଟିଏର ଶୀର୍ଷକ ଥିଲା ‘୨୦୪୭, ଇସ୍‌ଲାମିକ୍ ଶାସନ ମୁହାଁ ଭାରତ’। ଏଥିସହ ସେଠାରୁ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ(ପିଏଫ୍‌ଆଇ)ର ୨୫ ଦଲିଲ ମିଳିଛି। ଫୁଲୱାରି ଶରିଫ୍‌ରେ ଏହି ଆତଙ୍କବାଦୀ ମଡ୍ୟୁଲ ଆକ୍ରମଣ ଯୋଜନା କରୁଥିବା ନେଇ ଗୋଇନ୍ଦା ବ୍ୟୁରୋ ସୂଚନା ପାଇଥିଲା। ଏହାପରେ ପୋଲିସ ଏବଂ କେନ୍ଦ୍ରୀୟ ଏଜେନ୍ସି ଗତ ୧୧ ତାରିଖରେ ନୟା ଜୋଲା ଅଞ୍ଚଳରେ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି।

ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ, ବିଶେଷ କରି କେରଳ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ତାମିଲନାଡୁର ଅନେକ ଯୁବକ ସେଠାକୁ ଯାଇ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ତାଲିମ ନେଇଛନ୍ତି। ଗିରଫ ୨ ଜଣ ଭାରତରେ ରହି ପାକିସ୍ତାନ, ବାଂଲାଦେଶ, ତୁର୍କୀ ଆଦି ଇସ୍‌ଲାମୀୟ ଦେଶଗୁଡ଼ିକରୁ ଅର୍ଥ ସଂଗ୍ରହ କରିବା ସହ ରାଷ୍ଟ୍ରବିରୋଧୀ ଅଭିଯାନରେ ସମ୍ପୃକ୍ତ ଥିଲେ। ଜଲାଲଉଦ୍ଦିନ ପୂର୍ବରୁ ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ୍ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ(ସିମି) ସହ ମଧ୍ୟ ଜଡ଼ିତ ଥିଲେ ବୋଲି ଏଏସ୍‌ପି ମନୀଷ କୁମାର ସୂଚନା ଦେଇଛନ୍ତି। କିପରି ଖଣ୍ଡା, ଛୁରି ଓ ଅନ୍ୟାନ୍ୟ ମାରଣାସ୍ତ୍ର ବ୍ୟବହାର କରି ସାମ୍ପ୍ରଦାୟିକ ହିଂସା ଘଟାଇବେ ସେ ନେଇ ଉଭୟେ ସ୍ଥାନୀୟ ଲୋକଙ୍କୁ ଶିଖାଉଥିଲେ। ସେମାନଙ୍କ ନିକଟରେ ଆକ୍ରମଣ, ହିଂସା ଭିଆଇବା ପାଇଁ ତାଲିମ ନେଉଥିବା ବ୍ୟକ୍ତିମାନେ ପାଟନାରେ ନାଁ ବଦଳାଇ ନିଜ ପରିଚୟ ଲୁଚାଇ ରହୁଥିଲେ।

# ଲଳିତ ମୋଦିଙ୍କୁ ବାହାହେବେ ସୁସ୍ମିତା ସେନ୍

**ନୂଆଦିଲ୍ଲୀ, ୧୪ା୭**

ଆଇପିଏଲ୍‌ର ପୂର୍ବତନ ଚେୟାରମ୍ୟାନ ଲଳିତ ମୋଦି(୫୬) ଓ ବ୍ରହ୍ମାଣ୍ଡ ସୁନ୍ଦରୀ ତଥା ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍(୪୬) ପରସ୍ପରକୁ ଡେଟ୍ କରୁଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଲଳିତ ‘ଏକ ନୂଆ ଆରମ୍ଭ, ନୂଆ ଜୀବନ’ ବୋଲି ଲେଖି ସୁସ୍ମିତାଙ୍କ ସହ ଥିବା ସମ୍ପର୍କ ବାବଦରେ ଘୋଷଣା କରିଛନ୍ତି। ତେବେ ସେମାନେ ବିବାହ ନୁହେଁ ବରଂ କେବଳ ଡେଟ୍ କରୁଛନ୍ତି। ଆଗକୁ ସେମାନେ ବିବାହ କରିବେ ବୋଲି ଲଳିତ କହିଛନ୍ତି। ଉଭୟଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ





ସୋସିଆଲ ମିଡିଆରେ ୟୁଜର୍ସ ବିଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

ଲଳିତଙ୍କ ବିରୋଧରେ ଟିକସ ଠକେଇ ଏବଂ ମନିଲଣ୍ଡରିଂ ମାମଲା ରହିଛି। ଏହାର ତଦନ୍ତ ଚାଲିଥିବାବେଳେ ୨୦୧୦ରୁ ଲଳିତ ଭାରତର ଛାଡ଼ି ଲଣ୍ଡନରେ ରହୁଛନ୍ତି। ସୁସ୍ମିତା ସେନ୍ ୧୯୯୪ରେ ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ପିନ୍ଧିଥିଲେ। ୧୯୯୬ରେ ଦସ୍ତକ ଫିଲ୍ମ ଜରିଆରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ସେ ୨ ଝିଅ ଆଲିସା ଏବଂ ରିନିଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଶେଷଥର ପାଇଁ ସୁସ୍ମିତାଙ୍କୁ ‘ଆର୍ଯ୍ୟା ୨’ରେ ଦେଖିବାକୁ ମିଳିଥିଲା।

# ଇସ୍ତଫାଦେଲେ ଗୋଟାବାୟା

**କଲମ୍ବୋ/ସିଙ୍ଗାପୁର, ୧୪ା୭**

ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଗୁରୁବାର ମାଳଦ୍ୱୀପରୁ ସିଙ୍ଗାପୁର ଯିବାପରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ଶ୍ରୀଲଙ୍କା ପାର୍ଲାମେଣ୍ଟ ବାଚସ୍ପତି ମହିନ୍ଦା ୟାପା ଆବେୟୱର୍ଦ୍ଧେନାଙ୍କ ନିକଟକୁ ଇ-ମେଲ୍ ଜରିଆରେ ଇସ୍ତଫାପତ୍ର ପ୍ରେରଣ କରିଛନ୍ତି। ବାଚସ୍ପତିଙ୍କ କାର୍ଯ୍ୟାଳୟ ରାଷ୍ଟ୍ରପତିଙ୍କ ଇସ୍ତଫା ନେଇ ଆନୁଷ୍ଠାନିକ ଘୋଷଣା ପୂର୍ବରୁ ଏହି ଅନ୍‌ଲାଇନ୍ ଦସ୍ତାବିଜର ବୈଧତା ଯାଞ୍ଚ କରୁଛି।

ବାଚସ୍ପତିଙ୍କ ଗଣମାଧ୍ୟମ ସଚିବ ଇନ୍ଦୁନିଲ ଆବେୟୱର୍ଦ୍ଧେନା କହିଛନ୍ତି, ସିଙ୍ଗାପୁରସ୍ଥିତ ଶ୍ରୀଲଙ୍କା ଉଚ୍ଚାୟୁକ୍ତଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଇସ୍ତଫାପତ୍ର ହସ୍ତଗତ ହୋଇଛି। ବାଚସ୍ପତି ଏନେଇ ଶୁକ୍ରବାର ଘୋଷଣା କରିବେ। ଅନ୍ୟପକ୍ଷେ ଗୋଟାବାୟା ଏକ ଘରୋଇ ଗସ୍ତରେ ସିଙ୍ଗାପୁର ଯାଇଛନ୍ତି। ସେ ଶରଣ ମାଗିନାହାନ୍ତି ବୋଲି ସିଙ୍ଗାପୁର



**ସିଙ୍ଗାପୁରରୁ ବାଚସ୍ପତିଙ୍କୁ ମେଲ୍ କଲେ**

ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗୋଟାବାୟା ସିଙ୍ଗାପୁରରୁ ସାଉଦି ଆରବ ଯାଇପାରନ୍ତି ବୋଲି କୁହାଯାଉଛି। ସେପଟେ କଲମ୍ବୋରେ ରାଷ୍ଟ୍ରପତି ଭବନକୁ ବିକ୍ଷୋଭକାରୀଙ୍କ କବଳରୁ ମୁକ୍ତ କରାଯାଇଛି। ଏଥିସହ ସବୁ ସରକାରୀ ଅଫିସକୁ ସେନା ଓ ପୋଲିସ ନିଜ ଦଖଲକୁ ନେଇଛନ୍ତି।

# ଅସନ୍ତୋଷ ବ୍ୟକ୍ତକଲେ ସିଜେଆଇ

## ପ୍ରତିଦିନ ପିଆଇଏଲ୍ କଲେ ସ୍ୱତନ୍ତ୍ର କୋର୍ଟ ଲୋଡ଼ା

**ନୂଆଦିଲ୍ଲୀ, ୧୪ା୭**

ଆପଣ ଯଦି ପ୍ରତିଦିନ ଗୋଟିଏ ଲେଖାଏ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିବେ ତେବେ ସେଗୁଡ଼ିକର ଶୁଣାଣି ପାଇଁ ଆମକୁ ଏକ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିବାକୁ ପଡ଼ିବ। ଦେଶର ସମସ୍ତ ସ୍କୁଲରେ ଗୋଟିଏ ଡ୍ରେସ୍ କୋଡ୍ ଲାଗୁ ପାଇଁ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଦାଖଲ କରିଥିବା ଏକ ରିଟ୍ ପିଟିଶନ ଉପରେ ଗୁରୁବାର ଏଭଳି ଟିପ୍ପଣୀ ଦେଇଛନ୍ତି ପ୍ରଧାନ ବିଚାରପତି ଏନ୍.ଭି. ରମନା।

ଅଶ୍ୱିନୀ ଉକ୍ତ ପିଟିଶନରେ ନିଜ ପୁଅଙ୍କୁ ଆବେଦନକାରୀ ଦର୍ଶାଇ ଆସନ୍ତା ସପ୍ତାହରେ ହିଜାବ ପ୍ରସଙ୍ଗରେ ହେବାକୁ ଥିବା ଶୁଣାଣି ସହ ଏହାର ବିଚାର କରିବାକୁ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ। ସିଜେଆଇ ରମନା ଏହାକୁ ନେଇ ବିରକ୍ତି ପ୍ରକାଶ କରି କହିଥିଲେ, ଆପଣଙ୍କୁ ଅନେକ ଥର କହିସାରିଲିଣି। ଆପଣ ଯଦି ସବୁଦିନ ଗୋଟିଏ ଲେଖାଏ ପିଆଇଏଲ୍ ଦାଖଲ କରିବେ ତେବେ ଆମକୁ ଏକ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିବାକୁ ପଡ଼ିବ। ଏମିତି କେତେ ପିଟିଶନ ଫାଇଲ କଲେଣି? ସେସବୁର ତ୍ୱରିତ ଶୁଣାଣି କ’ଣ ଜରୁରୀ? ହିଜାବ ପ୍ରସଙ୍ଗରେ ବହୁ ପୂର୍ବରୁ ପିଟିଶନ ହୋଇଛି। ପାର୍ଲାମେଣ୍ଟ କ’ଣ କାମ କରୁନି? କେତେକ ପ୍ରସଙ୍ଗ ବିତର୍କ ପାଇଁ ପାର୍ଲାମେଣ୍ଟ ଉପରେ ଛାଡ଼ି ଦିଆଯାଇଥାଏ କହି ସିଜେଆଇ ଅଶ୍ୱିନୀଙ୍କ ପିଟିଶନର ତ୍ୱରିତ ଶୁଣାଣି କରିବାକୁ ମନା କରିଦେଇଛନ୍ତି।

## ଲୋକେ ପେପର ପଢ଼ିଲେ ବି ଏନ୍‌ଆଇଏର ଅସୁବିଧା

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର କାର୍ଯ୍ୟଶୈଳୀ ଉପରେ ଗୁରୁବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ପ୍ରଶ୍ନ ଉଠାଇଛନ୍ତି। ଏନ୍‌ଆଇଏ ଯେପରି କାର୍ଯ୍ୟ କରୁଛି ସେଥିରୁ ବୁଝାପଡୁଛି ଯେ, ଲୋକେ ଖବରକାଗଜ ପଢ଼ିଲେ ବି ଏହାର ଅସୁବିଧା ହେଉଛି ବୋଲି ସିଜେଆଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ରୁଜୁ ଏକ ମାମଲାର ଜଣେ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ତଦନ୍ତକାରୀ ସଂସ୍ଥା ପକ୍ଷରୁ ଦାଏର ପିଟିଶନକୁ ସିଜେଆଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ କ୍ରିଷ୍ଣା ମୁରାରୀ ଏବଂ ହିମା କୋହିଲଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

ମାମଲାଟି ଏହିପରି। ଆଧୁନିକ ପାୱାର ଆଣ୍ଡ ନାଚୁରାଲ ରିସୋର୍ସେସ୍ ଲିଃ ମହାପ୍ରବନ୍ଧକ ସଞ୍ଜୟ ଜୈନ ମାଓବାଦୀ ଗୋଷ୍ଠୀ ତ୍ରିତୀୟା ପ୍ରସ୍ତୁତି କମିଟି (ଟିପିସି) ସହ ମିଶି ବଟି ଅସୁଲ କରିବା ଅଭିଯୋଗରେ ଝାଡ଼ଖଣ୍ଡ ପୋଲିସ ୨୦୧୮ ଡିସେମ୍ବରରେ ତାଙ୍କୁ ଗିରଫ କରିଥିଲା। ଝାଡ଼ଖଣ୍ଡ ହାଇକୋର୍ଟ ତାଙ୍କୁ ୨୦୨୧ ଡିସେମ୍ବରରେ ଜାମିନ ଦେଇଥିଲେ। ଏଥିସହ ସଞ୍ଜୟଙ୍କ ବିରୋଧରେ ୟୁଏପିଏରେ ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି ମୁଖ୍ୟ ବିଚାରପତି ଶ୍ରୀ ଚନ୍ଦ୍ରଶେଖର ସ୍ପଷ୍ଟ କରିଥିଲେ।



ସିଜେଆଇ ଏନ୍.ଭି. ରମନା

ଏନ୍‌ଆଇଏ ପକ୍ଷରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା।

# ଚିତ୍ରକୋଣ୍ଡା ଏସ୍‌ଡିପିଓଙ୍କ ନାମରେ କୋର୍ଟରେ ମାମଲା

## ଚାକିରିରୁ ବହିଷ୍କାର ସହ ଗିରଫ ଦାବି

**ମାଲକାନଗିରି,୧୪।୭ (ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀଙ୍କ ପାଇଁ ଦିନକୁ ଦିନ ଅଡୁଆ ବଢ଼ିବାରେ ଲାଗିଛି। ଆଦିବାସୀ ମହିଳାଙ୍କୁ ମାଡ଼ ମାରିବା ଘଟଣାରେ ବିଧାନସଭାରେ ପ୍ରସଙ୍ଗ ଉଠି ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଗୁରୁବାର ଏସ୍‌ଡିପିଓ ଦ୍ୱିବେଦୀଙ୍କ ନାମରେ କୋର୍ଟରେ ମାମଲା ରୁଜୁ ହୋଇଛି। ଖବରରୁ ଜଣାପଡ଼ିଛି, ଗତମାସରେ ଗଞ୍ଜେଇ ଯାଞ୍ଚ ଆଳରେ ଏସ୍‌ଡିପିଓ ଦ୍ୱିବେଦୀ ମହିଳା ପୋଲିସ ନ ନେଇ ଆର୍‌ଏସି-୧୩ ଗ୍ରାମରେ କେତେଜଣ ମହିଳାଙ୍କ ଘରେ ବିଳମ୍ବିତ ରାତିରେ ପଶି ସେମାନଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ମହିଳାମାନେ ଆହତ ହୋଇ ଚିତ୍ରକୋଣ୍ଡା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବୁଧବାର ଏନେଇ ସରକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଥିଲା। ଫଳରେ ସରକାର ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଆର୍‌ଏସି-୧୩ ଗ୍ରାମର ପୀଡ଼ିତା ମହିଳାମାନେ ନ୍ୟାୟ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏସ୍‌ଡିପିଓ ଦ୍ୱିବେଦୀଙ୍କ ବିରୋଧରେ ୪ ଜଣ ପୀଡ଼ିତା ମହିଳା ମାଲକାନଗିରି ଏସ୍‌ଡିଜେଏମ୍ କୋର୍ଟରେ ସିଆର୍‌ପିସି ୨୦୦ରେ ଏକ ୧ ସିସି ମାମଲା ଦାଖଲ କରିଛନ୍ତି। ଦ୍ୱିବେଦୀଙ୍କ ବିରୋଧରେ ଆଇପିସିର ଧାରା ୨୯୪, ୩୨୩, ୫୦୬, ୩୫୪, ୪୫୮, ୪୬୦ ଓ ୩୪ରେ ମାମଲା ରୁଜୁ କରିବାକୁ ନ୍ୟାୟାଳୟକୁ ଅନୁରୋଧ କରିଛନ୍ତି। ଏଥିସହ ଏସ୍‌ଡିପିଓଙ୍କୁ ତୁରନ୍ତ ଚାକିରିରୁ ବରଖାସ୍ତ କରିବା ସହ ଗିରଫ ଦାବି କରାଯାଇଥିବା ପୀଡ଼ିତା ମହିଳାଙ୍କ ଓକିଲ ଗୋବିନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି।

# ସ୍କୁଲ ପରିସରରେ କଲେଜ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

**ମୋରଡା,୧୪।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ହରପ୍ରସାଦ ନୂଆଗାଁ ହାଇସ୍କୁଲ ପରିସରସ୍ଥ ଏକ ଗୃହରୁ ଗୁରୁବାର ପୋଲିସ ଜଣେ କଲେଜ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତ ଛାତ୍ରୀ ହେଲେ ଉକ୍ତ ବିଦ୍ୟାଳୟର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଝିଅ। ସେ ପରିବାର ସହ ସ୍କୁଲ୍ ପରିସରରେ ରହୁଥିଲେ। ଅପରାହ୍ନ ୪ଟା ସ୍କୁଲ ଛୁଟି ସମୟରେ ଛାତ୍ରୀଛାତ୍ରମାନେ ଉକ୍ତ ଘର ଭିତରେ ଛାତ୍ରୀଙ୍କ ମୃତଦେହ ଝୁଲୁଥିବା ଦେଖି ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ କୁଳମଣି ଭୋଇଙ୍କଠାରୁ ଖବରପାଇ ମୋରଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୨/୨୨) ରୁଜୁ ହୋଇଛି।









## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଟ ତଳେ ଗଲା ବିଛା;**
**ମୋ ଧନ ଗଲେଣି ନୂଆ ଚାକିରି,**
**ପଲଙ୍କ ପଡିଛି ତୁଚ୍ଛା।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ନୂଆ ଚାକିରିରେ ଯୋଗଦେଇଥିବା ପ୍ରବାସୀ ସ୍ୱାମୀ ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହ ଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଉନ୍ଦ ପଣକୁ ଯୋଗ୍ୟ ନୁହେଁ;**
**ଓଳିଗି ନ ହେଲେ ରୁଷେ।**

ଆଜିର ସମୟରେ ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସମସ୍ତେ ଅନ୍ୟଠାରୁ ଜୁହାର ଖୋଜିବାକୁ ଉଚିତ ମଣିଥାନ୍ତି। ସେଥିରୁ କାଣିଚାଏ ଊଣା ହୋଇଗଲେ ମନ ଖରାପ କରିଥାନ୍ତି। ସାଧାରଣତଃ ଯାହା ପାଖରେ ଯୋଗ୍ୟତା ଥାଏ ବା ଯିଏ ଗୁଣୀ ପ୍ରତିଭାବନ୍ତ ହୋଇଥାଏ ସେଭଳି ବ୍ୟକ୍ତିଙ୍କୁ ସ୍ୱତଃ ସମ୍ମାନ ମିଳିଥାଏ, ତାଙ୍କୁ ସମ୍ମାନ ମାଗିବାକୁ ପଡ଼ି ନ ଥାଏ। ପରନ୍ତୁ ଯିଏ ଯୋଗ୍ୟ ନୁହେଁ, ସେ ଏସବୁ ଆଶା କରିବା ହାସ୍ୟାସ୍ପଦ କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୁଅକୁ ନେବା ପାଇଁ ମନା କଲେ ମା'

**ପୁରୀ ଅଫିସ,୧୪।୭**

ପୁରୀ ବେଳାଭୂମିରେ ଗୁରୁବାର ନିଜ ନାବାଳକ ପୁଅକୁ ମା' ନିର୍ଯାତନା ଦେଉଥିବା ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ସମ୍ପୃକ୍ତ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ଖବର ପାଇ ଚାଇଲ୍ଡ ହେଲ୍ପ ଲାଇନ୍ ଟିମ୍ ପହଞ୍ଚି ସମ୍ପୃକ୍ତ ମହିଳାଙ୍କୁ ନାବାଳକଙ୍କୁ ହସ୍ତାନ୍ତର କରିବାକୁ ଚାହିଁଥିଲେ ମଧ୍ୟ ସେ ଦାୟିତ୍ୱ ନେବାକୁ ମନା କରିଦେଇଥିଲେ। ସେ କହିଥିଲେ, 'ମୋର ପୁଅ ଦରକାର ନାହିଁ'। ଏହାପରେ ହେଲ୍ପ ଲାଇନ୍ ପକ୍ଷରୁ ନାବାଳକଙ୍କୁ ଅଣାଯାଇ ଶେଲଟର ହୋମ୍‌ରେ ରଖାଯାଇଛି। ଏହି ଘଟଣା ପୁରୀ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। କାହିଁକି ସମ୍ପୃକ୍ତ ମହିଳା ନିଜ ପୁଅକୁ ନିର୍ଯାତନା ଦେଉଥିଲେ ଓ ସାଥିରେ ନେବାକୁ ମନା କଲେ ତାହା ଏବେ ସାଧାରଣରେ ପ୍ରଶ୍ନ ହୋଇଛି।

ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କହିଛନ୍ତି, ନାବାଳକଙ୍କୁ ସମ୍ପୃକ୍ତ ମହିଳା ମାରପିଟ୍ କରୁଥିଲେ ବୋଲି ଲୋକଙ୍କଠାରୁ ଶୁଣିବାକୁ ପାଇଛୁ। ପ୍ରାଥମିକ ପର୍ଯ୍ୟାୟ ତଦନ୍ତରେ ସମ୍ପୃକ୍ତ ମହିଳାଙ୍କ ଘର କଟକରେ ବୋଲି ଜଣାପଡ଼ିଛି। ତାଙ୍କ ସ୍ୱାମୀଙ୍କର ଦେହାନ୍ତ ହୋଇସାରିଛି। ତେବେ ଗୁରୁବାର ସମ୍ପୃକ୍ତ ମହିଳାଙ୍କ ସହ ଜଣେ ଯୁବକଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ମହିଳାଙ୍କ ସହିତ ତାଙ୍କର ସମ୍ପର୍କ କ'ଣ ତାହା ଜଣାନାହିଁ। ହୁଏତ ସମ୍ପୃକ୍ତ ମହିଳା ଭୟଭୀତ ହୋଇ, କାହାରି ପ୍ରଭାବରେ ଆସି କିମ୍ବା ମାନସିକ ଭାରସାମ୍ୟ ହରାଇ ଏଭଳି ପ୍ରତିକ୍ରିୟା ଦେଖାଇଥାଇପାରନ୍ତି। ଏଣୁ ଶୁକ୍ରବାର ସମ୍ପୃକ୍ତ ମହିଳାଙ୍କ ସହିତ ପୁଣି ଥରେ ଆଲୋଚନା କରାଯିବ। ଏହା ପରେ ଯଦି ସେ ନିଜ ପୁଅର ଦାୟିତ୍ୱ ନେବାକୁ ଚାହିଁବେ ନାହିଁ ତେବେ ଶିଶୁ କଲ୍ୟାଣ କମିଟି ନିକଟରେ ନାବାଳକଙ୍କୁ ହାଜର କରାଯିବ। ସେହିଭଳି ଏକ ଟିମ୍ ତାଙ୍କ ଗ୍ରାମକୁ ପଠାଯିବ। ପରିବାରରେ ଏମାନଙ୍କ ଭିନ୍ନ ଆଉ କିଏ କିଏ ରହିଛନ୍ତି ସେନେଇ ଖୋଳତାଡ଼ ହେବ। ଏସମ୍ପର୍କରେ ପରିବାର ଲୋକଙ୍କୁ ଅବଗତ କରାଯିବ। ସେହିଭଳି ଶିଶୁ କଲ୍ୟାଣ କମିଟି ନିର୍ଦ୍ଦେଶକ୍ରମେ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ତ୍ରିପାଠୀ କହିଛନ୍ତି। ଶେଲଟର ହୋମ୍‌ରେ ନାବାଳକ ଜଣକ ସୁସ୍ଥ ଥିବା ହେଲ୍ପଲାଇନ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ସମ୍ପୃକ୍ତ ମହିଳାଙ୍କ ସହ ଥିବା ଯୁବକଙ୍କୁ ତାଙ୍କର ପ୍ରେମିକ ବୋଲି କହୁଛନ୍ତି। ନିଜ ପ୍ରେମିକଙ୍କ ସହ ଯିବା ପାଇଁ ସେ ପୁଅର ଦାୟିତ୍ୱରୁ ମୁକ୍ତ ହେବାକୁ ଚାହୁଁଥିବା ଶୁଣିବାକୁ ମିଳୁଛି।

# ୭ ଜିଲାରେ ନିଅଣ୍ଟିଆ ବର୍ଷା

**ଭୁବନେଶ୍ୱର,୧୪।୭(ବ୍ୟୁରୋ)**

ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରବେଶ କରିବା ପରଠାରୁ ରାଜ୍ୟରେ ଯେତିକି ବର୍ଷା ହେବା କଥା ସେତିକି ହୋଇନାହିଁ। କେତେକ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ କିଛି ଜିଲାରେ ସ୍ୱାଭାବିକଠାରୁ ଅଧିକ ଏବଂ ଆଉ କିଛି ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଜୁନ୍ ୧ରୁ ଜୁଲାଇ ୧୪ ମଧ୍ୟରେ ରାଜ୍ୟରେ ୩୪୫.୫ ମିମି ବର୍ଷା ହେବା ସ୍ଥଳେ ହୋଇଛି ୩୪୦.୮ ମିଲିମିଟର। ୬ ଜିଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ବୌଦ୍ଧ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି ଓ ନୂଆପଡ଼ା। ୭ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ସେହି ଜିଲାଗୁଡ଼ିକ ହେଲା ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା। ବାକି ୧୭ ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି।

ମୌସୁମୀ ବାୟୁ ପୂରା ରାଜ୍ୟକୁ ଛୁଇଁବା ପରେ ଏକାଧିକ ଥର ଲଘୁଚାପ ବର୍ଷା ହୋଇଛି। କିନ୍ତୁ ସବୁ ଅଞ୍ଚଳରେ ଏହି ବର୍ଷା ହୋଇନାହିଁ। କିଛି ଅଞ୍ଚଳରେ ଅଧିକ ବର୍ଷିଥିବା ବେଳେ କିଛି ସ୍ଥାନରେ ଖୁବ୍ କମ୍ ବର୍ଷା ହୋଇଛି। ଅନ୍ୟପକ୍ଷରେ ରାଜ୍ୟରେ ଏବେ ଲଘୁଚାପ ସକ୍ରିୟ ରହିଛି। ଲଘୁଚାପ ଉତ୍ତର ଓଡ଼ିଶା ମୁହାଁ ହୋଇଛି। ବୁଧବାର ଦକ୍ଷିଣ-ଉପକୂଳ ଓଡ଼ିଶା ଅଞ୍ଚଳରେ ସକ୍ରିୟ ଥିବା ଲଘୁଚାପ ଗୁରୁବାର ଉତ୍ତର ଓଡ଼ିଶା ଏବଂ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାରେ ବର୍ଷା ପରିମାଣ ବୃଦ୍ଧି ପାଇବା ସମ୍ଭାବନା ରହିଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ଜିଲାପାଳଙ୍କ କାର୍ଯ୍ୟାଳୟକୁ ମା' କାନ୍ଧରେ ବୁହା ହୋଇ ଆସିଲେ ଦିବ୍ୟାଙ୍ଗ

## ରାଶନ କାର୍ଡ ପାଇବା ପାଇଁ ଗୁହାରି

**ବୌଦ୍ଧ,୧୪।୭(ସ୍ୱ.ପ୍ର.)**

ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ଅସହାୟ ଗରିବ ଲୋକେ କିପରି କରୁଣ ସ୍ଥିତିରେ ରହୁଛନ୍ତି ତାର ଜ୍ୱଳନ୍ତ ଉଦାହରଣ ବୌଦ୍ଧ ଜିଲାରେ ଦେଖିବାକୁ ମିଳିଛି। ଗୁରୁବାର ଜଣେ ଦିବ୍ୟାଙ୍ଗ ମହିଳା ରାଶନ କାର୍ଡ ପାଇବା ପାଇଁ ଗୁହାରି କରିବାକୁ ନିଜ ବୁଢୀ ମା' କାନ୍ଧରେ ବସି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ଘଟଣା ଜିଲାରେ ସରକାରୀ ଯୋଜନାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବୌଦ୍ଧ ବ୍ଲକ ବ୍ରାହ୍ମଣପାଲି ପଞ୍ଚାୟତ ଭୁଲ୍ତାପଡା ଗ୍ରାମର ତରଙ୍ଗିନୀ ଉର୍ମା (୪୦) ଜଣେ ଦିବ୍ୟାଙ୍ଗ। ସେ ଚଲାବୁଲା କରିପାରନ୍ତି ନାହିଁ। ଫଳରେ ସେ ବିଧବା ବୁଢୀ ମା'ଙ୍କ ସାହାରାରେ ଚଳି ଆସୁଛନ୍ତି। ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଦିନକୁ ଦିନ ଚଳିବା କଷ୍ଟକର ହୋଇପଡିଛି। ଏଭଳି ପରିସ୍ଥିତିରେ ତାଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ ହୋଇଛି। ୩୫ କେଜି ଚାଉଳ ପାଇବା ପାଇଁ ଏକ ରାଶନ କାର୍ଡ ପ୍ରଦାନ କରିବାକୁ ବହୁବାର ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଧାଇଁ ଧାଇଁ ନିରାଶ ହେବା ପରେ ଶେଷରେ ମା'ଙ୍କ କାନ୍ଧରେ ବସି ଗୁହାରି କରିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଗାଁରୁ ବସ୍‌ରେ ଆସି ବୌଦ୍ଧ ବସ୍‌ଷ୍ଟାଣ୍ଡରୁ ପ୍ରାୟ ୨ କି.ମି. ଦୂର ଚାଲିଚାଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଥିଲା।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବୁଢୀ ମା'ଙ୍କ ସହ ଦିବ୍ୟାଙ୍ଗ ମହିଳା।

ତରଙ୍ଗିନୀ ଏନେଇ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ କେବଳ ରାଶନ କାର୍ଡ ଖଣ୍ଡିଏ ପ୍ରଦାନ କଲେ ପେଟକୁ ଦୁଇମୁଠା ଖାଦ୍ୟ ମିଳିପାରନ୍ତା ବୋଲି କୋହଭରା କଣ୍ଠରେ ପ୍ରକାଶ କରିଥିଲେ।


# classifieds Everyday
0674-2580101, 2549302



## SALE

ଭୁବନେଶ୍ୱରରେ Rs.350/- sqft.ରେ installment ସୁବିଧାରେ ସ୍ଥିତିବାନ୍ plot ବିକ୍ରିହେବ। 9937816565, 8249017091. D-966

**Residential gharabari plot at Brahmanjharilo Cuttack with boundarywall, electrypole, inside Temple on Bank Loan facilities near English Medium High School 6k.m. from Phulnakhara 11k.m. from Bhubaneswar. 7809525452.** D-73928

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277

ଭୁବନେଶ୍ୱର Ravi Talkies 1.5.k.m. ଭିତରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-73842

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଲକାଟିରେ sqft.1000/-.8114929186.** D-73936

3BHK duplex corehouse 20,00,000/- Hanspal(Bainchua) finance available- 8093465134, 9668194157. D-73334

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। 6371200121. D-73279

**ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 30ft. road, ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ sqft.-320/-, 850/-ରେ ମିଳୁଛି। 9668344479, 9437607388.** D-73268

**Mega Duplex at Atala with quality construction. Project under construction. Price starts @55 lakhs. May please visit-9438315332.** D-556

**Commercial cum residential plot at Brahmanjharilo Cuttack (Niali road) 6k.m. to Phulanakhara, 11k.m. to Bhubaneswar. 7809525452.** D-73938

## PURCHASE

Wanted land in Bhubaneswar based on sharing&marketing. 9937816565, 8249017091. D-967



ଭୁବନେଶ୍ୱର ଖଣ୍ଡଗିରି ଜୟଦେବ ବାଟିକା ନିକଟରେ Restaurant ଭଡ଼ାରେ ନେବାପାଇଁ ଯୋଗାଯୋଗ କରନ୍ତୁ। Mob: 7008555042. D-73623



Ayurvedic full body massage ladies, gents with best therapy. 9040900385. D-73933

Newly open full body massage ladies and gents. 8327740003, 8093860513. D-73937

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73844

Refreshing your mind and body with the best therapy, 7873794731. D-872

Newly opened full body massage center by expert therapist. 7381172169. D-73622

**One hour any therapy by expert therapist @999 only. 9078484455.** D-73621

Trupti Spa, 9861550765. Our genuinety is our strength. Stay safe. D-925

**Relax, Refresh your body, Mind at Saikrupa Spa with best therapies. 8984068077.** D-980

Newly open Spa @899/- full body massage expert Therapist - 8093577103. D-73838

## AFFIDAVIT

By virtue of affidavit dt. 14.07.22, I, Ayushman Biswal, S/o- Sailendra Ku. Biswal, W.N.10, Bargarh declare that the name Ayushman Biswal and Ayusman Biswal belong to one and same person. D-997

By virtue of an affidavit sworn in the Court of Executive Magistrate, Dhamnagar, I, Sk Dilwar Alli, S/D/of Sk Juman changed my name from Sk Dilwar Alli to Sk Dilo. Henceforth I will be known as Sk Dilo for all purposes. My LIC Policy Number is 585926346 and my affidavit Number is 3747 (Dt 08.07.22). D-1005

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଦେଶରେ ପ୍ରଥମ...

ପ୍ରଥମ ପୃଷ୍ଠାରୁ...

ଭଳି ହୋଇଯାଇଥାଏ। ଏହାର ଦୁଇଟି ଷ୍ଟ୍ରେନ୍ ଅଦ୍ୟାବଧି ଚିହ୍ନଟ ହୋଇଛି। ସେଥିମଧ୍ୟରୁ କଙ୍ଗୋ ଷ୍ଟ୍ରେନ୍ ଅଧିକ ସଂକ୍ରାମକ। ମୋଟ ରୋଗୀଙ୍କ ୧୦% କଙ୍ଗୋ ଷ୍ଟ୍ରେନ୍‌ରେ ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। ଅନ୍ୟଟି ହେଲା ୱେଷ୍ଟ ଆଫ୍ରିକାନ୍ ଷ୍ଟ୍ରେନ୍। ଏଥିରେ ମୃତ୍ୟୁହାର ପ୍ରାୟ ୧% ରହିଛି। ମଙ୍କିପକ୍ସ ରୋଗୀ ଚିହ୍ନଟ ହେବା ପରେ ପ୍ରାୟ ୨ ମାସ ପୂର୍ବରୁ ବୈଜ୍ଞାନିକମାନେ ଏହି ଭୂତାଣୁକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ପଶ୍ଚିମ ଏବଂ କେନ୍ଦ୍ରୀୟ ଆଫ୍ରିକାରେ ମଙ୍କିପକ୍ସ ସଂକ୍ରମିତ ଅଧିକ ମାତ୍ରାରେ ଚିହ୍ନଟ ହୋଇଛନ୍ତି। ପରେ ଆମେରିକା, ବ୍ରିଟେନ, ପର୍ତ୍ତୁଗାଲ, ସ୍ପେନ୍ ସମେତ ୟୁରୋପୀୟ ଦେଶଗୁଡ଼ିକରେ ମଙ୍କିପକ୍ସ ମାମଲା ସାମ୍ନାକୁ ଆସିଥିଲା। ୧୯୫୮ରେ ପ୍ରଥମେ ମାଙ୍କଡ଼ଠାରେ ଏହି ଭୂତାଣୁ ଚିହ୍ନଟ ହୋଇଥିବାରୁ ଏହାର ନାମ ମଙ୍କିପକ୍ସ ରଖାଯାଇଛି।

### ରାଜ୍ୟକୁ ସତର୍କ କରାଇଲା କେନ୍ଦ୍ର

**ନୂଆଦିଲ୍ଲୀ, ୧୪।୭:** ଭାରତରେ ପ୍ରଥମ ମଙ୍କିପକ୍ସ ମାମଲା ଚିହ୍ନଟ ହେବା ପରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କେନ୍ଦ୍ର ସରକାର ସତର୍କ କରାଇବା ସହ ଏ ନେଇ ଆଡ୍‌ଭାଇଜରି ଜାରି କରିଛନ୍ତି। ସମସ୍ତ ଅନ୍ତର୍ଜାତୀୟ ପ୍ରବେଶ ପଥ, ହସ୍ପିଟାଲ ଏବଂ ହାଇ-ରିସ୍କ ଅଞ୍ଚଳଗୁଡ଼ିକରେ କଡ଼ା ନଜର ରଖିବାକୁ କୁହାଯାଇଛି। ବିଶ୍ୱରେ ମଙ୍କିପକ୍ସ ସଂକ୍ରମଣ ବଢ଼ିବାରେ ଲାଗିଥିବାରୁ ଭାରତରେ ଏହାକୁ ରୋକିବା ପାଇଁ ଯଥେଷ୍ଟ ପ୍ରସ୍ତୁତି ସହ ପଦକ୍ଷେପ ନେବାକୁ ପଡ଼ିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରାଜ୍ୟଗୁଡ଼ିକୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି। ସନ୍ଦିଗ୍ଧ ମଙ୍କିପକ୍ସ ସଂକ୍ରମିତଙ୍କ ଉପରେ ନଜର ରଖାଯିବା ସହ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ, ନମୁନା ସଂଗ୍ରହ ପାଇଁ ଗୁରୁତ୍ୱ ଦିଆଯାଇଛି। ସଂକ୍ରମିତ ଚିହ୍ନଟ ହେଲେ ସେମାନଙ୍କୁ ତୁରନ୍ତ ଆବଶ୍ୟକ ଚିକିତ୍ସା ଯୋଗାଇଦେବାକୁ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## କଲେଜରେ ହେବ...

ସେହିପରି କଟକ ଜିଲାରୁ ୧୧୯ଜଣ, ସୁନ୍ଦରଗଡ଼ରୁ ୮୦, ସମ୍ବଲପୁରରୁ ୩୦, ପୁରୀ, ମୟୂରଭଞ୍ଜରୁ ୨୮ଜଣ ଲେଖାଏ, ଯାଜପୁରରୁ ୧୯, ଜଗତ୍‌ସିଂହପୁରରୁ ୧୮, ନୟାଗଡ଼ରୁ ୧୭, ବାଲେଶ୍ୱରରୁ ୧୧, ଭଦ୍ରକ, ଝାରସୁଗୁଡ଼ା, ନୂଆପଡ଼ା ଏବଂ ସୋନପୁରରୁ ୯ଜଣ ଲେଖାଏ, କଳାହାଣ୍ଡିରୁ ୮, କୋରାପୁଟରୁ ୬, ବଲାଙ୍ଗୀର, ଗଜପତି, କେନ୍ଦୁଝରରୁ ୫ଜଣ ଲେଖାଏ, ଅନୁଗୋଳରୁ ୩ଜଣ, ବୌଦ୍ଧ, ରାୟଗଡ଼ାରୁ ୨ଜଣ ଲେଖାଏ, ବରଗଡ଼, ଦେବଗଡ଼, କନ୍ଧମାଳ, ମାଲକାନଗିରିରୁ ଜଣେ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ୨୪ ଘଣ୍ଟାରେ ୪୨୦ଜଣ ସୁସ୍ଥ ହୋଇଥିବା ବେଳେ ୪୨୬୨ଜଣ ଆକ୍ରାନ୍ତ ରହିଛନ୍ତି।

ଏ ପର୍ଯ୍ୟନ୍ତ ୧୨ରୁ ୧୪ ବର୍ଷର ପିଲାଙ୍କ ମଧ୍ୟରୁ ୯୮% ପ୍ରଥମ ଡୋଜ୍ ଏବଂ ୭୨% ଦ୍ୱିତୀୟ ଡୋଜ୍ ନେଇଛନ୍ତି। ସେହିପରି ୧୫ରୁ ୧୭ ବର୍ଷ ବୟସର ପିଲାଙ୍କୁ ୯୨% ପ୍ରଥମ ଏବଂ ୮୨% ଦ୍ୱିତୀୟ ଡୋଜ୍ ଟିକାକରଣ କରାଯାଇଛି। ୧୮ରୁ ଅଧିକ ବୟସ ବର୍ଗର ଲୋକଙ୍କ ମଧ୍ୟରେ ୯୬% ପ୍ରଥମ ଏବଂ ୯୦%ଙ୍କର ଦ୍ୱିତୀୟ ଡୋଜ୍ ଟିକାକରଣ ସରିଛି। କରୋନା ଯୋଦ୍ଧା, ସମ୍ମୁଖ ଯୋଦ୍ଧା, ସ୍ୱାସ୍ଥ୍ୟ କର୍ମୀ ଓ ୬୦ ବର୍ଷରୁ ଅଧିକ ଲୋକଙ୍କ ମଧ୍ୟରୁ ୨୮%ଙ୍କର ଟିକାକରଣ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ନିକଟରେ ରହୁ ନ ଥିବା ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ହେବେ। ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ଚିନ୍ତାର କାରଣ ହୋଇପାରେ।

**ବୃଷ** – ଗତକାଲିର ଅଧୁରା କାମକୁ ଆଜି ସମ୍ପୂର୍ଣ୍ଣ କରିବାରେ ଲାଗିପଡ଼ିବେ। କଳା, କ୍ରୀଡ଼ା ଓ ସାହିତ୍ୟ, ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଆର୍ଥିକ ସମସ୍ୟା କେତେକ ପାରିବାରିକ ଆବଶ୍ୟକତାକୁ ଅଟକାଇ ଦେଇପାରେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ଆଶା ପୂରଣ ହେବ।

**ମିଥୁନ** – ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ** – କଥାବାର୍ତ୍ତାରେ ସଂଯମତା ଅବଲମ୍ବନ କରନ୍ତୁ, ନଚେତ୍ ସାଧାରଣ କଥାରେ କଳହ ଲାଗିବାର ଆଶଙ୍କା ରହିଛି। ପରିବାରରେ ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଆକସ୍ମିକ ଭାବେ ବନ୍ଧୁଙ୍କ ଡାକରା ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ସିଂହ** – ଯୁଦ୍ଧକାଳୀନଭିତ୍ତିରେ ଅଟକି ରହିଥିବା କାମଗୁଡ଼ିକୁ ସମ୍ପନ୍ନ କରିବାକୁ ପଡ଼ିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବାର ସୂଚନା ରହିଛି। ପାଖ ପଡ଼ୋଶୀଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା** – ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ନିଜ ଲୋକମାନଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆବଶ୍ୟକତା ଅନୁଯାୟୀ ଘରର ବରାଦକ୍ରମେ ଗୃହୋପକରଣ କ୍ରୟ କରିପାରନ୍ତି। ପ୍ରତିବନ୍ଧକଜନିତ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା** – ତରତର ହୋଇ କିଛି କରନ୍ତୁ ନାହିଁ, ଯାହାକି କାମକୁ ବିଗାଡ଼ି ଦେଇପାରେ। ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପାରିବାରିକ କ୍ଷେତ୍ରରେ ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇପାରନ୍ତି।

**ବିଛା** – ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତି ରହିବ। ବନ୍ଧୁଙ୍କ ଜରିଆରେ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବିଚ୍ଛିନ୍ନ ହୋଇପାରେ।

**ଧନୁ** – କଠିନ ଶ୍ରମ ଓ ପରିଶ୍ରମଜନିତ ସାମାନ୍ୟ ଶାରୀରିକ କଷ୍ଟ ଅନୁଭବ କରିବେ। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାର ସମାଲୋଚନା କରିପାରନ୍ତି। ବହୁତ ଦିନରୁ ରହିଯାଇଥିବା କାମଗୁଡ଼ିକ ହାସଲ କରିବାରେ ସମର୍ଥ ହେବେ।

**ମକର** – ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ନେବାରେ ବହୁତ ବାଧା ବିଘ୍ନର ସମ୍ମୁଖୀନ ହେବେ।

**କୁମ୍ଭ** – ସ୍ୱାର୍ଥହାସଲ ଅଭାବରୁ ନିଜ ଲୋକଟି ହଠାତ୍ ଶତ୍ରୁତା କରିବାକୁ ପଛାଇବ ନାହିଁ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ତ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ସକାଳ ସମୟଟି ପ୍ରାୟତଃ ଭଲ ରହିବ।

**ମୀନ** – ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବାରେ ସମର୍ଥ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଧର୍ମକାର୍ଯ୍ୟରେ ବ୍ୟୟ ବରାଦ କରିପାରନ୍ତି। ଧୈର୍ଯ୍ୟଧରି ସମସ୍ୟାର ସମାଧାନ ଚେଷ୍ଟା ଅବ୍ୟାହତ ରଖିଲେ ସଫଳ ହୋଇପାରିବ।

ଏହି ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜବିହାରୀ ଧଳଙ୍କ ସମେତ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲାପାଳ ଏବଂ ମ୍ୟୁନିସିପାଲିଟି କମିଶନରମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ନିଜ ନିଜ ଅଞ୍ଚଳର କୋଭିଡ୍ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ।

## କିସ୍ତି ଟଙ୍କା ଶୁଝି...

ହୋଇଥିଲା। ପରେ ସାବିତ୍ରୀ ପୁଅକୁ ଆଣିବାକୁ ସ୍କୁଲକୁ ଯାଇଥିବା ବେଳେ ଦୀନବନ୍ଧୁ ନିଜ ଘର କବାଟ ବନ୍ଦରେ ରଶି ଲଗାଇ ଦେଇଥିଲେ। ଖବର ପାଇ ଯାଜପୁର ରୋଡ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୪୪,୬୩,୩୨୯ | ୬୩,୮୦,୧୩୮ | ୫୩,୬୪,୪୨,୧୪୩ |
| ଭାରତ | ୪,୩୬,୮୯,୯୮୯ | ୫,୨୫,୫୫୭ | ୪,୩୦,୨୮,୩୫୬ |
| ଓଡ଼ିଶା | ୧୨,୯୬,୧୩୨ | ୯୧୨୭(+୫୩) | ୧୨,୮୩,୧୬୯ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଦୋଷ ଛଡ଼ାଇବାକୁ ପ୍ରଚେଷ୍ଟା | ଏସ୍‌ସିବିରେ କିଡ୍‌ନୀ ପ୍ରତିରୋପଣ ବିଫଳ ଘଟଣା

**କଟକ ଅଫିସ,୧୪।୭**




ଏସ୍‌ସିବିକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାର ଜୋରସୋର ଉଦ୍ୟମ ଚଳାଇଛନ୍ତି। ଏପରି କି ଏଠାରେ ବିଭିନ୍ନ ସମୟରେ ଆଧୁନିକ ପ୍ରଣାଳୀରେ ଚିକିତ୍ସା କରାଯାଇ ବିରଳ ରେକର୍ଡ ସୃଷ୍ଟି କରାଯାଉଛି। ହେଲେ ଏମିତି କିଛି ଘଟଣା ଘଟୁଛି, ଯାହାକି ଏସ୍‌ସିବିର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଭୁବନେଶ୍ୱର କିମ୍ସ ହସ୍ପିଟାଲରେ ଡାକ୍ତର ଏକ ୫ବର୍ଷ ବୟସର ଶିଶୁ ପୁତ୍ର ସୁଧାଂଶୁ ଶେଖର ଲେଙ୍କାଙ୍କୁ ମଙ୍ଗଳବାର ରାତିରେ ବ୍ରେନ୍‌ଡେଡ୍ ଘୋଷଣା କରିବା ପରେ ତା'ର ୨ଟି କିଡ୍‌ନୀ ଦାନ କରିବାକୁ ପରିବାର ଲୋକ ଇଚ୍ଛା ପ୍ରକାଶ କରିଥିଲେ। ଏହାକୁ ପ୍ରଥମେ ଏସ୍‌ସିବି ନିଆଯାଇଥିଲା। ହେଲେ କିଡ୍‌ନୀ କ୍ରସ୍ ମ୍ୟାଚ୍ ନ ହେବାରୁ ଏଠାରେ ପ୍ରତିରୋପଣ କରିବା ସମ୍ଭବ ହୋଇପାରିଲା ନାହିଁ। ପରେ ଏହାକୁ ଭୁବନେଶ୍ୱର ଆପୋଲୋ ପଠାଯାଇ ସେଠାରେ ୨ଜଣଙ୍କ ଠାରେ ପ୍ରତିରୋପଣ କରାଯାଇଥିଲା। ଏସ୍‌ସିବିରେ କିଡ୍‌ନୀ ପ୍ରତିରୋପଣ ନ ହୋଇପାରିବା ନେଇ କର୍ତ୍ତୃପକ୍ଷ ବିଭିନ୍ନ କାରଣ ଦର୍ଶାଉଥିଲେ ସୁଦ୍ଧା ସାଧାରଣରେ ଏଠାକାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥିତି ଏପରି ହୋଇଛି ଯେ, ଏସ୍‌ସିବିର ଦୋଷ ଲୁଚାଇବା ପାଇଁ କେତେଜଣ ଅଧିକାରୀ ମୁହଁ ଖୋଲି ବିବାଦକୁ ଠେଲି ହେବାକୁ ଚାହୁଁ ନାହାନ୍ତି ବୋଲି ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ଅପରପକ୍ଷରେ ଏସ୍‌ସିବି ୟୁରୋଲୋଜି ବିଭାଗ ମୁଖ୍ୟ ସମୀର ସ୍ୱାଇଁଙ୍କ କହିବା ହେଲା ଏସ୍‌ସିବିରେ ପୂର୍ବରୁ ୫ଥର ସଫଳତାର ସହ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ଏହା ଷଷ୍ଠଥର ପାଇଁ ହୋଇଥାନ୍ତା। ପୂର୍ବରୁ ଯେଉଁ ପଦ୍ଧତିରେ ପ୍ରତିରୋପଣ କରାଯାଇଥିଲା ଚଳିତଥର ମଧ୍ୟ ସମାନ ପଦ୍ଧତି ଅବଲମ୍ବନ କରାଯାଇଛି। ଏଥର କିଡ୍‌ନୀ ମ୍ୟାଚ୍ ନ କରିବାରୁ ପ୍ରତିରୋପଣ ହୋଇପାରିଲା ନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଡାକ୍ତର ସ୍ୱାଇଁ କହିଛନ୍ତି। ସେହିପରି କେଉଁଠି କିଡ୍‌ନୀ ପ୍ରତିରୋପଣ ହେବ ତାହା ସୋଟୋ ସ୍ଥିର କରିଥାଏ। ଏହା ରକ୍ତ ପରୀକ୍ଷା ଭଳି ପରୀକ୍ଷା ନୁହେଁ ଯେ, ସଙ୍ଗେ ସଙ୍ଗେ ଜଣା ପଡ଼ିଯିବ। ଏଥିପାଇଁ ସମୟ ଲାଗିଥାଏ। ତେବେ ଯଦି କ୍ରସ୍ ମ୍ୟାଚ ନ ହୁଏ ତେବେ ସୋଟୋ ପକ୍ଷରୁ ଦ୍ୱିତୀୟ ତାଲିକାରେ ଯେଉଁ ରୋଗୀଙ୍କ ନାମ ଥିବ, ସେ ଚିକିତ୍ସିତ ହେଉଥିବା ହସ୍ପିଟାଲକୁ ଉକ୍ତ କିଡ୍‌ନୀକୁ ପଠାଯାଇଥାଏ। ଏସ୍‌ସିବିରେ ଯଦି ଉକ୍ତ ରୋଗୀଙ୍କ କ୍ରସ୍‌ମ୍ୟାଚ ହୋଇଯାଇଥାନ୍ତା, ତେବେ ପ୍ରତିରୋପଣ ହୋଇଥାନ୍ତା। କ୍ରସ୍‌ମ୍ୟାଚ ନ ହେବାରୁ କିଡ୍‌ନୀକୁ ଆପୋଲୋ ପଠାଇ ଦିଆଗଲା । ତେବେ ଯେଉଁ ସବୁ ଆରୋପ ଲଗାଯାଉଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଡାକ୍ତର ସ୍ୱାଇଁ କହିଛନ୍ତି ।

ଆପୋଲୋରେ ସୁଧାଂଶୁଙ୍କ ଉଭୟ କିଡ୍‌ନୀକୁ ୨ଜଣ(ଜଣେ ୩୨ବର୍ଷୀୟ ଯୁବକ ଏବଂ ଜଣେ ୫୬ବର୍ଷୀୟା ମହିଳା)ଙ୍କ ଠାରେ ସଫଳ ପ୍ରତିରୋପଣ କରାଯାଇଥିବା ଜଣାପଡ଼ିଛି। ତେବେ ଏସ୍‌ସିବି ଭଳି ଏତେବଡ଼ ହସ୍ପିଟାଲରେ ଆବଶ୍ୟକ ବ୍ୟବସ୍ଥା କରା ନ ଯାଇ ତରବରିଆ ଭାବେ ରୋଗୀଙ୍କ ଠାରେ ପ୍ରତିରୋପଣ କରାଯିବାକୁ ଚେଷ୍ଟା କରାଯିବା ଏବଂ ଏଥିରେ ବିଫଳ ହେବା ଘଟଣା ସହଜରେ ଗ୍ରହଣଯୋଗ୍ୟ ହୋଇପାରୁ ନାହିଁ। ବିନା ପ୍ରସ୍ତୁତିରେ ବ୍ରେନ୍‌ଡେଡ୍ ଶିଶୁ ଶରୀରରୁ କିଡ୍‌ନୀ କାଢ଼ି ନେଇ ପ୍ରତିରୋପଣ ପାଇଁ ଚେଷ୍ଟା କରାଯିବା ଠିକ୍ ହୋଇ ନାହିଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି।






# କାନ୍ଥ ପଡ଼ି ମା', ଝିଅ ମୃତ | ଗୁରୁତର ବାପା, ଶିଶୁପୁତ୍ର ମେଡିକାଲରେ ଭର୍ତ୍ତି

**ଫୁଲବାଣୀ ଅଫିସ, ୧୪।୭**

କନ୍ଧମାଳ ଜିଲା ଫୁଲବାଣୀ ସହର ନାରାୟଣୀ ମନ୍ଦିର ନିକଟ ତ୍ରିଦେବ ନଗରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଲଗାଣ ବର୍ଷାରେ ଭିଜି ଯାଇଥିବା ପଡୋଶୀଙ୍କ ଘର ମାଟି ଭୁଶୁଡ଼ି ଅନ୍ୟ ଜଣଙ୍କ ଘର ଉପରେ ପଡ଼ିଛି। ଏଥିରେ ଘରେ ଖାଇ ବସିଥିବା ଗୋଟିଏ ପରିବାରର ମା' ଝିଅଙ୍କ ମୃତ୍ୟୁ ହୋଇଥିବା ବେଳେ ବାପା ଏବଂ ୩ ବର୍ଷୀୟ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ସୁରତୀ ମାଝି (୪୨) ଓ ତାଙ୍କ ୫ ବର୍ଷୀୟା ଝିଅ ସ୍ମିତାରାଣୀ । ଗୁରୁତର ବାପା ବ୍ରଜବନ୍ଧୁ ମାଝି ଓ ପୁଅ ରୋହନଙ୍କୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରୋହନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପର୍ଣ୍ଣ ରହିଛି । ନୟାଗଡ ଜିଲା ବାଣୀଗୋଛା ଥାନା ଅନ୍ତର୍ଗତ ସିସିରା ଗ୍ରାମର ବ୍ରଜବନ୍ଧୁ ଗତ ୫ ବର୍ଷ ହେଲା ଫୁଲବାଣୀରେ ରହି ଆସୁଥିଲେ। ବ୍ରଜବନ୍ଧୁ ରାଜମିସ୍ତ୍ରି ଭାବେ କାମ କରୁଥିବା ବେଳେ ସ୍ତ୍ରୀ ସୁରତୀ ମଜୁରି ଲାଗି ପରିବାର ଚଳାଉଥିଲେ । ଦମ୍ପତି ସ୍ଥାନୀୟ ନାରାୟଣୀ ମନ୍ଦିର ନିକଟ ତ୍ରିଦେବ ନଗରରେ ଏକ କଚ୍ଚା ଘର କରି ଦୁଇ ସନ୍ତାନଙ୍କ ସହ ରହୁଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ପିଲାଙ୍କୁ ଖୁଆଇ ବ୍ରଜବନ୍ଧୁ ଓ ସୁରତୀ ଖାଇ ବସିଥିଲେ। ଏହି ସମୟରେ ପଡିଶା ଘରର କାନ୍ଥ ବ୍ରଜବନ୍ଧୁଙ୍କ ଘର ଉପରେ ପଡି ଭୁଶୁଡ଼ିବାରୁ ସମସ୍ତେ ଉକ୍ତ କାନ୍ଥ ତଳେ ଚାପି ହୋଇଯାଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ଏ ନେଇ ଅଗ୍ନିଶମ ବାହିନୀକୁ ଖବର ଦେବା ସହ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ । ଅଗ୍ନିଶମ କର୍ମଚାରୀଙ୍କ ସହ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ହ୍ୟୁମାନିଟିର ସଦସ୍ୟମାନେ ସୁରତୀ, ବ୍ରଜବନ୍ଧୁ ଓ ତାଙ୍କର ୨ ପିଲାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ସୁରତୀ ଓ ସ୍ମିତାରାଣୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ତହସିଲଦାର ଦୀନମଣି ନାୟକ, ପୌରାଧକ୍ଷା ସ୍ମିତାରାଣୀ ମହନ୍ତି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଆଜିଠାରୁ ଶିକ୍ଷାନୁଷ୍ଠାନରେ ଦସ୍ତଖତ ଅଭିଯାନ

## ରୁଚିକାଙ୍କୁ ନ୍ୟାୟ, ରାଗିଂ ମୁକ୍ତ କ୍ୟାମ୍ପସ ଦାବି

**ଭୁବନେଶ୍ୱର,୧୪।୭(ବ୍ୟୁରୋ)**

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ମାମଲାରେ ନ୍ୟାୟ ପ୍ରଦାନ ସହ ଶିକ୍ଷାନୁଷ୍ଠାନ କ୍ୟାମ୍ପସକୁ ରାଗିଂ ମୁକ୍ତ କରାଇବା ପାଇଁ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ପକ୍ଷରୁ ରାଜ୍ୟବ୍ୟାପୀ ଦସ୍ତଖତ ସଂଗ୍ରହ ଅଭିଯାନ ପାଇଁ ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାରଠାରୁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରୁ ଦସ୍ତଖତ ସଂଗ୍ରହ କରାଯିବ। ରୁଚିକା ଆତ୍ମହତ୍ୟା ଘଟଣାର ୧୨ ଦିନ ପରେ ମଧ୍ୟ ପୋଲିସ ଦୋଷୀଙ୍କୁ ଧରିବାରେ ବିଫଳ ହୋଇଛି। ସୁଇସାଇଡ୍ ନୋଟ୍‌ରେ ୩ଜଣ ସିନିୟର ମାନସିକ ନିର୍ଯାତନା ଦେଉଥିବା ଉଲ୍ଲେଖ ରହିଛି। ଏହା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଥବା ୫-ଟି ବିଭାଗ ଏ ପର୍ଯ୍ୟନ୍ତ ବିଜେବି କଲେଜ କର୍ତ୍ତୃପକ୍ଷଙ୍କୁ କୈଫିୟତ ତଲବ କରିନାହାନ୍ତି। ଏହା ପୂର୍ବରୁ ଭୀମ ଭୋଇ ମେଡିକାଲ କଲେଜ, ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ, ବାଲେଶ୍ୱର ଓ ଢେଙ୍କାନାଳ ନର୍ସିଂ କଲେଜ ସମେତ ଚଳିତବର୍ଷ ଏପ୍ରିଲ ସୁଦ୍ଧା ୨୧ରୁ ଅଧିକ ରାଗିଂ ଘଟଣା ରାଜ୍ୟରେ ଘଟିସାରିଛି। ଅଳ୍ପ ଦିନ ତଳେ ଦେବଗଡ଼ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟରର ଛାତ୍ରୀ ସିଡିଏମ୍‌ଓଙ୍କ ନିକଟରେ ରାଗିଂ ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷରେ ରାଗିଂ ରୋକିବା ପାଇଁ ରାଜ୍ୟର ନିଜସ୍ୱ ଆଇନ୍ ଓ ୨୪ ଘଣ୍ଟିଆ ହେଲ୍ପଲାଇନ୍ ନମ୍ବରର ବ୍ୟବସ୍ଥା ନାହିଁ। ତେଣୁ ରାଗିଂ ରୋକିବା ପାଇଁ ବିଧାନସଭାରେ ଆଇନ ପ୍ରଣୟନ, ଶିକ୍ଷାନୁଷ୍ଠାନ ଓ ହଷ୍ଟେଲରେ ସିସିଟିଭି ଲଗାଯିବା, ଛାତ୍ର ସଂସଦ ନିର୍ବାଚନ କରାଯିବା, ଓଡ଼ିଶା ମାନବାଧିକାର ଆୟୋଗଙ୍କ ତତ୍ତ୍ୱାବଧାନରେ ୨୪ ଘଣ୍ଟିଆ ହେଲ୍ପଲାଇନ୍ ନମ୍ବର ଜାରି କରିବା, ଶିକ୍ଷାବର୍ଷ ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କୁ କାଉନ୍‌ସେଲିଂ କରାଇବା, ଆଣ୍ଟି ରାଗିଂ ସେଲକୁ କାର୍ଯ୍ୟକ୍ଷମ କରାଇବା ଓ ରୁଚିକାଙ୍କୁ ଅବିଳମ୍ବେ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରୁ ଦସ୍ତଖତ ସଂଗ୍ରହ କରାଯିବ ବୋଲି ଏଏଆଇଏସ୍‌ଏଫ୍ ରାଜ୍ୟ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।




DSPL - 103

ଓଡ଼ିଶା ସରକାର



**ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ**

**ଧାନ ସଂଗ୍ରହ ବର୍ଷ 2022-23**

**ଆମ ରାଜ୍ୟରେ ଖରିଫ ଧାନ ସଂଗ୍ରହ ତା.1-11-2022 ରୁ ତା. 31-03-2023 ମଧ୍ୟରେ ପରିଚାଳିତ ହେବ ।**
**ଏହି ବିସ୍ତୃତ ଅବଧି ମଧ୍ୟରେ ଜିଲ୍ଲାମାନେ ସେମାନଙ୍କର ଫସଲ ଅମଳ ସମୟକୁ ଦୃଷ୍ଟିରେ ରଖି ଖରିଫ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରିବେ ।**
**ଏଥିପାଇଁ ଚାଷୀମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ/ଲ୍ୟାମ୍ପସ), ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତ** (ସଂକ୍ଷେପରେ, ସମିତି)**ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ ।**

**ପଞ୍ଜିକରଣ ପ୍ରକ୍ରିୟା**

ଚାଷୀ ପଞ୍ଜିକରଣ **15 ଜୁଲାଇରୁ** ଆରମ୍ଭ ହେଉଛି । ଖରିଫ ଧାନ ଚାଷ କରିଥିବା ଚାଷୀମାନେ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ । ଚଳିତ ବର୍ଷ ନବୀକରଣ ପଦ୍ଧତି ଉଚ୍ଛେଦ କରାଯାଇଛି । ଅର୍ଥାତ, ବିଶଦ ବିବରଣୀ ସହ ଦରଖାସ୍ତ କରି ଚାଷୀ ସମିତିରେ ନୂତନ ଭାବେ ପଞ୍ଜିକରଣ କରିବା ନିହାତି ଆବଶ୍ୟକ । ସମସ୍ତ ଆଗ୍ରହୀ ଚାଷୀ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରିବେ ଓ ତା'ହା ପୂରଣ କରି 15 ଜୁଲାଇରୁ 16 ଅଗଷ୍ଟ ମଧ୍ୟରେ ସମିତି କାର୍ଯ୍ୟାଳୟରେ ଆବେଦନ କରିବେ । ଏହା ବିଭାଗର ୱେବସାଇଟ **www.foododisha.in**ରେ ମଧ୍ୟ ଉପଲବ୍ଧ । ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଚାଷ ହୋଇଥିବା ଜମିର ବିଶଦ ବିବରଣୀ ଦେବାକୁ ହେବ।

**ଆବଶ୍ୟକୀୟ କାଗଜାତ**

ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ ନିମ୍ନଲିଖିତ କାଗଜାତର ନକଲ ଦାଖଲ କରିବା ଆବଶ୍ୟକ ।
1. ବ୍ୟାଙ୍କ ପାସବୁକର ପ୍ରଥମ ପୃଷ୍ଠା
2. ଚାଷ ଜମି ବାବଦରେ ପ୍ରମାଣ ପତ୍ର ଅର୍ଥାତ ଜମି ପଟ୍ଟା(RoR)/ଦଲିଲ ଇତ୍ୟାଦି
3. ଆଧାର କାର୍ଡ଼ର ନକଲ
4. ମୋବାଇଲ ନମ୍ବର-ଯଦି ନିଜର ମୋବାଇଲ ନଥାଏ, ତେବେ ପରିବାର ସଦସ୍ୟଙ୍କ ନମ୍ବର ଦେବା ଆବଶ୍ୟକ
5. ଯଦି ଭାଗ ଚାଷୀ ହୋଇଥାନ୍ତି, ତେବେ ସମ୍ପୃକ୍ତ ଜମି ମାଲିକଙ୍କ ସହମତି ପତ୍ର ସହିତ ଆଧାର କାର୍ଡ଼ର ନକଲ ଇତ୍ୟାଦି

**ପଞ୍ଜିକରଣ ଅବଧି**

- ପଞ୍ଜିକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ 16 ଅଗଷ୍ଟ ମଧ୍ୟରେ ଦାଖଲ କରିବେ ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କୁ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ ।
- ଖରିଫ ଧାନ ସଂଗ୍ରହ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ଧାନ ବିକ୍ରୟ କରିବେ, ତାହା ପଞ୍ଜିକରଣ ଫର୍ମରେ ଉଲ୍ଲେଖ କରିବେ ।
- ଏଥି ଉଦ୍ଦେଶ୍ୟରେ ଚାଷୀମାନେ ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ ହୋଇଥିଲେ,ସେହିଠାରେ ସମ୍ପର୍କ କରିବା ଆବଶ୍ୟକ ।
- ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନକରି ଶୀଘ୍ର ପଞ୍ଜିକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କରିବାକୁ ଅନୁରୋଧ ।

**ଭାଗ ଚାଷୀ**

- ଭାଗ ଚାଷୀମାନେ ପଞ୍ଜିକରଣ ପ୍ରକ୍ରିୟାରେ ନିୟମ ମତେ ଅଂଶଗ୍ରହଣ କରିପାରିବେ ।

**କ୍ଷୁଦ୍ର ଓ ନାମମାତ୍ର ଚାଷୀ**

- ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କର ଏକାନ୍ତ ଇଚ୍ଛା ।

**ସମିତିର ଦାୟିତ୍ୱ**

- ଧାନ ବିକ୍ରୟ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ ।
- ସମିତି କର୍ମକର୍ତ୍ତା ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ 18 ଜୁଲାଇରୁ 22 ଅଗଷ୍ଟ ମଧ୍ୟରେ ତାଙ୍କର LOGINରେ ଡିଜିଟାଇଜ କରିବେ । ଡିଜିଟାଇଜେସନ କାର୍ଯ୍ୟ ସତ୍ୟନିଷ୍ଠ ଓ ନିର୍ଭୁଲ ହେବା ଆବଶ୍ୟକ ।
- ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି ବା ଅଣ-ଧାନ ଚାଷ ହୋଇଥିବା ଜମିକୁ ପଞ୍ଜିକୃତ କରିବେ ନାହିଁ ।
- **ଅଣ-ଚାଷୀ ଓ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ ।**
- ପଞ୍ଜିକରଣ ଯଥା ଶୀଘ୍ର ହୋଇ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ । ଏହା ବିଳମ୍ବିତ ହେଲେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ ।
- ସମିତି କାର୍ଯ୍ୟାଳୟରେ ହାଣ୍ଡ ସାନିଟାଇଜର ବ୍ୟବସ୍ଥା କରିବେ ଏବଂ ଆଗନ୍ତୁକ ଚାଷୀମାନଙ୍କ ମଧ୍ୟରେ ସାମାଜିକ ଦୂରତା ବଜାୟ ରଖିବେ ।

**ହେଲ୍ପ ଡେସ୍କ**

- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ । ଏଥିନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।

**ହେଲ୍ପ ଲାଇନ**

- ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ନମ୍ବର 1967ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ ।

OIPR-07001/13/0009/2223

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

www.foododisha.in | FoodOdisha | @Food_Odisha

ପ୍ରକୃତ ରୂପାନ୍ତର ହେଲା– ଚେତନାର ରୂପାନ୍ତର। ଚେତନାର ରୂପାନ୍ତର ହେଲା ପରେ ଆଉ ସବୁ କଥା ଛାଏଁ ଛାଏଁ ରୂପାନ୍ତରିତ ହୋଇଯିବ। ଏହା ସତ ଯେ ଆମର ଅଜାଣତରେ ବି ଆମ ପ୍ରକୃତିର କିଛି ପରିମାଣରେ ରୂପାନ୍ତର ଘଟି ଯାଇପାରେ। –ଶ୍ରୀମା

# ରାଜପାକ୍ସେ ପରିବାରର ପତନ



ବ୍ରହ୍ମ ଚେଲାନି

ପାଖାପାଖି ଦୁଇ ଦଶନ୍ଧିରୁ ଅଧିକ ଧରି ୪ ରାଜପାକ୍ସେ ଭାଇ ଓ ସେମାନଙ୍କ ପୁଅମାନେ ଶ୍ରୀଲଙ୍କାକୁ ଏକ ପାରିବାରିକ ବ୍ୟବସାୟ ଭାବେ ଚଳାଇଛନ୍ତି। ଏହି ସମୟରେ ସେମାନେ ଦେଶକୁ ଅବ୍ୟବସ୍ଥିତ କରିଦେଇଛନ୍ତି। ବୋକା ତଥା ଲଗାମହୀନ ଭାବେ ସେମାନେ ବୃହତ୍ ପ୍ରୋଜେକ୍ଟଗୁଡ଼ିକରେ ଯେଉଁଭଳି ବ୍ୟୟ କରିଛନ୍ତି ତାହା ଶ୍ରୀଲଙ୍କାକୁ ଋଣରେ ବୁଡ଼ାଇଦେଇ ସ୍ୱାଧୀନତା ପରଠାରୁ ଏକ ସବୁଠୁ ଖରାପ ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ଦେଇଛି। ଏବେ ସେମାନଙ୍କ ସାମ୍ରାଜ୍ୟର ପତନ ଘଟିଛି।

ମହିନ୍ଦା ରାଜପାକ୍ସେ ଥିଲେ ଶ୍ରୀଲଙ୍କାରେ ରାଜପାକ୍ସେ ସାମ୍ରାଜ୍ୟର ବିନ୍ଧାଣି। ୨୦୦୫ ରେ ରାଷ୍ଟ୍ରପତି ହେବା ପରେ ସେ ଏକ ଦଶନ୍ଧି ଧରି ଜଣେ ଏକଚ୍ଛତ୍ରବାଦୀ ଶାସକ ଭାବେ ଶାସନ କରିଥିଲେ। ସେ ନାଗରିକ ସ୍ୱତନ୍ତ୍ରତା ଉପରେ ଆକ୍ରମଣ କରି ରାଷ୍ଟ୍ରପତିଙ୍କ କ୍ଷମତାକୁ ସମ୍ପ୍ରସାରଣ କରିଥିଲେ। ଏପରି କି ରାଷ୍ଟ୍ରପତିଙ୍କ ସୀମିତ କାର୍ଯ୍ୟକାଳକୁ ହଟାଇ ଚାଇନା ସହ ଗୋଟିଏ ପରେ ଗୋଟିଏ ଖରାପ ଚୁକ୍ତି କରିଛନ୍ତି। ଏହି ପ୍ରକ୍ରିୟା ମଧ୍ୟରେ ସେ ତାଙ୍କ ସାନ ଭାଇ ଗୋଟାବାୟାଙ୍କୁ ପ୍ରତିରକ୍ଷା ବିଭାଗ ଦାୟିତ୍ୱ ଦେଇଥିଲେ। କିନ୍ତୁ ୨୦୧୫ରେ ମହିନ୍ଦା ବହୁ କମ୍ ବ୍ୟବଧାନରେ ରାଷ୍ଟ୍ରପତି ନିର୍ବାଚନ ହାରିବା ପରେ ରାଜପାକ୍ସେ ପରିବାର କମ୍ ଦିନ ଲାଗି କ୍ଷମତାରୁ ଦୂରେଇଗଲେ। ସେହି ସମୟରେ ପାର୍ଲାମେଣ୍ଟ ମହିନ୍ଦାଙ୍କ ରାଷ୍ଟ୍ରପତିତ୍ୱକୁ ଖାରଜ କରି ରାଷ୍ଟ୍ରପତିଙ୍କ ନିର୍ଦ୍ଧାରିତ କାର୍ଯ୍ୟକାଳକୁ ପୁନଃ ସ୍ଥାପିତ କରିଥିଲା। ତଥାପି ରାଜପାକ୍ସେ ପରିବାର ପୁନର୍ବାର ସାମ୍ରାଜ୍ୟ ସ୍ଥାପନ ଲାଗି ଯୋଜନା କରିଥିଲା। ଏଥିରେ ଗୋଟାବାୟା ତାଙ୍କ ଆମେରିକା ନାଗରିକତ୍ୱ ଛାଡ଼ି ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ଯୋଜନା କରାଯାଇଥିଲା। ଗୋଟାବାୟା ମଧ୍ୟ ଜିତିବା ସ୍ଥିତିରେ ଥିଲେ। କାରଣ ୨୦୦୯ରେ ଯେତେବେଳେ ମହିନ୍ଦା ତାମିଲ ଟାଇଗର ବିଦ୍ରୋହକୁ ଦମନ କରିବା ଲାଗି ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ସେତେବେଳେ ଗୋଟାବାୟା ପ୍ରତିରକ୍ଷା ସଚିବ ଥିଲେ ଓ ୨୬ ବର୍ଷର ଏକ କ୍ରୂର ଗୃହଯୁଦ୍ଧର ଅବସାନ ଘଟାଇଥିଲେ। ଫଳରେ ରାଜପାକ୍ସେ ଭାଇମାନେ ସଂଖ୍ୟାଧିକ ସିଂହଳୀମାନଙ୍କ ହିରୋ ହୋଇଗଲେ। ଅନ୍ତିମ ଆକ୍ରମଣରେ ୪୦ହଜାରରୁ ଅଧିକ ନାଗରିକଙ୍କ ମୃତ୍ୟୁ ଘଟିଥିଲା ଯାହାକୁ ଅନ୍ତର୍ଜାତୀୟ ସ୍ତରରେ ଯୁଦ୍ଧ ଅପରାଧ ଭାବେ ଅଭିହିତ କରାଯାଇଥିଲା। ଏହା ଅନ୍ତର୍ଜାତୀୟ ଆଇନଗୁଡ଼ିକ ଉପରେ ଗମ୍ଭୀର ଆକ୍ରମଣ ବୋଲି ଜାତିସଂଘ କହିଥିଲେ ମଧ୍ୟ ରାଜପାକ୍ସେ ଭାଇମାନେ ନିଜକୁ ସିଂହଳୀମାନଙ୍କ ସ୍ୱାର୍ଥର ଦୃଢ ସଂରକ୍ଷକ ଭାବେ ପ୍ରତିପାଦିତ କରିପାରିଥିଲେ। ଜାତୀୟ ରାଷ୍ଟ୍ରବାଦୀ ପରିଚୟ ପାଇଁ ଗୋଟାବାୟା ୨୦୧୯ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବାର ଠିକ୍ ପରେ ସେ ମହିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କଲେ। ପରେ ମହିନ୍ଦା ତାଙ୍କ ଦୁଇ ପୁଅ ଓ ଅନ୍ୟ ଦୁଇଭାଇଙ୍କୁ ନିଯୁକ୍ତ କରିଥିଲେ। ସେ ମଧ୍ୟ ତାଙ୍କ ପୁତୁରାଙ୍କୁ ମନ୍ତ୍ରୀ ଭାବେ ଅବସ୍ଥାପିତ କରିଥିଲେ। ସେହି ବର୍ଷ ଇଷ୍ଟର ସନ୍ଡେ ଅବସରରେ ଇସ୍‌ଲାମିକ ସନ୍ତ୍ରାସବାଦୀ ବୋମା ବିସ୍ଫୋରଣରେ ୨୭୭ ଲୋକଙ୍କ ମୃତ୍ୟୁ ଘଟିଲା ଓ ହଜାର ହଜାର ସଂଖ୍ୟାରେ ଆହତ ହେଲେ। ୨୦୦୯ କୁହୁଳୁଥିବା ଉତ୍ତେଜନାର ବିସ୍ଫୋରକ ସ୍ଥିତି ଏହି ଆକ୍ରମଣରେ ପ୍ରକାଶ ପାଇଥିଲା। ସାମରିକ ଆକ୍ରମଣ ହିନ୍ଦୁ ସଂଖ୍ୟାଧିକ ତାମିଲଙ୍କୁ ଅଧିକାରହୀନ କରିଦେଇଥିଲେ ବି ସେହି ଯୁଦ୍ଧ ବୌଦ୍ଧ ଧର୍ମାବଲମ୍ବୀ ସଂଖ୍ୟାଧିକ ସିଂହଳୀ ଏବଂ ସଂଖ୍ୟାଲଘୁ ଶ୍ରୀଲଙ୍କା ମୁସଲମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ସଂଘର୍ଷର ସୂତ୍ରପାତ କରିଥିଲା। ତେବେ ସନ୍ତ୍ରାସବାଦୀ ବୋମା ବିସ୍ଫୋରଣ ରାଜପାକ୍ସେ ବଂଶଧରଙ୍କୁ ସିଂହଳୀ ଜାତୀୟତାବାଦ ସୁଦୃଢ କରିବାକୁ ନୂଆ ଅସ୍ତ୍ର ଯୋଗାଇଦେଲା। ଜାତିଗତ ଓ ଧର୍ମୀୟ ମତଭେଦ ଗମ୍ଭୀର ହେବା ପରେ ବି ଗୋଟାବାୟା ଏକ ସାମ୍ରାଜ୍ୟଭିତ୍ତିକ ରାଷ୍ଟ୍ରପତିତ୍ୱ ସୃଷ୍ଟିକରିବା ପାଇଁ ତାଙ୍କ ଭାଇଙ୍କ ପଦାଙ୍କ ଅନୁସରଣ କରିଥିଲେ। ସେ ପୁଣି ଶ୍ରୀଲଙ୍କାକୁ ଆର୍ଥିକ ମୃତ୍ୟୁ ବଳୟ ମଧ୍ୟକୁ ଠେଲି ଦେଇଥିଲେ, ଯାହା ତାଙ୍କ ଭାଇ ପୂର୍ବରୁ ଚାଇନା ସହ ଚୁକ୍ତି କରି ସେଭଳି ସ୍ଥିତି ଉପୁଜାଇଥିଲେ।



ମହିନ୍ଦାଙ୍କ ଶାସନକାଳରେ ଜାତିସଂଘରେ ରାଜପାକ୍ସେ ଭ୍ରାତୃଗଣଙ୍କୁ ଯୁଦ୍ଧ ଅପରାଧ ଅଭିଯୋଗରୁ ଚାଇନା ରକ୍ଷା କରିଥିଲା। ଏହାଯୋଗୁ ଚାଇନା ଶ୍ରୀଲଙ୍କାରେ ପ୍ରମୁଖ ଭିତ୍ତିଭୂମି ଚୁକ୍ତିସବୁ କରିବାରେ ସକ୍ଷମ ହୋଇପାରିଲା ଏବଂ ଶ୍ରୀଲଙ୍କାର ମୁଖ୍ୟ ଋଣଦାତା ହୋଇଗଲା। ମୁଖ୍ୟତଃ,ରାଜପାକ୍ସେ ଶାସନରେ ତାଙ୍କ ପରିବାର ରହୁଥିବା ଜିଲା ହମ୍ବାଣ୍ଟୋଟାରେ ସ୍ମାରକମାନ ନିର୍ମାଣରେ ଚାଇନାଠାରୁ ଅଧିକ ଋଣ କରିଚାଲିଲା। ବିମାନବନ୍ଦର ଏବଂ ବୃହତ୍ ଷ୍ଟାଡିୟମ ନିର୍ମାଣ ଏବଂ ୨୦୧୭ରେ ୯୯ ବର୍ଷ ଲିଜ୍ ସୂତ୍ରରେ୧.୪ ବିଲିୟନ ଡଲାରର ବନ୍ଦର ପାଇଁ ଚୁକ୍ତି କରିଥିଲା। କଲମ୍ବୋ ନିକଟବର୍ତ୍ତୀ ସମୁଦ୍ର କୂଳରେ ସବୁଠୁ ବ୍ୟୟବହୁଳ ଚାଇନା ପ୍ରୋତ୍ସାହିତ ୧.୩ ବିଲିୟନ ଡଲାରର 'ବନ୍ଦର ସହର' ପ୍ରୋଜେକ୍ଟ ବି ଏଥିରେ ସାମିଲ ଥିଲା। ବିଶ୍ୱର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ଶିପିଂ ଲେନ୍ ନିକଟରେ ଥିବା ଶ୍ରୀଲଙ୍କାରୁ ଚାଇନା ଲାଭ ଉଠାଇଲା ଏବଂ ଶ୍ରୀଲଙ୍କା ଅଧିକ ଋଣ ଯନ୍ତାରେ ଫସିଗଲା। ଅନ୍ୟପଟେ ଆତ୍ମବିଶ୍ୱାସ ଓ ଗର୍ବ ଯୋଗୁ ରାଜପାକ୍ସେ ପରିବାର ବର୍ଦ୍ଧିତ ସଙ୍କଟ ବିଷୟରେ ଜାଣିପାରିଲେ ନାହିଁ। ଅନ୍ୟପଟେ ୨୦୧୯ରେ ସେମାନେ ଅତ୍ୟଧିକ ଟିକସ ଛାଡ଼ କଲେ ଯାହାଦ୍ୱାରା ଦେଶର ଟିକସ ସଂଗ୍ରହ ଏକ ତୃତୀୟାଂଶ କମିଗଲା। ପରେ କୋଭିଡ୍-୧୯ ମହାମାରୀ ଏହାର ବୈଦେଶିକ ମୁଦ୍ରା ଆୟର ମୁଖ୍ୟ ପର୍ଯ୍ୟଟନ ଓ ପୋଷାକ ଶିଳ୍ପଗୁଡ଼ିକୁ ଧୂଳିସାତ୍ କରିଦେଲା। ନିକଟରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ଅନ୍ତର୍ଜାତୀୟ ସ୍ତରରେ ଶକ୍ତି ଓ ଖାଦ୍ୟ ମୂଲ୍ୟ ବଢ଼ିବା ଦ୍ୱାରା ଶ୍ରୀଲଙ୍କାର ଗଚ୍ଛିତ ବୈଦେଶିକ ମୁଦ୍ରା ଶେଷ ହେବାରୁ ଇନ୍ଧନ, ଖାଦ୍ୟ, ଔଷଧ ଏବଂ ବିଦ୍ୟୁତ୍ ଅଭାବ ପରିଲକ୍ଷିତ ହେଲା। ଫଳରେ ଶ୍ରୀଲଙ୍କାବାସୀ ବହୁ ସଂଖ୍ୟାରେ ରାସ୍ତାକୁ ଓହ୍ଲାଇ ଆସିଲେ।

ଆନ୍ଦୋଳନକାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ମହିନ୍ଦା ଅନିଚ୍ଛା ସତ୍ତ୍ୱେ ମେ ୯ରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ। କିନ୍ତୁ ପ୍ରତିବାଦ ବଢ଼ିଚାଲିଲା ଓ ଆନ୍ଦୋଳନକାରୀମାନେ ରାଷ୍ଟ୍ରପତି ଭବନରେ ପଶିଲେ। ଶେଷରେ ଗୋଟାବାୟା ଦେଶ ଛାଡ଼ି ଚାଲିଗଲେ। ଶ୍ରୀଲଙ୍କାରେ ରାଷ୍ଟ୍ରପତିଙ୍କ ବେଡ୍ ଉପରେ ଆରାମ କରିବା ଜନଶକ୍ତି ବା କ୍ଷମତାର ପ୍ରତୀକ ଭାବେ ଉଭା ହେଲା। କିନ୍ତୁ ବିଶ୍ୱରେ ମୁଖ୍ୟତଃ ଏସିଆ ଏବଂ ଲାଟିନ ଆମେରିକାରେ ପରିବାରବାଦ ଶାସନଗୁଡ଼ିକ ଏହି ପ୍ରତିବାଦକୁ ଏକ ସତର୍କ ସୂଚନା ଭାବେ ଦେଖିବା ଉଚିତ। ଯେତେବେଳେ, ଗୋଟିଏ ପରିବାର ଏକ ସରକାର କିମ୍ବା ଦଳ ଉପରେ ପ୍ରଭାବ ବିସ୍ତାର କରେ ତା'ର ପରିଣାମ ବହୁ ସମୟରେ ବିନାଶକାରକ ହେବା ସହ ସବୁଠୁ ପ୍ରତିଷ୍ଠିତ ସାମ୍ରାଜ୍ୟର ଦ୍ରୁତ ପତନର କାରଣ ହୋଇପାରେ।

ଶ୍ରୀଲଙ୍କାର ଏଭଳି ସ୍ଥିତି ମଧ୍ୟ ଅତ୍ୟଧିକ ଋଣକରିଥିବା ଦେଶଗୁଡ଼ିକ ପାଇଁ ଏକ ଶିକ୍ଷା। ଯଦି ଋଣକୁ ସହନୀୟ ରଖିବା ଲାଗି ପଦକ୍ଷେପ ନ ନିଅନ୍ତି, ତେବେ ସେମାନେ ଶୀଘ୍ର ସଙ୍କଟରେ ବୁଡି ଧ୍ୱଂସ ହୋଇଯାଇପାରନ୍ତି। ଶ୍ରୀଲଙ୍କା କ୍ଷେତ୍ରରେ ଏହାର ପରବର୍ତ୍ତୀ ନେତାମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଅଭାବ ପୂରଣ କରିବା ସହ ଏକ ବିଧ୍ୱସ୍ତ ଅର୍ଥ ବ୍ୟବସ୍ଥାକୁ ପୁନର୍ଗଠନ କରିବାକୁ ହେବ। ସେମାନେ ମଧ୍ୟ ଆଇନର ଶାସନ ଗଢିବା ସହ ଯେଉଁମାନଙ୍କ ପାଇଁ ଏବକାର ବିପର୍ଯ୍ୟୟ ଘଟିଛି ସେମାନଙ୍କୁ ଉତ୍ତରଦାୟୀ କରିବାକୁ ପଡ଼ିବ। ତେବେ କ୍ଷତିକାରକ ରାଜପାକ୍ସେ ପରିବାରକୁ ନିୟନ୍ତ୍ରଣ କରିବା ଏବଂ ସେମାନଙ୍କ ଆହ୍ୱାନକୁ ଅଣଦେଖା କରିବା ଉଚିତ ନୁହେଁ।

**ପ୍ରଫେସର, ଷ୍ଟ୍ରାଟେଜିକ୍ ଷ୍ଟଡିଜ୍, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ; ଫେଲୋ, ରବର୍ଟ ବୋକ୍ ଏକାଡେମୀ, ବର୍ଲିନ୍**

# ନା ସହି ହେଉଛି ନା କହି ହେଉଛି



ମନୀଷା ପଣ୍ଡା

ବିଦ୍ୟାଳୟ ଫାଟକ ଭିତରକୁ ପଶିଯିବା କ୍ଷଣି ଆଉ ଛାତି ଫୁଲି ଉଠୁନି ଗର୍ବରେ ମୁଁ ଶିକ୍ଷକ ବୋଲି। ପରିବାରର ମୋ ଜନ୍ମିତ ସନ୍ତାନ ଏକ, ଦୁଇ କିମ୍ବା ତିନି ହେଲେ ମଧ୍ୟ ମୁଁ ଏଠି ଶହ ଶହ ପିଲାଙ୍କ ମା' ବାପା ଏହା ଭାବି ମନ କୁଣ୍ଢେମୋଟ ହେଉନାହିଁ ଏବେ ଆଉ। ଫାଟକ ଭିତରକୁ ପ୍ରବେଶ କରିବାଠାରୁ ବାହାରିବା ପର୍ଯ୍ୟନ୍ତ ଭୟରେ ଅନିଶ୍ଚିତତାରେ ଥରୁଛି ବରଂ ଛାତି। କାହିଁକି ଜାଣନ୍ତି? ପ୍ରତି କ୍ଷଣରେ ମୋତେ ଭୟ, କେବେ ସମାଜରେ ମୋ ଯଶ ଖ୍ୟାତି କଳଙ୍କିତ ହେବାର ଭୟ ତ କେତେବେଳେ ପାରିତୋଷିକ ନ ମିଳିବାର ଭୟ। ତେଲଲୁଣ ସଂସାର ମୁଁ ମଧ୍ୟ ଚଳାଏ ଓ ସେଥିପାଇଁ ଅନେଇ ବସେ ମାସ ଶେଷକୁ । ତେବେ ନିର୍ଭୟରେ କେମିତି ରହି ପାରିବି କୁହନ୍ତୁ ତ?

ସେ ଦିନ ଶ୍ରେଣୀରେ ପାଠ ନ କରି ଆସିଥିବା ପିଲାଟିକୁ ବୁଝେଇ ପାଠ କରି ଆଣିବା ପାଇଁ କହିଥିଲି। ସେ କରି ଆଣିଲା ନାହିଁ ପର ଦିନ। ପୁଣି ତା'କୁ ବୁଝେଇ କହିବା ପରେ ମଧ୍ୟ ଫଳପ୍ରଦ ହେଲା ନାହିଁ। ବାଧ୍ୟ ହୋଇ ଦଣ୍ଡଦେବା ଭୟ ଦେଖେଇବାରୁ ସେ ମୋ ମୁହଁ ଉପରେ ଜବାବ ଦେଲା ,''ଏ ଦଣ୍ଡ ମୁକ୍ତ ଅଞ୍ଚଳରେ ମୋତେ ଦଣ୍ଡ ଦେବେ?''ଉତ୍ତର ଆଉ କ'ଣ ବା ଦେବି। ବାଧ୍ୟ ହୋଇ ଚୁପ୍ ରହିଲି । ସେହି ଶ୍ରେଣୀ ପ୍ରକୋଷ୍ଠର ଅନ୍ୟ ପିଲାମାନେ ବୋଧେ ସେଇ ଦିନଠାରୁ ଆହୁରି ସାହସ ପାଇ ଯାଇଛନ୍ତି। ମୋ ଟେବୁଲ ଉପରକୁ ଖାତା ଖୁବ୍ କମ୍ ଆସିବାରେ ଲାଗିଲା। ମୁଁ ନାଚାର ଏ କଥା କାହାକୁ କହିବି। କାହା ଆଗରେ ପ୍ରତିବାଦ କରିବି ? ଅଜାଗା ଘା' ଭଳି ରହିଲା କେବଳ ।

ଆଉ ଗୋଟିଏ ଘଟଣା। ସେଦିନ ଅନେକ ଥର କହିବା ପରେ ବି ପିଲାଟି ଇଚ୍ଛା ନାହିଁ କହି ପାଠ ଶୁଣିବା ପାଇଁ ଆଗ୍ରହ ପ୍ରକାଶ କଲା ନାହିଁ। ଅନେକ ପ୍ରକାର ପ୍ରଚେଷ୍ଟା ପରେ ବି ତା'ର ଇଚ୍ଛା ନାହିଁ ମୋ ବକର ବକର ଶୁଣିବାକୁ ଯେମିତି। ଏସବୁ ପରେ ପାଖକୁ ଡାକି ଥରେ ପଚାରି ଅନ୍ୟମନସ୍କତାର କାରଣ ପଚାରିବାରୁ ଉତ୍ତର ଦେଲା,''ମୋ ଇଚ୍ଛା ନାହିଁ। ମୁଁ ବାଧ୍ୟ ନୁହେଁ। କୌଣସି ପ୍ରକାରେ ମୋ ପାଇଁ ସମୟ ବିନିଯୋଗ ଅଯଥା ନ କରି ନିଜ କାମ କରନ୍ତୁ । ନଚେତ୍ ଉପର ଅଫିସର ପାଖେ ଅପଦସ୍ଥ ହେବେ।'' ଉତ୍ତରରେ ଦୋହଲି ଗଲା ମୋ ଭିତରଟା। ନିଜକୁ ଖୁବ୍ ଧିକ୍କାର କଲି ମୋ ଅବସ୍ଥା ପାଇଁ। ଏ ହେଉଛି ଅଧୁନା ମୋର ଅବସ୍ଥା। ଭୁଲ କହିଲି, ମୋର ନୁହେଁ ଆମ ଶିକ୍ଷକ ସମାଜର ଦୁରବସ୍ଥା। ପ୍ରତିଦିନ ଏମିତି କିଛି ଘଟଣା ଆସୁଛି ଆଉ ପର ମୁହୂର୍ତ୍ତରେ ସେଗୁଡ଼ିକ ମନ ଭିତରେ ଭୟ ସୃଷ୍ଟି କରୁଛି । ଛାତ୍ରୀଛାତ୍ର, ଅଭିଭାବକ ଏବଂ ସରକାର ସମସ୍ତଙ୍କ ଅସହଯୋଗ ସହ ଏଭଳି ପରିସ୍ଥିତିରେ କେମିତି ମଣିଷ ଗଢ଼ିବ ଜଣେ ଶିକ୍ଷକ। ପ୍ରଶ୍ନକୁ ସାମ୍ନା କରିବାକୁ ପଡୁଛି ବାରମ୍ବାର ଶିକ୍ଷାର୍ଥୀଙ୍କ ନୈତିକ ଅଭିବୃଦ୍ଧି ହେଲା କି ନାହିଁ? ପ୍ରଶ୍ନ ଆସୁଛି, ଶିକ୍ଷାର ମାନ ବୃଦ୍ଧି ପାଉନି କାହିଁକି ? ଆଉ ସବୁ ପ୍ରଶ୍ନ ଉତ୍ତରରେ ବେତନଭୋଗୀ କର୍ମଚାରୀ ଶିକ୍ଷକର ଅପାରଗତା, ଅଯୋଗ୍ୟତା ଓ ଆଳସ୍ୟ। ହେଲେ ଏ ସବୁ ଠିକ୍ ନୁହେଁ। ବରଂ ଶିକ୍ଷକର ମାନ ବୃଦ୍ଧି ତଥା ସାଧୀନତା ଦିଆଗଲେ କେତେକାଂଶରେ ସମସ୍ୟା ଦୂରେଇ ଯାଇପାରେ। ଶିକ୍ଷକ ହେଉଛି ବିଦ୍ୟାଳୟ ରୂପକ ପରିବାରର ମୁଖିଆ। ଶିକ୍ଷାର୍ଥୀମାନଙ୍କ ଅଧୋଗତିକୁ ରୋକିବାକୁ ହେଲେ ଶିକ୍ଷକଙ୍କୁ ଠିକ୍ ମୁରବି ଭଳି ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ ପାଇଁ ସ୍ୱାଧୀନତା ମିଳିବା ଆବଶ୍ୟକ। କେବଳ ବେତନଭୋଗୀ କର୍ମଚାରୀ ଭାବିବା ଦୁଃଖଦାୟକ । ମାନସିକ ଚାପ ମଧ୍ୟରେ ରହି ଜଣେ ଶିକ୍ଷକ ମଧ୍ୟ ଆପଣା ଉପରେ ଥିବା ଦାୟିତ୍ୱକୁ ଶତପ୍ରତିଶତ ତୁଲାଇବା ଅସମ୍ଭବ କହିଲେ ଚଳେ।

ଥରେ ଜଣେ ଶିକ୍ଷାର୍ଥୀକୁ ନୈତିକ ମୂଲ୍ୟବୋଧ ସମ୍ବନ୍ଧରେ ବୁଝାଇବାକୁ ଚେଷ୍ଟା କରି ବିଫଳ ହେଲେ ମୋର ଜଣେ ଶିକ୍ଷକ ବନ୍ଧୁ। ଶେଷରେ ପିଲାଟିର ଅଭିଭାବକଙ୍କୁ ଡକାଗଲା, ମାତ୍ର ଏସବୁ ପୁରୁଣାକାଳିଆ କଥା ଏବଂ ଆଜିକାଲି ପିଲା କେହି ମାନିବେ ନାହିଁ ବୋଲି କହି ବାହୁଡ଼ିଲେ ପରିସରରୁ ଅଭିଭାବକ ଜଣକ। ସେହି ଦିନଠାରୁ ଶିକ୍ଷକ ବନ୍ଧୁ ଜଣକ ନୈତିକ ଶିକ୍ଷା ବାବଦ କୌଣସି ଆଲୋଚନା କରିବା ପୂର୍ବରୁ ଭାବୁଛନ୍ତି ଚାରିଥର କହିବେ କି ନା। ପିଲାଟିଏର ବ୍ୟବହାର ସଜାଡ଼ିବାବେଳେ ପିଲାଟି କହୁଛି ଏ ଶିକ୍ଷକର ପ୍ରତିଟି ଗତିବିଧି ଲକ୍ଷ୍ୟ କରିବି ଆଜିଠୁ । ସେ ଶିକ୍ଷକଙ୍କ କିଛି ନା କିଛି କାର୍ଯ୍ୟକଳାପ ପାଇବି ଯାହାକୁ ତାଙ୍କ ଅଜାଣତରେ ଫେସ୍‌ବୁକରେ ଭାଇରାଲ କରିବି । ସେଇ ଭାଇରାଲ ଭୟ ଭାଇରାଲ ଜର ହୋଇ ଶିକ୍ଷକକୁ ଶଯ୍ୟାଶାୟୀ କରେଇ ଦିଏ। ଖୁବ୍ ମାନସିକ ଯନ୍ତ୍ରଣା ଦିଏ। କେବଳ ଶିକ୍ଷକ ଅନେଇ ଚାହିଁ ବସିଛି ଅବସ୍ଥା କେବେ ପରିବର୍ତ୍ତନ ହେବ। କେବେ ସୁଧୁରିବ ମନୋଭାବ ଶିକ୍ଷାର୍ଥୀ ଓ ଅଭିଭାବକଙ୍କର।

**ଶିକ୍ଷୟିତ୍ରୀ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଅଙ୍କରାନ୍ତିପୁର, ଢେଙ୍କାନାଳ, ମୋ:୮୨୪୯୬୮୬୦୯୩**

## ଏଇ ଭାରତରେ

ପରିବେଶ ସୁରକ୍ଷା ଲାଗି ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ (ଏସ୍‌ୟୁପି)ବନ୍ଦ ହେବା ପରେ ରିସାଇକ୍ଲିଂ ପାଇଁ ଲୋକଙ୍କୁ ଉତ୍ସାହିତ କରୁଛନ୍ତି ଜୁନାଗଡ଼ ଜିଲାପାଳ ରଚିତ ରାଜ। ଯେଉଁମାନେ ପ୍ଲାଷ୍ଟିକ ବର୍ଜ୍ୟ ଦେବେ ସେମାନଙ୍କୁ ସେ ମାଗଣା ଭୋଜନ ଦେବାର ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ଜୁନାଗଡ଼ ସିଟି ହସ୍ପିଟାଲର ପୁରୁଣା କ୍ୟାମ୍ପସରେ 'ପ୍ରାକୃତିକ ପ୍ଲାଷ୍ଟିକ କେଫ୍' ଖୋଲାଯାଇଛି। ସେଠାରେ ୫୦୦ ଗ୍ରାମ୍ ପ୍ଲାଷ୍ଟିକ ବର୍ଜ୍ୟ ଜମା କଲେ ୧ ଗ୍ଲାସ୍ ଲେମ୍ବୁ ସର୍ବତ, ଏକ କେ.ଜି. ଜମା କଲେ ୧ ପ୍ଲେଟ୍ ଢୋକ୍‌ଲା କିମ୍ବା ୧ ପ୍ଲେଟ୍ ପୋହା ମିଳୁଛି। ଯିଏ ଯେତେ ପରିମାଣର ବର୍ଜ୍ୟ ଦେବେ ସେମାନଙ୍କୁ ସେତେ ଅଧିକ ଖାଦ୍ୟ ଦେବାର ବ୍ୟବସ୍ଥା ରହିଛି। ବଡ଼ କଥା ହେଉଛି ଏହି କେଫ୍ ଜୁମାଟୋ ଓ ସ୍ୱିଗି ସହ ମଧ୍ୟ କାମ କରୁଛି। ଯିଏ ଚାହିଁବେ ଘରେ ବସି ମଧ୍ୟ ଏହି ଅଫରର ଲାଭ ନେଇପାରିବେ। କେଫ୍‌କୁ 'ସର୍ବୋଦୟ ସଖୀ ମଣ୍ଡଳ'ର ମହିଳାମାନେ ପରିଚାଳନା କରୁଛନ୍ତି। କେଫ୍‌ରେ ଜମା ହେଉଥିବା ପ୍ଲାଷ୍ଟିକ୍‌କୁ ନିୟମିତ ରିସାଇକ୍ଲିଂ କମ୍ପାନୀକୁ ପଠାଯାଉଛି। ମାତ୍ର ୮ଦିନରେ ଏହା ୧୯୦ କେ.ଜି. ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରିପାରିଛିଂ।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଜୁଲାଇ ୧୯୯୭**

- ବାଂଲାଦେଶର ଚିଟାଗଙ୍ଗ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ମାଟି ଅତଡ଼ା ଧସି ଓ କାନ୍ଥ ପଡ଼ି ୧୯ ଜଣଙ୍କ ମୃତ୍ୟୁ।
- ଆଲଜେରିଆର ମେଡିଆ ଅଞ୍ଚଳରେ ଇସଲାମୀୟ ଉଗ୍ରପନ୍ଥୀମାନେ ନାରକୀୟ କାଣ୍ଡ ଘଟାଇ ୨୧ ଜଣ ମହିଳାଙ୍କ ସମେତ ୬୫ ଜଣଙ୍କୁ ହତ୍ୟା କରିଛନ୍ତି।
- ଜଙ୍ଗଲ ଦସ୍ୟୁ ତଥା ହାତୀଦାନ୍ତ ଓ ଚନ୍ଦନକାଠର କୁଖ୍ୟାତ ଚୋରାବେପାରୀ ବିରାପ୍ପାନର ଆତ୍ମସମର୍ପଣ ପ୍ରସ୍ତାବ ଗ୍ରହଣ କରିନେବା ପାଇଁ କର୍ନାଟକ ଓ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଦ୍ୱୟ ରାଜି ହୋଇଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 9 | | | | | | |
| | 1 | | | | 5 | | | |
| 7 | | 8 | | 4 | 3 | | | |
| 5 | | | | 8 | | 7 | | |
| | | 2 | | | 9 | | 6 | |
| | | | | | 2 | 8 | | |
| | | | | | | 9 | | |
| | | | | | 7 | 3 | 5 | |
| 4 | | 1 | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 1 | 5 | 8 | 2 | 9 | 4 | 7 |
| 7 | 9 | 2 | 3 | 6 | 4 | 5 | 1 | 8 |
| 4 | 8 | 5 | 1 | 9 | 7 | 2 | 3 | 6 |
| 6 | 4 | 8 | 9 | 7 | 5 | 1 | 2 | 3 |
| 1 | 3 | 9 | 4 | 2 | 6 | 8 | 7 | 5 |
| 2 | 5 | 7 | 8 | 1 | 3 | 4 | 6 | 9 |
| 8 | 1 | 6 | 7 | 4 | 9 | 3 | 5 | 2 |
| 9 | 2 | 3 | 6 | 5 | 1 | 7 | 8 | 4 |
| 5 | 7 | 4 | 2 | 3 | 8 | 6 | 9 | 1 |

ଗତକାଲିର ଉତ୍ତର

# ଜ୍ଞାନକୌଶଳର ଲାଭ ନେଉଛି କିଏ



ବିଚିତ୍ର ବିଶ୍ୱାଳ

ଚାଷ ଓ ଚାଷୀମାନଙ୍କର ସଙ୍କଟକୁ ବିଚାରକୁ ନେଲେ ଆମ ଦେଶ ପଛରେ ନାହିଁ। ନ୍ୟାଶନାଲ୍ କ୍ରାଇମ୍ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁସାରେ, ଦେଶରେ ପ୍ରତି ଅଧଘଣ୍ଟାରେ ଜଣେ ଚାଷୀ ଆତ୍ମହତ୍ୟା କରୁଛି। ଗତ ୨୦ ବର୍ଷ ଭିତରେ ୨୦ ଭାଗ ଚାଷୀ ଚାଷ ଛାଡ଼ି ଦିନ ମଜୁରିଆ ହୋଇଯାଇଛନ୍ତି। ଚାଷୀମାନଙ୍କର ସଂଖ୍ୟା ଜନସଂଖ୍ୟାର ୭୦%ରୁ ଖସି ୫୦%ରେ ପହଞ୍ଚିଲାଣି।

କୃଷିଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ନ ମିଳିବା ଯୋଗୁ ଚାଷୀଙ୍କ ଅବସ୍ଥା ସଙ୍କଟାପନ୍ନ ହେଉଛି। ସାରା ବିଶ୍ୱର ଚାଷୀମାନେ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇବା ପାଇଁ ସଂଘର୍ଷ କରୁଥିବା ବେଳେ, ନିକଟ ଅତୀତରେ ପ୍ରକାଶିତ ଅକ୍ସଫାମ୍‌ର ବିସମତା ରିପୋର୍ଟରୁ ଜଣାଯାଏ ଯେ, ଗତ ୨ ବର୍ଷ ମଧ୍ୟରେ ଖାଦ୍ୟ ଦ୍ରବ୍ୟ ବ୍ୟବସାୟ ସହିତ ଜଡ଼ିତ ୬୨ ଜଣ ବ୍ୟକ୍ତି ସୁପର ଧନୀ ତାଲିକାରେ ଯୋଡ଼ି ହୋଇଛନ୍ତି। ଏଥିମଧ୍ୟରୁ କୃଷି ଓ ଖାଦ୍ୟ ସାମଗ୍ରୀ ବ୍ୟବସାୟ ସହିତ ଜଡ଼ିତ କାର୍ଗିଲ୍ କମ୍ପାନୀ ପରିବାରର ୧୨ ଜଣ ଏହି ତାଲିକାରେ ଅଛନ୍ତି। ପୂର୍ବ ରିପୋର୍ଟରେ ସୁପର ଧନୀ ତାଲିକାରେ କାର୍ଗିଲ୍ ପରିବାରର ୮ ଜଣ ଥିବା ବେଳେ ଗତ ୨ ବର୍ଷର କରୋନା ସଙ୍କଟ ସମୟରେ ଏହି ପରିବାରର ଆଉ ୪ଜଣ ଏଥିରେ ଯୋଡ଼ି ହୋଇଛନ୍ତି। ମହାମାରୀ ସମୟରେ ଓ ତା' ପୂର୍ବରୁ ଚାଷୀମାନେ ଉତ୍ପାଦନର ଉଚିତ୍ ମୂଲ୍ୟ ନ ପାଇ ଅତ୍ୟନ୍ତ ଦୁଃସ୍ଥ ସ୍ଥିତିରେ ଥିବାବେଳେ ଚାଷ ଓ ଖାଦ୍ୟ ସହିତ ଜଡ଼ିତ କମ୍ପାନୀଗୁଡ଼ିକ ତାଙ୍କ ଲାଭକୁ ଅତ୍ୟଧିକ ବଢ଼ାଇବାରେ ସକ୍ଷମ ହୋଇପାରିଛନ୍ତି। ଏଥିରୁ ବୁଝି ହେଉଛି, ଚାଷରେ ଜ୍ଞାନ କୌଶଳର ବ୍ୟବହାରକୁ ଦ୍ରୁତ ପ୍ରୋତ୍ସାହନ ଯୋଗୁ ଚାଷୀମାନଙ୍କର ଉତ୍ପାଦନରେ ଯାହା ବୃଦ୍ଧି ହୋଇଛି, ତା'ଠାରୁ ଢେର୍ ଗୁଣ ଲାଭ କୃଷି ସାମଗ୍ରୀ ବ୍ୟବସାୟ କରୁଥିବା କମ୍ପାନୀଗୁଡ଼ିକ ପାଇଛନ୍ତି। ତା'ହେଲେ ଚାଷୀଙ୍କୁ ଜ୍ଞାନ କୌଶଳର ଯେଉଁ ଭେଳିକି ଦେଖାଯାଉଛି, ତା'ର ପ୍ରକୃତ ହିତାଧିକାରୀ କିଏ? ଚାଷୀ ନା ଚାଷ ସହିତ ଜଡ଼ିତ ଥିବା କମ୍ପାନୀ?

ନେତା, ଅର୍ଥନୀତିଜ୍ଞ ଓ କୃଷି ବୈଜ୍ଞାନିକମାନେ ବାରମ୍ବାର ଚାଷୀମାନଙ୍କୁ ଉତ୍ପାଦନ ବୃଦ୍ଧି ପାଇଁ ଉପଦେଶ ଦେଉଛନ୍ତି ଓ ସେଥିନିମନ୍ତେ ଅଧିକରୁ ଅଧିକ ଜ୍ଞାନକୌଶଳ ତଥା ଯନ୍ତ୍ରପାତି ବ୍ୟବହାର କରିବା ଲାଗି ପ୍ରବର୍ତ୍ତାଉଛନ୍ତି। ଏହା ପଛରେ ଚାଷୀମାନଙ୍କର ଉନ୍ନତି ଅପେକ୍ଷା ଚାଷ କ୍ଷେତ୍ର ସହିତ ଜଡ଼ିତ ଥିବା କମ୍ପାନୀଗୁଡ଼ିକୁ ଲାଭ ଦେବାର ଯୋଜନା ଅଧିକ ରହିଛି ବୋଲି ବୁଝିବାରେ ଆଉ ବାକି ନାହିଁ, ଯାହାର ସୂଚନା ଅକ୍ସଫାମ୍ ରିପୋର୍ଟରୁ ମିଳୁଛି। ମହାମାରୀ କାଳରେ ଏକାଧିକ କମ୍ପାନୀ ମାଲିକମାନେ ବିଲିଅନେୟାର ତାଲିକାରେ ଯୋଡ଼ି ହୋଇଛନ୍ତି। କେବଳ ମହାମାରୀ ସମୟର କଥା ନୁହେଁ, ସାଧାରଣ ସମୟରେ ବି ଚାଷରେ ଯନ୍ତ୍ରପାତି ଓ ଜ୍ଞାନକୌଶଳର ବ୍ୟବହାର ଯୋଗୁ ଚାଷୀର ଯେତିକି ଲାଭ ହେଉନି, ତା'ଠାରୁ ଅନେକ ଗୁଣ ଲାଭ ହେଉଛି ଜଡ଼ିତ ଥିବା କମ୍ପାନୀମାନଙ୍କର। କାରଣ ଚାଷୀ ପାଇଁ ଉତ୍ପାଦନଠାରୁ ବଡ଼ ସମସ୍ୟା ହେଉଛି ଉତ୍ପାଦନକୁ ଉଚିତ୍ ମୂଲ୍ୟ ନ ମିଳିବା। କିନ୍ତୁ ଅଦୂରଦର୍ଶୀ ବା ଯୋଜନାବଦ୍ଧ ଭାବେ ଚାଷୀମାନଙ୍କୁ ପୁଣି ସେହି ଉତ୍ପାଦନ ବୃଦ୍ଧି ଜାଲରେ ପକାଯାଇ ଉଚିତ୍ ମୂଲ୍ୟ ପରି ମୁଖ୍ୟ ସମସ୍ୟାକୁ ଅଣଦେଖା କରାଯାଉଛି।



ଚାଷରେ ଯନ୍ତ୍ରପାତି ଓ ଜ୍ଞାନକୌଶଳର ବ୍ୟବହାର ବଢୁଥିବାରୁ ଚାଷୀର ଖର୍ଚ୍ଚ ବଢୁଛି ଓ ବଢୁଥିବା ଯତ୍‌କିଞ୍ଚିତ୍ ଉତ୍ପାଦନର ଉଚିତ୍ ଦାମ୍ ମିଳୁନାହିଁ। ତେଣୁ ଚାଷ କ୍ଷେତ୍ରରେ ଜ୍ଞାନକୌଶଳ ବ୍ୟବହାରର ଲାଭ ଚାଷୀ ପକେଟ୍‌କୁ ଯାଉନାହିଁ। ଖାଦ୍ୟ ଦ୍ରବ୍ୟର ବ୍ୟବସାୟ ସହିତ ଜଡ଼ିତ ଥିବା କେବଳ ଚାରୋଟି କମ୍ପାନୀ ଅନ୍ତର୍ଜାତୀୟ ଖାଦ୍ୟ ବଜାରର ୭୦% ଅଧିକାର କରିଛନ୍ତି। ଯେଉଁ ଖାଦ୍ୟ ଦ୍ରବ୍ୟର ବ୍ୟବସାୟ କରି କମ୍ପାନୀଗୁଡ଼ିକ ଅରବପତି ହେଉଛନ୍ତି, ତାହାକୁ କେବଳ ଚାଷୀମାନେ ଦିନ ରାତି ହାଡ଼ଭଙ୍ଗା ପରିଶ୍ରମ କରି ଉତ୍ପାଦନ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଚାଷୀମାନେ ଭଲରେ ପେଟପୂରା ଖାଇବାକୁ ପାଉ ନ ଥିବା ବେଳେ ସେମାନଙ୍କ ଉତ୍ପାଦନକୁ ନେଇ ବେପାର କରୁଥିବା କମ୍ପାନୀଗୁଡ଼ିକ ସମୃଦ୍ଧିର ଶିଖରରେ ପହଞ୍ଚି ପାରୁଛନ୍ତି। ଏହା ପଛରେ ଏକମାତ୍ର କାରଣ ହେଉଛି, ତଳ ପାହାଚରୁ ଉପର ପାହାଚଯାଏ ପ୍ରତ୍ୟେକ ସ୍ତରରେ ଚାଷୀଙ୍କୁ ଶୋଷଣ। ଆଜିକାଲି ଆମ ନେତାମାନେ କହୁଛନ୍ତି, ଚାଷୀମାନେ ଉନ୍ନତ ମାନର ବିହନ କିଣନ୍ତୁ। କମ୍ପାନୀ ତିଆରି କରିଥିବା ବିଭିନ୍ନ ପ୍ରକାର ଉପକରଣ ଚାଷରେ ବ୍ୟବହାର କରନ୍ତୁ। ସର୍ବୋପରି ଚାଷୀକୁ ପରନିର୍ଭରଶୀଳ କରେଇ କମ୍ପାନୀଗୁଡ଼ିକ ତହବିଲ ଭରିବା କାମକୁ ସଫଳତାର ସହିତ ଆଗକୁ ନିଆଯାଉଛି। ଗୋଟିଏ ସମୟରେ ସବୁଜ ବିପ୍ଳବ ନାଁରେ ଚାଷୀମାନଙ୍କୁ ଅଧିକରୁ ଅଧିକ ରାସାୟନିକ ଓ ଯନ୍ତ୍ରପାତି ବ୍ୟବହାର କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ସମ୍ପ୍ରତି ପାବରେ ଚାଷଜମିର ମାଟିର ଉର୍ବରତା ବୃଦ୍ଧି କରିବା ପାଇଁ ବଜେଟରେ ସ୍ୱତନ୍ତ୍ର ବ୍ୟୟବରାଦ କରିବାକୁ ପଡୁଛି। କିନ୍ତୁ ଆମ ନୀତି ନିର୍ମାତାମାନେ ପାବର ଉଦାହରଣରୁ କିଛି ନ ଶିଖିବା ଦୁର୍ଭାଗ୍ୟର ବିଷୟ। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ସମସ୍ତ ଜ୍ଞାନକୌଶଳର ବିକାଶ ଚାଷରେ ଉତ୍ପାଦନ ବୃଦ୍ଧି କରିବା ପାଇଁ ହିଁ ହୋଇଛି। ଚାଷୀମାନଙ୍କର ଉତ୍ପାଦନ ବଢୁଥିଲେ ମଧ୍ୟ ଆୟରେ ସନ୍ତୋଷଜନକ ବୃଦ୍ଧି ହେଉନାହିଁ। ଏପରି ସ୍ଥିତିରେ ଚାଷୀଙ୍କର ଆୟ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାର ଆବଶ୍ୟକତା ରହିଛି। ନିକଟ ଅତୀତରେ ହୋଇଥିବା ଅର୍ଥନୈତିକ ସର୍ଭେ ଅନୁସାରେ ଜଣେ ଚାଷୀ ପରିବାରର ଚାଷ ଅପେକ୍ଷା ମଜୁରିରୁ ଅଧିକ ଆୟ ଆସୁଛି।

ଚାଷ କ୍ଷେତ୍ରରେ ଯନ୍ତ୍ରପାତିର ବ୍ୟବହାର ବଢ଼େଇବା ପାଇଁ ସହଜରେ ଚାଷୀ ପାଇଁ ଋଣର ବ୍ୟବସ୍ଥା କରିଦିଆଯାଉଛି। ଫଳରେ ଚାଷୀ ଗୋଟିଏ ପଟେ ଯନ୍ତ୍ରର ମାୟାରେ ପଡ଼ିଯାଉଥିବା ବେଳେ ଅନ୍ୟପଟେ ଋଣଭାରରେ ଚାପି ହୋଇଯାଉଛି। ଯେତେ ଅଧିକ ଯନ୍ତ୍ରପାତିର ବ୍ୟବହାର ବଢୁଛି, ସେତେ ଅଧିକ ଚାଷୀମାନଙ୍କ ଉପରେ ଋଣ ଭାର ବଢୁଛି। ଚାଷୀର ଖର୍ଚ୍ଚ ବଢୁଛି, ବଜାର ନିର୍ଭରଶୀଳତା ବଢୁଛି, ଜମିର ଓ ପରିବେଶର କ୍ଷତି ହେଉଛି। ଯନ୍ତ୍ରପାତି ବା ଜ୍ଞାନକୌଶଳର ବ୍ୟବହାର ହେବା ଭୁଲ୍ ନୁହେଁ। କିନ୍ତୁ ଚାଷୀଙ୍କର ସବୁ ସମସ୍ୟାର ସମାଧାନ ଜ୍ଞାନକୌଶଳ ଦ୍ୱାରା ସମାଧାନ ହୋଇପାରିବ ନାହିଁ। ସେଥିପାଇଁ ସରକାରଙ୍କୁ ଭିନ୍ନ ଭାବେ ନିଷ୍ପତ୍ତି ନେବାକୁ ପଡ଼ିବ। ଚାଷ ବ୍ୟବସ୍ଥାକୁ ବଜାର ନିର୍ଭରଶୀଳ ନ କରେଇ ସ୍ୱାବଲମ୍ବନଶୀଳ କରିବାକୁ ପଡ଼ିବ। ଚାଷୀଙ୍କର ନିବେଶ ଖର୍ଚ୍ଚ କମ୍ ହେବା ସହିତ ଉତ୍ପାଦନକୁ ଉଚିତ୍ ଦାମ ମିଳିଲେ ଚାଷରୁ ଚାଷୀଙ୍କର ଆୟ ବଢ଼ିପାରିବ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର, ମୋ: ୯୪୩୮୪୬୮୪୭୪**

## ପାଠକ ଶ୍ରେଷ୍ଠ ବିଚାରକ

### ୨୫ ପ୍ରତିଶତ ସିଟ୍‌ରେ ମାଗଣା ନାମ ଲେଖାଯାଉନି

ମହାଶୟ,

୨୦୦୯ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଅବହେଳିତ ଶ୍ରେଣୀର ପିଲାଙ୍କ ପାଇଁ ସବୁ ସ୍କୁଲରେ ୨୫ ପ୍ରତିଶତ ସିଟ୍ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହି ନିୟମାନୁସାରେ ରାଜ୍ୟରେ ଗଣଶିକ୍ଷା ବିଭାଗ ଏକ ପୋର୍ଟାଲ ପାରଦର୍ଶୀ ଉନ୍ମୋଚନ କରିଥିଲା। ଏଥିରେ ସବୁ ସ୍କୁଲ ୨୫ ପ୍ରତିଶତ ସିଟ୍ ସଂରକ୍ଷଣ ବିଷୟରେ ତଥ୍ୟ ଦେବା ସହିତ ପିଲାମାନେ ମଧ୍ୟ ଆବେଦନ କରିବାର ସୁବିଧା ରହିଛି। କିନ୍ତୁ କେତେକ ସ୍କୁଲ ପକ୍ଷରୁ ଏହି ଯୋଜନାରେ ନାମ ଲେଖାଇବା ପାଇଁ ଅଭିଭାବକ ଓ ପିଲାଙ୍କୁ ମନା କରାଯାଉଛି। ରାଜ୍ୟରେ ଗତବର୍ଷ ଏହି ଆଇନ କାର୍ଯ୍ୟକାରୀ ହୋଇଥିଲା। ସେଥିରେ ମାତ୍ର ପାଞ୍ଚହଜାର ପିଲା ନାମ ଲେଖାଇଥିଲେ। ଏହି ଆଇନ ଠିକ୍ ଭାବେ କାର୍ଯ୍ୟକାରୀ ହେଲେ ପାଖାପାଖି ୭୦ ହଜାରରୁ ଅଧିକ ଗରିବ ପିଲା ସୁବିଧା ପାଇପାରିବେ। ଚଳିତବର୍ଷ ମଧ୍ୟ ପ୍ରାୟ ୧୫ ହଜାର ପିଲା ନାମଲେଖା ପାଇଁ ପୋର୍ଟାଲରେ ଆବେଦନ କରି ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପୋର୍ଟାଲରେ ନାମଲେଖା ପାଇଁ ଆଉଥରେ ଆବେଦନ ସୁଯୋଗ ଦେବା ପାଇଁ ଗଣଶିକ୍ଷା ବିଭାଗର ଯୋଜନା ରହିଛି। ଏହି ଯୋଜନାରେ ୩ରୁ ୭ ବର୍ଷ ମଧ୍ୟରେ ପିଲା ଉଭୟ ନର୍ସରି ଓ ପ୍ରଥମ ଶ୍ରେଣୀରେ ନାମ ଲେଖାର ବ୍ୟବସ୍ଥା ରହିଛି। ହେଲେ କେତେକ ସ୍କୁଲ ଏହି ଯୋଜନାରେ ନାମଲେଖା ପାଇଁ ଅଭିଭାବକ ଓ ପିଲାଙ୍କୁ ମନା କରିବା ଅଭିଯୋଗ ଆସିବା ନିନ୍ଦନୀୟ ବିଷୟ।

**–ସତ୍ୟ ମହାପାତ୍ର, ଆଇନଜୀବୀ, ସେକ୍ଟର-୬, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିମେଷେ କେତେ ରୂପ ଫୁଟଇ ନୟନେ
ସେ ଆଖି ଦିଏ ଦେଖା ନିଶୀଥ-ଶୟନେ
ରୂପର ଉପାସନା ରଚଇ ମାନସେ
ସ୍ୱପନ ଧନ ତାହା ନୁହଇ ଆନ ସେ
ଦୂରର ତାରା ସମ ଦିଶଇ ଚେତନେ
ନିମେଷେ ଯେତେ ରୂପ ଫୁଟଇ ନୟନେ।
–(ସୁଦୂର ଗାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ରାଉରକେଲା ଅଫିସ,୧୪।୭:** ନାଗସାପ କାମୁଡି ଦେବାରୁ ଚାନ୍ଦିପୋଷ ଥାନା ଅଧୀନ ଯୋଡାବନ୍ଧ ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଲେମ୍‌ଲିନ୍ ମୁଣ୍ଡା(୩୦)। ରଘୁନାଥପାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯୧।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଲେମ୍‌ଲିନ ବୁଧବାର ରାତିରେ ଖାଇସାରି ଘର ବାରଣ୍ଡାରେ ଖଟ ପକାଇ ଶୋଇଥିଲେ। ଏହି ସମୟରେ ଏକ ନାଗସାପ ତାଙ୍କ ବାମ ଗୋଡକୁ କାମୁଡି ଦେଇଥିଲା। ସେ ଚିତ୍କାର କରିବାରୁ ଘର ଲୋକେ ନାଗସାପ ଖଟେ ତଳେ ଥିବା ଦେଖି ଲେମ୍‌ଲିନ୍‌ଙ୍କୁ ଜଣେ ଗୁଣିଆଙ୍କ ପାଖକୁ ନେଇ ଯାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆରଜିଏଚ୍‌କୁ ନିଆଯାଇଥିଲା। ସେଠାରେ ରାତି ସାଢ଼େ ୪ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଆର୍‌ଏସ୍‌ପିରୁ ଚୋରି: ୩ ଗିରଫ

**ରାଉରକେଲା ଅଫିସ,୧୪।୭:** ରାଉରକେଲା ଷ୍ଟିଲ ପ୍ଲାଣ୍ଟରୁ ଚୋରି ଅଭିଯୋଗରେ ଟାଙ୍ଗରପାଲି ପୋଲିସ ଗୁରୁବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଧମୁଣ୍ଡା ତିଲକାନଗର ଅଞ୍ଚଳର ରାଜଦେବ ସିଂ(୨୫), ଉତ୍ତମବସ୍ତିର ରାଜେନ୍ଦ୍ର ସୁରିନ(୨୪) ଓ ତରକେରାର ସଞ୍ଜୟ୍ ତାମ୍‌ଡିଆ(୨୫)। ରାଜେନ୍ଦ୍ର, ସଞ୍ଜୟ୍ ଓ ରାଜଦେବ ଆରଏସ୍‌ପିର ପାଚେରି ଡେଇଁ ବୁଧବାର ରାତି ସାଢ଼େ ୨ଟାରେ କାରଖାନା ଭିତରକୁ ପଶିଥିଲେ। ସେମାନେ ଷ୍ଟକିୟାର୍ଡରୁ ୫୦ କେ.ଜି ଆଲୁମିନିୟମ୍ ସ୍କ୍ରାପ୍ ଓ ୨୦ କେ.ଜି କପର କେବୁଲ ଚୋରି କରିବା ସମୟରେ ସିଆଇଏସ୍‌ଏଫ ଯବାନ ସେମାନଙ୍କୁ କାବୁ କରିଥିଲେ। ପରେ ଯବାନମାନେ ୩ ଅଭିଯୁକ୍ତଙ୍କଠାରୁ ଚୋରି ସାମଗ୍ରୀ ଜବତ କରି ଟାଙ୍ଗରପାଲି ପୋଲିସକୁ ହସ୍ତାନ୍ତର କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୩।୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ଆରଏସ୍‌ପି ହଟ୍‌ଷ୍ଟ୍ରିପ୍ ମିଲ୍ କର୍ମଚାରୀ ପୁରସ୍କୃତ

**ରାଉରକେଲା ଅଫିସ,୧୪।୭:** ଆରଏସ୍‌ପିର ହଟ୍‌ଷ୍ଟ୍ରିପ୍ ମିଲ୍ ବିଭାଗ ଅଧିକାରୀଙ୍କ ସହିତ ୧୨ ଜଣିଆ କର୍ମଚାରୀ ଦଳ ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ ହୋଇଛନ୍ତି। ହଟ୍‌ଷ୍ଟ୍ରିପ୍ ମିଲ୍ ବିଭାଗର ସିଜିଏମ୍ ଦେବବ୍ରତ ଦତ୍ତ ସେମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଡେପୁଟି ମ୍ୟାନେଜର ସୁମିତ ବର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିରୋ ଲେଭଲରେ ଆଲାର୍ମ ପ୍ରଣାଳୀ ବିଶିଷ୍ଟ ନୂତନ ଡିୱାଟରିଂ ପମ୍ପ ଷ୍ଟାର୍ଟ ଅପ୍ ପ୍ୟାନେଲ ସ୍ଥାନାନ୍ତର ପୂର୍ବକ ଆରଓଟି କୋଲ୍ଡ ୱାଟର ପମ୍ପ କଲରରେ ଜଳ ଜମାଟ ବାନ୍ଧିବାକୁ ରୋକିବା, ପ୍ରକଳ୍ପ ସଫଳତା ପାଇଁ ଉକ୍ତ ଦଳକୁ ପୁରସ୍କୃତ କରାଯାଇଥିଲା।

### ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ବିୟୋଗ

**ନାକଟିଦେଉଳ,୧୪।୭ (ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ମହୁକୁଦ ଗ୍ରାମର ଅବସରପ୍ରାପ୍ତ ପୋଲିସ ନିରୀକ୍ଷକ କାହ୍ନୁଚରଣ ରାଉଳଙ୍କର ବୁଧବାର ରାତିରେ ବରଗଡ଼ସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୬୪ ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ୨ ପୁଅ, ୨ ଝିଅ, ଜ୍ୱାଇଁ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମରଶରୀର ପୈତୃକ ଗ୍ରାମ ମହୁକୁଦ ଅଣାଯିବା ପରେ ଗାଁ ଶ୍ମଶାନରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଛି।

### ନାତୁଣୀଙ୍କୁ ବଳାତ୍କାର, ସମ୍ପର୍କୀୟ ଅଜା ଗିରଫ

ରାଉରକେଲା ଅଫିସ,୧୪।୭ ନାତୁଣୀଙ୍କୁ ବଳାତ୍କାର ଅଭିଯୋଗରେ ସମ୍ପର୍କୀୟ ଅଜାଙ୍କୁ ଉଦିତନଗର ପୋଲିସ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଲଗୋଦାମ ଅଞ୍ଚଳର ଦେବାନନ୍ଦ ପାଠକ(୬୩)। ପୋଲିସ ଏ ନେଇ ଏକ ମାମଲା (ନଂ.୧୭୬।୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ବୁଧବାର ରାତି ୯ଟାରେ ଉକ୍ତ ନାବାଳିକା ନାତୁଣୀ ଦେବାନନ୍ଦଙ୍କ ଘର ପାଖରେ ଖେଳୁଥିଲେ। ଏହି ସମୟରେ ସେ ତାଙ୍କୁ ଘରକୁ ଡାକିନେଇ ବଳାତ୍କାର କରିଥିଲେ। ପରେ ନାବାଳିକା ଜଣଙ୍କ ପରିବାର ଲୋକଙ୍କୁ ଏ ନେଇ କହିବା ପରେ ଥାନାରେ ଅଭିଯୋଗ ହୋଇଥିଲା।



ହକି କ୍ୟାଡେଟ ଚୟନ ପାଇଁ ରାଉରକେଲାରେ ଅଭ୍ୟାସ ମ୍ୟାଚ୍ ଚାଲିଛି।

# ସେଲ୍ ହକି ଏକାଡେମୀ ପାଇଁ ୨୦ କ୍ୟାଡେଟ୍ ଚୟନ

**ରାଉରକେଲା ଅଫିସ,୧୪।୭**

ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ସେଲ୍ ହକି ଏକାଡେମୀରେ ନାମଲେଖା ପାଇଁ ୨୦ ଜଣ ଯୁବ ପ୍ରତିଭାଙ୍କୁ ଚୟନ କରାଯାଇଛି। ସେକ୍ଟର-୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍‌ରେ ଏହି ଚୟନ ପ୍ରକ୍ରିୟା ୫ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ୨୮୩ ଜଣ ହକି ପ୍ରତିଭା ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୪ରୁ ୧୬ ବର୍ଷ ମଧ୍ୟରେ ୧୬୬ ଜଣ ଯୁବ ପ୍ରତିଭା ଯୋଗ୍ୟ ଘୋଷିତ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୨୨ଟି ଅଭ୍ୟାସ ମ୍ୟାଚ୍ ନିଜ ଭିତରେ ଓ ସେଲ ହକି ଏକାଡେମୀ ମଧ୍ୟରେ ଖେଳା ଯାଇଥିଲା। ସେଥିମଧ୍ୟରୁ ସ୍କ୍ରିନିଙ୍ଗ ପରେ ୯୦ ଜଣ ପ୍ରତିଭାବାନ ଖେଳାଳିଙ୍କୁ ପରବର୍ତ୍ତୀ ରାଉଣ୍ଡରେ ଭାଗ ନେବା ପାଇଁ ଚିହ୍ନ କରାଯାଇଥିଲା। ସେଥିରୁ ୫୦ ଜଣ ମେଧା ତାଲିକାରେ ସ୍ଥାନ ପାଇଥିଲେ। ସେମାନଙ୍କ ମଧ୍ୟରୁ ୨୦ ଜଣ ମେକାନିକାଲ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇ ସେଲ୍ ହକି ଏକାଡେମୀରେ ଭର୍ତ୍ତି ହେବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

ସୂଚନାଯୋଗ୍ୟ, ଚୟନ ହୋଇଥିବା ନୂତନ ଖେଳାଳିମାନଙ୍କୁ ଏକାଡେମୀ ପକ୍ଷରୁ ରହିବା, ଖାଇବା, ମାସିକ ବୃତ୍ତି, ଶିକ୍ଷା ଓ ଅତ୍ୟାଧୁନିକ ଜିମ୍ନାସିୟମ ସୁବିଧା ମାଗଣାରେ ଯୋଗାଇ ଦିଆଯାଇଥାଏ। ଏଥିସହ ସେମାନଙ୍କ ଖେଳ କିଟ୍ ସହ ସ୍ୱାସ୍ଥ୍ୟ ଚିକିତ୍ସା, ସ୍କୁଲ ଶିକ୍ଷା ବ୍ୟବସ୍ଥା, ତାଲିମ ସମୟରେ ବୀମା ସୁବିଧା ପ୍ରଦାନ କରାଯାଇଥାଏ। ଏହି କ୍ୟାଡେଟମାନଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଖେଳିବାର ସୁଯୋଗ ମିଳିଥାଏ। ସେଲ ହକି ଏକାଡେମୀ ପକ୍ଷରୁ ପୂର୍ବରୁ ଅଲିମ୍ପିଆନ ବିରେନ୍ଦ୍ର ଲାକ୍ରା, ସିଲାନନ୍ଦ ଲାକ୍ରା, ପଙ୍କଜ ରଜକ, ଅଯୁବ ଏକ୍କା, ଜନ ଜୁଆଲ ଟପ୍ପୋ, ଅଜୁବ ଏକ୍କା ଭଳି ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

# ନ୍ୟୁ ଏଲ୍‌ଆଇସି କଲୋନୀରେ ଡ୍ରେନ୍ ବ୍ୟବସ୍ଥା ନାହିଁ

**ସମ୍ବଲପୁର,୧୪।୭ (ବ୍ୟୁରୋ)**

### ରାସ୍ତା ଉପରେ ପାଣି, ଯାତାୟାତରେ ଅସୁବିଧା

ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୨୯ ଅନ୍ତର୍ଗତ ସରଲାକାନୀ ନ୍ୟୁ ଏଲ୍‌ଆଇସି କଲୋନୀରେ ଡ୍ରେନ ବ୍ୟବସ୍ଥା ନାହ। ଫଳରେ ବର୍ଷାଜଳ ଓ ଜନସାଧାରଣ ବ୍ୟବହୃତ କରୁଥିବା ଦୂଷିତ ପାଣି ରାସ୍ତାରେ ବୋହୁଛି। ଏଥିଯୋଗୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ ଓ ଜନପ୍ରତିନିଧିଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ସୂଚନାଯୋଗ୍ୟ ଯେ, ଏହି ରାସ୍ତା ଦେଇ ଅଇଁଠାପାଲି, ଅନଗୁଲିଆପଡା, ସରଲାକାନୀ ସମେତ ବିଭିନ୍ନ ଗ୍ରାମାଞ୍ଚଳର ଛାତ୍ରୀମାନେ ପାଠ ପଢ଼ିବାକୁ ସମ୍ବଲପୁର ସରକାରୀ ମହିଳା କଲେଜକୁ ଯିବାଆସିବା କରିଥାନ୍ତି। ସେହିପରି କ୍ରୀଡାବିତ୍‌ମାନେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମକୁ ଅଭ୍ୟାସ କରିବାକୁ ଯାଇଥାନ୍ତି। ବିଶେଷତଃ ଡିଅର ପାର୍କକୁ ଯିବା ସକାଶେ ଏହି ରାସ୍ତାକୁ ଜନସାଧାରଣ ବ୍ୟବହାର କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଶୀଘ୍ର ଡ୍ରେନ ବ୍ୟବସ୍ଥା ସହ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ସରଲାକାନୀ ନ୍ୟୁ ଏଲ୍‌ଆଇସି କଲୋନୀ ରାସ୍ତାରେ ପାଣି।

# ଦ୍ରୌପଦୀଙ୍କ ପ୍ରତି କଟୂକ୍ତି ପାଇଁ କଂଗ୍ରେସ କ୍ଷମା ମାଗୁ: ଭାଜପା




ଭାଜପା କର୍ମୀ ଓ ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ରାଉରକେଲା ଅଫିସ,୧୪।୭**

### ରାହୁଲ ଗାନ୍ଧୀଙ୍କ କୁଶ ପୁତୁଳିକା ଦାହ

ଭାରତର ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ମୁଖପାତ୍ର ଯେଭଳି କଟୂକ୍ତି କରିଛନ୍ତି ତାହାକୁ ବିରୋଧ କରି ଜିଲା ଭାଜପା ପକ୍ଷରୁ ଗୁରୁବାର ଉଦିତନଗର ସ୍ଥିତ ଆମ୍ବେଡ୍‌କର ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପାର ଶତାଧିକ କର୍ମୀ ଉପସ୍ଥିତ ରହି କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏଥିସହ ରାଷ୍ଟ୍ରପତି ପ୍ରାର୍ଥିନୀ ମୁର୍ମୁ ଅନୁସୂଚିତ ଜାତି ବର୍ଗର ମହିଳା ହୋଇଥିବାବେଳେ ତାଙ୍କୁ ଏଭଳି ଭାଷା ପ୍ରୟୋଗ କରିବା ଲଜ୍ଜାଜନକ କଥା। ତେଣୁ ଏ ନେଇ କଂଗ୍ରେସ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି ଭାଜପା ଦାବି କରିଛି। ଭାଜପାର କାର୍ଯ୍ୟକାରୀ ସଭାପତି ଅରୁଣ ପାଣିଗ୍ରାହୀଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ନିହାର ରାୟ, ଜଗବନ୍ଧୁ ବେହେରା, ସୁବ୍ରତ ପଟ୍ଟନାୟକ, ଭଗବାନ ରାଉତ, ବିନ୍ଦର ସିଂ, ଦୀପକ ତିୱାରୀ, ପ୍ରବାଳ ବାରି, ବାବୁଲି ମୁର୍ମୁ, ଶଙ୍କର ପୂଜାରୀ, ପରେଶ ମିଶ୍ର, ଅଶୋକ ଗିରି, ସୋନୁ ସିଂ, ଆଶିଷ ଶର୍ମା, ରାଜୁ ସିଂ, ପ୍ରମିଳା ଜେନା, ଦେବେନ୍ଦ୍ର ଦାସ, ଈଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କାର୍ ଧକ୍କାରେ ସାଇକେଲ ଚାଳକ ଗୁରୁତର

**ବଡ଼ଗାଁ, ୧୪।୭(ଡି.ଏନ.ଏ.)**

ବଡ଼ଗାଁ ଥାନା ତୁଡାଲଗା ଗାଁ ନିକଟ ମଙ୍ଗଳା ମନ୍ଦିର ସମ୍ମୁଖ ରାଜ୍ୟ ରାଜପଥରେ ଗୁରୁବାର ମଧ୍ୟାହ୍ନରେ ଏକ କାର ଧକ୍କାରେ ଜଣେ ଆହତ ହୋଇଛନ୍ତି। ସେ ହେଲେ ତୁଡାଲଗା ଗାଁର ମହରଗୁ ତେଲି। ସେ ସାଇକେଲରେ ଯାଉଥିବାବେଳେ କାର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଗାଁ ମେଡିକାଲକୁ ଆଣିଥିଲେ। ଧକ୍କା ଦେବା ପରେ ଡ୍ରାଇଭର କାରକୁ ନେଇ ଦ୍ରୁତଗତିରେ ସୁନ୍ଦରଗଡ଼ ପଟକୁ ଚାଲିଯାଇଥିଲେ।


**ADVERTISEMENT**

**INVITATION OF APPLICATION FOR ENGAGEMENT OF CRCCs ON DEPLOYMENT BASIS UNDER SAMAGRA SHIKSHA, SUBARNAPUR**

**No.1368, Date:13.07.2022**

Applications are invited from the eligible Elementary Cadre Teachers of Subarnapur District for selection of 57 nos. CRCCs under Samagra Shiksha, Subarnapur through Visioning Test on deployment basis. The interested candidates shall submit their application forms addressing to District Project Coordinator, Samagra Shiksha, Subarnapur by Speed Post/Regd. Post/ Currier only by 29.07.2022. Incomplete application and application received after the due date will be rejected.

The details of eligibility criteria, documents to be submitted, application format and undertaking format will be available in concerned Block Education Offices as well as in the office of the District Project Coordinator, Samagra Shiksha, Subarnapur and district website i.e. www.Subarnapur.nic.in.

The authority reserves every right to cancel, amend or alter the advertisement without assigning any reason thereof.

**By order of Collector-cum-Chairperson, Samagra Shiksha, Subarnapur**
**Sd./- District Project Coordinator**
**Samagra Shiksha, Subarnapur**

**OFFICE OF THE PRINCIPAL, I/C-CUM-SECRETARY**
**JARASINGHA HIGHER SECONDARY SCHOOL,**
**JARASINGHA, DIST-BALANGIR,ODISHA-767067**

**Notice No.269** **Date:14.07.2022**

**REQUIREMENT**

Applications are invited by post from eligible candidates having minimum 55% of marks at P.G. Level for engagement as Lecturer in Political Science with complete Bio-data within ten days from the publication of this advertisement. Remuneration of Rs.250/- per period maximum 40 periods per month has been fixed up for the said engagement.

**Sd./-Principal I/C-Cum-Secretary**
**Jarasingha Higher Secondary School,**
**Jarasingha, Dist-Balangir, Odisha**

**GOVERNMENT OF ODISHA** No. O-646

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL**

No. 1248 Email: sencrwangul@yahoo.co.in, Ph.: 06764-236404 Dt.12.07.2022

**e-Procurement NOTICE for Maintenance Work in Odisha**

1. Name of the work : Maintenance Work
2. Total No. of Work : 17 Nos.
3. Estimated Cost : Rs.100.00 Lakhs to Rs.220.07 Lakhs
4. Class of Contractor : 'B' & 'A' Class
5. Period of Completion : 05 (Five) Calendar Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Maintenance Online AGL-06/2022-23 | 16.07.2022 at 10.00 A.M. | 01.08.2022 upto 3.00 P.M. | 27.07.2022 upto 1.00 P.M. | 01.08.2022 at 04.00 P.M. | Will be intimated later on |

For detailed Notice inviting tenders, please visit to the website **www.tendersorissa.gov.in**.

**OIPR-25180/11/0009/2223** **Sd./- Chief Construction Engineer, Rural Works Circle, Angul**

**GOVERNMENT OF ODISHA** No. O-642

**OFFICE OF THE EXECUTIVE ENGINEER, RURAL WORKS DIVISION, BHUBANESWAR**

Ph. No. 0674-2301787, Fax No. 0674-2300965, E-Mail ID: eerw_bbsr@yahoo.co.in

No. Tender-Online-BBSR Divn. - 15 Date: 11.07.2022

**e-Procurement NOTICE**

1. Name of the work : Repair of Road Works
2. Total No. of Road : 1 No.
3. Class of Contractor :
   a) Estimated cost more than Rs. 40.00 lakh & not exceeding to Rs.1.50 Crore : "A" & "B" Class (of Odisha PWD) or relevant class of other licensing authorities.
   b) Estimated cost more than Rs.20.00 lakh & not exceeding to Rs.40.00 lakh : "B" & "C" Class (of Odisha PWD) or relevant class of other licensing authorities.
   c) Estimated cost not exceeding to Rs.20.00 lakh : "C" & "D" Class (of Odisha PWD) or relevant class of other licensing authorities.
4. Estimate cost of individual projects : Rs.65.00 lakh
5. Time for completion : 3 (Three) Calendar months
6. Other details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bhubaneswar | Tender Online - BBSR Divn. - 15 | 18.07.2022 at 11.00 A.M. | 01.08.2022 upto 5.00 P.M. | 02.08.2022 at 11.00 A.M. | 06.08.2022 at 11.00 A.M. |

7. Further details can be seen from the website **www.tendersorissa.gov.in**.
8. Corrigendum if any/shall only be published in the above website.

**OIPR-25066/11/0017/2223** **Sd./- Executive Engineer, Rural Works Divn. BBSR**

**obcc**

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)

**No-4618** **Date. 13.07.2022**
**File: SMT-1804**

**EXPRESSION OF INTEREST (EOI) FOR DEVELOPMENT OF WATER SPORTS FACILITIES IN SUANDO, PURI ON PPP MODE**

**No.CAD-1116:**OBCC invites Expression of Interest (EOI) from reputed Developers for Development of Water Sports Activities on the Bhargavi River near Suando Village, Puri, Odisha on Public Private Partnership (PPP) mode. OBCC shall provide the land to the selected developer for a term lease of 5 years .

The site location is opposite to the Birthplace of Pandit Utkalmani Gopabandhu Das at Suando in Puri district, along the Bhargavi river.

**Eligibility Criteria:**
Please refer the EOI document (available at www.mdobcc.in) for detailed technical and financial criteria.

**EOI Submission:**
The EOI application must be submitted in a sealed envelope clearly marked **"DEVELOPMENT OF WATER SPORTS FACILITIES IN SUANDO, PURI"** through speed post/registered post/courier at the below mentioned address from **18.07.2022 to 19.08.2022 before 17:00 hrs.** OBCC will not be responsible for any postal/courier delay.
**Address-**Odisha Bridge and Construction Corporation Limited Vikash Bhavan, Nayapalli, Bhubaneshwar - 751012
For any query, please write to pmuobcc@gmail.com and md@obcc.in.

**Sd./- EIC-cum-Managing Director**
**OIPR-34106/11/0018/2223**

**ବିଜ୍ଞାପନ**

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା**

ନାମ: **ଦୁଷ୍ମନ୍ ମହାନନ୍ଦିଆ** (U/S)
କନଷ୍ଟେବଳ ନଂ.: ୫୨୫
ପିତା: ଦିବାକର୍ ମହାନନ୍ଦିଆ
ଗ୍ରାମ: ସର୍ଗିଗୁଡ଼ା, ପୋ.: ଏମ୍.କେ. ରାଇ
ଥାନା: ଗୁଡ଼ାରୀ, ଜିଲ୍ଲା: ରାୟଗଡ଼ା

No. D-95: ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା୨୪।୦୯।୨୦୨୦ରିଖ ଅପରାହ୍ଣଠାରୁ କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ ଏବଂ ମୁଖ୍ୟ କାର୍ଯ୍ୟାଳୟରୁ ଆପଣ ବିନା ଅନୁମତିରେ କାହାକୁ ନ ଜଣାଇ ତା୨୫।୧୦।୨୦୨୧ରିଖ ଅପରାହ୍ଣଠାରୁ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ ବାରମ୍ବାର ତଲବ ହେବା ସତ୍ତ୍ୱେ ଆପଣ ମୁଖ୍ୟ କାର୍ଯ୍ୟାଳୟରେ ଯୋଗ ଦେଉ ନାହାଁନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି।
ଏଣୁ ଏହି ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି, ଆପଣ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ, ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ,
ଭାମିନୀ, ରାୟଗଡ଼ା

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା**

ନାମ: **ମାଧବ ଉର୍ମା**
କନଷ୍ଟେବଳ ନଂ.: ୫୬୨
ପିତା: କୁମ୍ପି ଉର୍ମା
ଗ୍ରାମ: ଚିଖିଲି, ପୋ.: ରେମତା
ଥାନା: ରେଙ୍ଗାଲି, ଜିଲ୍ଲା: ଝାରସୁଗୁଡ଼ା

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା୧୦।୧୨।୨୦୨୧ରିଖ ଅପରାହ୍ଣଠାରୁ ତା୧୬।୧୨।୨୦୨୧ରିଖ ଅପରାହ୍ଣ ପର୍ଯ୍ୟନ୍ତ ୦୬ଦିନ ସାମୟିକ ଛୁଟିରେ ଯାଇଥିଲେ। ଆପଣ, ଆପଣଙ୍କ କାର୍ଯ୍ୟରେ ତା୧୭।୧୨।୨୦୨୧ରିଖ ପୂର୍ବାହ୍ଣରେ ଯୋଗ ଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉ ନାହାଁନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି କି ଆପଣ ଉଦ୍ଦେଶ୍ୟ ମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି ଏବଂ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୁଲିସ୍ ବିଭାଗରେ ନିଯୁକ୍ତି କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ।
ଏଣୁ ଏହି ନୋଟିସ୍ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି, ଆପଣ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିଜର ନିମ୍ନ ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ, ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ,
ଭାମିନୀ, ରାୟଗଡ଼ା

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା**

ନାମ: **ଅଜୟ କୁମାର ପାତ୍ର**
କନଷ୍ଟେବଳ ନଂ.: ୩୮୮
ପିତା: ସ୍ୱର୍ଗତ ସୁସିଳ କୁମାର ପାତ୍ର
ଗ୍ରାମ: ରସମତଲା, ପୋ.: ରସମତଲା
ଥାନା: କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା୧୫।୦୧।୨୦୨୨ରିଖ ଅପରାହ୍ଣଠାରୁ ତା୨୦।୦୧।୨୦୨୨ରିଖ ଅପରାହ୍ଣ ପର୍ଯ୍ୟନ୍ତ ୦୫ଦିନ ସାମୟିକ ଛୁଟି ନେଇ ଯାଇଥିଲେ। ଆପଣ, ଆପଣଙ୍କ କାର୍ଯ୍ୟରେ ତା୨୧।୦୧।୨୦୨୨ରିଖ ପୂର୍ବାହ୍ଣରେ ଯୋଗ ଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି ଏବଂ ବାରମ୍ବାର କାର୍ଯ୍ୟରେ ଅନୁପସ୍ଥିତ ରହୁଛନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ବିଶୃଙ୍ଖଳା ସୃଷ୍ଟି ହେଉଛି।
ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି, ଆପଣ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ, ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ,
ଭାମିନୀ, ରାୟଗଡ଼ା

OIPR-12029/11/0016/2223

## ଆଜି କ'ଣ କେଉଁଠି

ସମ୍ବଲପୁର

- ଆଲୋଚନାଚକ୍ର ଓ ରାଜ୍ୟସ୍ତରୀୟ ଯୋଗ ଶିବିର, ବୁଢ଼ାରଜା ଆନନ୍ଦ ମାର୍ଗ ଆଶ୍ରମ, ପୂର୍ବାହ୍ନ ୯ଟା।
- ଭକ୍ତି ସାହିତ୍ୟ ଅନୁବାଦ କର୍ମଶାଳା ଉଦ୍‌ଯାପନୀ ଉତ୍ସବ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଭାକକ୍ଷ, ଅପରାହ୍ନ ୩ଟା।

## ସଂକ୍ଷେପରେ

### ନଦୀରେ ବୁଡ଼ି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ରେଙ୍ଗାଲି,୧୪।୭(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ଥାନ ଅନ୍ତର୍ଗତ କୁର୍ଲା ଗ୍ରାମର ଜଣେ ମତ୍ସ୍ୟଜୀବୀ ନଦୀକୁ ମାଛ ମାରିବାକୁ ଯାଇଥିବାବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ଗ୍ରାମର ରତ୍ନମଣି ଭୁଏ (୩୪)। ସୂଚନା ଅନୁସାରେ ମିର୍ଗୀ (ବାତ) ରୋଗରେ ଆକ୍ରାନ୍ତ ଥିବା ରତ୍ନମଣି ଗତ ୧୩ ତାରିଖରେ ନଦୀକୁ ମାଛ ଧରିବାକୁ ଯାଇଥିଲେ। ମାଛ ଧରିବା ସମୟରେ ହଠାତ୍ ରୋଗ ବାହାରିବାରୁ ସେ ନଦୀରେ ବୁଡ଼ିଯାଇଥିଲେ ଓ କିଛି ସମୟ ମଧରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୁର୍ଲା ଡାକ୍ତରଖାନା ପଠାଇଥିଲା। ଏ ନେଇ ରେଙ୍ଗାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଘେନୁପାଲି ପଞ୍ଚାୟତରେ ବନ ମହୋତ୍ସବ

**ପଡିଆବାହାଲ,୧୩।୭(ଡି.ଏନ.ଏ.):** ଯୁଯୁମୁରା ବ୍ଲକ ଘେନୁପାଲି ପଞ୍ଚାୟତର ବଡ଼ସାହି ହାଇ ସ୍କୁଲଠାରେ ବନ ବିଭାଗ ସହଯୋଗରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଯୁଗଳ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତେଜରାଜ ନାୟକ ମୁଖ୍ୟଅତିଥି, ପଡିଆବାହାଲ ରେଞ୍ଜର ପବିତ୍ର ମୋହନ ମାଝି ସମ୍ମାନିତ ଅତିଥି, ଚିତ୍ତରଞ୍ଜନ ପଧାନ ମୁଖ୍ୟ ବକ୍ତା, ବଡ଼ସାହିର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକିଶୋର ପାଣିଗ୍ରାହୀ, ଫରେଷ୍ଟର ବିଶ୍ୱଜିତ ରାଉତ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଶୋଭାଯାତ୍ରା କରି ବୃକ୍ଷ ରୋପଣ ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଶିକ୍ଷୟିତ୍ରୀ ସବିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଛାତ୍ରୀଛାତ୍ର, ଗ୍ରାମବାସୀଙ୍କ ଦ୍ୱାରା ବୃକ୍ଷରୋପଣ

**କୁଚିଣ୍ଡା,୧୪।୭(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ଖଣ୍ଡୋକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ଦ୍ୱାରା ଗୁରୁବାର ବୃକ୍ଷରୋପଣ କରାଯାଇଛି। ସହକାରୀ ଶିକ୍ଷକ ପ୍ରମୋଦ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ନଗରିଆ, ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ବାରିକ, ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ, ଶିକ୍ଷୟିତ୍ରୀ ମାଧବୀ ସାହୁ, କଲ୍ୟାଣୀ ନାୟକ, ଲକ୍ଷ୍ମଣ ପୃଷେଠ, ସ୍ନେହଲତା ପଟେଲ, ଲୋଭ କାନ୍ତି ପଟେଲଙ୍କ ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇ ୨ଶହ ଚାରା ରୋପଣ କରିଥିଲେ। ଏଥିରେ ବୟୋଜ୍ୟେଷ୍ଠ ନାଗରିକ ରାମଚନ୍ଦ୍ର ଜୟପୁରିଆ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତାପିନୀ ସାହୁ, ବିଜୟା ପଟେଲ, ଏମ୍‌ବିକେ ଆରତି ପଟେଲ, କୃଷିମିତ୍ର ଲୋଭା ମଞ୍ଜରୀ ପଟେଲ, ସିଆର୍‌ସିସି ତପସ୍ୟା ବାଘ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସ୍କୁଲ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅବସରପ୍ରାପ୍ତ ଅଧିକାରୀଙ୍କ ପୁନଃ ନିଯୁକ୍ତିକୁ ବିରୋଧ

- ଓପିଜିସିରେ ଚାକିରି ସର୍ତ୍ତାବଳୀ ଉଲ୍ଲଂଘନ ଅଭିଯୋଗ
- ପ୍ରତ୍ୟାହାର ନ କଲେ ଆନ୍ଦୋଳନ

**ଝାରସୁଗୁଡ଼ା ଅଫିସ,୧୪।୭**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି) ରାଜ୍ୟ ସରକାରଙ୍କ ଏକ ସରକାରୀ ଉଦ୍ୟୋଗ ହୋଇଥିବାବେଳେ ଏଠାରେ ସରକାରୀ ନୀତିନିୟମ ଅନୁଯାୟୀ ଚାକିରି ସର୍ତ୍ତାବଳୀ ରହିଛି। ଏହି ଅନୁଯାୟୀ ଅଧିକାରୀ ଓ କର୍ମଚାରୀ ୬୦ବର୍ଷରେ ଅବସର ଗ୍ରହଣ କରିଥାନ୍ତି। ପରେ ଏହି ସ୍ଥାନରେ ଆବଶ୍ୟକତା ଅନୁଯାୟୀ ନବନିଯୁକ୍ତି ଦିଆଯାଇଥାଏ। ହେଲେ ନିଗମ କର୍ତ୍ତୃପକ୍ଷ ଏହାକୁ ଉଲ୍ଲଂଘନ କରି ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁଣି ନିଯୁକ୍ତି ଦେଇଛନ୍ତି। କର୍ତ୍ତୃପକ୍ଷଙ୍କ ଏଭଳି ମନମୁଖି କାର୍ଯ୍ୟକୁ ଅଧିକାରୀ ଓ କର୍ମଚାରୀ ବିରୋଧ କରୁଛନ୍ତି। ଏହାକୁ ପ୍ରତ୍ୟାହର କରା ନ ଗଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଓପିଜିସିର ବନହରପାଲିସ୍ଥିତ ଇବ୍‌ଥର୍ମାଲ ପ୍ରକଳ୍ପରେ କାର୍ଯ୍ୟରତ ସିନିୟର ଆସିଷ୍ଟାଣ୍ଟ ମ୍ୟାନେଜର (ଫାଇନାନ୍ସ) ସନ୍ତୋଷ କୁମାର ସାହୁ ଗତ ମେ' ମାସରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ପୁନର୍ବାର ତାଙ୍କୁ ଜମି ଅଧିଗ୍ରହଣ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ଏହାର ପତ୍ର ସଂଖ୍ୟା ୧୦୬୫, ଚୁକ୍ତିଭିତ୍ତିକ ନଂ ଓପିଜିସି/ଏଚ୍‌ଆର୍/୧୦୧୨, ତାରିଖ ୨୩।୬।୨୨ ରହିଛି। ଏହା ଜଣାପଡ଼ିବା ପରେ ଓପିଜିସି ଅଫିସର୍ସ ଆସୋସିଏଶନ, ଓପିଜିସି ଏମ୍ପ୍ଲଇଜ୍ ୟୁନିୟନ ଓ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀମାନେ ଏହାକୁ ବିରୋଧ କରିଛନ୍ତି। ସେମାନେ ଏ ନେଇ ମୁଖ୍ୟଶାସନ ସଚିବ, ଶକ୍ତି ସଚିବ, ଶକ୍ତିମନ୍ତ୍ରୀ, ଓପିଜିସି ମୁଖ୍ୟ ପରିଚାଳକ (ଏମ୍‌ଡି), ନିର୍ଦ୍ଦେଶକ (ଅପରେଶନ) ପ୍ରମୁଖଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିରେ ଉଲ୍ଲେଖ ରହିଛି ସ୍ଥାନୀୟ ଲୋକେ ପ୍ରକଳ୍ପ ନିର୍ମାଣପାଇଁ ଜମି, ବାସଗୃହ ହରାଇ ବିସ୍ଥାପିତ ହେଲେ। ନିଗମରେ ଚାକିରି କରୁଥିବା ବିସ୍ଥାପିତମାନେ ତାଙ୍କର ଚାକିରିକାଳ ଶେଷ ହେବାପରେ ଚାକିରିରୁ ଅବସର ଗ୍ରହଣ କଲେ। ଆଉ କେତେଜଣ ବିସ୍ଥାପିତ ଦୀର୍ଘ ୩୫ବର୍ଷ ହେଲା ଚାକିରିପାଇଁ ଲଢେଇ ଜାରି ରଖି ବିଭିନ୍ନ ଠିକାସଂସ୍ଥାରେ ନିୟୋଜିତ ଅଛନ୍ତି। ଏଭଳି ସ୍ଥିତିରେ ନିଗମ କର୍ତ୍ତୃପକ୍ଷ କାହା ସ୍ୱାର୍ଥରେ ସରକାରୀ ନିୟମ ଉଲ୍ଲଂଘନ କରି ଅବସରପ୍ରାପ୍ତ ଅଧିକାରୀ ସାହୁଙ୍କୁ ପୁନଃ ନିଯୁକ୍ତି ଦେଲେ। ପୂର୍ବରୁ ନିଗମରୁ ଶତାଧିକ ଅଧିକାରୀ ଓ କର୍ମଚାରୀ ଅବସର ଗ୍ରହଣ କରିଥିଲେ ମଧ୍ୟ କେହି ପୁନଃ ଅବସ୍ଥାପିତ ହୋଇନାହାନ୍ତି। ଇବ୍‌ଥର୍ମାଲ ପ୍ରକଳ୍ପ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତର ବିଜୟଲାଲ ବିଶ୍ୱାଳ ଗତବର୍ଷ ଚାକିରିରୁ ଅବସର ଗ୍ରହଣ କରିଥିଲେ। ସେ ଜଣେ ସୁନାମଧନ୍ୟ ଡାକ୍ତର ହୋଇଥିବାରୁ ତାଙ୍କୁ ପୁନଃ ନିଯୁକ୍ତି ପାଇଁ ଅଞ୍ଚଳବାସୀ ଦାବି କରିଥିଲେ। ହେଲେ ଏହାକୁ ନିଗମ କର୍ତ୍ତୃପକ୍ଷ ଗ୍ରହଣ କରି ନ ଥିଲେ। ଏ ସମ୍ପର୍କରେ ପ୍ରକଳ୍ପର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହିମାଂଶୁ ବେହେରା କହିଛନ୍ତି, ଆବଶ୍ୟକତା ଅନୁଯାୟୀ ନିଗମ କର୍ତ୍ତୃପକ୍ଷ ତାଙ୍କୁ ଚୁକ୍ତିଭିତ୍ତିକ ଭାବେ ପୁନଃ ନିଯୁକ୍ତି ଦେଇଛନ୍ତି। ଏଥିରେ କୌଣସି ନିୟମ ଉଲ୍ଲଂଘନ ହୋଇନାହିଁ ବୋଲି ସେ କହିଛନ୍ତି।


ODISHA POWER GENERATION CORPORATION LTD.
(A Government Company of the State of Odisha.)
CIN : U40104OR1984SGC001429 ; GSTN -21AAACO4759R1ZZ
Regd. Off : ZONE - A, 7th Floor, Fortune Towers, Chandrasekharpur, Bhubaneswar - 751 023 Odisha
Ph. : 0674-2303765 - 66, Fax : 0674-2303755
Web : www.opgc.co.in

OPGC Power for Progress

REF NO. OPGC/HR/1065

Date: 30.06.2022

OFFICE ORDER No.1065/ 2022

Mr. Santosh Kumar Sahu is hereby engaged as Consultant (Land Acquisition) on Contractual basis with effect from 29.06.2022 (FN). The terms and conditions of his engagement shall be in accordance with Offer of Contractual Engagement no. OPGC/HR/1012, dated 23.06.2022, and terms of agreement therein. His other entitlement is equivalent to E2 Grade of OPGC.

He is posted at IB Thermal Power Station (ITPS), Banaharpali, Jharsuguda, and shall report to AGM (Admin & Security) for further instructions.

This issues with the approval of Competent Authority.

30.06.2022
Addl. General Manager (HR & Admin.)

Copies to:
1. PS to MD/ D (O), OPGC Ltd. for kind information of MD/D(O)
2. Company Secretary/ CFO, OPGC Ltd/ GM (HR)
3. GM (Project), ITPS, Banharpali
4. Head (HR & Admin) I/c, ITPS, Banharpali
5. Plant Manager (OPGC-I/II) / AGM (Admin & Security) ITPS, Banharpali
6. Time Office, ITPS/ Personal File
7. Person concerned

ଓପିଜିସି ତରଫରୁ ଜାରି କରାଯାଇଥିବା ନିଯୁକ୍ତିପତ୍ର।

## ଜିଲାପାଳଙ୍କ ସହ ସାମ୍ବାଦିକ ସଂଘର ଆଲୋଚନା

**ଜମନକିରା,୧୪।୭(ଡି.ଏନ.ଏ.)**

ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଗୁରୁବାର ଜମନକିରା ବ୍ଲକ ପରିଦର୍ଶନରେ ଆସିଥିବା ବେଳେ ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ବିଶେଷ କରି ରାଜରାସ୍ତା ଓ ବାଇପାସ୍ ରାସ୍ତା ଶୀଘ୍ର ଶେଷ କରିବା, ରାଶନ କାର୍ଡ ହାତେଇଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା, ବିଡ଼ିଓଙ୍କ କାର୍ଯ୍ୟକୁ ଉପଜିଲାପାଳ ତଦାରଖ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବେଆଇନ ଭାବେ ପଞ୍ଚାୟତ ଜାଗାରେ ନିର୍ମିତ ହେଉଥିବା ଗୃହ ଉଚ୍ଛେଦ କରିବା, ସାମ୍ବାଦିକ ଭବନ ନିର୍ମାଣ ପାଇଁ ଜାଗା ଚିହ୍ନଟ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଜିଲାପାଳ ଦାସ ଏ ନେଇ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ବେଳେ ଓଡ଼ିଶା ସାମ୍ବାଦିକ ସଂଘ ସମ୍ବଲପୁର ଶାଖାର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ପ୍ରସାଦ ଦାନି, ସମ୍ପାଦକ ସତ୍ୟପ୍ରିୟ ମହାପାତ୍ର, ଅଶୋକ କୁମାର ପଟେଲ, ଲିପନ ନାୟକ, ଅକ୍ଷୟ ଦେହୁରି, ନରେନ୍ଦ୍ର ସାହୁ, ବିଜୟାଲକ୍ଷ୍ମୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଶାଶୁଘର ଲୋକେ ମାରିଦେଇଥିବା ଅଭିଯୋଗ

**୧୫ଦିନ ହେଲା ମହିଳାଙ୍କ ପତ୍ତା ମିଳୁନାହିଁ**

- ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ବାପଘର ଲୋକେ

**ଝାରସୁଗୁଡ଼ା ଅଫିସ,୧୪।୭**

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା କତରବଗା ଗ୍ରାମର ଗୌର ପ୍ରଧାନଙ୍କ ସ୍ତ୍ରୀ ଗୀତାଞ୍ଜଳି (୩୮) ଗତ ୩୦ତାରିଖରୁ ନିଖୋଜ ହୋଇଯାଇଛନ୍ତି। ଘଟଣାକୁ ୧୫ଦିନ ବିତିଯାଇଥିଲେ ମଧ୍ୟ ତାଙ୍କର ପତ୍ତା ମିଳିନାହିଁ। ଏ ନେଇ ମହିଳାଙ୍କ ଭାଇ ଲକ୍ଷ୍ମଣ ସାହୁ ଗତ ୫ତାରିଖରେ ରେଙ୍ଗାଲି ଥାନା ଓ ଗତ ୮ତାରିଖରେ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ମାରିଦେଇଛନ୍ତି। ଦୋଷ ଲୁଚାଇବା ପାଇଁ ନିଖୋଜ ହୋଇଯାଇଥିବା ବାହାନା କରୁଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି। ରେଙ୍ଗାଲି ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଥାନା ଆଇଆଇସି କ୍ରେସେନସିଆ ସାମେରିଆ କହିଛନ୍ତି, ନିଖୋଜ ମହିଳାଙ୍କ ଶାଶୁଘର ଲୋକଙ୍କୁ ପଚରାଉଚରା ସହ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଉଛି। ଏହାସହ ମହିଳାଙ୍କ ସ୍ୱାମୀଙ୍କ ମୋବାଇଲ୍ ସିଡିଆର୍ ଯାଞ୍ଚ ପାଇଁ ପଠାଯାଇଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ୨୦୦୬ରେ କତରବଗା ଗ୍ରାମର ଗୌରଙ୍କ ସହିତ ସୁନ୍ଦରଗଡ଼ ଜିଲା ହିମଗିରି ଥାନା ବୁଦେଲକାନୀ ଗ୍ରାମର ବିମ୍ବାଧର ସାହୁଙ୍କ ଝିଅ ଗୀତାଞ୍ଜଳିଙ୍କ ବିବାହ ହୋଇଥିଲା। ଗୀତାଞ୍ଜଳି ୫ବର୍ଷ ଶାଶୁଘରେ ଠିକ୍‌ରେ ଚଳିଥିଲେ। ପରେ ସନ୍ତାନସନ୍ତତି ନ ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ। ଏହାର ଚିକିତ୍ସା ପାଇଁ ବାପଘରୁ ଟଙ୍କା ଆଣିବାକୁ ଶାଶୁଘର ଲୋକେ ଗୀତାଞ୍ଜଳିଙ୍କ ଉପରେ ଚାପ ପକାଉଥିଲେ। ଏପରି କି ଗୌରଙ୍କୁ ଦ୍ୱିତୀୟ ବିବାହ ପାଇଁ ଯୋଜନା ଚଳାଇଥିଲେ। ଏ ନେଇ ଗୀତାଞ୍ଜଳି ଭାଇ ଲକ୍ଷ୍ମଣଙ୍କୁ ଅନେକଥର କହିଛନ୍ତି। ହେଲେ ଭାଇଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ଭଉଣୀଙ୍କୁ ସହଯୋଗ କରିପାରି ନ ଥିଲେ। ଫଳରେ ଶାଶୁଘରେ ଭଉଣୀଙ୍କ ନିର୍ଯାତନା ବଢ଼ିଥିଲା। ଏଭଳି ସ୍ଥିତିରେ ଗତ ୩୦ତାରିଖରୁ ଗୀତାଞ୍ଜଳି କୁଆଡେ ନିଖୋଜ ହୋଇଯାଇଥିଲେ। ହେଲେ ଏ ନେଇ ଶାଶୁଘର ଲୋକେ ତାଙ୍କ ବାପ ଘରକୁ ଜଣାଇ ନ ଥିଲେ। ପରେ ନିଖୋଜ ଖବର ପାଇ ଲକ୍ଷ୍ମଣ ଭଉଣୀଘର କତରବଗା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଶାଶୁଘର ଲୋକେ ତାଙ୍କୁ ଦୁର୍ବ୍ୟବହାର କରିଥିବା ଲକ୍ଷ୍ମଣ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ଅସମ୍ପୂର୍ଣ୍ଣ କାର୍ଯ୍ୟ ସାରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ


ଅନ୍ୟ ଅଧିକାରୀଙ୍କ ସହ ଜିଲାପାଳ ବିଭିନ୍ନ ଅଞ୍ଚଳ ବୁଲୁଛନ୍ତି।

**ଜମନକିରା,୧୪।୭(ଡି.ଏନ.ଏ.)**

ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଗୁରୁବାର ଜମନକିରା ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ପୂର୍ବାହ୍ନରେ ଜିଲାପାଳ ବଡରମା ପଞ୍ଚାୟତର ମା' ବନଦୁର୍ଗା ମନ୍ଦିର ବୁଲି ବିଭିନ୍ନ ସମସ୍ୟା ନେଇ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନ ସାଢ଼େ ୧୨ଟାରେ ଜମନକିରା ଡାକ୍ତରଖାନା ପରିଦର୍ଶନ କରି ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମ୍ପର୍କରେ ଡାକ୍ତର ସିଦ୍ଧାର୍ଥ ବେହେରା ଓ ଫାଶୀମଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଶରତ ଚନ୍ଦ୍ର ଦେହୁରିଙ୍କ ସହ ଆଲୋଚନା କରି ୧ମାସ ମଧରେ ଗୃହକାର୍ଯ୍ୟ ଶେଷ କରିବା ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ କରିଥିଲେ। ପରେ ଜମନକିରାର ୫-ଟି ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ମିଶିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ମାର୍ଟ ସ୍କୁଲର ବିଭିନ୍ନ ସୁବିଧା ସୁଯୋଗ ଛାତ୍ରୀଛାତ୍ରଙ୍କୁ ଉପଲବ୍ଧ ପାଇଁ ପରାମର୍ଶ ଦେଇଥିଲେ। ପରେ ଡିମିରିମୁଣ୍ଡା ପଞ୍ଚାୟତର ଶଗଡ଼େଶ୍ୱର ମନ୍ଦିରକୁ ଯାଇ ବିଭିନ୍ନ ସମସ୍ୟା ବୁଝିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ତାଳପତ୍ରରେ ନିର୍ମିତ ସାମଗ୍ରୀ ଦେଖିଥିଲେ। ଜିଲାପାଳଙ୍କ ସହ କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋୟଲ, ବିଡ଼ିଓ ଟୁନୁ ମେହେର, ତହସିଲଦାର ଡ. ସୋମ୍ୟାରୁପା ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲିନି ସିଂ ପ୍ରମୁଖ ବିଭିନ୍ନ ଅଞ୍ଚଳ ବୁଲିଥିଲେ।

## ବିଏସ୍‌ଏନ୍‌ଏଲ୍ ଜିଏମ୍‌ଙ୍କ ସହ ଭାଜପା ପ୍ରତିନିଧିଙ୍କ ଆଲୋଚନା

**ସମ୍ବଲପୁର,୧୪।୭ (ବ୍ୟୁରୋ)**

ବିଏସ୍‌ଏନ୍‌ଏଲ୍ ମୋବାଇଲ ଓ ବ୍ରଡବ୍ୟାଣ୍ଡ ସେବା ବହୁ ସମୟ ଧରି ବଚ୍ଛିନ୍ନ ରହୁଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦୈନିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ନିରବଚ୍ଛିନ୍ନ ସେବା ଯୋଗାଇବା ଦାବିରେ ସମ୍ବଲପୁର ଭାଜପା ପ୍ରତିନିଧି ଦଳ ଗୁରୁବାର ବିଏସ୍‌ଏନ୍‌ଏଲ୍ ଜିଏମ୍ ବଳବିର ସିଂଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଜିଲାର ସମସ୍ତ ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ସେବାକୁ ଉତ୍ତମ ଭାବେ ଯୋଗାଇବା ପାଇଁ ନୂତନ ଟାୱାର ସ୍ଥାପନ ଓ ପୁରୁଣା ବ୍ୟାଟେରି ବଦଳାଇବା, ଜେନେରେଟର ନ ଥିବା ସ୍ଥାନରେ ବ୍ୟବସ୍ଥା କରିବା, ରେଢ଼ାଖୋଲ, ନାକଟିଦେଉଳ, ଯୁଯୁମୁରା ବ୍ଲକରେ ସବୁ ସମୟରେ ନେଟୱର୍କ ରହିବା ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ। ପ୍ରତିନିଧି ଦଳରେ ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ସୁନୀଲ ନନ୍ଦ, ପ୍ରଦୀପ ସୂପକାର, ମୁକେଶ ଜାରିୱାଲ, ଶ୍ରୀକାନ୍ତ ପାଣିଗ୍ରାହୀ, ମୁକେଶ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

# କଂଗ୍ରେସ ବିରୋଧରେ ଭାଜପାର ବିକ୍ଷୋଭ



ବିକ୍ଷୋଭରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

**କୁଚିଣ୍ଡା,୧୪।୭(ଡି.ଏନ.ଏ.)**

ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କ ଉପରେ କଂଗ୍ରେସ ନେତା ଅଜୟ କୁମାରଙ୍କ ମନ୍ତବ୍ୟକୁ ବିରୋଧ କରି କୁଚିଣ୍ଡା ଭାଜପା ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ ସହ ଫଟୋଚିତ୍ର ଦାହ କରାଯାଇଛି। କୁଚିଣ୍ଡା ବସ୍‌ଷ୍ଟାଣ୍ଡରେ ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଆନ୍ଦୋଳନ କରି ଅଜୟ କୁମାରଙ୍କ ଏଭଳି ମନ୍ତବ୍ୟ ଆଦିବାସୀ, ମହିଳା, ଦଳିତ ବିରୋଧୀ ଓ ରାହୁଲ ଗାନ୍ଧୀ ଏହାକୁ ସମର୍ଥନ କରିବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ନାରାବାଜି କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ ଓ ଉପେନ୍ଦ୍ର ପଟେଲ, ନଗର ଉପସଭାପତି ମହେଶ ରାୟ, ଜିଲା ମହିଳା ସଭାନେତ୍ରୀ ଅନୁପମା ନାୟକ, ପଦ୍ମଚରଣ ଗୁରୁ, ନଗର ସାଧାରଣ ସମ୍ପାଦକ ପ୍ରାଣବନ୍ଧୁ ନାଥ, ବିବେକ ରାୟ ପ୍ରମୁଖ ଯୋଗ ଦେଇଥିଲେ।

# ୨ ସନ୍ଦିଗ୍ଧ ଫେରାର: ୨ ଦେଶୀ ବନ୍ଧୁକ ଜବତ

**କୋଲାବିରା,୧୪।୭ (ଡି.ଏନ.ଏ.)**



ଝାରସୁଗୁଡ଼ା ଜିଲା କୋଲାବିରା ବନାଞ୍ଚଳରେ ତିନିଦିନ ପୂର୍ବେ ଏକ ଆହତ ହରିଣକୁ ଉଦ୍ଧାର କରାଯାଇଥିଲା। ମାତ୍ର ରାତିରେ ତା'ର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡାକଡି କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ସମାସିଂହା ଅଞ୍ଚଳରେ ବନପାଳ ରମାକାନ୍ତ ନାଏକଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବାବେଳେ ଭୋଗରାପାଲି ଗ୍ରାମ୍ୟ ଜଙ୍ଗଲ ନିକଟରେ କେତେଜଣ ସନ୍ଦିଗ୍ଧ ବ୍ୟକ୍ତି ବୁଲୁଥିବା ଦେଖାଯାଇଥିଲା। ନିକଟକୁ ଯିବାରୁ ସେମାନେ ୨ଟି ଦେଶୀ ବନ୍ଧୁକ ଫୋପାଡି ସେଠାରୁ ଦୌଡି ପଳାଇଥିଲେ। ବନ୍ଧୁକ ଦୁଇଟିକୁ ବନ କର୍ମଚାରୀ ଜବତ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ସମ୍ପୃକ୍ତ ଶିକାରୀ ବୁଲୁଥିବା ବିଭାଗ ସନ୍ଦେହ କରି ତଦନ୍ତ ଚଳାଇଛି।

## ଏମ୍‌ସିଏଲ୍ ବନ୍ଦ କୋଠରିରୁ ମୃତଦେହ ଜବତ

**ଝାରସୁଗୁଡ଼ା ଅଫିସ,୧୪।୭**

ବ୍ରଜରାଜନଗର ଥାନା ଅଧୀନ ଏମ୍‌ସିଏଲ୍ ବୁନ୍ଦିଆ କଲୋନୀ କ୍ୱାର୍ଟର୍ସ ନଂ.ଏ-୬ର ଏକ ବନ୍ଦ କୋଠରିରୁ ପୋଲିସ ଗୁରୁବାର ଏକ ମୃତଦେହ ଜବତ କରିଛ। ସେ ହେଲେ ସୁରେଶ ରାମ(୪୯)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ବଡଭାଇ ସୁବାସ ଚନ୍ଦ୍ର ରାମଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ୧୭/୨୨) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ସୁରେଶଙ୍କ ଘର ପଶ୍ଚିମବଙ୍ଗ ହୋଇଥିବାବେଳେ ସେ ଏମ୍‌ସିଏଲ୍ କ୍ୱାର୍ଟର୍ସରେ ପରିବାର ସହିତ ଭଡାରେ ରହୁଥିଲେ। ପାରିବାରିକ କଳହ ଯୋଗୁ ସ୍ତ୍ରୀ ଓ ୨ଝିଅ ଅନ୍ୟତ୍ର ରହୁଥିବାବେଳେ ସୁରେଶ କ୍ୱାର୍ଟର୍ସରେ ଏକା ରହୁଥିଲେ। ସକାଳେ ଉକ୍ତ କ୍ୱାର୍ଟର୍ସରୁ ଦୁର୍ଗନ୍ଧ ହେଉଥିବା ନେଇ ପଡୋଶୀ ପୋଲିସ୍‌କୁ ଜଣାଇଥିଲେ। ରାମପୁର ଫାଣ୍ଡି ଅଧିକାରୀ ଶଶି ଭୂଷଣ ମିଶ୍ର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ଜବତ କରିଥିଲେ।

# ଯୁଯୁମୁରା ଉଚ୍ଚବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ସମ୍ବଲପୁର,୧୪।୭(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ କୁଳଧର ପ୍ରଧାନଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବନମାଳୀ ମିଶ୍ର ମୁଖ୍ୟଅତିଥି, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ ଏବିଇଓ ରବିନାରାୟଣ ବିଶ୍ୱାଳ, ଯୁଯୁମୁରା ସମିତି ସଭ୍ୟ ଜୟନ୍ତ କୁମାର ପ୍ରଧାନ, ମୋ ସ୍କୁଲ ଅଭିଯାନ ସଭାପତି ଦିବ୍ୟକିଶୋର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧିର କୁମାର ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୂତନ ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ବିଦ୍ୟାଳୟକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅତିଥି, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଚାରା ରୋପଣ କରିଥିଲେ। ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର ମେଣ୍ଡୋଲି ସ୍ୱାଗତ ଭାଷଣ ଓ ପ୍ରକାଶ କୁମାର ହୋତା ଧନ୍ୟବାଦ ଦେଇଥିଲେ।


ଉଚ୍ଚବିଦ୍ୟାଳୟ ପ୍ରବେଶ ଉତ୍ସବରେ ପୁରସ୍କୃତ ଛାତ୍ରୀଛାତ୍ର।

# ବେଠିଆବେର୍ଣ୍ଣୀ ଗାଁ ରାସ୍ତା କାଦୁଅ ପଚପଚ

**ନାକଟିଦେଉଳ,୧୪।୭(ଡି.ଏନ.ଏ.)**

କାଦୁଅ ପଚ ପଚ ରାସ୍ତାରେ ଚାଲୁଛନ୍ତି ଗାଁ ଲୋକେ। ଦୀର୍ଘବର୍ଷ ହେଲା ବର୍ଷାଦିନେ ଏଭଳି ଦୁର୍ଦ୍ଦଶା ଭୋଗୁଛନ୍ତି ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ ବେଠିଆବେର୍ଣ୍ଣୀ ଗ୍ରାମର ଜନସାଧାରଣ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ନାକଟିଦେଉଳ-ବାଟଗାଁ ରାସ୍ତାରେ ବେଠିଆବେର୍ଣ୍ଣୀ ଛକଠାରୁ ଗ୍ରାମ ଭିତରକୁ ଯାଇଥିବା ପ୍ରାୟ ୧କି.ମି. ରାସ୍ତା ଶୋଚନୀୟ ହୋଇପଡ଼ିଛି। ଗ୍ରାମରେ ୩୦ଟି ପରିବାର ରହୁଥିବା ବେଳେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ରାସ୍ତା ସମସ୍ୟା ଗ୍ରାମବାସୀଙ୍କୁ ଅତିଷ୍ଠ କରିଦେଇଛି। କଂକ୍ରିଟ କରଣ ହୋଇପାରି ନ ଥିବାବେଳେ କେଉଁ ବର୍ଷେ କେମିତି ପଞ୍ଚାୟତ ପକ୍ଷରୁ ରାସ୍ତାରେ ମୋରମ ବିଛାଇ ଦିଆଯାଉଛି। ଦୀର୍ଘବର୍ଷ ପୂର୍ବରୁ ଏହି ରାସ୍ତା ମେଟାଲିଂ ହୋଇଥିଲା। ତେବେ ବର୍ତ୍ତମାନ ରାସ୍ତାରୁ ମେଟାଲ ଉଠିଯାଇ ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ବର୍ଷାଦିନେ ଏହି ଖାଲରେ ବର୍ଷାପାଣି ଜମିରହି କାଦୁଅରେ ପରିପୂର୍ଣ୍ଣ ରହୁଛି। କାଦୁଅ ପଚ ପଚ ରାସ୍ତାରେ ଗ୍ରାମର ଛାତ୍ରୀଛାତ୍ର ବାଟଗାଁ ଉଚ୍ଚବିଦ୍ୟାଳୟ ଓ କେଲୋବେର୍ଣ୍ଣୀ ପ୍ରାଥମିକ ବିଦ୍ୟାଳୟକୁ ପାଠପଢ଼ିବାକୁ ଯିବାକୁ ବାଧ ହେଉଛନ୍ତି। ବର୍ଷାଦିନେ ସାଇକେଲରେ ଯିବା ଦୂରର କଥା ପାଦରେ ଚାଲିଯିବାକୁ ମଧ ଲୋକେ ନିରାପଦ ମଣୁନାହାନ୍ତି। ଏ ଦିଗରେ ପ୍ରଶାସନିକ ଅଧିକାରୀ କିମ୍ବା ଲୋକପ୍ରତିନିଧି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବାଟଗାଁ ସରପଞ୍ଚ ସୌଦାମିନୀ ବେହେରାଙ୍କୁ ପଚାରିବାରୁ ଏହି ରାସ୍ତାକୁ କଂକ୍ରିଟକରଣ କରିବା ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ଅନୁଦାନ ଯୋଗାଇଦେବାକୁ ସେ ରେଢ଼ାଖୋଲ ବିଧାୟକ ଓ ନାକଟିଦେଉଳ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିବା ପ୍ରକାଶ କରିଛନ୍ତି।


କାଦୁଅ ପରିପୂର୍ଣ୍ଣ ଗାଁ ରାସ୍ତା।

**କଳ୍ପତରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ**

ବରପାଲି,(ଡି.ଏନ.ଏ.): ବରଗଡ ଜିଲା ବରପାଲି ବ୍ରହ୍ମକୁମାରୀ ଆଶ୍ରମ ପରିସରରେ ଗୁରୁବାର କଳ୍ପତରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମକୁମାରୀ ଗୌରୀ ଯୋଗଦେଇ ବୃକ୍ଷରୋପଣର ଉପକାରିତା ଉପରେ ଆଲୋଚନା କରିଥିଲେ। ପରେ ସେ ନିଜେ ବୃକ୍ଷରୋପଣ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହ ଅନ୍ୟ ଭଉଣୀଭାଇମାନେ କରଞ୍ଜ, ନିମ୍ବ, କୃଷ୍ଣ ଚୂଡ଼ା, ଆମ୍ବ ଚାରା ମାନ ରୋପଣ କରିଥିଲେ।

## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀ ପରିବାରକୁ ସମ୍ବର୍ଦ୍ଧନା

**ସମ୍ବଲପୁର,୧୪।୭ (ବ୍ୟୁରୋ):** ଆଜାଦୀ କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ଗୁରୁବାର ସମ୍ବଲପୁର ରେଳ ମଣ୍ଡଳର ରେଳବାଇ ସୁରକ୍ଷା ବଳ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଛି। ସ୍କୁଲ ସଭାକକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ନାତି ଦେବବ୍ରତ ବେହେରାଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ସେହିପରି ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସଭାନେତ୍ରୀ ଇଷା ମଲ୍ଲିକ ସ୍ମୃତି ଫଳକ ଦେଇ ସମ୍ମାନିତ କରିଥିଲେ।

### ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ

**କୋଲାବିରା,୧୪।୭(ଡି.ଏନ.ଏ.):** କୋଲାବିରା ବସ୍‌ଷ୍ଟାଣ୍ଡ ଛକରେ ନିର୍ମିତ ଗୋଷ୍ଠୀ ଶୌଚାଳୟକୁ ଗୁରୁବାର କୋଲାବିରା ସରପଞ୍ଚ ଚେତାନନ୍ଦ ନଇ ଉଦ୍‌ଘାଟନ କରିଛନ୍ତି। ବସ୍‌ଷ୍ଟାଣ୍ଡରେ ପୂର୍ବରୁ କୌଣସି ଶୌଚାଳୟ ନ ଥିବାରୁ ଲୋକେ ହଇରାଣ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ପଞ୍ଚାୟତ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ପଞ୍ଚଦଶ ଅର୍ଥ କମିଶନ ଅନ୍ତର୍ଗତ ତିନି ଲକ୍ଷ ଟଙ୍କା ବ୍ୟୟରେ ଶୌଚାଳୟ ନିର୍ମାଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ଗଣ୍ଡ, ସମିତି ସଭ୍ୟା ଦିନବନ୍ଧୁ ଧୁରୁଆ, ନାଏବ ସରପଞ୍ଚ ଅଞ୍ଜଳି ବାଗ, ୱାର୍ଡସଭ୍ୟ ସ୍ମୃତିରଞ୍ଜନ ରାଏ, ୱାର୍ଡସଭ୍ୟା ସତ୍ୟବତୀ ଖଡିଆ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ: ଜେଲ ଗଲେ ପୋଲିସ ଡ୍ରାଇଭର

**ଅମରପାଲି,୧୪।୭(ଡି.ଏନ.ଏ):** ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ରିଜର୍ଭ ପୋଲିସ କାର୍ଯ୍ୟାଳୟରେ କାମ କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ଉଲୁଣ୍ଡା ବ୍ଲକ ସହରାପାଲି ଗ୍ରାମର ରଞ୍ଜିତ ପ୍ରଧାନ(୩୦)। ରଞ୍ଜିତ ସୁବର୍ଣ୍ଣପୁର ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଡ୍ରାଇଭର ଭାବେ କାମ କରନ୍ତି। ଅଭିଯୋଗ ଅନୁସାରେ, ସୁବଳୟା ଥାନା ଅଞ୍ଚଳର ସମ୍ପୃକ୍ତ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ ହେଁ ପରେ ପ୍ରତାରଣା କରିଥିବା ପୀଡିତା ଜଣକ ଥାନାରେ ଅଭିଯୋଗ କରିଥିଲେ। ସୁବଳୟା ଥାନାରେ ଏ ନେଇ ଏକ ମାମଲା (୮୭/୨୨) ରୁଜୁ ହୋଇଛି।

# ୨ ଆର୍ଥିକ କ୍ଷମତାପ୍ରାପ୍ତ ସ୍କୁଲରେ ନାହାନ୍ତି ପ୍ରଧାନଶିକ୍ଷକ

**ସୋନପୁର,୧୪।୭(ନି.ପ୍ର.)**



ତରଭା ହାଇସ୍କୁଲ।

ସୁବର୍ଣ୍ଣପୁର ଜିଲାରେ ରହିଛି ତିନୋଟି ପ୍ରମୁଖ ଆର୍ଥିକ କ୍ଷମତାପ୍ରାପ୍ତ(ଡିଡିଓ) ସ୍କୁଲ। ସେଥିମଧ୍ୟରୁ ସୋନପୁର ମହାରାଜା ହାଇସ୍କୁଲ ଓ ତରଭା ବାଳକ ହାଇସ୍କୁଲରେ ଦୀର୍ଘ ବର୍ଷ ଧରି ପ୍ରଧାନଶିକ୍ଷକଙ୍କୁ ନିଯୁକ୍ତ କରାଯାଉନାହିଁ। ନିକଟରେ ସୋନପୁର ସରକାରୀ ବାଳିକା ହାଇସ୍କୁଲରେ ବୈଦ୍ୟନାଥ କର୍ଣ୍ଣ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ସୁବର୍ଣ୍ଣପୁରର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ତିନୋଟି ଯାକ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିଲେ । ଯେଉଁ ସ୍କୁଲରୁ ପ୍ରଧାନଶିକ୍ଷକ ବଦଳି କିମ୍ବା ଅବସର ନେଉଛନ୍ତି ଆଉ ପଦବୀ ପୂରଣ ହେଉନାହିଁ। ଯାହାଫଳରେ ସ୍କୁଲ ପରିଚାଳନା ସହିତ ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟ ସମ୍ପାଦନାରେ ବହୁ ସମସ୍ୟା ଦେଖାଦେଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଡିଡିଓ ସ୍କୁଲଗୁଡିକରେ ପ୍ରଧାନଶିକ୍ଷକ ଦୀର୍ଘଦିନ ଧରି ନ ରହିବା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢା ଉପରେ ଗଭୀର ପ୍ରଭାବ ପକାଉଛି। ଏହି ୩ଟି ସ୍କୁଲକୁ ୫-ଟିରେ ସାମିଲ କରାଯାଇଛି। ଜୁନ ୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ତିନୋଟି ରୂପାନ୍ତରଣ ହାଇସ୍କୁଲକୁ ଭିଡିଓ କନଫେରେନ୍ସିଂ ଯୋଗେ ଉଦ୍‌ଘାଟନ କରିଛନ୍ତି । କିନ୍ତୁ ଚଳିତ ମାଟ୍ରିକ୍ ପରୀକ୍ଷାରେ ଏହି ସ୍କୁଲଗୁଡିକର ଜଣେ ବି ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇନାହାନ୍ତି। ସୋନପୁର ମହାରାଜା ହାଇସ୍କୁଲ ଜିଲାର ସର୍ବପୁରାତନ ଶିକ୍ଷାନୁଷ୍ଠାନ। ୧୯୧୩ ମସିହାରେ ଏହି ସ୍କୁଲ ପ୍ରତିଷ୍ଠା ହୋଇଥିଲା। ଏହି ଶତାୟୁ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାହାନ୍ତି। ଏଡିଇଓ ମଞ୍ଜୁଲତା ଭୋଇଙ୍କ ହାତରେ ବିଦ୍ୟାଳୟର ଆର୍ଥିକ ପରିଚାଳନା ଦାୟିତ୍ୱ ରହିଛି। ବିଦ୍ୟାଳୟର ବରିଷ୍ଠ ସହାୟକ ପଦ୍ମନାଭ କର୍ଣ୍ଣ ପ୍ରଧାନ ଶିକ୍ଷକ ଭାର ସମ୍ଭାଳୁଛନ୍ତି। ଜିଲାର ଏହି ପୁରାତନ ସ୍କୁଲରେ ଏବେ ମୋଟ ୨୯୨ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଚଳିତ ମାଟ୍ରିକ୍ ପରୀକ୍ଷା

### ମାଟ୍ରିକ୍ ପରୀକ୍ଷାରେ ମିଳିନି ଏ-୧ ଗ୍ରେଡ୍

ଫଳ ଅନୁଯାୟୀ ଏହି ବିଦ୍ୟାଳୟରେ କୌଣସି ଛାତ୍ରୀଛାତ୍ର ଏ-୧ ଓ ଏ-୨ ପାଇନାହାନ୍ତି । ମୋଟ ୬୬ ଜଣ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ ୬୩ ଜଣ ପାସ କରିଛନ୍ତି। ଏହି ସ୍କୁଲରେ କିରାଣୀ ପଦ ଖାଲି ପଡି ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ତରଭା ସରକାରୀ ବାଳକ ହାଇସ୍କୁଲ ୧୯୫୫ ମସିହାରେ ପ୍ରତିଷ୍ଠା ହୋଇଛି। ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାହାନ୍ତି । ଏଡିଇଓ ମଞ୍ଜୁଲତା ଭୋଇଙ୍କ ହାତରେ ବିଦ୍ୟାଳୟର ଆର୍ଥିକ ପରିଚାଳନା ଦାୟିତ୍ୱ ରହିଛି। ବିଦ୍ୟାଳୟର ବରିଷ୍ଠ ସହାୟକ ସୁରଜ ସେଠୀ ପ୍ରଧାନ ଶିକ୍ଷକ ଭାର ସମ୍ଭାଳୁଛନ୍ତି। ୧୯୬୩ ମସିହାରେ ପ୍ରତିଷ୍ଠିତ ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନିକଟରେ ପ୍ରଧାନ ଶିକ୍ଷକ ନିଯୁକ୍ତି ଦିଆ ଯାଇଥିଲେ ହେଁ ଭିତ୍ତିଭୂମିର ଉନ୍ନତି ହୋଇପାରିନି। ଭିତ୍ତିଭୂମିର ଉନ୍ନତି ପାଇଁ ଜିଲାର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ପତଞ୍ଜଳି ଯୋଗ କେନ୍ଦ୍ରରେ ଗୁରୁ ପୂର୍ଣ୍ଣିମା

**ସମ୍ବଲପୁର,୧୪।୭ (ବ୍ୟୁରୋ)**

ସମ୍ବଲପୁର ହୀରାକୁଦ କଲୋନୀସ୍ଥିତ ଦୈନିକ ନିଃଶୁଳ୍କ ପତଞ୍ଜଳି ଯୋଗ କେନ୍ଦ୍ରଠାରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଯୋଗ ପ୍ରଶିକ୍ଷିକା ତଥା ରାଜ୍ୟ ମହିଳା ପ୍ରଭାରୀ ଜେ ଗିରିଜା ଦେବୀଙ୍କ ପରିଚାଳନାରେ ସକାଳ ସାଢ଼େ ୫ଟାରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା । ଏହା ପରେ ସ୍ୱତନ୍ତ୍ର ହୋମଯଜ୍ଞ ହୋଇଥିଲା। ମହର୍ଷି ବ୍ୟାସଦେବଙ୍କ ଜନ୍ମ ଦିନକୁ ଗୁରୁ ପୂର୍ଣ୍ଣିମା ଭାବେ ପାଳନ କରାଯାଇଥାଏ। ଶିଷ୍ୟମାନେ ଗୁରୁଙ୍କ ନିର୍ଦ୍ଦେଶକୁ ପାଳନ କଲେ ଜୀବନରେ ଦିବ୍ୟତା ମିଳିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଯୋଗଗୁରୁ ରାମଦେବଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରାଯାଇଥିଲା। ପଦ୍ମିନୀ ମୁଣ୍ଡା, ବିଶ୍ୱ ଚିନ୍ଦ୍ରା, କଲ୍ୟାଣୀ ଚିନ୍ଦ୍ରା, ପଙ୍କଜିନି ରାଉତ, ଅଶୋକ ଦିକ୍ଷିତ, ଅଶୋକ ସାହୁ, ପ୍ରଶାନ୍ତ ମେହେର, ଦୀପକ ଦୀକ୍ଷିତ, ପୁଷ୍ପା ନାୟକ, ସଂଯୁକ୍ତା ଓରାମ, ପଦ୍ମିନୀ ସିଂ, ମୁନୁକାନ୍ତି ପଟେଲ, ଲିଲି ବଡ଼େଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପତଞ୍ଜଳି ଯୋଗ କେନ୍ଦ୍ରଠାରେ ହୋମଯଜ୍ଞ ଚାଲିଛି।

# କଂଗ୍ରେସ ନେତାଙ୍କ ମନ୍ତବ୍ୟକୁ ଭାଜପାର ନିନ୍ଦା



ଭାଜପା ପକ୍ଷରୁ ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ସମ୍ବଲପୁର,୧୪।୭ (ବ୍ୟୁରୋ)**

ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ଅଜୟ କୁମାରଙ୍କ ମନ୍ତବ୍ୟ ନିନ୍ଦନୀୟ ଅଟେ । ଏଥିପାଇଁ କଂଗ୍ରେସ ଦଳ କ୍ଷମା ମାଗୁ ବୋଲି ଗୁରୁବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ବେଳେ ଭାଜପା କର୍ମକର୍ତ୍ତା କହିଥିଲେ। ବିକ୍ଷୋଭକାରୀ କଂଗ୍ରେସ ନେତା ଓ ଦଳ ବିରୋଧରେ ସ୍ଲୋଗାନ ଦେଇଥିଲେ । ଜିଲା ଭାଜପା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ରାଲିରେ ବାହାରି ଜିଲାପାଳ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ଦଳର ଜିଲା ପ୍ରବକ୍ତା ଅରବିନ୍ଦ ନାୟକ, କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ କୁମାର ମାଝି, ଦାମୋଦର କର, କାନ୍ତି ମେହେର, ରୁନୁ ପ୍ରଧାନ, ପ୍ରଦୀପ ସୂପକାର, ଦୀପକ ବରାଡ ପ୍ରମୁଖ ସାମିଲ ଥିଲେ ।

**ଓଡ଼ିଆ ଭାଷା ପ୍ରତିଷ୍ଠାନ**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ବିଜ୍ଞାପନ**

No. 14-RR: ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ଓଡ଼ିଆ ଭାଷାର ସମ୍ପାଦନା ତଥା ବନାନ ଶୁଦ୍ଧି ଏବଂ ପ୍ରୁଫ୍ ସଂଶୋଧନ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ୫ଦିନ ଧରି ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନ ସର୍ତ୍ତରେ ତା୩୦।୦୭।୨୦୨୨ରିଖ ସୁଦ୍ଧା ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ପ୍ରତିଷ୍ଠାନର ୱେବ୍‌ସାଇଟ୍‌ରେ ଉପଲବ୍ଧ ଦରଖାସ୍ତର ନମୁନା ଫର୍ମ ଓ ସର୍ତ୍ତାବଳୀ ଅନୁଯାୟୀ ସ୍ପିଡ୍‌ପୋଷ୍ଟ କିମ୍ବା ଇ-ମେଲ୍ ମାଧ୍ୟମରେ ଆବେଦନ କରିପାରିବେ।

୧. ପ୍ରଶିକ୍ଷଣ ଶିବିର କେବଳ ତାଲିମ ପାଇଁ ଉଦ୍ଦିଷ୍ଟ। ଏହା ପ୍ରତିଷ୍ଠାନର ନିଯୁକ୍ତି ପାଇଁ ନୁହେଁ।
୨. ଏଥିରେ ଯାତାୟାତ ଖର୍ଚ୍ଚ ଏବଂ ବୈଠକୀ ବାବଦରେ ଉପଯୁକ୍ତ ପାରିଶ୍ରମିକ ପ୍ରଦାନ କରାଯିବ।
୩. ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ସମ୍ପୂର୍ଣ୍ଣ କରିବା ପରେ ପ୍ରମାଣପତ୍ର ଦିଆଯିବ।
୪. ପ୍ରଶିକ୍ଷାର୍ଥୀମାନେ ଅନୂନ ସ୍ନାତକ ଡିଗ୍ରୀଧାରୀ ଏବଂ ବୟସ ୨୧ବର୍ଷରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ।
୫. ପ୍ରତିଷ୍ଠାନର ଶୃଙ୍ଖଳା ଓ ନିୟମାନୁଯାୟୀ ପ୍ରଶିକ୍ଷାର୍ଥୀମାନେ ଏହି ତାଲିମ ଶିବିରରେ ଯୋଗଦାନ କରିବେ।

**ଦରଖାସ୍ତ ପଠାଇବା ଠିକଣା:**
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ
ସଂସ୍କୃତି ଭବନ, ଭୁବନେଶ୍ୱର - ୧୪
E-mail: odiabhasapratisthan@yahoo.co.in
Website: www.odiabhasapratisthana.in

ସ୍ୱା./- ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର
OIPR-03026/11/0001/2223

See Career Appointment on every Wednesday & Saturday

**Angul Fresh Producer Company Limited, Angul**
C/o- DRDA Office Building, DRDA, Angul,Odisha,India
PIN:759122, Email:angulfreshpcl@gmail.com
CIN-U01400OR2021PTC035778,
PAN-AAUCA8829Q, TAN-BBNA04836G
Notice No.256, Date:13.07.2022

**ADVERTISEMENT**

**No.CAD-1117:**Application is invited from eligible candidates for the post of Manager( Marketing and Procurement); Accountant cum MIS and Cluster Coordinators for Angul Fresh Producer Company Ltd., Angul C/O DRDA Office Building, 2nd Floor, DRDA, Angul, Odisha, Pin-759122. The detail advertisement along with Terms & Conditions may be downloaded from the following website: www.angul.nic.in from 14.07.2022 to 25.07.2022 upto 5.00PM through Registered Post/ Speed Post/ Courier/ By Hand only. No other means will be accepted, The Managing Director, AFPCL, Angul reserves the rights to reject any or all applications without assigning any reason thereof.

Sd./- Managing Director, AFPCL, Angul
OIPR-19132/11/0002/2223

**OFFICE OF THE SUPERINTENDING ENGINEER, RWSS DIVISION, BERHAMPUR**
Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com
**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. EERWSSBAM-08/2022-23**

No. O-655: The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites Bids in Single Cover & Double Cover System according to the norm of "e" Procurement System in Online mode for Supply, Drawing, Design, Construction, Testing and Commissioning and Maintenance of different PWS Schemes and electrification works in Ganjam district from the eligibile contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District |
| 2 | No. of Work (Tender) | 03 Nos. |
| 3 | Estimated Cost (Approximate) | From Rs.10.55 lakhs to Rs.467.72 lakhs |
| 4 | Period of Completion | From 60 to 360 days |
| 5 | Date & time of availability of bid document in the portal | From 20.07.2022 at 11.00 hrs. to 10.08.2022 upto 17.00 hrs. |
| 6 | Last date & time for seeking clarification | 06.08.2022 upto 17.00 hrs. |
| 7 | Dt. of Opening of Bid | 12.08.2022 at 11.00 hrs. |
| 8 | Last date/time for receipt of bids in the portal | 10.08.2022 upto 17.00 hrs. |
| 9 | Name & address of the Officer Inviting Tender | Superintending Engineer, RWSS Division, Near Jarada Bunglow, Berhampur - 760004, Dist.- Ganjam, Odisha |

Further details can be seen from the e-procurement portal **https://tendersorissa.gov.in**.

OIPR-25035/11/0004/2223
**Superintending Engineer**
**RWS&S Division, Berhampur**

# ପଦ୍ମପୁର ବନ୍ଦ ପାଇଁ ଦାବିପତ୍ର ପ୍ରଦାନ

**ସୋହେଲା,୧୪।୭(ଡି.ଏନ.ଏ.)**

ସୋହେଲା କୃଷକ ବିକାଶ ମଞ୍ଚର କାର୍ଯ୍ୟକାରୀ ସଭାପତି ମନୋହର ମାଝୀଙ୍କ ନେତୃତ୍ୱରେ ଗୁରୁବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଅନ୍ତର୍ଯାମୀ ପାତ୍ର, ଲକ୍ଷ୍ମଣ ପଧାନ, ମନୋହର ସାହୁ, ଚନ୍ଦ୍ରଶେଖର ପଧାନ, ଶ୍ରୀକାନ୍ତ ସେନାପତି, ନୀଳକଣ୍ଠ ସେନାପତି ପ୍ରମୁଖ ବହୁ ଚାଷୀ ସୋହେଲା ତହସିଲ କାର୍ଯ୍ୟାଳୟକୁ ଯାଇ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଅଂଶୁମାନ ଷଡଙ୍ଗୀଙ୍କୁ ଏହି ଦାବିପତ୍ର ଦେଇଛନ୍ତି। ବୀମାପ୍ରାପ୍ୟ ନ ଦେଲେ ଆଗାମୀ ୧୮ତାରିଖରେ ସମସ୍ତ ରାସ୍ତା, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଦୋକାନ ବଜାର ବନ୍ଦ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଦୁଇ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ: ୯ ଆହତ

**ତରଭା,୧୪।୭(ଡି.ଏନ.ଏ.)**

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସୁବର୍ଣ୍ଣପୁର ଜିଲା ତରଭା ଥାନା କମସରା ଫାଣ୍ଡି ଅନ୍ତର୍ଗତ କୁମ୍ଭାରମୁଣ୍ଡା ଗ୍ରାମରେ ବୁଧବାର ଦୁଇ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ ୩ମହିଳାଙ୍କ ସମେତ ୯ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ତରଭା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଆହତଙ୍କ ମଧ୍ୟରୁ ଚନ୍ଦନ ମିଶ୍ର, ନରୋତ୍ତମ ମିଶ୍ର ଓ ଲକ୍ଷ୍ମୀ ମେହେର ଗୁରୁତର ଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଗୁରୁବାର ଏ ନେଇ ଉଭୟ ପକ୍ଷର ଏତଲାକୁ ଭିତ୍ତି କରି ଦୁଇଟି ପୃଥକ ମାମଲା(ନଂ. ୧୭୨/ ୧୭୩) ରୁଜୁ ହୋଇଛି। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରହିଛି ।

ପ୍ରକାଶ ଯେ, ଗ୍ରାମର ଅଭିମନ୍ୟୁ ମେହେର ଓ ନରୋତ୍ତମ ମିଶ୍ରଙ୍କ ପରିବାର ମଧ୍ୟରେ ଏକ ଆଟ ଜମିକୁ ନେଇ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ବିବାଦ ଲାଗି ରହିଛି। ଏ ନେଇ ତରଭା ଜେଏମଏଫସି କୋର୍ଟରେ ଏକ ମାମଲା ବିଚାରଧୀନ ରହିଛି। ବୁଧବାର ସନ୍ଧ୍ୟାରେ ଏହି ଘଟଣାକୁ ନେଇ କୁମ୍ଭାରମୁଣ୍ଡା ନିକଟ ବଡ ଫଟାମୁଣ୍ଡାରେ ଦୁଇ ପରିବାରର ସଦସ୍ୟ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ମଧ୍ୟରେ ବଚସା ହୋଇ ସଂଘର୍ଷ ଘଟିଥିଲା। ଏଥିରେ ଉଭୟ ପକ୍ଷର ଅଭିମନ୍ୟୁ ମେହେର(୬୦), ଗଙ୍ଗାଧର ମେହେର(୩୧), ମକୁନ୍ଦ ମେହେର(୩୫), ଲକ୍ଷ୍ମୀ ମେହେର (୩୫), କୁନି ମେହେର (୩୨), ଡୋଲେଶ୍ୱରୀ ବାରିକ(୩୫), ନରୋତ୍ତମ ମିଶ୍ର ଓ ମଧୁସୂଦନ ବେଦବାକ୍(୬୫), ଚନ୍ଦନ ମିଶ୍ର ଗୁରୁତର ଆହତ ହୋଇଛନ୍ତି।

ଅଭିମନ୍ୟୁ ମେହେରଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ନରୋତ୍ତମ ମିଶ୍ର, ଚନ୍ଦନ ମିଶ୍ର ଓ ମଧୁ ବେଦବକ ଟାଙ୍ଗିଆ, ଲୁହାଛଡ଼, ଠେଙ୍ଗା ଧରି ଆମ ଘରକୁ ଆସିଥିଲେ। ବିନା କାରଣରେ ଗାଳିଗୁଲଜ କରିବା ସହ ଭାଇ ଗଙ୍ଗାଧର ଓ ପରିବାରର ଅନ୍ୟମାନଙ୍କୁ ଆକ୍ରମଣ କରିଥିଲେ। ଅପରପକ୍ଷରେ ନରୋତ୍ତମଙ୍କ ସ୍ତ୍ରୀ ବ୍ରଜେଶ୍ୱରୀ ମିଶ୍ରଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ତାର ବାଡ ଦେଇ କାହିଁକି ଆମ ଜାଗାକୁ ଅବରୋଧ କରିଛ ବୋଲି ପଚାରିବାରୁ ଅଭିମନ୍ୟୁ ମେହେର, ଗଙ୍ଗା, ମକୁନ୍ଦ, ମିନତୀ ମେହେର, ଶାନ୍ତି ମେହେର ପ୍ରମୁଖ ସଂଘବଦ୍ଧ ଭାବେ ଠେଙ୍ଗା, ବାଡ଼ି, ଟାଙ୍ଗିଆ, ଛଡ଼ ଧରି ନରୋତ୍ତମ, ଚନ୍ଦନ, ମଧୁସୂଦନ ବେଦବାକ୍‌ଙ୍କୁ ଆକ୍ରମଣ କରିଥିଲେ। ତରଭା ଥାନା ଏସଆଇ ଯଯାତି କେଶରୀ ସାହୁ, ଏସଆଇ ଅରକ୍ଷିତ ମାଝି, ଏଏସଆଇ ନିମାଇଁ ଚରଣ ବାରିକ, କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା ବଡଫଟାମୁଣ୍ଡାକୁ ଯାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏହାର ତଦନ୍ତ ଦାୟିତ୍ୱ ଏସ ଆଇ ଯଯାତି କେଶରୀ ସାହୁ ନେଇଥିବା ଜଣାପଡିଛି।

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଧର୍ମଶାଳା**
**PANCHAYAT SAMITI OFFICE, DHARMASALA**
At/Po- Kumari, Dist- Jajpur, Pin:755050, Tel/Fax No.06725-283023,Email:ori-dharmasala@nic.in
**Detail Tender Call Notice No.2691/2022-23 Date:13.07.2022**

**No.i-64:The Block Development Officer, Dharmasala invites sealed tenders on behalf of Governor of Odisha from registered and eligible Contractors of the State P.W.D (R&B)/Water Resources/ Rural Works/M.I./C.P.W.D. for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.**

| Sl. No. | Name of the Work | DTCN No. | Amount put to tender | Cost of tender paper non-refundable | E.M.D. 1% | Time for completion the work in months | Class of contractors |
|---|---|---|---|---|---|---|---|
| 1 | Const. of Day care Sub Center at Anjira | 1/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 2 | Const. of Day care Sub Center at Jaraka | 2/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 3 | Const. of Day care Sub Center at Mangalpur | 3/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 4 | Const. of Day care Sub Center at Patapur | 4/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 5 | Const.of Day care Sub Center at Samsundarpur | 5/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |

**Terms and Conditions:**

1. **Cost of Tender Paper :** The tender specifications can be obtained from Panchayat Samiti Office, Dharmasala on payment towards cost of the tender papers as mentioned above (Non-refundable) in shape of Bank Draft In favour of Block Development Officer, Dharmasala in UCO Bank having Its branch at Dharmasala.
2. **Sale of Tender Papers :** The tender documents will be sold from 15/07/2022 to 30/07/2022 at Panchayat Samiti Office Dharmasala. The tender documents will be sold during the above mentioned period between 10 AM to 5 PM on working days only. The cost of bid document should be attached with the bid (in shape of Bank Draft payable at UCO Bank, Dharmasala).
3. **Date of receipt and mode of submission of Tender Papers :** The tenderers have to submit sealed tender papers in complete shape through Registered Post /Speed Post Only to the B.D.O., Dharmasala in his official postal address. The last date of receipt of tender papers is 30.07.2022 (up to 4.00PM). The undersigned will not be responsible for postal delay if any or non-receipt of the papers In time. The tenderers must superscribe the name of the work/ Project,DTCN no and detailed address on the sealed envelopes.
4. **Date of Opening Of Tender Paper:** The tender papers shall be opened on 01/08/2022 at 11 am at Conference Hall, Dharmasala Block in the presence of the tenderers or their authorized representatives having written authorization for the purpose and the tender committee.
5. **Earnest money deposit:** The E.M.D. is to be deposited in shape of Post Office Short term deposit/Term deposit/N.S.C./ KVP, or deposit receipt of any nationalized bank duly pledged in favour of Block Development Officer, Dharmasala. The Tender Papers without required amount of E.M.D. will not be considered and transfer or adjustment of E.M.D. is not also admissible.
6. **Document to be attached :** The tender is to submit in one cover is to contain E.M.D., signed DTCN, Price bid duly filled in and signed by the tenderer along with the following documents should be furnished with the tender papers failing which the tender will be liable to rejection.
   a) E.M.D. pledged in favour of the Block Development Officer, Dharmasala. b) Attested copy of Contractor Registration Certificate c) Attested copy of PAN card. d)Up to date GST clearance certificate, e) Attested copy of up to date valid labour license, f) Attested copy of Caste Certificate issued by competent authorities in case of S.C. /S.T. contractors desirous of availing preference, g) Affidavit as regards the fact of availing award of work without submission of E.M.D. /I.S.D. during the current financial year in case of Engineer Contractors desirous of availing exemption of E.M.D. h) Affidavit about the authentication of document including bank guarantee.
7. **Additional Performance Security Deposit:** The additional performance security shall be deposited by the bidder, when the bid amount less than the estimated cost put to tender. In such case/event the bidder who have quoted less bid price than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security in shape of Post office short term deposit /NSC/K.V.P/ deposit receipt of any Nationalised bank duly pledged in favour of Block Development Officer, Dharmasala in the sealed envelope along with the price bid at the time of submission of bids.
8. **Forfeiture:** a) The E.M.D. amount will be forfeited, if the tenderer backs out from the offer of acceptance of tender, by the competent authority.
b) Submission of more than one tender paper by a bidder for a single work will be liable for refection of all such tender papers.
c) On review of the last performance of the works executed through B.D.O., Dharmasala previously, the lowest- 1 tenderer may/may not be considered for the works, though he/she becomes lowest -1 tenderer.
d) The Contractors who have failed to execute projects of this agency/backed out from execution process/abandoned the project work midway/those who have been declared by considered at all.
e) **The undersigned reserves the right either to reject any or all tenders or cancel the entire process without assigning the reason thereof.**

**Sd./- Block Development Officer, Dharmasala**
OIPR-19216/11/0001/2223

**SAMBALPURI BASTRALAYA**
**HLCS LTD., GOVINDPALI ROAD, BARGARH**
**SHORT TENDER CALL NOTICE**
**No. 1256 Dt.12.07.2022**

No. PP-22: Sealed tenders are invited from experienced individual/company to run the Garment Manufacturing Unit at Sambalpuri Bastralaya HLCS Ltd., Bargarh, Odisha. **The last date and time of submission of tender paper is Dt.02.08.2022 at 4.00 P.M.** at Bargarh which shall be opened on 03.08.2022 at 4.00 P.M. Refer to our website **www.sambalpuribastralaya.com**. All the information on this tender notice will be available in the above website.

**Sd./- S.K. Nag**
**Managing Director**
OIPR-31032/11/0014/2223

## ସଂକ୍ଷେପରେ

### ଜେଏସ୍‌ଡବ୍ଲ୍ୟୁ ଚୂନପଥର ଖଣି ଗଣ୍ଡଗୋଳ ଘଟଣା: ୪ ଗିରଫ

**କୁତ୍ରା, ୧୪।୭(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଖତକୁରବାହାଲ ଗ୍ରାମରେ ଅବସ୍ଥିତ ଜେଏସ୍‌ଡବ୍ଲ୍ୟୁ ଅଧିକୃତ ଶିବାସିମେଣ୍ଟ ଚୂନପଥର ଖଣିରେ ଗତ ମଙ୍ଗଳବାର ବିସ୍ଫୋରଣକୁ ନେଇ ଗ୍ରାମବାସୀ ଓ ଜେଏସ୍‌ଡବ୍ଲ୍ୟୁ କର୍ମଚାରୀଙ୍କ ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଥିଲା। ଫଳରେ ୫ଜଣ ଆହତ ହୋଇଥିଲେ। ଏହାକୁ ନେଇ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ତରଫରୁ ଏକ ଲିଖିତ ଅଭିଯୋଗ ହୋଇଥିବାବେଳେ ଖଣିରେ କାମ କରୁଥିବା ଠିକାଦାରମାନେ ୪ଟି ଲିଖିତ ଅଭିଯୋଗ କରିଥିଲେ। ସେହି ଘଟଣାରେ ସମୁଦାୟ ୫ଟି ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଗୁରୁବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୪ ଜଣ ହେଲେ ଅବଦୁଲ କାଦିର (୪୧), ଏମ୍‌ଡି ମନଜନ (୨୨),ଏମ୍‌ଡି ନସିରୁଦିନ (୩୮) ଓ ଏମ୍‌ଡି ମୋଇଦ ସେକ (୨୩)। ତେବେ ଏମାନେ ଗିରଫ ହେବା ଘଟଣା ଖତକୁରବାହାଲ ଗ୍ରାମରେ ଜଣାପଡିବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଛି।

### କୁଆଁରମୁଣ୍ଡା ବସ୍ତିରେ ଚୋରି ଅଭିଯୋଗ

**କୁଆଁରମୁଣ୍ଡା,୧୪।୭(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ନିକଟବର୍ତ୍ତୀ ବସ୍ତିରେ ଥିବା ପଦ୍ମଲୋଚନ ମେହେରଙ୍କ ଘରୁ ବୁଧବାର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ପଦ୍ମଲୋଚନଙ୍କ ପୁତୁରାଙ୍କ ଅଭିଯୋଗ ଅନୁଯାୟୀ, ପଦ୍ମଲୋଚନ ପ୍ରାୟ ଏକ ସପ୍ତାହ ପୂର୍ବରୁ ସପରିବାର ହାଇଦ୍ରାବାଦରେ ରହୁଥିବା ପୁଅବୋହୂଙ୍କ ପାଖକୁ ଯାଇଥିଲେ। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ କୋଠାଘରର ତାଲାଭାଙ୍ଗି ଘରେ ପଶିବା ସହ ଗଡ୍ରେଜ ଚାବି ତାଡି ସୁନା ଚୂଡ଼ି, କାନଫୁଲ, ମୁଦି, ୧ଟି ସ୍ୱର୍ଣ୍ଣ ମୁଦ୍ରା, ୧୫ଟି ରୌପ୍ୟ ମୁଦ୍ରା ଓ ରୌପ୍ୟ ଥାଳି ଇତ୍ୟାଦି ପ୍ରାୟ ୨ଲକ୍ଷରୁ ଉର୍ଦ୍ଧ୍ୱ ଓ ନଗଦ ୧୦ ହଜାର ଟଙ୍କା ଚୋରି କରି ଫେରାର ହୋଇଯାଇଛନ୍ତି। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଅସ୍ଥାୟୀ ଲାଇନମ୍ୟାନ ଗୁରୁତର

**ଦେବଗଡ଼,୧୪।୭(ଡି.ଏନ.ଏ):** ଦେବଗଡ଼ ଥାନା ଅନ୍ତର୍ଗତ ଭାଲୁମୁଣ୍ଡା ଗ୍ରାମରେ ଏକ ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଜଣେ ଅସ୍ଥାୟୀ ଲାଇନମ୍ୟାନ ଗୁରୁତର ହୋଇଛନ୍ତି। ଖୁଣ୍ଟରେ ଚଢ଼ି ମରାମତି କାର୍ଯ୍ୟ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଖୁଣ୍ଟରୁ ତଳକୁ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ସୂଚନା ଅନୁଯାୟୀ ରେଙ୍ଗାଲବାହାଲ ଗ୍ରାମର ବିଜୟ କୁମାର ସାହୁ ନାମକ ଜଣେ ଯୁବକ କିଛି ମାସ ପୂର୍ବେ ଅସ୍ଥାୟୀ ଲାଇନମ୍ୟାନ ଭାବେ ଯୋଗଦେଇଥିଲେ । ସେ ମରାମତି ନିମନ୍ତେ ଭାଲୁମୁଣ୍ଡା ଗ୍ରାମରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଥିଲେ। ସୂଚନା ପାଇ ସାଥୀ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ଏବେ ମଧ ସେଠାରେ ଚିକିତ୍ସାଧିନ ଥିବା ଜଣାପଡ଼ିଛି।

# ବିନା ଜଳରେ ଚାଷୀ ଦେଉଛନ୍ତି ଜଳକର

**ସୁନ୍ଦରଗଡ଼,୧୪।୭(ଡି.ଏନ୍.ଏ.)**

■ ନିଅଣ୍ଟିଆ ବର୍ଷାକୁ ନେଇ ଚିନ୍ତାରେ ଚାଷୀକୁଳ
■ ଶୁଖିଲା ପଡ଼ିଛି ଜଳସେଚନ ପ୍ରକଳ୍ପ

ଚଳିତବର୍ଷ ସୁନ୍ଦରଗଡ଼ ଜିଲାରେ ଆଶାନୁରୂପ ବର୍ଷା ଅଭାବରୁ ଚାଷ କାମ ଆଗେଇ ପାରୁନାହିଁ। ଜିଲାରେ ରହିଥିବା ବିଭିନ୍ନ ଜଳସେଚନ ପ୍ରକଳ୍ପ ଗୁଡିକରେ ମଧ ଚାଷ କାର୍ଯ୍ୟ ପାଇଁ ଆବଶ୍ୟକ ପାଣି ନ ଥିବାରୁ ଏଗୁଡିକ ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଥିବା ଚାଷୀମାନେ ଚିନ୍ତାରେ ବସିଛନ୍ତି। ଜିଲାରେ ରହିଥିବା ଅନେକ ଜଳସେଚନ ପ୍ରକଳ୍ପ ଶୁଖିଲା ହୋଇ ପଡ଼ିରହିଛି। ଫଳରେ ଏହା ଉପରେ ଭରଷା କରି ଚାଷ କରୁଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଜିଲାର ଲେଫ୍ରିପଡ଼ା ବ୍ଲକ ଗିରିଙ୍ଗକେଲା ପଞ୍ଚାୟତରେ ରହିଥିବା ସରଫଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପ (ଡ୍ୟାମ)ରେ ଏବେ ପାଣି ନାହିଁ। ବର୍ଷା ଅଭାବରୁ ଏହା ଶୁଖିଲା ହୋଇ ପଡ଼ିରହିଛି। ଗତବର୍ଷ ମଧ ବର୍ଷା ଅଭାବରୁ ଏଠାରେ ପାଣି ନ ଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଚଳିତ ବର୍ଷ ମଧ ଶ୍ରାବଣ ମାସ ଆସିଯାଇଥିଲା ବେଳେ ଏହି ଡ୍ୟାମ ଶୁଖିଲା ହୋଇପଡିଛି। ହେଲେ



ଚାଷ ଜମି ପଡ଼ିଆ ପଡ଼ିଛି।



ସରଫଗଡ ଡ୍ୟାମ ଶୁଖିଲା ପଡ଼ିଛି।

ଚାଷୀମାନେ ପାଣି ନ ପାଇ ଜଳକର ଦେଉଛନ୍ତି। ଚାଷୀମାନଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଏହି ଡ୍ୟାମରୁ ଗିରିଙ୍ଗକେଲା ପଞ୍ଚାୟତର ଗିରିଙ୍ଗକେଲା, ପଟୁଆଡିହି, କରାଡେଗା, ତେଲେନଡିହି, ସାଲେଟିକିରା, ଚକ୍ରଧରପୁର, ବୈରାଗିବାହାଲ ଓ ଲେଫ୍ରିପଡା ପଞ୍ଚାୟତର କଦୋମାଲ ଓ ସୁଆରିଯୋର ଗାଁର ପାଖାପାଖି ଖରିଫ ଋତୁରେ ୨୨୩୮ ହେକ୍ଟର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇଥାଏ। ବର୍ଷରେ ୨ଥର ଫସଲ ଅମଳ କରି ଲାଭବାନ ହୋଇଥାନ୍ତି ଚାଷୀ। କିନ୍ତୁ ଗତ ୨ବର୍ଷ ହେଲାଣି ଡ୍ୟାମରେ ପାଣି ନ ଥିବାରୁ ଚାଷୀ ପାଣି ପାଇନାହାନ୍ତି ତଥାପି ସେମାନେ ଜଳକର ପଇଠ କରୁଛନ୍ତି। ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀମାନେ ଆସନ୍ନ ମରୁଡି ଆଶଙ୍କାରେ ଚିନ୍ତିତ ଥିବାବେଳେ ଜମିକୁ ପାଣି ନ ପାଇ ପୁଣି ଚାଷୀଙ୍କୁ ଦେବାକୁ ପଡୁଛି ଜଳକର। ଏଥିସହ ଜଳସେଚିତ ଚାଷ ଜମି ହୋଇଥିବାରୁ ଏହି ଚାଷୀ ମରୁଡିର କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବାକୁ ପଡୁଛି। ଚଳିତବର୍ଷ କମ ବର୍ଷା ହେବାରୁ ଜିଲାର ଅଧିକାଂଶ ଜମି ପଡିଆ ହୋଇ ରହିଛି। ଠିକ୍ ସମୟରେ ବର୍ଷା ନ ହେବାରୁ ଚଳିତବର୍ଷ ଚାଷ ବିଳମ୍ବ ହେଉଥିବାରୁ ସରକାର ଜଳକର ଛାଡ କରିବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

## କୁରାଡ଼ୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଆପେକ୍ସ କମିଟି ଗଠନ

**ଲହୁଣୀପଡା,୧୪।୭(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଶଙ୍ଖପୋଷ ପଞ୍ଚାୟତ ସରପଞ୍ଚ ପ୍ରେମନାଥ ମୁଣ୍ଡା ଯୋଗ ଦେଇଥିବା ବେଳେ କୁରାଡ଼ୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସହକାରୀ ଯନ୍ତ୍ରୀ ପୀୟୂଷ ଗୁଡୁ ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ କୁରାଡ଼ୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଭୁକ୍ତ ୧୧ଟି ପାଣି ପଞ୍ଚାୟତର ନିର୍ବାଚିତ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷମାନେ ଯୋଗ ଦେଇଥିଲେ। ସେଥିମଧ୍ୟରୁ ୯ଜଣ ସଭ୍ୟ ନିର୍ବାହୀ କମିଟିକୁ ମନୋନୀତ ହୋଇଥିଲେ। ତାଙ୍କ ମଧ୍ୟରୁ କୁରାଡ଼ୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଆପେକ୍ସ କମିଟି ଗଠନ କରାଯାଇଥିଲା। କମିଟିର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ସଭାପତି ଭାବେ ରଣଦୀପ ମାହାନ୍ତ, ସମ୍ପାଦକ ଭାବେ ଭୁବନେଶ୍ୱର ବେହେରା ଓ କୋଷାଧ୍ୟକ୍ଷ ଭାବେ ରାଜେନ୍ଦ୍ର କୁମାର ପାତ୍ର ନିର୍ବାଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋହନ କିଷାନ, ଗୋବର୍ଦ୍ଧନ ମାହାନ୍ତ, କୃଷି ବିଭାଗର କର୍ମଚାରୀ ଉପସ୍ଥିତ ଥିବାବେଳେ ସଭା ଶେଷରେ ମହେନ୍ଦ୍ର କୁମାର ଧନ୍ୟବାଦ ଅର୍ପଣ କରିଥିଲେ। କୁରାଡ଼ୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ୧୧ଟି ପାଣି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଚାଷୀମାନେ ଆବଶ୍ୟକ ସମୟରେ କେମିତି ପାଣି ପାଇପାରିବେ ଏବଂ କୁରାଡ଼ୀ ଜଳ ସେଚନ ସୁପରିଚାଳିତ ହୋଇ ପାରିବ ଏବଂ ଏଥିରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ସେ ସବୁ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇ ଥିଲା ବୋଲି ଜଣାପଡିଛି।

## ପରିତ୍ୟକ୍ତ ଭାବେ ପଡିରହିଛି ଯାତ୍ରୀ ବିଶ୍ରାମାଗାର

**ଲେଫ୍ରିପଡା,୧୪।୭(ଡ଼ି.ଏନ.ଏ )**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଗିରିଙ୍ଗକେଲା ଠାରେ ଥିବା ଯାତ୍ରୀ ବିଶ୍ରାମଗାରଟି ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ଏଠାରେ ଆଖପାଖ ଗ୍ରାମର ଜନସାଧାରଣ ଯିବାଆସିବା ସ ମୟରେ ବିଶ୍ରାମ ନେଇଥାନ୍ତି । ପଟୁଆଡ଼ିହି, ସାତଯୋରିଆ ସହିତ ଗିରିଙ୍ଗକେଲା ଗ୍ରାମର ଲୋକଙ୍କ ପାଇଁ ଏହା ନିତ୍ୟ ବ୍ୟବହାର୍ଯ୍ୟ ହୋଇଥିବା ବେଳେ ଲୋକେ ବହୁ ମାତ୍ରାରେ ହଇରାଣ ହେଉଥିବା ଦେଖାଦେଇଛି । ବିଶ୍ରାମଗାର ବହୁ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବାରୁ ଏହାର ଛାତର ପ୍ଲାଷ୍ଟର ଖସି ପଡୁଥିବା ବେଳେ ବିପଦପୂର୍ଣ୍ଣ ଭାବେ ରହିଛି। ବର୍ତ୍ତମାନ ଯାତ୍ରୀମାନଙ୍କ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏହି ଯାତ୍ରୀ ବିଶ୍ରାମଗାର ଲୋକଙ୍କ ପାଇଁ ଅତ୍ୟନ୍ତ ଜରୁରୀ ହୋଇ ଥିବାରୁ ଏ ଦିଗରେ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।



ବିଶ୍ରାମାଗାର ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି।

## ବେଆଇନ ବନ୍ଧୁକ ଜବତ: ଜଣେ ଗିରଫ

**ରିଆମାଳ, ୧୪।୭ (ଡି.ଏନ୍.ଏ.)**

ଦେବଗଡ଼ ଜିଲା ରିଆମାଳ ଥାନା ପୋଲିସ ଗୁରୁବାର କାଦୋପଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଏକ ବେଆଇନ ଦେଶୀ ବନ୍ଧୁକ ଜବତ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପୂର୍ବାହ୍ନରେ ରିଆମାଳ ଥାନା ପୋଲିସ ଉକ୍ତ ଥାନାଞ୍ଚଳର କାଦୋପଡା, ବାବରାକୋଟ ଓ ତିମୁର ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ କାଦୋପଡା ଗ୍ରାମର ପ୍ରଫୁଲ୍ଲ ପ୍ରଧାନ(୩୬) ନାମକ ଜଣେ ବ୍ୟକ୍ତି ନିଜ ଘରେ ବେଆଇନ ବନ୍ଧୁକ ରଖିଥିବା ସୂଚନା ପାଇଥିଲେ। ସୂଚନା ଆଧାରରେ ପ୍ରଫୁଲ୍ଲଙ୍କ ଘରେ ସଦଳବଳେ ଚଡାଉ କରିବାରୁ ଘରୁ ଏକ ଟୋପିଦାର ଦେଶୀ ବନ୍ଧୁକ ମିଳିଥିଲା। ତେବେ ପ୍ରଫୁଲ୍ଲ ଏହି ବନ୍ଧୁକ ବାବଦୀୟ କୌଣସି ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ବନ୍ଧୁକଟିକୁ ଜବତ କରାଯାଇଥିଲା। ଏଥିସହ ରିଆମାଳ ଥାନାରେ ଏକ ମାମଲା(ନଂ.୩୨୦/୨୦୨୨) ରୁଜୁ ହୋଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ମାତ୍ର ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।



ପ୍ରଫୁଲ୍ଲ ପ୍ରଧାନ

## ପରିବହନ ବିଭାଗ ପକ୍ଷରୁ ଯାଞ୍ଚ: ୨ଟି ଗାଡିରୁ ଜରିମାନା ଆଦାୟ

**ଦେବଗଡ଼,୧୪।୭(ଡି.ଏନ.ଏ.)**

ଦେବଗଡ଼ ସହର ମଧ୍ୟରେ ପରିବହନ ବିଭାଗ ପକ୍ଷରୁ କଡାକଡି ଯାଞ୍ଚ ଚାଲିଥିବାବେଳେ ଆବଶ୍ୟକ କାଗଜପତ୍ର ନ ଥାଇ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ୨ଟି ଗାଡିରୁ ଜରିମାନା ଆଦାୟ କରାଯାଇଛି। ସୂଚନା ଅନୁଯାୟୀ ଗୁରୁବାର ସକାଳ ପ୍ରାୟ ୯ଟାରେ ଯାଞ୍ଚ କରାଯାଉଥିଲା। ସେହି ସମୟରେ ଏକ ପବ୍ଲିକ ସ୍କୁଲର ଭ୍ୟାନ ଓଡି ୨୮ –୭୨୭୭ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ବେଳେ ଗାଡି ଚାଳକଙ୍କ ଡ୍ରାଇଭିଙ୍ଗ ଲାଇସେନ୍ସ ନ ଥିବାରୁ ୧୦୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ପରମିଟ ନ ଥିବା ଏକ ବେସରକାରୀ ବସ ଓଡି–୨୩ଡି–୪୫୬୩ ତିଲେଇବଣିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ବେଳେ ୧୧୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଦେବଗଡ଼ ଆଞ୍ଚଳିକ ପରିବହନ ବିଭାଗ ଟ୍ରାଫିକ ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।

## କରୋନାରୁ ରକ୍ଷା ପାଇବା ପାଇଁ ପ୍ରିକ୍‌ସନ ଟିକାକରଣ



ପ୍ରିକ୍‌ସନ ପାନ ଟିକାକରଣ ଶୁଭାରମ୍ଭ କରାଯାଉଛି।

**ଦେବଗଡ଼, ୧୪।୭(ଡି.ଏନ୍.ଏ.)**

କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ ଟିକାକରଣ କରାଯାଇଛି। ଏହି ଟିକାକରଣରେ ପ୍ରଥମ ପାନ, ଦ୍ୱିତୀୟ ପାନ, ପିକ୍‌ସନ ପାନ ନେଇ ନ ଥିବା କର୍ମଚାରୀମାନଙ୍କୁ ଟିକା ନେବା ନିମନ୍ତେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରଥମେ ପିକସନ ପାନ ନେଇ ଶୁଭାରମ୍ଭ କରିଥିଲେ। ତାଙ୍କ ସହ ଏହି ଦିନରେ ଜିଲାପାଳ, ଉପଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ଆଞ୍ଚଳିକ ପରିବହନ, ଜିଲା ପଞ୍ଚାୟତ, ଜିଲା ସମାଜ ମଙ୍ଗଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଜିଲା ଯୋଗାଣ ବିଭାଗ, ଓ ପୌର ପରିଷଦ କର୍ମଚାରୀମାନେ ଟିକା ନେଇଛନ୍ତି। ଏହି ଟିକାକରଣ କାର୍ଯ୍ୟ ଆଉ ୩ଦିନ ପର୍ଯ୍ୟନ୍ତ କରାଯିବ। ୧୫ତାରିଖରେ ଆରକ୍ଷୀ ଅଧୀକ୍ଷକ ରିଜର୍ଭ ବାରାକ୍ ଟିକାକରଣ, ୧୬ରେ ଜିଲା ପଞ୍ଚାୟତ ମେମ୍ବର, ଜିଲା ଶ୍ରମ ଅଧିକାରୀ ହୋମଗାର୍ଡ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ କର୍ମଚାରୀମାନେ ଜିଲା ମୁଖ୍ୟଚିକିତ୍ସାଳୟରେ ଟିକାକରଣ, ୧୮ରେ ଆଞ୍ଚଳିକ ପରିବହନ ଅଧିକାରୀ, ଜନସ୍ୱାସ୍ଥ୍ୟ ବିଭାଗ, ଜିଲା ଶ୍ରମ ଅଧିକାରୀ, ଜିଲା ପଞ୍ଚାୟତ ମେମ୍ବର, ଭାରତ ସଂଚାର ନିଗମ ଲିମିଟେଡ୍ ଅଫିସ, ଉପକାରାଗାର, ତହସିଲଦାର, ରିୟାମାଲ ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କୁ କଲ୍ୟାଣୀ ମଣ୍ଡପ ଠାରେ ପୂର୍ବାହ୍ନ ୧୧ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଟିକାକରଣ କରାଯିବ।

## ରକ୍ତଦାନ ଶିବିର: ୩୫୩ ୟୁନିଟ ସଂଗୃହୀତ



**ରାଜଗାଙ୍ଗପୁର, ୧୪।୭ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବିଜୁ ଜନତା ଦଳ ଦ୍ୱାରା ବାଣ୍ଟୁପଡା ସୁମିତ୍ରା ଭବନରେ ଏକ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟର ମୁଖ୍ୟ ଚେତନ ଶ୍ରୀବାସ୍ତବ ଯୋଗ ଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ସୁନ୍ଦରଗଡ଼ ଜିଲା ସଭାପତି ବିନୟ ଟପ୍ପୋ, ରାଉରକେଲା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶାରଦା ପ୍ରସାଦ ନାୟକ, ରାଜ୍ୟ ବିଜେଡି ଯୁବ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକ, ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ ୩୫୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସ୍ଥାନୀୟ ଆଦିବାସୀମାନଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରାଯାଇଥିଲା।

## ଛାତ୍ରୀଛାତ୍ରଙ୍କୁ ଆମ୍ବଚାରା ବଣ୍ଟନ




ଆମ୍ବଚାରା ସହିତ ବିଦ୍ୟାଳୟର ଛାତ୍ରୀଛାତ୍ର।

**କୁତ୍ରା, ୧୪।୭(ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗସ୍ଥିତ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ନବମ ଓ ଦଶମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ଗୁରୁବାର ଆମ୍ବ ଚାରା ବଣ୍ଟନ କରାଯାଇଛି। ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ନିର୍ବାହ ଶାଖା ଡାଲମିଆ ଭାରତ ଫାଉଣ୍ଡେସନ ଜରିଆରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ନିଜ ଘର ବାଡ଼ିରେ ଲଗାଇବା ପାଇଁ ଏହି ଆମ୍ବ ଚାରା ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ର ଗଛ ଲଗାଇ ସ୍କୁଲ ମୋବାଇଲ ହ୍ୱାଟ୍ସଆପ୍ ଗ୍ରୁପରେ ଫଟୋ ପଠାଇବା ସହିତ ଚାରାଗୁଡିକର ଉପଯୁକ୍ତ ଯତ୍ନ ନେବା ପାଇଁ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରା, ମହେନ୍ଦ୍ର ସିଂ, ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଗୋପାଳକୃଷ୍ଣ ଦାସ, ଭିକାରି ଦାସ, ପ୍ୟାରେଲାଲ ସାହୁ, ବିଜୟ କେର୍କେଟା ଏବଂ ଲାଞ୍ଜିବେରନା ଡାଲମିଆ ଫାଉଣ୍ଡେସନ ପକ୍ଷରୁ ସୁଜାତା ଦାସ, ସଞ୍ଜୀବ କୁମାର, ସୋନିଆ ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଡାଲମିଆ ସିମେଣ୍ଟ କମ୍ପାନୀର ଏଭଳି କାର୍ଯ୍ୟ ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଧନ୍ୟବାଦ ଜ୍ଞାପନ କରିବା ସହିତ ପ୍ରଶଂସା କରିଥିଲେ।

## ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ

**ଏନଡିଏ ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟର ପ୍ରତିବାଦ**

**ଦେବଗଡ଼,୧୪।୭(ଡି.ଏନ.ଏ)**

ଏନଡିଏର ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ମୁଖପାତ୍ର ଅଜୟ କୁମାରଙ୍କ ଆପତିଜନକ ମନ୍ତବ୍ୟର ତୀବ୍ର ପ୍ରତିବାଦ, ବିକ୍ଷୋଭ ସହ ଦେବଗଡ଼ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ଅଜୟ କୁମାର ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କର କୁଶପୁତ୍ତଳିକା ଦାହ କରାଯାଇଛି। ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୂତିଆଙ୍କ ନେତୃତ୍ୱରେ ବହୁ ଭାଜପା ଓ ଯୁବ ନେତା, କର୍ମୀମାନେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଏକତ୍ରିତ ହୋଇ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଆପତିଜନକ ମନ୍ତବ୍ୟ ଦେଇଥିବା କଂଗ୍ରେସ ମୁଖପାତ୍ର ଓ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏଥିସହ ଉଭୟଙ୍କର କୁଶ ପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା, ବିଜୟ କୁମାର ଦେହୁରୀ, ବବଲୁ ନାୟକ, ଭୋଳା ବେହେରା, ନଗେନ ମାଝୀ, ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜ, ନଗର ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ବରିଷ୍ଠ ନେତା ମୋତିଲାଲ ଶର୍ମା, ସରୋଜ କୁମାର ପାଢୀ, ଚନ୍ଦ୍ରଶେଖର ମହାପାତ୍ର ଓ କୁନା ନାୟକଙ୍କ ସମେତ ବହୁ ଯୁବ ଭାଜପା ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଉଛି।

## ହ୍ରାସ ପାଉଛି ଟଙ୍କା ମୂଲ୍ୟ

**ନୂଆଦିଲ୍ଲୀ:** କ୍ରମାଗତ ଭାବେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ପାଇଚାଲିଛି। ଫଳରେ ଟଙ୍କାର ମୂଲ୍ୟ ଡଲାର ତୁଳନାରେ ନିମ୍ନଗାମୀ ହୋଇରହୁଛି। ଗୁରୁବାର ବଜାର କାରବାର ଶେଷ ସୁଦ୍ଧା ଟଙ୍କାର ମୂଲ୍ୟ ୯ ପଇସା ହ୍ରାସ ଘଟି ୭୯.୮୮ ଟଙ୍କାରେ ରହିଛି। ଏପରିକି ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଏକ ନୂତନ ନିମ୍ନ ସ୍ତରରେ ପହଞ୍ଚିଛି। ଯାହା ଗ୍ରୀନବ୍ୟାକ୍ ତୁଳନାରେ ୦.୩% ଦୁର୍ବଳ ହୋଇଛି, କାରଣ ଆମେରିକାର ମୁଦ୍ରାସ୍ଫୀତିର ଆଶଙ୍କାଠାରୁ ଅଧିକ ବୃଦ୍ଧି ହେତୁ ଫେଡେରାଲ ରିଜର୍ଭ ସୁଧ ହାରକୁ ୧୦୦ ଆଧାର ପଏଣ୍ଟ (ବିପିଏସ୍) ବୃଦ୍ଧି କରିଛି। ଅପରପକ୍ଷରେ ଚଳିତ ମାସ ଶେଷ ସୁଦ୍ଧା ଏହାର ବୈଠକ ବସିପାରେ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ୧୮୦୦କର୍ମଚାରୀଙ୍କୁ ଛଟେଇ କଲା ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ,୧୪।୭: ବିଶ୍ୱର ପ୍ରମୁଖ ଆଇଟି କମ୍ପାନୀ ମାଇକ୍ରୋସଫ୍ଟ ନିକଟରେ ତା'ର ବିଭିନ୍ନ କ୍ଷେତ୍ରରୁ ପ୍ରାୟ ୧୮୦୦ କର୍ମଚାରୀଙ୍କୁ ଛଟେଇ କରିଛି। ଏପରିକି କମ୍ପାନୀର ବିଭିନ୍ନ ଅଞ୍ଚଳରେ ଥିବା ଅଫିସ କର୍ମଚାରୀଙ୍କୁ ମଧ ଅବ୍ୟାହତ ଦେଇଛି। ଅପରପକ୍ଷରେ ଜୁନ ୩୦ ରେ ଆର୍ଥିକ ବର୍ଷର ପ୍ରଥମ ତ୍ରୈସାମିକ ବୈଠକ ସରିବା ପରେ ନୂଆ ବ୍ୟବସାୟ ଗ୍ରୁପ୍ ଗଠନ କରିବା ପାଇଁ କମ୍ପାନି ପକ୍ଷରୁ ଏଭଳି ଛଟେଇ କରାଯାଇଛି ବୋଲି ଜଣାପଡିଛି। ନୂଆ ଆର୍ଥିକ ବର୍ଷ ପାଇଁ ମାଇକ୍ରୋସଫ୍ଟ କମ୍ପାନୀ ନୂଆ କର୍ମଚାରୀଙ୍କୁ ନିଯୁକ୍ତି ଦେବ ବୋଲି କମ୍ପାନୀ ଘୋଷଣା କରିଛି। ଏପରିକି କମ୍ପାନୀ ମଧ ଅନ୍ୟ କମ୍ପାନୀଗୁଡ଼ିକ ଭଳି କିଛି କର୍ମଚାରୀଙ୍କୁ ଛଟେଇ କରିଛି। ସେହିଭଳି ନିୟମିତ ଭାବରେ ଆମେ ଆମର ବ୍ୟବସାୟର ଗୁରୁତ୍ୱକୁ ମୂଲ୍ୟାୟନ କରିଛୁ, ସେହି ଅନୁସାରେ ଏହାର ସାଂଗଠନିକ ରୂପକୁ ମଧ ବଦଳାଉଛୁ। ତେବେ ମାଇକ୍ରୋସଫ୍ଟର ମୋଟ କର୍ମଚାରୀଙ୍କ ସଂଖ୍ୟା ୧.୮ ଲକ୍ଷ ଠାରୁ ଛଟେଇ ସଂଖ୍ୟା ୧% ରୁ କମ୍ ବୋଲି କମ୍ପାନୀ କହିଛି। ବିଭିନ୍ନ ଦେଶ ଓ ଡିପାର୍ଟମେଣ୍ଟରୁ ଏହି ଚାକିରି ଛଟେଇ କରାଯାଇଛି। କନସଲଟିଂ, କଷ୍ଟମର ଏବଂ ପାର୍ଟନର ସିଲ୍ୟୁସନ ଆଦି ବିଭାଗରେ ଛଠେଇ କରାଯାଇଛି।

### ମହାରାଷ୍ଟ୍ରରେ ତୈଳ ଟିକସ ହ୍ରାସ

ମୁମ୍ବାଇ,୧୪।୭: ନବଗଠିତ ମହାରାଷ୍ଟ୍ର ସରକାର ନିକଟରେ ତୈଳ ଟିକସ ହ୍ରାସ ନେଇ ଘୋଷଣା କରିଥିଲେ। ଗୁରୁବାର ମହାରାଷ୍ଟ୍ର ସରକାରଙ୍କ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ପେଟ୍ରୋଲ୍ ଉପରୁ ୫ ଟଙ୍କା ଏବଂ ଡିଜେଲ୍‌ରୁ ୩ ଟଙ୍କା ରାଜ୍ୟ ତୈଳ ଟିକସ (ଭାଟ) ଆକାରରେ ହ୍ରାସ କରାଯାଇଛି। ଫଳରେ ସରକାରଙ୍କ ଏଭଳି ନିଷ୍ପତ୍ତି ଯୋଗୁ ନିଆଯାଇଛି ରାଜ୍ୟକୁ ବର୍ଷକୁ ୬୦୦୦କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କହିଛନ୍ତି। ଅପରପକ୍ଷରେ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ କହିଛନ୍ତି ଏହି ନିଷ୍ପତ୍ତି ହେଉଛି ଜନ କଲ୍ୟାଣ ନିମନ୍ତେ ମେଣ୍ଟ ସରକାରଙ୍କ ପ୍ରତିବଦ୍ଧତାର ଅଂଶବିଶେଷ। ସୂଚନଯୋଗ୍ୟ ଯେ ବର୍ତ୍ତମାନ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧.୩୫ ଟଙ୍କା ବଦଳରେ ୧୦୬.୩୫ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଲିଟର ପିଛା ୯୭.୨୮ଟଙ୍କା ବଦଳରେ ୯୪.୨୮ ଟଙ୍କାରେ କାରବାର ହେଉଛି।

# ଜୁନ୍‌ରେ ଖସିଲା ଡବ୍ଲ୍ୟୁପିଆଇ ମୁଦ୍ରାସ୍ଫୀତି ହାର

**ନୂଆଦିଲ୍ଲୀ,୧୪।୭**

ଚଳିତ ବର୍ଷ ଜୁନ୍ ମାସ ପାଇଁ ହୋଲ୍‌ସେଲ ମୂଲ୍ୟ ସୂଚକାଙ୍କ ଭିତ୍ତିକ ମୁଦ୍ରାସ୍ଫୀତି (ଡବ୍ଲ୍ୟୁପିଆଇ) ଗତ ୪ ଦଶନ୍ଧିର ଉଚ୍ଚତାରୁ ସାମାନ୍ୟ ହ୍ରାସ ପାଇଛି। ଏପରିକି ଚଳିତ ବର୍ଷ ମେ'ଠାରୁ ମଧ ସାମାନ୍ୟ ହ୍ରାସ ଘଟି ୧୫.୧୮% ରେ ରହିଛି। ଏହା ମୁଖ୍ୟତଃ ଅନ୍ତର୍ଜାତୀୟ ଅଶୋଧିତ ମୂଲ୍ୟ, ଖାଦ୍ୟପଦାର୍ଥ, ଖଣିଜ ତେଲ ଏବଂ ଅନ୍ୟାନ୍ୟ ଦ୍ୱାରା ପରିଚାଳିତ ହୋଇଥାଏ। ଏହା କ୍ରମାଗତ ତୃତୀୟ ମାସ ପାଇଁ କାରଖାନା-ଗେଟ୍ ମୁଦ୍ରାସ୍ଫୀତି ୧୫ ପ୍ରତିଶତ ମାର୍କରୁ ଅଧିକ ହୋଇଛି। ଅପରପକ୍ଷରେ ମେ ମାସରେ ଡବ୍ଲ୍ୟୁପିଆଇ ମୁଦ୍ରାସ୍ଫୀତି ୧୫.୮୮% ରେ ପହଞ୍ଚିଥିଲା, ଯାହା ବର୍ତ୍ତମାନର ସିରିଜ୍ ପାଇଁ ରେକର୍ଡ ଏବଂ ସେପ୍ଟେମ୍ବର ୧୯୯୧ ପରଠାରୁ ସର୍ବାଧିକ ବୋଲି କୁହାଯାଉଛି। ସେହିଭଳି ଗୁରୁବାର କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଜୁନ୍ ମାସର ପାଇକାରୀ ମୁଦ୍ରାସ୍ଫୀତି



ହାର ଅନୁସାରେ ଜୁନ୍‌ରେ ପାଇକାରୀ ମୁଦ୍ରାସ୍ଫୀତି ୧୫.୮୮% ରୁ ହ୍ରାସ ପାଇ ୧୫.୧୮% ରେ ରହିଛି। ତେବେ ୨୦୨୧ ଜୁନ୍‌ରେ ଏହି ହାର ୧୨.୦୭% ରହିଥିଲା।

ଏହା ପୂର୍ବରୁ ଅନୁମାନ କରାଯାଉଥିଲା ପାଇକାରୀ ମୁଦ୍ରାସ୍ଫୀତି ହାର ୧୫.୫୦% ରହିପାରେ। ତେବେ ଅନୁମାନଠାରୁ ହାର ହ୍ରାସ ହେବା ଏବେ ଆଶ୍ୱସ୍ତିର ଖବର ବୋଲି କୁହାଯାଉଛି। ଏଥିରୁ ମୂଲ୍ୟ ବୃଦ୍ଧି ନିୟନ୍ତ୍ରଣ ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କରୁଥିବା ଉପାୟ କାମ ଦେଉଥିବା ଓ ଭବିଷ୍ୟତରେ ଆହୁରି ହ୍ରାସ ହୋଇପାରେ ବୋଲି କୁହାଯାଇଛି। ତେବେ ଯାହା ସବୁଠୁ ଚିନ୍ତାର ବିଷୟ ତାହା ହେଉଛି ଗତ ୧୫ ମାସରୁ ଊର୍ଦ୍ଧ୍ୱ କାଳ ହେଲା ଏହା ଦୁଇ ଅଙ୍କରେ ରହିଛି। ସୂଚନା ମୁତାବକ ଜୁନ ୨୦୨୨ରେ ଖାଦ୍ୟପଦାର୍ଥର ପାଇକାରୀ ମୁଦ୍ରାସ୍ଫୀତି ମେ ମାସର ୧୦.୮୯% ରୁ ବଢି ୧୨.୪୧%ରେ ପହଞ୍ଚିଛି। ଏଥିରେ ପ୍ରାଇମେରି ଆର୍ଟିକ୍ଲର ହୋଲ୍‌ସେଲ ପ୍ରାଇସ୍ ଇଣ୍ଡେକ୍ସ (ଡବ୍ଲ୍ୟୁପିଆଇ) ୧୯.୭୧% ହ୍ରାସ ପାଇ ୧୯.୨୨%ରେ ରହିଛି। ସେହିପରି ଏହି ସମୟରେ ତୈଳ ଓ ପାୱାର ଡବ୍ଲ୍ୟୁପିଆଇ ୪୦.୬୨%ରୁ ହ୍ରାସ ପାଇ ୪୦.୩୮% ରେ ପହଞ୍ଚିଛି। ସେହିପରି ରେଡିମେଡ୍ ପ୍ରଡକ୍ଟସର ଡବ୍ଲ୍ୟୁପିଆଇ ୧୦.୧୧% ରୁ ହ୍ରାସ ହୋଇ ୯.୧୯%ରେ ରହିଛି। ତେବେ ଜୁନ୍ ୨୦୨୨ରେ ପନିପରିବା ପାଇକାରୀ ମୁଦ୍ରାସ୍ଫୀତି ମେ ମାସର ୫୬.୩୬%ରୁ ବଢି ୫୬.୭୫%ରେ ପହଞ୍ଚିଛି। ଅଣ୍ଡା ଓ ମାଂସର ଡବ୍ଲ୍ୟୁପିଆଇ ୭.୭୮% ରୁ ହ୍ରାସ ହୋଇ ୭.୨୪%ରେ ରହିଛି। ଏହି ସମୟରେ ପିଆଜର ହୋଲ୍‌ସେଲ ପ୍ରାଇସ୍ ଇଣ୍ଡେକ୍ସ ବିଯୁକ୍ତ ୨୦.୪୦% ରୁ ହ୍ରାସ ହୋଇ ବିଯୁକ୍ତ ୩୧.୫୪% କୁ ପହଞ୍ଚିଛି। ତେବେ ଆଳୁ ୨୪.୮୩ ପ୍ରତିଶତରୁ ବଢି ୩୯.୩୮% ରେ ରହିଛି।

# କାଇଣ୍ଡ୍ରିଲ୍‌କୁ ପ୍ରଯୁକ୍ତି ସହଯୋଗୀ ଭାବେ ନିଯୁକ୍ତି କରିଛି ଏଚ୍‌ଏମ୍‌ଏସ୍‌ଆଇ

**ଭୁବନେଶ୍ୱର,୧୪।୭**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ନିକଟରେ ଘୋଷଣା ହୋଇଛି ଯେ କମ୍ପାନୀର ମାନୁଫାକ୍ଚରିଂ କାରଖାନାଗୁଡ଼ିକରେ ଆଇଟି ଓ ନିରାପତ୍ତା ରୂପାନ୍ତରଣ ଯାତ୍ରାର ଅନୁଧ୍ୟାନ ପାଇଁ ପ୍ରଯୁକ୍ତି ସହଯୋଗୀ ଭାବେ ଆଇଟି ଭିତ୍ତିଭୂମି ସେବା ପ୍ରଦାନକାରୀ ସଂସ୍ଥା କାଇଣ୍ଡ୍ରିଲ୍ ସହ ସହଯୋଗିତା ସ୍ଥାପନ କରାଯାଇଛି। ବର୍ତ୍ତମାନ କାଇଣ୍ଡ୍ରିଲ୍ ପକ୍ଷରୁ କାରଖାନାର ଉତ୍ପାଦନ ଆପ୍ଲିକେସନ୍ ,ଏଣ୍ଟରପ୍ରାଇଜେସ୍ ଓ ସମସ୍ତ ଡିଲରଙ୍କ ଡିଲର ପରିଚାଳନା ବ୍ୟବସ୍ଥାର ଭିତ୍ତିଭୂମି ସେବାର ପରିଚାଳନା କରାଯାଉଛି। ଏପରିକି ଦ୍ରୁତ ଓ ଉନ୍ନତ ଗ୍ରାହକ ସେବା ଅନୁଭୂତି ଜରିଆରେ ପରିଚାଳନା କ୍ଷେତ୍ରରେ ଦକ୍ଷତା ବଢ଼ାଇବା ଲାଗି କମ୍ପାନୀ ପକ୍ଷରୁ ଭିତ୍ତିଭୂମି ପରିଚାଳନାରେ ଉନ୍ନତି ଆଣିବା ଲାଗି କାଇଣ୍ଡ୍ରିଲ୍ ସହ ସହଯୋଗିତାକୁ ନବୀକରଣ କରାଯାଇଛି ଏବଂ ଏହା ଅଟୋମେଶନ ସମେତ କମ୍ପାନୀର ସାଇବର ନିରାପତ୍ତା ଓ ସହନଶୀଳତାରେ ଉନ୍ନତି ଆଣିବ। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତସୁସି ଓଗାତା କହିଛନ୍ତି, ଏଚ୍‌ଏମ୍‌ଏସ୍‌ଆଇରେ ଆମେ କାଇଣ୍ଡ୍ରିଲ୍ ଇଣ୍ଡିଆ ସହ ସ୍ୱତନ୍ତ୍ର ପ୍ରଯୁକ୍ତି ସହଯୋଗିତା ସ୍ଥାପନ କରିଥିବା ବିଷୟରେ ଘୋଷଣା କରି ବେଶ୍ ଆନନ୍ଦିତ। ଜଟିଳ, ଆଇଟି ବ୍ୟବସ୍ଥାରେ ଏଚ୍‌ଏମ୍‌ଏସ୍‌ଆଇର ବ୍ୟବସାୟ କାର୍ଯ୍ୟ ଉପରେ ଗଭୀର ଜ୍ଞାନ ଥିବାରୁ ତାହାକୁ ଭାରତରେ ଆମ ପରିଚାଳନାର ଏକ ବିଶ୍ୱାସଯୋଗ୍ୟ ସହଯୋଗୀରେ ପରିଣତ କରିଛି।

# ୧୮ରୁ ଜୀ ସାର୍ଥକରେ ନୂଆ ମେଗା ସିରିୟଲ 'ମା ଯାହାର ସାହା'

**ଭୁବନେଶ୍ୱର,୧୪।୭**

ରାଜ୍ୟର ପ୍ରମୁଖ ମନୋରଞ୍ଜନଭିତ୍ତିକ ଚ୍ୟାନେଲ 'ଜୀ ସାର୍ଥକ' ପକ୍ଷରୁ ଆଉ ଏକ ନୂଆ ମେଗା ସିରିୟଲ 'ମା ଯାହାର ସାହା' ଓଡ଼ିଆ ଦର୍ଶକଙ୍କୁ ଭେଟି ଦେବାକୁ ଯାଉଛି। ଏହି ସିରିୟଲଟି ଜୁଲାଇ ୧୮ ଠାରୁ ପ୍ରତ୍ୟେକ ସୋମବାରରୁ ଶନିବାର ରାତି ୮ଟା ୩୦ରେ ପ୍ରସାରଣ ହେବ ବୋଲି ସୂଚନା ମିଳିଛି। ବିଶେଷକରି ବିଜ୍ଞାନ ଓ ଈଶ୍ୱର ଭକ୍ତିର ଅପୂର୍ବ ସଂଯୋଗର ସୁନ୍ଦର ପରିକଳ୍ପନାକୁ ଦର୍ଶକମାନେ ଏହି ସିରିୟଲ ଜରିଆରେ ଦେଖିବାକୁ ପାଇବେ। ଏପରିକି ଓଡ଼ିଆ ମନୋରଞ୍ଜନ ଦୁନିଆରେ ଏହି ସିରିୟଲ 'ମା ଯାହାର ସାହା' ଏକ ବଡ଼ ମାଇଲଖୁଣ୍ଟ ହେବ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। ବିଜ୍ଞାନକୁ ବିଶ୍ୱାସ କରୁଥିବା ଡା. ଶିବପ୍ରସାଦ ଏବଂ ମା' କାଳୀଙ୍କ ଉପରେ ପ୍ରଗାଢ ବିଶ୍ୱାସ ରଖୁଥିବା ପାର୍ବତୀଙ୍କ ମଧ୍ୟରେ ଗଢି ଉଠିଥିବା ପ୍ରେମ ସମ୍ପର୍କକୁ ଉକ୍ତ ଧାରାବାହିକରେ ଅତି ନିଚ୍ଛକ ଢଙ୍ଗରେ ପରିବେଷଣ କରାଯାଇଛି। ବିଜ୍ଞାନ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେଉଥିବା କହି ଜଣେ ଦାବି କରୁଥିବା ବେଳେ ଈଶ୍ୱର ହିଁ ସର୍ବଶକ୍ତିମାନ ଓ ସାରା ସଂସାର ଈଶ୍ୱରଙ୍କ




ନିର୍ଦ୍ଦେଶରେ ଚାଲେ ବୋଲି ଆଉ ଜଣେ ଦାବି କରୁଛି। ମା'କାଳୀଙ୍କ ଆଶୀର୍ବାଦରେ କିଭଳି ସୁନା ସଂସାର ଆଗକୁ ବଢୁଛି ଓ କେଉଁ ଘଟଣା ପ୍ରଭାବିତ କରୁଛି, ତାହା ହିଁ ଉପରୋକ୍ତ ସିରିଅଲରେ ଅତି ନିଖୁଣ ଭାବେ ଦେଖାଯାଇଛି। ଓଡ଼ିଆ ଦର୍ଶକଙ୍କ ଭାବନାକୁ ବୁଝିପାରୁଥିବା ଜୀ ସାର୍ଥକ ନୂଆ ନୂଆ ଧାରାବାହିକ ପ୍ରସାରଣ କରୁଛି। ଏହି ନୂଆ ମେଗା ସିରିୟଲରେ ପାର୍ବତୀ ଭୂମିକାରେ ଜସ୍ମିନ ରଥ ଅଭିନୟ କରିଥିବା ବେଳେ ଡା. ଶିବପ୍ରସାଦ ଭୂମିକାରେ ଆଲୋକ ଅଭିନୟ କରିଛନ୍ତି। ଶୈଳଭାମା ଚରିତ୍ରରେ ଛନ୍ଦିତା ପାଢୀ ଓ ଶକ୍ତିପ୍ରସାଦ ଭାବେ ବୀରେନ ମିତ୍ର ଚମତ୍କାର ଅଭିନୟ କରିଛନ୍ତି। ସେହିଭଳି 'ମା ଯାହାର ସାହା' ପୂର୍ବରୁ ସୁନା ଝିଅ ଧାରାବାହିକକୁ ସବୁ ବର୍ଗର ଦର୍ଶକ ବହୁ ଭଲ ପାଇବା ଦେଇଛନ୍ତି, ମା ଯାହାର ସାହା ବି ଦର୍ଶକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଜୀ ସାର୍ଥକର ଚ୍ୟାନେଲ ମୁଖ୍ୟ ପ୍ରତୀକ ସିଲ୍ ମତବ୍ୟକ୍ତ କରିଛନ୍ତି।

# ଜୁନ୍‌ରେ ୨୩.୫% ରପ୍ତାନି ବୃଦ୍ଧି

**ନୂଆଦିଲ୍ଲୀ,୧୪।୭**

କେନ୍ଦ୍ର ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ ଭାରତର ବାଣିଜ୍ୟ ରପ୍ତାନି ୨୩.୫୨% ବୃଦ୍ଧି ହୋଇ ୪୦.୧୩ ବିଲିୟନ ଡ଼ଲାରରେ ପହଞ୍ଚିଛି। ସେହିଭଳି ବାଣିଜ୍ୟ ନିଅଣ୍ଟ ମଧ ୨୬.୧୮ ବିଲିୟନ ଡ଼ଲାରରେ ପହଞ୍ଚିଛି। ଗତ ବର୍ଷ ଜୁନ ତୁଳନାରେ ଚଳିତ ବର୍ଷର ଆମଦାନୀ ୫୭.୫୫% ବୃଦ୍ଧି ପାଇ ୬୬.୩୧ ବିଲିୟନ ଡ଼ଲାରରେ ପହଞ୍ଚିଛି। ୨୦୨୧ ଜୁନ୍ ରେ ବାଣିଜ୍ୟ ନିଅଣ୍ଟ ୯.୬୦ ବିଲିୟନ ଡ଼ଲାରରେ ପହଞ୍ଚିଥିଲା। ସେହିପରି ଚଳିତ ଆର୍ଥିକ ବର୍ଷ (ଏପ୍ରିଲ୍‌ରୁ ଜୁନ୍) ରେ ସଂଗୃହିତ ରପ୍ତାନି ପ୍ରାୟ ୨୪.୫୧% ବୃଦ୍ଧି ହୋଇ ୧୧୮.୯୬ ବିଲିୟନ ଡ଼ଲାରରେ ପହଞ୍ଚିଥିବାବେଳେ ଆମଦାନୀ ୪୯.୪୭% ବୃଦ୍ଧି ପାଇ ୧୮୯.୭୬ ବିଲିୟନ ଡ଼ଲାରରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷର ୧ମ ୩ ମାସରେ ବାଣିଜ୍ୟ ନିଅଣ୍ଟ ପୂର୍ବ ବର୍ଷ ଅବଧିରେ ୩୧.୪୨ ବିଲିୟନ ଡ଼ଲାରରୁ ୭୦.୮୦ ବିଲିୟନ ଡ଼ଲାରକୁ ବୃଦ୍ଧି ପାଇଛି।

# ଆପ୍ ମାଧ୍ୟମରେ ଋଣ ପାଇବେ ଗ୍ରାହକ



**ଭୁବନେଶ୍ୱର,୧୪।୭**

ଇବିଏଲ୍ ଫିନ୍‌ଟେକ୍ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ବୁଧବାର ସ୍ଥାନୀୟ ଚନ୍ଦକା ଶିଳ୍ପାଞ୍ଚଳସ୍ଥିତ 'ଓ ହବ୍' ପରିସରରେ ଇଜି ବ୍ୟାଙ୍କ ଲୋନ୍ ଡଟ୍ କମ୍ ସେବା ସମ୍ପର୍କିତ ଏକ ୱେବ୍‌ସାଇଟ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ଷ୍ଟେଟ୍ ହେଡ୍ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ସିକ୍ୟୁରିଟି ଡିପାର୍ଟମେଣ୍ଟ) ସୌମ୍ୟରଞ୍ଜନ ସର୍ଦ୍ଦାର, ଆଇସିଆଇସିଆଇ ବ୍ୟାଙ୍କ ଜୋନାଲ ହେଡ୍ (ଅନ୍‌ସେକ୍ୟୁଓଡ ଆସେଟ୍) ପ୍ରୟାଗ ସାମଲ, ଏଚ୍‌ଡିଏଫ୍‌ସି ବିଜ୍‌ନେସ ଡେଭଲପମେଣ୍ଟ ହେଡ୍ ଯଶବନ୍ତ ପାଲ୍, ଇଣ୍ଡିଆନ୍ ବ୍ୟାଙ୍କ ଆର୍‌ଏସିପିସି ହେଡ୍ ଅନିଲ ପଟ୍ଟନାୟକଙ୍କ ସମେତ ଇବିଏଲ୍ ଫିନ୍‌ଟେକ୍ କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର ଅଂଶୁମାନ ମହାପାତ୍ର, ନିଗମ ରାୟ, ଦିଲୀପ ବେହେରା, ପ୍ରିୟଦର୍ଶୀ ଦାସ ଓ ଶ୍ରୀ କିରନ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ଏକ ସ୍ୱତନ୍ତ୍ର ଆପ୍‌ର ବିକଶିତ କରାଯାଇ ସବୁବର୍ଗର ଗ୍ରାହକଙ୍କୁ ଋଣ ସମ୍ବନ୍ଧୀୟ ସମସ୍ତ ସେବା, ବିଶେଷକରି ଇଂଲିଶ, ହିନ୍ଦୀ, ଓଡ଼ିଆ ଭାଷାରେ ବିକଶିତ ସହ ଋଣ ସମ୍ବନ୍ଧୀୟ ସମସ୍ତ ସୂଚନା ଏବଂ ଋଣ ପାଇଁ ଆଗ୍ରହୀ ଗ୍ରାହକ ମଧ ଉକ୍ତ ଆପ୍ ଜରିଆରେ ଆବେଦନ କରିପାରିବେ। ଏପରିକି ଗ୍ରାହକଙ୍କ ସମ୍ପୂର୍ଣ୍ଣ ସୂଚନା ଏଠାରେ ନିରାପଦ ଓ ଗୋପନୀୟ ବୋଲି କମ୍ପାନୀର ସିଇଓ ଦେବାଶିଷ ପଟ୍ଟନାୟକ କହିଛନ୍ତି।

## ଫୁର୍‌ସତ



ନୀତୁ ଚନ୍ଦ୍ରା

# ସ୍ତ୍ରୀ ହେଲେ ମାସକୁ ୨୫ ଲକ୍ଷ ଅଫର

**ମୁମ୍ବାଇ:** ସ୍ତ୍ରୀ ହେଲେ ମାସକୁ ମିଳିବ ୨୫ ଲକ୍ଷ। ଜଣେ ବ୍ୟବସାୟୀଙ୍କ ନିକଟରୁ ବଲିଉଡ୍ ଅଭିନେତ୍ରୀ ନୀତୁ ଚନ୍ଦ୍ରାଙ୍କୁ ମିଳିଥିଲା ଏଭଳି ଏକ ଘୃଣ୍ୟ ଅଫର। ଅଙ୍ଗେ ନିଭାଇଥିବା ଏଭଳି ଦୁଃଖଦ ଘଟଣାକୁ ନିକଟରେ ଏକ ସାକ୍ଷାତ୍‌କାରରେ ସାର୍ବଜନୀନ କରିଛନ୍ତି ସେ। ବି-ଟାଉନ୍‌ରେ କେତେବେଳେ କାହା ଭାଗ୍ୟ ବଦଳିଯିବ ତାହା କହିବା ମୁସ୍କିଲ୍। ଇଣ୍ଡଷ୍ଟ୍ରିରେ କିଏ କେତେବେଳେ ଉପରକୁ ଉଠିଯାଏ ତ କିଏ କେବେ ହଜିଯାଆନ୍ତି। ଠିକ୍ ସେମିତି ଜଣେ ଅଭିନେତ୍ରୀ ହେଉଛନ୍ତି ନୀତୁ ଚନ୍ଦ୍ରା। ନାୟିକା ନୀତୁ ୨୦୦୫ରେ ଫିଲ୍ମ 'ଗରମ ମସଲା' ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏଥିରେ ସେ ଏୟାରହୋଷ୍ଟେସ୍ ଚରିତ୍ରରେ ନଜରକୁ ଆସିଥିଲେ। ଖିଲାଡି ଷ୍ଟାର ଅକ୍ଷୟ କୁମାର ଏବଂ ଜନ୍ ଆବ୍ରାହମ୍ ମଧ ତାଙ୍କ ବିପକ୍ଷରେ ଅଭିନୟ କରିଥିଲେ। ଏହା ପରେ ସେ 'ଟ୍ରାଫିକ୍ ସିଗ୍‌ନାଲ୍', 'ୱାନ୍ ଥ୍ରୀ', 'ଓଏ ଲକି ଲକି ଓଏ' ଭଳି ସିନେମାରେ ଅଭିନୟ କରିଥିଲେ। ଶେଷ ଥର ପାଇଁ ତାଙ୍କୁ 'କୁଛ୍ ଲଭ୍ ଜୈସା'ରେ ଦେଖିବାକୁ ମିଳିଥିଲା। ହାତଗଣତି ସିନେମାରେ ଅଭିନୟ କରିଥିଲେ ମଧ ନୀତୁ ଦର୍ଶକଙ୍କ ମନରେ ଛାଡ଼ିଛନ୍ତି ସ୍ୱତନ୍ତ୍ର ଛାପ। ତେବେ ମାସିକ ୨୫ ଲକ୍ଷ ଟଙ୍କାରେ ଜଣେ ବ୍ୟବସାୟୀ ନୀତୁଙ୍କୁ ତାଙ୍କର ଧର୍ମପତ୍ନୀ ହେବାକୁ ଅଫର ଦେଇଥିଲେ। ଲୋକମାନେ ବିବାହ ଭଳି ପବିତ୍ର ସମ୍ପର୍କକୁ ନେଇ ଡିଲ୍ କରିପାରନ୍ତି, ଏହା ଭାବିବା ବେଳକୁ ବିଶ୍ୱାସ କରିବା କଷ୍ଟକର ବୋଲି ନୀତୁ କୋହଭରା କଣ୍ଠରେ କହିଛନ୍ତି।

# ବିକାଶ କ୍ଷେତ୍ରରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ପୃଥିବୀର ବିକାଶ କ୍ଷେତ୍ରରେ ଯୁବବର୍ଗଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯୁବବର୍ଗଙ୍କ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁଲାଇ ୧୫ରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଥାଏ। ୨୦୧୪, ଜୁଲାଇ ୧୫ରେ ମିଳିତ ଜାତିସଂଘର ସାଧାରଣ ସଭା ଏହି ଦିବସ ପାଳନ କରିବା ନିମନ୍ତେ ଘୋଷଣା କରିଥିଲା। ଯୁବବର୍ଗଙ୍କୁ ରୋଜଗାର, ଉପଯୁକ୍ତ କାର୍ଯ୍ୟ ଏବଂ ଉଦ୍ୟୋଗ ପାଇଁ ଦକ୍ଷତା ଉପଲବ୍ଧ କରାଇବା ସମ୍ପର୍କରେ ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ପୃଥିବୀର ବିକାଶ ଲାଗି ଯୁବବର୍ଗଙ୍କୁ ବୈଷୟିକ ଏବଂ ଧନ୍ଦାମୂଳକ ଶିକ୍ଷା ତାଲିମ ପ୍ରଦାନ ଜରୁରୀ ବୋଲି ବିଶ୍ୱର ବିଭିନ୍ନ ରାଷ୍ଟ୍ର ହୃଦୟଙ୍ଗମ କରିଛନ୍ତି। ଏହି ଦିନ ଅର୍ଥାତ୍ ଜୁଲାଇ ୧୫ରେ ସ୍କିଲ୍ ଇଣ୍ଡିଆ ମିଶନ ମଧ ଆରମ୍ଭ କରାଯାଇଥିଲା।ଏହି ଦିନଟି ବର୍ତ୍ତମାନର ତଥା ଭବିଷ୍ୟତର ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା କରିବାରେ କୁଶଳୀ ଯୁବବର୍ଗମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ ପ୍ରାଧାନ୍ୟ ପ୍ରଦାନ କରିଥାଏ।

ସ୍କିଲ୍ ଇଣ୍ଡିଆ ହେଉଛି କେନ୍ଦ୍ର ସରକାରଙ୍କ ଏକ ପଦକ୍ଷେପ, ଯାହା ଯୁବ ଦକ୍ଷତାକୁ ସଶକ୍ତ କରିବା ଏବଂ ସେମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଅଧିକ ନିଯୁକ୍ତି ଏବଂ ଉତ୍ପାଦନକ୍ଷମ କରିବା ପାଇଁ ଆରମ୍ଭ କରାଯାଇଥିଲା।ୟୁନେସ୍କୋ ଅନୁଯାୟୀ, ବିଶ୍ୱର ପ୍ରାୟ ୭୦ ପ୍ରତିଶତ ଶିକ୍ଷାର୍ଥୀଙ୍କର ଶିକ୍ଷାସ୍ତରରେ ବିଦ୍ୟାଳୟକୁ ନ ଯିବା ଯୋଗୁ ପାଠପଢ଼ା ପ୍ରଭାବିତ ହୋଇଥାଏ ବୋଲି ଆକଳନ କରାଯାଇଛି। ଏହାର ବିଭିନ୍ନ କାରଣ ମଧ ରହିଛି। ୟୁନେସ୍କୋ, ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ) ଏବଂ ବିଶ୍ୱ ବ୍ୟାଙ୍କ ମିଳିତ ଭାବେ ଯୁବବର୍ଗଙ୍କ ବିକାଶ ଲାଗି କାର୍ଯ୍ୟ କରିଥାନ୍ତି। ଏହି ଦିବସ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାନାପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

# ପିଲାଙ୍କ ଦେହରେ ଟାଟୁ

ୱେଲିଂଟନ୍: ନିଜର ନିଆରା ସଉକ୍ ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ନ୍ୟୁଜିଲାଣ୍ଡର ଚାଇଲ୍ଡ ଟାଟୁ ଆର୍ଟିଷ୍ଟ ବେଞ୍ଜାମିନ୍ ଲାୟଡ୍। ବେଞ୍ଜାମିନ୍ କେବଳ ଛୋଟ ପିଲାଙ୍କ ଦେହରେ ଟାଟୁ କରିଥାନ୍ତି। ୨୦୧୬ରୁ ସେ ଏହି କାମ ଆରମ୍ଭ କରିଥିଲେ। ହେଲେ ତାଙ୍କ ଟାଟୁ ଥିଲା ଅନ୍ୟମାନଙ୍କଠାରୁ ଭିନ୍ନ। ଟାଟୁ ଆର୍ଟିଷ୍ଟମାନେ ସାଧାରଣତଃ ସାବାଳକଙ୍କ ଶରୀରରେ ଟାଟୁ ଆଙ୍କିଥାଆନ୍ତି। ହେଲେ ସେମାନଙ୍କଠାରୁ ପାଦେ ଆଗରେ ଅଛନ୍ତି ବେଞ୍ଜାମିନ୍। ସେ କେବଳ ଶିଶୁମାନଙ୍କ ଶରୀରରେ ଫୁଟାଉଛନ୍ତି ନିଜର ନିଆରା କଳା। ବେଞ୍ଜାମିନ୍ ଏୟାରବ୍ରଶ ସାହାଯ୍ୟରେ ପିଲାଙ୍କ ଶରୀରରେ ଟାଟୁ କରିଥାନ୍ତି। ପ୍ରଥମ ଥର ପାଇଁ ସେ ତାଙ୍କ ବନ୍ଧୁଙ୍କ ପୁଅ ଦେହରେ ଟାଟୁ କରିଥିଲେ। ଏହି ଟାଟୁକୁ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଥିଲେ, ଯାହାକୁ ୪ ଲକ୍ଷରୁ ଅଧିକ ଲୋକ ପସନ୍ଦ କରିଛନ୍ତି।



# ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ କଙ୍ଗନା

ମୁମ୍ବାଇ: ଝାନ୍ସି ରାଣୀ ଲକ୍ଷ୍ମୀ ବାଈ, ଜୟଲଳିଥାଙ୍କ ବାୟୋପିକ୍ ପରେ ଏବେ ସବୁଠାରୁ ଶକ୍ତିଶାଳୀ ମହିଳା ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ନଜର ଆସିଛନ୍ତି ବଲିଉଡ୍ ପଙ୍ଗା କୁଇନ୍ କଙ୍ଗନା ରାଣାୱତ୍। 'ମୁଁ ମାଡାମ୍ ନୁହେଁ ସାର୍, ଆମେରିକା ପ୍ରେସିଡେଣ୍ଟଙ୍କୁ କହିଦେବେ ମତେ ଅଫିସରେ ସମସ୍ତେ ସାର୍ କୁହନ୍ତି'। ରିଲିଜ୍ ହୋଇଥିବା ଆଗାମୀ ଫିଲ୍ମ 'ଏମର୍ଜେନ୍ସି'ର ଟିଜରରେ ଏପରି କିଛି ଦମଦାର ଡାଇଲଗ ସହ ନଜରକୁ ଆସିଛନ୍ତି କଙ୍ଗନା। ଟିଜରଟି ଏକ ଫୋନ କଲ୍‌ରୁ ଆରମ୍ଭ ହୋଇଛି। କଙ୍ଗନାଙ୍କ ଲୁକ୍, ଭଏସ୍ ଏବଂ ଏକ୍ସପ୍ରେଶନ୍‌କୁ ଇନ୍ଦିରାଙ୍କ ପରି ଅବିକଳ କରିବାକୁ ଉଦ୍ୟମ କରାଯାଇଛି। ଟିଜରକୁ କଙ୍ଗନା ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରିଛନ୍ତି। ସେଥିରେ ସେ ଲେଖିଛନ୍ତି, ପ୍ରାୟ ବର୍ଷେ ହେଲା ସେ ସିନେମା 'ଏମର୍ଜେନ୍ସି' ଉପରେ କାମ କରୁଛନ୍ତି। ରୀତେଶ ଶାହା ଏହି ଫିଲ୍ମର ରଚନା କରିଥିବାବେଳେ କଙ୍ଗନା ନିଜେ ଏହାର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି। ଏହା ପୂର୍ବରୁ ସେ 'ମଣିକର୍ଣ୍ଣିକା'ରେ ପ୍ରଥମ ନିର୍ଦ୍ଦେଶନା ଦେଇଥିଲେ। 'ଏମର୍ଜେନ୍ସି' ହେଉଛି ତାଙ୍କର ଦ୍ୱିତୀୟ ନିର୍ଦ୍ଦେଶିତ ସିନେମା। ରାଜନୈତିକ ଡ୍ରାମା ଉପରେ ଆଧାରିତ ଏହି ଚଳଚ୍ଚିତ୍ରରେ ଅନୁପମ ଖେର୍ ମଧ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ୨୦୨୩ରେ ଏହି ସିନେମା ପରଦାକୁ ଆସିବ। ଉକ୍ତ ଫିଲ୍ମ କଙ୍ଗନାଙ୍କୁ ପୁଣି ଥରେ 'ନ୍ୟାଶନାଲ ଫିଲ୍ମ ଆୱାର୍ଡ' ଜିତାଇବ ବୋଲି ଏବେଠାରୁ ବି-ଟାଉନ୍‌ରେ ଚର୍ଚ୍ଚା ଆରମ୍ଭ ହେଲାଣି।



# ଏସ୍‌ସିବିରେ ଉପଲବ୍ଧ ହେବ ଲିଭର ପ୍ରତିରୋପଣ

## ଆସ୍ତର ସିଏମ୍‌ଆଇ ହସ୍ପିଟାଲ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ଶିଶୁମାନଙ୍କ କ୍ଷେତ୍ରରେ ଲିଭର ଟ୍ରାନ୍ସପ୍ଲାଣ୍ଟ କରିବା ପାଇଁ ଗୁରୁବାର ବେଙ୍ଗାଲୁରୁର ଆସ୍ତର ସିଏମ୍‌ଆଇ ହସ୍ପିଟାଲ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଉପସ୍ଥିତିରେ ଆସ୍ତର ସିଏମ୍‌ଆଇ ହସ୍ପିଟାଲ ପକ୍ଷରୁ ଆଞ୍ଚଳିକ ନିର୍ଦ୍ଦେଶକ ନୀତୀଶ ସେଟ୍ଟି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଡିଏମ୍‌ଇଟି ରମାରମଣ ମହାନ୍ତି ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ସୁବିଧା ପ୍ରଥମ ଥର ଲାଗି ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଉପଲବ୍ଧ ହେବ।

ଏଠାରେ ଆସ୍ତର ହସ୍ପିଟାଲ ଡାକ୍ତରମାନେ ଯକୃତ ରୋଗରେ ପୀଡ଼ିତ ଶିଶୁମାନଙ୍କ ପରୀକ୍ଷାନିରୀକ୍ଷା କରିବା ପରେ ଅସ୍ତ୍ରୋପଚାରର ଆବଶ୍ୟକତା ପଡ଼ିଲେ ସେମାନଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇଦେବେ। ଏହାସହ ଆସ୍ତର ପକ୍ଷରୁ ଡାକ୍ତର, ନର୍ସ, ପାରାମେଡିକ୍ସମାନଙ୍କୁ ଲିଭର ଟ୍ରାନ୍ସପ୍ଲାଣ୍ଟ ସମ୍ପର୍କିତ ସମସ୍ତ ପ୍ରକାର ତାଲିମ ପ୍ରଦାନ କରାଯିବ। ଏହି ଅବସରରେ ମନ୍ତ୍ରୀ ଦାସ କହିଥିଲେ, ଉକ୍ତ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ରାଜ୍ୟରେ ସୁପରସ୍ପେଶାଲିଟି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ ହୋଇଛି। ଏହାଦ୍ୱାରା ପ୍ରକୃତ ରୋଗୀ ବିନା ମୂଲ୍ୟରେ ଅତ୍ୟାଧୁନିକ ଚିକିତ୍ସାସୁବିଧା ପାଇପାରିବ। ଏଥିପାଇଁ ଆଉ ଖର୍ଚ୍ଚାନ୍ତ ହୋଇ ରାଜ୍ୟ ବାହାରକୁ ରୋଗୀଙ୍କୁ ଯିବାକୁ ପଡ଼ିବ ନାହିଁ। ସରକାରଙ୍କ ଯୋଜନା ଅନୁଯାୟୀ ଆଗାମୀ ଦିନରେ ବୟସ୍କମାନଙ୍କୁ ମଧ୍ୟ ଲିଭର ଟ୍ରାନ୍ସପ୍ଲାଣ୍ଟର ସୁବିଧା ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ।



ବୁଝାମଣାପତ୍ର ସ୍ୱାକ୍ଷର ବେଳେ ଉପସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ଅନ୍ୟ କାର୍ଯ୍ୟକର୍ତ୍ତା।

# ଜଙ୍ଗଲରୁ ମାଟି ଖୋଳି ଶିଶୁପୁତ୍ରର ମୃତଦେହ ଜବତ

## ସନ୍ଦେହ ଘେରରେ ମାଆବାପା

ଏମ୍‌ଭି-୭୯,୧୪।୭(ଡି.ଏନ.ଏ.)

ଜନ୍ମକଲା ନବଜାତ ଶିଶୁଙ୍କୁ ହତ୍ୟା କରିବା ଭଳି ସାଂଘାତିକ ଅଭିଯୋଗ ଆସିଛି ମାଆବାପାଙ୍କ ଉପରେ। ଏହାର ଏକ ଭିଡିଓ ବିଭିନ୍ନ ମୋବାଇଲରେ ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ମାଟି ଖୋଳି ନବଜାତ ଶିଶୁର ଗଳିତ ମୃତଦେହ ବାହାର କରିବା ଏବଂ ତାଙ୍କୁ ଶତାଧିକ ଗ୍ରାମବାସୀ ଘେରି ରହିଥିବାର ଦୃଶ୍ୟ ମୋବାଇଲରୁ ଜଣାପଡ଼ିବା ପରେ ଏନେଇ ସମ୍ପୃକ୍ତ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି। ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ପିଭି-୮୩ ଗ୍ରାମରେ ଘଟିଛି ଏପରି ଘଟଣା। ଖବରରୁ ଜଣାପଡିଛି ଗତ ୧୨ ତାରିଖରେ ଏମ୍‌ପିଭି-୮୩ ଗ୍ରାମର ବିନୋଦ ପାଇକ ଓ ଜାମଲିଙ୍କ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଜନ୍ମ ପରେ ଗ୍ରାମବାସୀ ଶିଶୁଟି ସମ୍ପର୍କରେ କିଛି ଜାଣି ନ ପାରିବାରୁ ମାଆବାପାଙ୍କ ଉପରେ ସନ୍ଦେହ କରିଥିଲେ। ନବଜାତ ଶିଶୁପୁତ୍ରକୁ ସେମାନେ ମାରିଦେଇଥାଇପାରନ୍ତି ବୋଲି ସନ୍ଦେହ କରି ଗ୍ରାମବାସୀ ମୋଟୁ ଥାନାରେ ଜଣାଇଥିଲେ। ପରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଥିଲା। ପୋଲିସ ସହ ବିନୋଦ ଜଙ୍ଗଲକୁ ଯାଇ ମାଟି ଖୋଳି ଶିଶୁପୁତ୍ରର ଗଳିତ ମୃତଦେହ ବାହାର କରିଥିଲେ। ଘଟଣା ନେଇ ମୋଟୁ ଥାନାରେ ୧୨/୨୨ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ରିପୋର୍ଟ ଆସିବା ପରେ ପ୍ରକୃତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଅଶୋକ ବିଶୋୟୀ କହିଛନ୍ତି।

# ସାପ କାମୁଡ଼ାରେ ଦମ୍ପତି ମୃତ

ପାଇକମାଳ,୧୪।୭(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ଝିଁଟିକି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବୁଧବାର ରାତିରେ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେବାରୁ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତ ଦମ୍ପତି ହେଲେ ଶଙ୍କର ପ୍ରଧାନ (୨୬) ଓ ଶାନ୍ତି ପ୍ରଧାନ (୨୨)। ତେବେ ଦେଢ଼ବର୍ଷର ଶିଶୁପୁତ୍ର ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁସାରେ, ବୁଧବାର ରାତିରେ ଶଙ୍କର, ଶାନ୍ତି ଏବଂ ତାଙ୍କର ଦେଢ଼ ବର୍ଷର ଶିଶୁ ଘରେ ଶୋଇଥିଲେ। ରାତି ପ୍ରାୟେ ଅଢେଇଟା ସମୟରେ ଏକ ବିଷାକ୍ତ ଚିତି ସାପ ପ୍ରଥମେ ଶାନ୍ତିଙ୍କୁ କାମୁଡ଼ି ଦେଇଥିଲା। କିନ୍ତୁ ପିମ୍ପୁଡ଼ି କାମୁଡିଥିବା ଭାବି ସେ ନିଜ ଶିଶୁକୁ ସ୍ତନ୍ୟପାନ କରାଇ ଶୋଇପଡିଥିଲେ। ପରେ ସାପଟି ଶଙ୍କରଙ୍କ ପିଠିକୁ କାମୁଡିବାରୁ ସେ ଏହା ଦେଖି ଘର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଶଙ୍କର ଓ ଶାନ୍ତିଙ୍କୁ ଗୁରୁବାର ସକାଳେ ପାଇକମାଳ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ଉଭୟଙ୍କୁ ପଡ଼ୋଶୀ ନୂଆପଡା ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ନୂଆପଡା ଡାକ୍ତରଖାନାରେ ଉକ୍ତ ଦମ୍ପତିଙ୍କୁ ମୃତ ଘୋଷଣା କରାଯାଇଥିଲା। ଅନ୍ୟପକ୍ଷେ ଦମ୍ପତିଙ୍କ ଶିଶୁପୁତ୍ରକୁ ନୂଆପଡା ଡାକ୍ତରଖାନାରେ ଚିକିତ୍ସା କରି ଘରକୁ ପଠାଇ ଦିଆଯାଇଛି। ପାଇକମାଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଉଭୟ ମୃତଦେହକୁ ବ୍ୟବଚ୍ଛେଦ କରାଇଛି। କରିଛି। ସୂଚନାଯୋଗ୍ୟ, ଶଙ୍କରଙ୍କ ମା' ଗତବର୍ଷ ଆତ୍ମହତ୍ୟା କରିଥିବା ବେଳେ ଦେଢ଼ ବର୍ଷର ଶିଶୁପୁତ୍ର ବର୍ତ୍ତମାନ ଅଜା ଅକ୍ଷୟ ପ୍ରଧାନଙ୍କ ପାଖରେ ରହିଛନ୍ତି।

# ହତ୍ୟା ମାମଲା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ବାଲିଗୁଡ଼ା(ଡି.ଏନ୍.ଏ.)/ ଫୁଲବାଣୀ ଅଫିସ, ୧୪।୭

କନ୍ଧମାଳ ଜିଲା ଚକାପାଦ ଥାନା ଅନ୍ତର୍ଗତ ପସରାରେ ୨୦୧୮ରେ ଘଟିଥିବା ଏକ ହତ୍ୟା ମାମଲାର ଚୂଡାନ୍ତ ରାୟ ଗୁରୁବାର ପ୍ରକାଶ ପାଇଛି। ବାଲିଗୁଡା ଅତିରିକ୍ତ ଜିଲା ଦୌରାଜଜ୍ ଦିଲୀପ କୁମାର ବିଶ୍ୱାଳ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କାର ଜରିମାନା କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଚକାପାଦ ଥାନା ପସରା ଗ୍ରାମର ଅକ୍ଷୟ ରଣା। ଏହି ମାମଲାର ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଖଲାସ କରାଯାଇଛି।

ନନ୍ଦିନୀ ଗ୍ରାମର ବିଭୀଷଣ ମହାପାତ୍ରଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଦୁଇ ପିଲାଙ୍କୁ ଧରି ରହୁଥିଲେ। ନିକଟସ୍ଥ ପସରା ଗ୍ରାମ କାଳୀମନ୍ଦିର ପୂଜାରୀ ଅକ୍ଷୟ ତାଙ୍କ ଘରକୁ ଯା'ଆସ କରୁଥିଲେ। ନନ୍ଦିନୀ ଗ୍ରାମବାସୀ ଉଭୟଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଥିବା ସନ୍ଦେହ କରି ସେମାନଙ୍କୁ ବିରୋଧ କରି ଆସୁଥିଲେ। ୨୦୧୮ ଜାନୁୟାରୀ ୨ ତାରିଖରେ ଗ୍ରାମରେ ପୌଷ ପୂର୍ଣ୍ଣିମା ପାଳନ ଚାଲିଥିଲା। ରାତି ପ୍ରାୟ ୯ଟାରେ ଅକ୍ଷୟ ସମ୍ପୃକ୍ତା ମହିଳାଙ୍କ ଘରେ ଥିବା ଜାଣି ଗ୍ରାମର ଭଗବାନ ପ୍ରଧାନ ଏକା ଯାଇ ବିରୋଧ କରିଥିଲେ। ପରଦିନ ଅର୍ଥାତ୍ ୩ ତାରିଖ ସକାଳେ ଭଗବାନଙ୍କ ରକ୍ତାକ୍ତ ମୃତଦେହ ଶିବ ପୃଷ୍ଟିଙ୍କ ଘର ପଛ ପଟେ ପଡିଥିବା ଗ୍ରାମବାସୀ ଦେଖିଥିଲେ। ଘୋଷରା ଦାଗ ସମ୍ପୃକ୍ତ ମହିଳାଙ୍କ ଘର ପଛପଟ ପର୍ଯ୍ୟନ୍ତ ରହିଥିଲା। ଏ ନେଇ ଭଗବାନଙ୍କ ଭାଇ ପ୍ରତାପ ଚକାପାଦ ଥାନାରେ ଏତଲା ଦେଇଥିଲେ। ପୋଲିସ ୧/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅକ୍ଷୟଙ୍କୁ ଗିରଫ କରିଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ସୁଧାଂଶୁ ମୋହନ ପତି ମାମଲା ପରିଚାଳନା କରୁଥିଲେ।

# ଏସ୍‌ସିବିରେ କିଡ୍‌ନୀ ପ୍ରତିରୋପଣ ପରେ ମିଳୁନି ଚିକିତ୍ସା




ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ କିଡ୍‌ନୀ ପ୍ରତିରୋପଣ କରିଥିବା ରୋଗୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର, ୧୪।୭ (ବ୍ୟୁରୋ)

### ରାସ୍ତାକୁ ଓହ୍ଲାଇଲେ ରୋଗୀ

- ବିଧାନସଭା ସମ୍ମୁଖରେ ଧାରଣା, ବିକ୍ଷୋଭ
- ବିଏସ୍‌କେୱାଇ ଯୋଜନାରେ ଉନ୍ନତମାନର ମେଡିସିନ୍ ଦିଆଯାଉ ନାହିଁ
- ଭଲ ନେଫ୍ରୋଲୋଜିଷ୍ଟ, ଉନ୍ନତମାନର ଚିକିତ୍ସା ପ୍ରଦାନ ଦାବି

କଟକ ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତିରୋପଣ କରିଥିବା ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନାହିଁ। କିଡ୍‌ନୀ ପ୍ରତିରୋପଣ ବିଭାଗ ମୁଖ୍ୟ ନେଫ୍ରୋଲୋଜିଷ୍ଟ ଡା. ପ୍ରଫେସର ଚିତ୍ତରଞ୍ଜନ କରଙ୍କ ମୃତ୍ୟୁପରେ ଏପରିସ୍ଥିତି ଉପୁଜିଥିବା ଚିକିତ୍ସାରୁ ବଞ୍ଚିତ ରୋଗୀମାନେ ଅଭିଯୋଗ କରିଛନ୍ତି। ନେଫ୍ରୋଲୋଜିଷ୍ଟ ପ୍ରଫେସର ନ ଥିବାରୁ ରୋଗୀଙ୍କୁ ପୂର୍ବଭଳି ସେବା ମିଳୁନାହିଁ। ସେମାନଙ୍କୁ ଉନ୍ନତମାନର ଔଷଧ ଦିଆଯାଉ ନ ଥିବାବେଳେ ଠିକ୍ ଭାବେ ପରାମର୍ଶ ମଧ୍ୟ ଦିଆଯାଉ ନାହିଁ। ଫଳରେ ଶତାଧିକ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏପରି ଅଭିଯୋଗ ଆଣି କିଡ୍‌ନୀ ପ୍ରତିରୋପଣ କରିଥିବା ରୋଗୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଗୁରୁବାର କିଡ୍‌ନୀ ପ୍ରତିରୋପଣ ରୋଗୀ ସମୂହ ଓଡ଼ିଶା ପକ୍ଷରୁ ସେମାନେ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିଠାରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ତୁରନ୍ତ ଏସ୍‌ସିବି ମେଡିକାଲ କଲେଜରେ ଆବଶ୍ୟକ ସଂଖ୍ୟକ ଭଲ ନେଫ୍ରୋଲୋଜିଷ୍ଟ ପ୍ରଫେସରଙ୍କୁ ନିଯୁକ୍ତି ଦେବା, ସ୍ୱର୍ଗତ ଡା. କରଙ୍କ ମେଡିସିନ୍ ପରାମର୍ଶ ପାଳନ କରିବା ଏବଂ ପୂର୍ବପରି ଉନ୍ନତମାନର ମେଡିସିନ୍ ଯୋଗାଇ ଦେବାକୁ ଦାବି କରାଯାଇଛି।

ଆହୁରି ମଧ୍ୟ ସେମାନେ କେତେକ ଗୁରୁତର ଅଭିଯୋଗ ଆଣିଛନ୍ତି। ମେଡିକାଲରେ ଏବେ କାମଚଳା ଭାବେ ଦାୟିତ୍ୱରେ ଥିବା ଡାକ୍ତରଙ୍କର ପ୍ରତିରୋପଣ ପରବର୍ତ୍ତୀ ଚିକିତ୍ସା ସମ୍ବନ୍ଧୀୟ ଅଭିଜ୍ଞତା ନାହିଁ। ତେଣୁ ରୋଗୀଙ୍କୁ ବାଧ୍ୟହୋଇ ଘରୋଇ ଡାକ୍ତରଖାନା ଉପରେ ଭରସା କରିବାକୁ ପଡୁଛି। ମାତ୍ର ଗରିବ ଶ୍ରେଣୀର ରୋଗୀମାନେ ଘରୋଇ ଡାକ୍ତରଖାନା ଯାଇ ନ ପାରି ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ କିଡ୍‌ନୀ ପ୍ରତିରୋପଣ ରୋଗୀଙ୍କୁ ଉନ୍ନତମାନର ମେଡିସିନ୍ ଦିଆଯାଉ ନାହିଁ। ଅଧିକ ଖର୍ଚ୍ଚ ହେଉଥିବା ଦର୍ଶାଇ ମେଡିକାଲ କର୍ତ୍ତୃପକ୍ଷ ଉନ୍ନତମାନର ମେଡିସିନ୍ ଯୋଗାଣକୁ ବନ୍ଦ କରି ଦେଇଛନ୍ତି। ଏହାବଦଳରେ ଓଏମ୍‌ସିଏଲ୍ ଜରିଆରେ ନିମ୍ନମାନର ଔଷଧ ନେବାକୁ ବାଧ୍ୟ କରାଯାଉଛି। ଏହା ସେବନ କରିବା ପରେ ସ୍ୱାସ୍ଥ୍ୟବସ୍ଥା ଖରାପ ହେଉଥିବା ସମ୍ପୃକ୍ତ ରୋଗୀମାନେ ଅଭିଯୋଗ କରିଛନ୍ତି। ନେଫ୍ରୋଲୋଜିଷ୍ଟ ପ୍ରଫେସର ଓ ଉନ୍ନତମାନର ମେଡିସିନ୍ ପାଇଁ ରୋଗୀମାନେ ବାରମ୍ବାର ମେଡିକାଲ କର୍ତ୍ତୃପକ୍ଷ, ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଉ ନାହାନ୍ତି। ଫଳରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ କିଡ୍‌ନୀ ପ୍ରତିରୋପଣ ରୋଗୀଙ୍କ ଜୀବନ ଏବେ ସଙ୍କଟରେ ପଡିଛି।

## ବିଧାନସଭା ସମାଚାର

# ୫୬୨ ଆର୍‌ଆଇ ପଦବୀ ଖାଲି

ଭୁବନେଶ୍ୱର,୧୪।୭(ବ୍ୟୁରୋ)

### ୫ ଜିଲାରେ ନାହିଁ ଗୋଟିଏ ବି ବାତ୍ୟା ଆଶ୍ରୟସ୍ଥଳୀ



ରାଜ୍ୟରେ ମୋଟ ୩୨ ତହସିଲଦାର ,ମୋଟ ୭୯ ଅତିରିକ୍ତ ତହସିଲଦାର ପଦବୀ ଖାଲି ରହିଛି। ସେହିପରି ୫୬୨ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଏବଂ ୬୧ ରାଜସ୍ୱ ପରିଦର୍ଶକ ପଦବୀ ଏ ପର୍ଯ୍ୟନ୍ତ ପୂରଣ ହୋଇପାରି ନାହିଁ। ବଲାଙ୍ଗୀର ଜିଲାରେ ସର୍ବାଧିକ ରାଜସ୍ୱ କର୍ମଚାରୀ ପଦବୀ ଖାଲିଥିବାବେଳେ ଏହାକୁ ପୂରଣକରିବା ପାଇଁ ପଦକ୍ଷେପ ନିଆଯାଉଥିବା ରାଜସ୍ୱମନ୍ତ୍ରୀ ପ୍ରମିଳା ମଲିକ କହିଛନ୍ତି।

ବିଧାନସଭାରେ ଗଣେଶ ରାମ୍ ସିଂ ଖୁଣ୍ଟିଆ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ମଲିକ କହିଛନ୍ତି, ୨୦୨୧ ଏପ୍ରିଲରେ ୯୨୦ କନିଷ୍ଠ ରାଜସ୍ୱ ସହାୟକ ଏବଂ ସେହି ବର୍ଷ ଡିସେମ୍ବରରେ ୫୮୬ ରାଜସ୍ୱ ନିରୀକ୍ଷକ ପଦବୀ ପୂରଣ ହୋଇଛି। ସେହିପରି ୫୭୬ ସହକାରୀ ରାଜସ୍ୱ ନିରୀକ୍ଷକ ପଦବୀ ଏବଂ ୫୩୮ ଅମିନ ପଦବୀ ପୂରଣ ଲାଗି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ, ଭୁବନେଶ୍ୱରଙ୍କ ଦ୍ୱାରା ଚୟନ ପ୍ରକ୍ରିୟା ଶେଷ ହୋଇଛି। କିଛି କାଗଜପତ୍ର ଯାଞ୍ଚ ହେବାପରେ ସେମାନେ ଜିଲାରେ ଯୋଗଦେବେ ବୋଲି ମନ୍ତ୍ରୀ କହିଛନ୍ତି। ଏହାଛଡ଼ା ଖାଲି ପଦବୀ ପୂରଣ ସକାଶେ ଏମ୍‌ପାୱାର କମିଟି ଅନୁମୋଦନ ଲାଗି ପ୍ରକ୍ରିୟା ଆରମ୍ଭ କରାଯାଇଛି।

ସରକାରଙ୍କ ତଥ୍ୟ ଅନୁଯାୟୀ, ରାଜ୍ୟରେ ଏଭଳି ଗୋଟିଏ ଜିଲା ନାହିଁ ଯେଉଁଠି ସବୁଠାରେ ସବୁ ପ୍ରକାର ପଦବୀ ପୂରଣ ଅଛି। ବଲାଙ୍ଗୀର ପରେ କଟକ ଭଳି ଗୁରୁତ୍ୱପୂର୍ଣ୍ଣ ଜିଲାରେ ୬୨ ପଦବୀ ଖାଲି ପଡିଛି। ସମ୍ବଲପୁରରେ ସର୍ବନିମ୍ନ ୪ପଦବୀ ଖାଲି ପଡିଛି। ଏହି ଜିଲାକୁ ମିଶାଇ ମୋଟ ୭ ଜିଲାରେ ଏକ ଅଙ୍କ ଭିତରେ ଖାଲି ପଦବୀ ରହିଛି। ନ ହେଲେ ବାକି ସବୁ ଜିଲାରେ ଖାଲି ପଦବୀ ସଂଖ୍ୟା ଦୁଇ ଅଙ୍କ ତଳକୁ ନାହିଁ। ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ପଦବୀ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ବଲାଙ୍ଗୀର ସର୍ବାଧିକ ୬୩ ଆର୍‌ଆଇ ପଦବୀ ଖାଲି ପଡିଛି। ମାଲକାନଗିରିରେ ସର୍ବନିମ୍ନ ୨ ଆର୍‌ଆଇ ପଦବୀ ଖାଲି ଅଛି। ସେହିପରି କେନ୍ଦୁଝରରେ ୩ , ଦେଓଗଡ଼ରେ ୭, ସମ୍ବଲପୁରରେ ୪, ନୂଆପଡାରେ ୬ ଏବଂ ଝାରସୁଗୁଡାରେ ୪ ଆର୍‌ଆଇ ପଦ ଖାଲି ଅଛି। ନ ହେଲେ ବାକି ସବୁ ଜିଲାରେ ଦୁଇ ଅଙ୍କ ତଳକୁ କେଉଁଠି ଆର୍‌ଆଇ ପଦବୀ ଖାଲି ନାହିଁ। ତୃଣମୂଳସ୍ତରରେ ରାଜସ୍ୱ ବିଭାଗ ଲାଗି ଆର୍‌ଆଇଙ୍କ କାର୍ଯ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ରାଜ୍ୟରେ ୫୬୨ପଦବୀ ଖାଲି ପଡିବା ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।

ସେହିପରି ରାଜ୍ୟରେ ମୋଟ ୮୧୮ ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ପୁରୀରେ ସର୍ବାଧିକ ୧୭୯ ଥିବାବେଳେ କେନ୍ଦ୍ରାପଡ଼ାରେ ୧୧୭, ଗଞ୍ଜାମରେ ୧୦୩ଏବଂ ବାଲେଶ୍ୱରରେ ୧୦୦ଟିଅଛି। ହେଲେ ସୁନ୍ଦରଗଡ଼, କନ୍ଧମାଳ, ଦେଓଗଡ଼, ବଲାଙ୍ଗୀର ଏବଂ ଅନୁଗୋଳରେ ଗୋଟିଏ ହେଲେ ବାତ୍ୟା ଆଶ୍ରୟସ୍ଥଳୀ ନାହିଁ।

# ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗ ଖର୍ଚ୍ଚ ଦାବି ଅନୁମୋଦନ

ଭୁବନେଶ୍ୱର,୧୪।୭(ବ୍ୟୁରୋ)

୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ଓ ସଂଖ୍ୟାଲଘୁ, ପଛୁଆ ବର୍ଗ କଲ୍ୟାଣ ବିଭାଗର ୪୦୯୧ କୋଟି ୯୮ ଲକ୍ଷ ୬୦ ହଜାର ଟଙ୍କାର ବ୍ୟୟ ଅଟକଳକୁ ଗୁରୁବାର ବିଧାନସଭାରେ ମଞ୍ଜୁର କରାଯାଇଛି। ଖର୍ଚ୍ଚ ଦାବି ଆଲୋଚନା ଶେଷରେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି ଯେ ବିଭାଗର କାର୍ଯ୍ୟକ୍ରମ ବାବଦରେ ୩୧୦୦ କୋଟି ୪୯ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ପ୍ରଶାସନିକ ବ୍ୟୟ ବାବଦରେ ମୋଟ ୯୯୧ କୋଟି ୪୭ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ଏସ୍‌ସି,ଏସ୍‌ଟି ଛାତ୍ରୀଛାତ୍ରଙ୍କ ପ୍ରାକ୍ ମାଟ୍ରିକ ଶିକ୍ଷାବୃତ୍ତି ନିମନ୍ତେ ୫୬୦ କୋଟି ୫୯ ଲକ୍ଷ ୫୨ ହଜାର ଏବଂ ପୋଷ୍ଟ ମାଟ୍ରିକ ବୃତ୍ତି ବାବଦରେ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଅନ୍ୱେଷା ଯୋଜନା ପାଇଁ ୧୧୩କୋଟି ୪୭ ଲକ୍ଷ ୪୧ ହଜାର ଟଙ୍କା ଏବଂ ଆଦିମ ଆଦିବାସୀମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ବାବଦରେ ୮୬ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି କେନ୍ଦ୍ରୀୟ ଯୋଜନା ବାବଦରେ ୧୩୬ କୋଟି ୭୪ ଲକ୍ଷ ୭୦ ହଜାର ଏବଂ କେନ୍ଦ୍ର ପ୍ରବର୍ତ୍ତିତ ଆଦର୍ଶ ଗ୍ରାମ ଯୋଜନାରେ ୭୦ କୋଟି ୨ ହଜାର, ଆଦିମ ଜନଜାତିମାନଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ୫୧ କୋଟି ୪ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି।

# କହୁଛନ୍ତି ବିପଦପୂର୍ଣ୍ଣ, ଉଲ୍ଲେଖ କରୁଛନ୍ତି ମରାମତି ସରିଛି

ଭୁବନେଶ୍ୱର,୧୪।୭(ବ୍ୟୁରୋ)

### ମନ୍ତ୍ରୀଙ୍କ ଉତ୍ତରରେ ୨ ପ୍ରକାର କଥା

ରାଜ୍ୟର ପ୍ରାୟ ୨୭୦ ନଦୀ ବନ୍ଧ ନିର୍ମାଣ ହେବା ୫୦ରୁ ଅଧିକ ବର୍ଷ ହୋଇଗଲାଣି। ସେଥିମଧ୍ୟରୁ ୫ ନଦୀବନ୍ଧ ସମ୍ପୂର୍ଣ୍ଣ ବିପଦ ସ୍ଥିତିରେ ରହିଛି। ସେଥିଲାଗି ଆବଶ୍ୟକ ରକ୍ଷଣାବେକ୍ଷଣ ଏବଂ ସୁଦୃଢ଼ୀକରଣ କାର୍ଯ୍ୟ ବର୍ଷାଋତୁ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ମନ୍ତ୍ରୀ କିପରି ଦୁଇ ପ୍ରକାରର ଉତ୍ତର ରଖୁଛନ୍ତି। ୫ଟି ନଦୀବନ୍ଧ ଅର୍ଥାତ୍ ଏହା ପ୍ରାୟ ସାଢେ ୯ କି.ମି. ହେବ ଯଦି ବିପଦପୂର୍ଣ୍ଣ ରହିଥିବା ଉଲ୍ଲେଖ କରାଯାଉଛି ତେବେ ଏହାର ଆବଶ୍ୟକ ମରାମତି ସରିଥିବା କିଭଳି ଉଲ୍ଲେଖ କରାଯାଉଛି। ଏହା ମଧ୍ୟରୁ କେଉଁଟା ଠିକ୍ ତାକୁ ନେଇ ଏବେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି।

ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ପଚାରିଥିବା ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଟୁକୁନି ସାହୁ ଏହା ଉଲ୍ଲେଖ କରିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ସମୁଦାୟ ୨୧୩୩ ସ୍ଲୁଇସ୍ ଗେଟ୍ ରହିଛି। ଏହା ମଧ୍ୟରୁ ୧୫୦ଟି ସ୍ଲୁଇସ୍ ଗେଟ୍ ପାଇଁ ମରାମତିର ଆବଶ୍ୟକତା ରହିଛି। ଏହାକୁ ପର୍ଯ୍ୟାୟକ୍ରମେ କରିବାର ଲକ୍ଷ୍ୟ ରଖାଯାଇଛି। ଅର୍ଥାତ୍ ଉକ୍ତ ୧୫୦ଟି ସ୍ଲୁଇସ୍ ଗେଟ୍ ମରାମତି କାମ ହୋଇ ନ ଥିବା ସ୍ପଷ୍ଟ ହୋଇଛି। ଚଳିତ ବର୍ଷ ସମ୍ଭାବ୍ୟ ବନ୍ୟା ପ୍ରତିରୋଧ ପାଇଁ ନଦୀବନ୍ଧ ସୁଦୃଢ଼ୀକରଣ ଓ ଆବଶ୍ୟକ ତଟ ସଂରକ୍ଷଣ ନିମନ୍ତେ ନାବାର୍ଡ ସହାୟତାରେ ୫୮ ବନ୍ୟା ନିୟନ୍ତ୍ରଣ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯାଉଛି।

# ୪୯ ବ୍ଲକରେ ୩୫%ରୁ କମ୍ ଜଳସେଚିତ ହୋଇଛି: ମନ୍ତ୍ରୀ

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ବର୍ତ୍ତମାନ ସୁଦ୍ଧା ୪୯ ବ୍ଲକରେ ୩୫%ରୁ ଅଧିକ ଜଳସେଚନ ସୁବିଧା ପ୍ରଦାନ କରାଯାଇ ନାହିଁ। ଗୁରୁବାର ବିଧାନସଭାରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଭାଜପା ସଭ୍ୟ ମୁକେଶ ମହାଲିଙ୍ଗଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତ। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ମୋଟ୍ ୩୧୪ ବ୍ଲକ୍ ମଧ୍ୟରୁ ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ୨୬୫ଟି ବ୍ଲକରେ ବିଭିନ୍ନ ଉତ୍ସରୁ ୩୫%ରୁ ଅଧିକ ଜମି ପାଇଁ ଜଳସେଚନ ସୁବିଧା ସୃଷ୍ଟି କରାଯାଇଛି। ସେହି ଜଳ ରାଜ୍ୟରେ ଥିବା ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକରୁ ସଂଗ୍ରହ କରାଯାଉଛି। ସେହିପରି ଜଳସେଚନ ପ୍ରକଳ୍ପଗୁଡ଼ିକ ମଧ୍ୟରେ ସେଚାଞ୍ଚଳର ଓଭରଲାପିଂ ଯାଞ୍ଚ କରି ଉକ୍ତ ଅସଙ୍ଗତିଗୁଡ଼ିକୁ ସୁଧାରି ଠିକ୍ ପରିସଂଖ୍ୟାନ ପାଇଁ ଓରସାକ୍ ମାଧ୍ୟମରେ ସର୍ଭେ କରାଯାଇଛି। ସର୍ଭେ ପରେ ବ୍ଲକଗୁଡ଼ିକରେ ଜଳସେଚିତ ଜମିର ଠିକ୍ ଆକଳନ କରାଯାଇପାରିବ।

# 'ବିଜ୍ଞାନକୁ ସମାଜ କଲ୍ୟାଣରେ ବ୍ୟବହାର କରାଯାଉ'

କଟକ ଅଫିସ, ୧୪।୭

### ପ୍ରଥମ ଓଡ଼ିଆ ବିଜ୍ଞାନ ସମ୍ମିଳନୀ

ବିଜ୍ଞାନର ସଦୁପଯୋଗ ହେବା ଦରକାର। ପ୍ରକୃତିକୁ ରକ୍ଷାକରି ମାନବ ସମାଜର କଲ୍ୟାଣ ଦିଗରେ ବିଜ୍ଞାନକୁ ବ୍ୟବହାର କରାଯାଉ। ବର୍ତ୍ତମାନର ଯୁଗରେ ସମସ୍ତ ପିଲାଙ୍କୁ ସ୍ୱତନ୍ତ୍ରତା ଦେବାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଦି ଓଡ଼ିଶା ବିଜ୍ଞାନ ମଣ୍ଡଳ ପକ୍ଷରୁ ଗୁରୁବାର କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଥମ ଓଡ଼ିଆ ବିଜ୍ଞାନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ବିଶିଷ୍ଟ ଲେଖକ ଡ. ଅନିଲ କୁମାର ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଆଧୁନିକ ଜ୍ଞାନକୌଶଳ ଓ ବିଜ୍ଞାନର ବାର୍ତ୍ତାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ଲାଗି ଦି ଓଡ଼ିଶା ବିଜ୍ଞାନ ମଣ୍ଡଳର ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ ଗୋବିନ୍ଦ ଚନ୍ଦ୍ର ମହାନ୍ତଙ୍କୁ ଉତ୍କଳମଣି ଶିକ୍ଷା ସମ୍ମାନ, ପ୍ରଫେସର ଲମ୍ବୋଦର ପ୍ରସାଦ ସିଂଙ୍କୁ ଲକ୍ଷ୍ମଣ ମିଶ୍ର ଲୋକପ୍ରିୟ ବିଜ୍ଞାନ ପୁରସ୍କାର, ବିଶିଷ୍ଟ ଦନ୍ତ ଚିକିତ୍ସକ ଡା. ସଞ୍ଜିତ୍ କୁମାର ପଣ୍ଡାଙ୍କୁ ପ୍ରଫେସର ବାସୁଦେବ କର ଭେଷଜ ଚିକିତ୍ସା ସମ୍ମାନ, ବୈଜ୍ଞାନିକ ବିଜୟ କୁମାର ଶତପଥୀଙ୍କୁ ପ୍ରଫେସର ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସମ୍ମାନ, ଗବେଷକ ପ୍ରଫେସର ଧନୁଷଧାରୀ ମିଶ୍ରଙ୍କୁ ଇଂ. ଭୁବନାନନ୍ଦ ପ୍ରଯୁକ୍ତି ବିଦ୍ୟା ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ରାଜ୍ୟପାଳଙ୍କୁ ଇଂ. ଅରୁଣ କୁମାର ସାହୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଫେସର ଗୌରାଙ୍ଗ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସୌଭାଗ୍ୟ ସ୍ୱାଇଁ ସ୍ୱାଗତ ଭାଷଣ, ଡ. ଗୌରୀଶଙ୍କର ସାହୁ ଅତିଥି ପରିଚୟ ପ୍ରଦାନ ଓ ବୈଜ୍ଞାନିକ ବିକାଶ କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଞ୍ଜୟ କୁମାର ପଟ୍ଟନାୟକ, ଦିବ୍ୟକିଶୋର ପଣ୍ଡା, ନାରାୟଣ ଷଡ଼ଙ୍ଗୀ, ଶାନ୍ତନୁ ପ୍ରଧାନ, ଡ. ସଚ୍ଚିନ୍ଦ୍ର ରାଉଳ, କିଶୋର ମହାନ୍ତି, ଅଜୟ ଜଟ, ପ୍ରକାଶ ପରିଜା, ସ୍ମୃତିରଞ୍ଜନ ମହାନ୍ତି, ପ୍ରଶାନ୍ତ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମ୍ମିଳନୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଉଛନ୍ତି।

# ଚହଲଙ୍କ ପ୍ରଭାବୀ ବୋଲିଂ

**ଲର୍ଡସ, ୧୪।୭**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳା ଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ୪ ଉଇକେଟ ଅକ୍ତିଆର କରିଛନ୍ତି ସ୍ପିନର ୟୁଜବେନ୍ଦ୍ର ଚହଲ। ତାଙ୍କ ସ୍ପିନ ଜାଲରେ ଇଂଲିଶ ଟପ୍ ଅର୍ଡର ଫସି ଯାଇଥିବା ବେଳେ ୪୯ ଓଭରରେ ଦଳ ସମସ୍ତ ଉଇକେଟ ହରାଇ କରିପାରିଥିଲା ୨୪୬ ରନ୍। ଓଭାଲର ବୃହତ ବିଜୟ ପରେ ପୁଣି ଥରେ ଲର୍ଡସରେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ ରୋହିତ ଶର୍ମା। ଏହି ମ୍ୟାଚରେ ଇଂଲଣ୍ଡ ଅପରିବର୍ତ୍ତିତ ଏକାଦଶ ସହିତ ଓହ୍ଲାଇଥିବା ବେଳେ ବିରାଟ କୋହଲିଙ୍କ ପ୍ରତ୍ୟାବର୍ତ୍ତନ କାରଣରୁ ଶ୍ରେୟାସ ଆୟାରଙ୍କୁ ବାହାରେ ବସିବାକୁ ପଡିଛି।

ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପକ୍ଷରୁ ଦୁଇ ଓପନର ଜାସନ ରୟ(୨୩) ଓ ଜନି ବେୟାରଷ୍ଟୋ(୩୮) ପ୍ରଥମ ଉଇକେଟରେ ୪୧ ରନ୍ ଯୋଗ କରିଥିଲେ। ପ୍ରଥମ ମ୍ୟାଚର ବିଫଳତାକୁ ଭୁଲି ଦୁଇ ଓପନର ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ। ରୟଙ୍କୁ ଆଉଟ କରି ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ସଫଳତା ପ୍ରଦାନ କରିଥିଲେ। ଚହଲଙ୍କ ସ୍ପିନ୍ ଯାଦୁ ଇଂଲଣ୍ଡ ପାଇଁ କାଳ ସାଜିଥିଲା। ତୃତୀୟ ଉଇକେଟରେ ଜୋ ରୁଟ୍(୧୧)ଙ୍କ ସହିତ ୩୧ ରନ ଯୋଡିଥିଲେ ବେୟାରଷ୍ଟୋ। ବଲ୍ ପିଛା ରନ୍ କରିଥିବା ବେୟାରଷ୍ଟୋ ୬ଟି ଚୌକା ମାରି ଚହଲଙ୍କ ବଲରେ ହୋଇଥିଲେ କ୍ଲିନ୍ ବୋଲ୍ଡ। ଏହା ପରେ ମାତ୍ର ୩ ଓଭର ମଧ୍ୟରେ ରୁଟ୍ ଓ ବେନ୍ ଷ୍ଟୋକ୍ସ(୨୧)ଙ୍କ ୱିକେଟ ନେଇ ଇଂଲଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ ଚହଲ। ଅଧିନାୟକ ବଟଲର(୪) ଶାମିଙ୍କ ଶିକାର ହୋଇ ପ୍ୟାଭିଲିୟନ୍ ଫେରିଥିଲେ। ତେବେ ଲିଆମ୍ ଲିଭିଙ୍ଗଷ୍ଟୋନ୍(୩୩) ଏବଂ ମୋଇନ୍ ଅଲୀ(୪୭) ଇନିଂସ ସଜାଡିବାକୁ ପ୍ରୟାସ କରିଥିଲେ। ଲିଭିଙ୍ଗଷ୍ଟୋନଙ୍କୁ ଆଉଟ କରି ପାଣ୍ଡ୍ୟା ଏହି ଭାଗିଦାରୀକୁ ଭାଙ୍ଗିଥିଲେ। ୩୩ ବଲ୍ ଖେଳିଥିବା ଲିଭିଙ୍ଗଷ୍ଟୋନଙ୍କ ଇନିଂସରେ ସାମିଲ ଥିଲା ଦୁଇଟି ଲେଖାଏଁ ଛକା ଓ ଚୌକା। ୧୪୮ ରନରେ ଲିଭିଙ୍ଗଷ୍ଟୋନ ଆଉଟ ହେବା ପରେ ଦଳ ୨୦୦ ଭିତରେ ସୀମିତ ରହିବା ନେଇ ଆଶା କରା ଯାଉଥିଲା। ତେବେ ନିମ୍ନକ୍ରମରେ ଡେଭିଡ୍ ୱିଲି (୪୧)ଙ୍କୁ ସାଥୀ କରି ଦଳୀୟ ସ୍କୋରକୁ ୨୦୦ ପାର କରାଇଥିଲେ ମୋଇନ୍ ଅଲୀ। ଇଂଲଣ୍ଡର ଟପ୍ ସ୍କୋରର ରହିଥିବା ମୋଇନ୍ ଅଲୀ ୬୪ ବଲ୍‌ରୁ ଦୁଇଟି ଲେଖାଏଁ ଛକା ଓ ଚୌକା ମାରିଥିଲେ। ମ୍ୟାଚର ୪୨ ତମ ଓଭରରେ ମୋଇନ ଅଲୀଙ୍କୁ ଆଉଟ କରି ଇଂଲଣ୍ଡର ରନଗତି ଉପରେ ଅଙ୍କୁଶ କସିଥିଲେ ଚହଲ। ୪୭ତମ ଓଭରର ଶେଷ ବଲରେ ଆଉଟ ହେବା ପୂର୍ବରୁ ୱିଲି ସଂଗ୍ରହ କରିଥିଲେ ୪୧ ରନ୍। ଭାରତ ପକ୍ଷରୁ ୟୁଜବେନ୍ଦ୍ର ଚହଲ ୪୭ ରନ ବ୍ୟୟରେ ୪ଟି ଉଇକେଟ ନେଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ ବୁମରା ଦୁଇଟି ଲେଖାଏଁ ଉଇକେଟ ନେଇଥିବା ବେଳେ ଶାମି ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।


ଉଇକେଟ ନେବାପରେ ଖୁସି ମୁହୂର୍ତ୍ତରେ ୟୁଜବେନ୍ଦ୍ର ଚହଲ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ:୨୪୬/୧୦, ମୋଇନ୍ ଅଲୀ–୪୭, ଡେଭିଡ୍ ୱିଲି(୪୧), ଲିଆମ୍ ଲିଭିଙ୍ଗଷ୍ଟୋନ୍–୩୩ ୟୁଜବେନ୍ଦ୍ର ଚହଲ–୪/୪୭, ହାର୍ଦ୍ଦିକ୍ ପାଣ୍ଡ୍ୟା–୨/୨୮, ଜସପ୍ରୀତ୍ ବୁମରା–୨/୪୯

# ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୮ ପଦକ


ପଦକ ବିଜେତା ଓଡ଼ିଶା ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଜାତୀୟ ସବ୍‌ଜୁନିୟର ଉଷ୍ଣୁ**

**ଭୁବନେଶ୍ୱର, ୧୪।୭ (କ୍ରୀଡ଼ା ପ୍ରତିନିଧି):** ହିମାଚଳ ପ୍ରଦେଶର ମାନ୍ଦିଠାରେ ଗୁରୁବାର ଶେଷ ହୋଇଥିବା ୨୨ତମ ଜାତୀୟ ସବ୍‌ଜୁନିୟର ଉଷ୍ଣୁ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ମୋଟ ୮ଟି ପଦକ ମିଳିଛି। ଏହା ମଧ୍ୟରେ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସାମିଲ। ୩୯ କେଜି ବାଳିକା ବର୍ଗରେ ଶ୍ୱେତାରାଣୀ ମହନ୍ତ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସାବିନୀ ମୁନ୍ଦ୍ଲା ବାଳିକା ୨୧ କେଜିରେ ଏବଂ ଅମିତ ବାବାଙ୍ଗା ୩୩ କେଜି ବାଳକ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ବାଳିକା ୪୫ କେଜିରେ ସବିତା ମୁଣ୍ଡା, ବାଳକ ୨୧ କେଜିରେ ସ୍ୟୋନ ମହନ୍ତ, ୨୪ କେଜିରେ ପପୁ ମୁଣ୍ଡା, ୨୭ କେଜିରେ ଯୋଗେଶ୍ୱର ମହନ୍ତ ଏବଂ ୩୯ କେଜି ବର୍ଗରେ ମଦନ ମୁଣ୍ଡା ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ପ୍ରତିଯୋଗିତାର ସାଣ୍ଡା ବିଭାଗରେ ହରିୟାଣା ଦଳଗତ ଚାମ୍ପିୟନ ହୋଇଥିଲା। ଉତ୍ତର ପ୍ରଦେଶ ଓ ରାଜସ୍ଥାନ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ତାଓଲୁ ବିଭାଗରେ ମଣିପୁର ଚାମ୍ପିୟନ ଏବଂ ଦିଲ୍ଲୀ ଓ ତାମିଲନାଡୁ ପରବର୍ତ୍ତୀ ୨ ସ୍ଥାନରେ ରହିଥିଲେ। ମଣିପୁର ଓଭରଅଲ୍ ଚାମ୍ପିୟନ ହୋଇଥିଲା। ୩୨ ଖେଳାଳି ଓ ୬ ଅଫିସିଆଲଙ୍କୁ ନେଇ ଓଡ଼ିଶାର ମୋଟ ୩୮ ଜଣିଆ ପ୍ରତିନିଧି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ଚାମ୍ପିୟନଶିପ୍‌ର ତାଓଲୁ ବିଭାଗରେ ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଦାୟିତ୍ୱ ତୁଲାଇଥିଲେ। ଅନୁରାଧା ଦୋରା ଜଜ୍ ଥିବାବେଳେ ପଙ୍କଜ ମହନ୍ତ ଓ ଉଦୟନାଥ ରାଉତ ଓଡ଼ିଶା ଦଳର କୋଚ୍ ଥିଲେ। ସୁଜନ ରଥ ଓ କୃଷ୍ଣ ସାହୁ ମ୍ୟାନେଜର ଦାୟିତ୍ୱ ନିର୍ବାହ କରିଥିଲେ। ଉଷ୍ଣୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଏସ.ଏସ. ହରିଚନ୍ଦନ, ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଉପସଭାପତି ଶିବାନନ୍ଦ ରାୟ ଓ ବିକାଶ ପଟ୍ଟନାୟକ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ୧୭ ତାରିଖରେ ଓଡ଼ିଶା ଦଳ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଛି।

## ଲିଜେଣ୍ଡ ଲିଗ୍‌ରେ ଖେଳିବେ ହରଭଜନ



**ନୂଆଦିଲ୍ଲୀ, ୧୪।୭ (ପି.ଟି.):** ପୂର୍ବତନ ଭାରତୀୟ ଅଫ୍ ସ୍ପିନର ହରଭଜନ ସିଂ କ୍ରିକେଟ ପଡ଼ିଆକୁ ଫେରିବେ। ସେପ୍ଟେମ୍ବରରେ ହେବାକୁଥିବା ଲିଜେଣ୍ଡ୍ସ ଲିଗ୍ କ୍ରିକେଟ (ଏଲ୍ଏଲ୍‌ସି)ରେ ସେ ଅଂଶଗ୍ରହଣ କରିବେ। ଫଳରେ ସେ ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ, ଇର୍ଫାନ ପଠାନ, ୟୁସୁଫ୍ ପଠାନ, ଅଷ୍ଟ୍ରେଲିଆର ପୂର୍ବତନ ସ୍ପିଡ୍‌ଷ୍ଟର ବ୍ରେଟ୍ ଲି, ସ୍ପିନ କିମ୍ବଦନ୍ତୀ ମୁଥୟା ମୁରଲୀଧରନ ଏବଂ ବିଶ୍ୱକପ୍ ବିଜୟୀ ଇଂଲଣ୍ଡର ପୂର୍ବତନ ଅଧିନାୟକ ଇଓନ ମୋର୍ଗାନଙ୍କ ସହ ଯୋଗ ଦେଇଛନ୍ତି। ଏଲ୍ଏଲ୍‌ସିର ଦ୍ୱିତୀୟ ସିଜନରେ ୪ଟି ଦଳ ଓ ୧୧୦ ପୂର୍ବତନ ଖେଳାଳି ଭାଗ ନେବେ। ହରଭଜନଙ୍କ ବ୍ୟତୀତ ପୂର୍ବତନ ବାଂଲାଦେଶ ଅଧିନାୟକ ମାଶ୍ରାଫି ମୋର୍ତାଜ୍ ମଧ୍ୟ ଏଲଏଲସିର ଆଗାମୀ ସଂସ୍କରଣରେ ଭାଗ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବତନ ୱେଷ୍ଟଇଣ୍ଡିଜ କ୍ରିକେଟର ଲେଣ୍ଡଲ ସିମନ୍ସ ଓ ଦୀନେଶ ରାମ୍‌ଦିନ୍ ଆଗାମୀ ସିଜନ ପାଇଁ ଖେଳାଳି ଚିଠା ତାଲିକାରେ ସ୍ଥାନ ପାଇଛନ୍ତି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସଂସ୍କରଣରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ଇଂଲଣ୍ଡର ପୂର୍ବତନ ଖେଳାଳିମାନେ ତିନୋଟି ଟିମ୍ ଭାରତ, ଏସିଆ ଓ ଅବଶିଷ୍ଟ ବିଶ୍ୱ ଆଦି ତିନୋଟି ଦଳରେ ବିଭକ୍ତ ହୋଇ ଖେଳିଥିଲେ।

## ମୁମ୍ବାଇ ଏଫ୍‌ସି ଦଳରେ ସଞ୍ଜୀବ ଷ୍ଟାଲିନ୍

**ମୁମ୍ବାଇ, ୧୪।୭ (ପି.ଟି.):** ଡିଫେଣ୍ଡର ସଞ୍ଜୀବ ଷ୍ଟାଲିନ୍ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଫ୍ରାଞ୍ଚାଇଜ୍ ମୁମ୍ବାଇ ସିଟି ଏଫ୍‌ସି ତରଫରୁ ଖେଳିବେ। ୨୧ ବର୍ଷୀୟ ଏହି ଫୁଟ୍‌ବଲ ଖେଳାଳିଙ୍କୁ ଟ୍ରାନ୍ସଫର ଜରିଆରେ କେରଳ ବ୍ଲାଷ୍ଟର୍ସରୁ ଦଳକୁ ଆଣିଛି। ଷ୍ଟାଲିନ୍ ମୁମ୍ବାଇ ସିଟି ସହ ୨୦୨୬ ପର୍ଯ୍ୟନ୍ତ ଏକ ୪ ବର୍ଷିଆ ଚୁକ୍ତି କରିଛି। ସେ ୧୭ ବର୍ଷରୁ କମ୍ ୨୦୧୭ ଫିଫା ବିଶ୍ୱକପ୍‌ରେ ଖେଳିଛନ୍ତି। ୨୦ ବର୍ଷରୁ କମ୍ ସ୍ତରରେ ମଧ୍ୟ ସେ ଭାରତରୁ ପ୍ରତିନିଧିତ୍ୱ କରିଛନ୍ତି। ପରେ ସେ ଆଇ–ଲିଗ୍ ଦଳ ଇଣ୍ଡିଆନ୍ ଆରୋଜ୍‌ରେ ଯୋଗ ଦେଇଥିଲେ। ଏହି ଦଳ ସହିତ ଦୁଇଟି ସିଜନରେ ସେ ୨୮ଟି ମ୍ୟାଚ ଖେଳିବା ପରେ ୨୦୧୯ରେ ସେ ପର୍ତ୍ତୁଗାଲ ପଳାଇଥିଲେ। ସେଠାରେ ସେ ଡେପୋର୍ଟିଭ ଆଭେସ୍‌ର ୨୩ ବର୍ଷରୁ କମ୍ ଦଳରେ ଖେଳିଥିଲେ ଏବଂ ଲୋନ୍ ଭିତ୍ତିରେ ସେ ତୃତୀୟ ଡିଭିଜନ କ୍ଲବ ସର୍ଟାନିଞ୍ଜ୍ ସହ ଖେଳିଥିଲେ। ଷ୍ଟାଲିନ୍ ୨୦୨୧ ମାର୍ଚ୍ଚରେ କେରଳ ବ୍ଲାଷ୍ଟର୍ସ ଦଳରେ ଯୋଗଦାନ କରିଥିଲେ। ୨୦୨୧–୨୨ ସିଜନ ଆଇଏସ୍ଏଲ୍ ଅଭିଯାନରେ ପଦାର୍ପଣ କରି ସେ ଏହି ଦଳ ତରଫରୁ ୮ଟି ମ୍ୟାଚ ଖେଳିଥିଲେ। କ୍ଲବର ମୁଖ୍ୟ କୋଚ୍ ଡେସ୍ ବକିଂହାମ୍ ଷ୍ଟାଲିନ୍‌ଙ୍କୁ ଦେଶର ଅନ୍ୟତମ ପ୍ରତିଭାସମ୍ପନ୍ନ ଡିଫେଣ୍ଡର ବୋଲି କହିଛନ୍ତି।



## ଶୁଟିଂ ବିଶ୍ୱକପ୍: ପଦକ ତାଲିକା ଶୀର୍ଷରେ ଭାରତ

**ଚାଙ୍ଗଓନ୍, ୧୪।୭(ପି.ଟି) :** ଚାଙ୍ଗଓନ୍‌ରେ ଶେଷ ହୋଇଛି ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍। ଅନ୍ତିମ ଦିନରେ ଭାରତୀୟ ଶୁଟରମାନେ ଗୋଟିଏ ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ହାସଲ କରିଥିବା ବେଳେ ପଦକ ତାଲିକାର ଶୀର୍ଷରେ ରହି ଟୁର୍ନାମେଣ୍ଟ ଶେଷ କରିଛି ଭାରତ। ୧୦ ମିଟର ଏୟାର ରାଇଫଲ ବର୍ଗରେ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ସେହିପରି ୧୦ ମି.ଏୟାର ରାଇଫଲ ମହିଳା ଦଳ, ୧୦ ମି. ଏୟାର ପିସ୍ତଲର ପୁରୁଷ ଓ ମହିଳା ଦଳଗତ ବିଭାଗରେ ରୌପ୍ୟ ପଦକ ହାସଲ କରିଥିଲା। କୋରିଆ ଓ ସର୍ବିଆଠାରୁ ଢେର ଆଗରେ ରହି ଅଭିଯାନ ଶେଷ କରିଛି ଭାରତ।


ସିଙ୍ଗାପୁର ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ: ଚାଇନାର ହି ବିଙ୍ଗ୍ ଜିଆଓଙ୍କ ବିପକ୍ଷରେ ଶଟ୍ ଖେଳୁଛନ୍ତି ସାଇନା ନେହ୍ୱାଲ।

## ଭୋଳାଙ୍କ ହ୍ୟାଟ୍ରିକ, ଓଡ଼ିଶା ପୋଲିସ ବିଜୟୀ


ଫାଓ ଲିଗ୍‌ରେ ଗୁରୁବାର ଓଡ଼ିଶା ପୋଲିସ ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଫାଓ ଲିଗ୍**

**ଭୁବନେଶ୍ୱର, ୧୪।୭ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପୋଲିସ ୩–୧ ଗୋଲରେ ଇଷ୍ଟକୋଷ୍ଟ ରେଲୱେକୁ ପରାସ୍ତ କରିଛି। ଓଡ଼ିଶା ପୋଲିସ ପକ୍ଷରୁ ଭୋଳା ଶଙ୍କର ମାଝି ୨୦, ୨୪ ଓ ୩୩ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଇଷ୍ଟକୋଷ୍ଟ ରେଲୱେର ସଞ୍ଜିତ ପାମ୍ନା ୧୪ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ସୁବ୍ରତ କୁମାର ପୁରୋହିତ, ଅରୁଣ କୁମାର ନାୟକ, ଶଶିକାନ୍ତ ଦାସିଆ ଓ ଦିଲୀପ କୁମାର ରାଉତ ମ୍ୟାଚ ପରିଚାଳନା କରିଥିଲେ। ସୁଜିତ କୁମାର ପାତ୍ରୋ ମ୍ୟାଚ କମିଶନର ଥିଲେ। ଶୁକ୍ରବାର ସ୍ପୋର୍ଟ୍ସ ହଷ୍ଟେଲ ଓ ରୋଭର୍ସ କ୍ଲବ ମଧ୍ୟରେ ମ୍ୟାଚ ଅପରାହ୍ନ ୩ଟା ୩୦ରେ ଅନୁଷ୍ଠିତ ହେବ।

**ମୋ ଫାରା ମାନବ ଚାଲାଣ ପ୍ରସଙ୍ଗ**

## ତଦନ୍ତ ଆରମ୍ଭ କଲା ୟୁକେ ପୋଲିସ

**ଲଣ୍ଡନ, ୧୪।୭(ପି.ଟି) :** ମୋ ଫାରାଙ୍କ ମାନବ ଚାଲାଣ ଖୁଲାସା ପରେ ମାମଲାର ତଦନ୍ତ ଆରମ୍ଭ କରିଛି ୟୁକେ ପୋଲିସ। କିଛି ଦିନ ତଳେ ୪ ଥର ଅଲିମ୍ପିକ୍ ଚାମ୍ପିୟନ୍ ମୋ ଫାରା ଏକ ଡକ୍ୟୁମେଣ୍ଟାରିରେ ଲଣ୍ଡନକୁ ଆସିବାର କାହାଣୀ କହିଥିଲେ। କିଭଳି ଜଣେ ଅପରିଚିତ ମହିଳା ତାଙ୍କୁ ଜାଲ କାଗଜପତ୍ର ସହିତ ଆଣି ଘରୋଇ କାମରେ ନିୟୋଜିତ କରିଥିଲେ, ଆଉ ୧୨ ବର୍ଷ ଯାଏ ତାଙ୍କୁ ସ୍କୁଲ ଯିବାର ସୁଯୋଗ ମିଳି ନ ଥିଲା ତାହା ବର୍ଣ୍ଣନା କରିଥିଲେ। ସେ ସୋମାଲିଆର ବାସିନ୍ଦା ଆଉ ଅସଲି ନାମ ହୁସେନ୍ ଆବଦି କହିନ୍ ବୋଲି ମଧ୍ୟ କହିଥିଲେ ଫାରା। ତେବେ ଫାରାଙ୍କ ଏହି କାହାଣୀରେ କେତେ ସତ୍ୟତା ରହିଛି ଏହାର ଯାଞ୍ଚ କରିବା ପାଇଁ ଏକ ଟିମ୍ ଗଠନ କରିଛି ଲଣ୍ଡନ ମେଟ୍ରୋପଲିଟାନ୍ ସର୍ଭିସ୍। ପୋଲିସର ସ୍ୱତନ୍ତ୍ର ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ୟୁକେ ପୋଲିସ ପକ୍ଷରୁ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ଏହି ମାମଲାରେ କୌଣସି ରିପୋର୍ଟ ହୋଇନାହିଁ। ତେବେ ସ୍ୱତନ୍ତ୍ର ଅଧିକାରୀମାନଙ୍କୁ ନେଇ ଗଠିତ ଟିମ୍ ପକ୍ଷରୁ ସମସ୍ତ ଘଟଣାର ତଦନ୍ତ କରାଯିବ।

## ଫର୍ମକୁ ଫେରିଲେ ସାଇନା: ସିନ୍ଧୁ, ପ୍ରଣୟ କ୍ୱାର୍ଟରଫାଇନାଲରେ

**ସିଙ୍ଗାପୁର, ୧୪।୭(ପି.ଟି.)**

ଭାରତର ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲ ବିଶ୍ୱର ୯ନମ୍ବର ମାନ୍ୟତାପ୍ରାପ୍ତ ତଥା ଚାଇନାର ହି ବିଙ୍ଗ୍ ଜିଆଓଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଏହାଦ୍ୱାରା ସେ ଫର୍ମକୁ ଫେରିଥିବା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟିନୀ ପି.ଭି. ସିନ୍ଧୁ ଓ ଏଚ୍.ଏସ୍. ପ୍ରଣୟ ସିଙ୍ଗାପୁର ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟିନୀ ସାଇନା ୫ମ ସିଡ୍ ଚାଇନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୧–୧୯, ୧୧–୨୧, ୨୧–୧୭ ଗେମ୍‌ରେ ହରାଇ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅଢେଇବର୍ଷ ପରେ ଏକ ସୁପର ୫୦୦ ଇଭେଣ୍ଟରେ ଏହା ହେଉଛି ତାଙ୍କର ପ୍ରଥମ କ୍ୱାର୍ଟରଫାଇନାଲ ପଦାର୍ପଣ। ଏହି ପର୍ଯ୍ୟାୟରେ ସେ ଜାପାନର ଆୟା ଓହୋରିଙ୍କୁ ଭେଟିବେ। ହାଇଦ୍ରାବାଦର ଏହି ୩୨ ବର୍ଷୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଆଘାତ ଜନିତ ସମସ୍ୟା ସହିତ ସଂଘର୍ଷ ଚଳାଇ ଆସୁଥିଲେ। ଫଳତଃ ଏପ୍ରିଲରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ସିଲେକ୍ସନ ଟ୍ରାଏଲ୍‌ରୁ ତାଙ୍କୁ ଓହରିଯିବାକୁ ପଡ଼ିଥିଲା। ବିଗତ ୩ ବର୍ଷ ମଧ୍ୟରେ ସାଇନାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଗତ ବର୍ଷ ଓର୍ଲିନ ମାଷ୍ଟର୍ସ ସୁପର ୧୦୦ରେ ସେମିଫାଇନାଲ ପର୍ଯ୍ୟନ୍ତ ଉଠିପାରିଥିଲେ। ସେ ଏହାପୂର୍ବରୁ ୨୦୨୦ରେ ମାଲେସିଆ ମାଷ୍ଟର୍ସ ଓ ବାର୍ସିଲୋନା ସ୍ପେନ ମାଷ୍ଟର୍ସ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଥିଲେ। ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ସିନ୍ଧୁ ଏବଂ ଫର୍ମରେ ଥିବା ପ୍ରଣୟ ସେମାନଙ୍କ ମ୍ୟାଚରେ ଲଢୁଆ ବିଜୟ ହାସଲ କରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

## ରୁଷିଆ ପରିବର୍ତ୍ତେ ଫିନ୍‌ଲାଣ୍ଡରେ ଫିଗର ସ୍କେଟିଂ ଗ୍ରାଁ ପ୍ରି

**ଲାଉସାନେ, ୧୪।୭ (ଏପି):** ୟୁକ୍ରେନ୍ ଉପରେ ଆକ୍ରମଣ କାରଣରୁ ରୁଷିଆରେ ହେବାକୁ ଥିବା ଫିଗର ସ୍କେଟିଂ ଗ୍ରାଁ ପ୍ରି ସିରିଜର ଗୋଟିଏ ରାଉଣ୍ଡ ପ୍ରତିଯୋଗିତା ପ୍ରତ୍ୟାହାର କରି ନିଆଯାଇଛି। ଇଣ୍ଟରନ୍ୟାଶନାଲ ସ୍କେଟିଂ ୟୁନିୟନ (ଆଇଏସ୍‌ୟୁ) ପକ୍ଷରୁ ଗୁରୁବାର ଏ ବିଷୟରେ ସୂଚନା ଦିଆଯାଇଛି। ଏହି ଇଭେଣ୍ଟ ବର୍ତ୍ତମାନ ନଭେମ୍ବର ୨୫ରୁ ୨୭ ଫିନ୍‌ଲାଣ୍ଡର ଏସ୍ପୁଠାରେ ହେବ ବୋଲି ଆଇଏସ୍‌ୟୁ ଗୁରୁବାର ପ୍ରକାଶ କରିଛି। ସ୍କେଟିଂ ଗ୍ରାଁ ପ୍ରି ଫାଇନାଲ ଇଟାଲୀରେ ହେବ। ରୁଷିଆ ହେଉଛି ବିଶ୍ୱର ଏକ ଅନ୍ୟତମ ଅଗ୍ରଣୀ ଫିଗର ସ୍କେଟିଂ ରାଷ୍ଟ୍ର। ୧୯୯୬ରୁ ପ୍ରତିବର୍ଷ ଏହି ଦେଶରେ ଗ୍ରାଁ ପ୍ରି ଅନୁଷ୍ଠିତ ହୋଇ ଆସୁଛି। ଏହା ରୋସ୍‌ଟେଲିକମ୍ କପ୍ ଭାବେ ପରିଚିତ। ୟୁକ୍ରେନ୍ ଉପରେ ଆକ୍ରମଣର କିଛିଦିନ ପରେ ଆଇଏସ୍‌ୟୁ ମାର୍ଚ୍ଚ ୧ରୁ ରୁଷିଆ ଏବଂ ଏହାର ମେଣ୍ଟ ରାଷ୍ଟ୍ର ବେଲାରୁଷକୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ବାରଣ କରିଛି।

# କୋହଲି, ବୁମ୍‌ରାଙ୍କୁ ବିଶ୍ରାମ, ଅଶ୍ୱିନ ସାମିଲ

**ନୂଆଦିଲ୍ଲୀ, ୧୪।୭ (ପି.ଟି.)**

ୱେଷ୍ଟଇଣ୍ଡିଜ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ପାଇଁ ଗୁରୁବାର ଭାରତୀୟ ଦଳ ଘୋଷଣା କରାଯାଇଛି। ବିରାଟ କୋହଲି ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଥିବାବେଳେ ଭେଟେରାନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସାମିଲ କରାଯାଇଛି। ଅଶ୍ୱିନ ଶେଷଥର ପାଇଁ ଗତ ନଭେମ୍ବରରେ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ନିକଟରେ ସ୍ପୋର୍ଟ୍ସ ହର୍ନିଆ ପାଇଁ ଅସ୍ତ୍ରୋପଚାର କରାଇଥିବା ଲୋକେଶ ରାହୁଲ ଏବଂ ହାତରେ ଆଘାତ ପାଇଥିବା କୁଲଦୀପ ଯାଦବଙ୍କୁ ସବ୍‌ଜେକ୍ଟ ଟୁ ଫିଟ୍‌ନେସ ଭିତ୍ତିରେ ଦଳରେ ସ୍ଥାନ ମିଳିଛି। ଗତ ଜୁନ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଅବସରରେ କୁଲଦୀପ ଆହତ ହୋଇଥିଲେ। କାରିବିୟନ ଏବଂ ଆମେରିକାରେ ଖେଳାଯିବାକୁଥିବା ଆଗାମୀ ସିରିଜ ଜୁଲାଇ ୨୯ରୁ ଆରମ୍ଭ ହେବ।

ସମ୍ପ୍ରତି ଫର୍ମରେ ନ ଥିବା କୋହଲିଙ୍କୁ ଏହି ସିରିଜ ପାଇଁ ବିଶ୍ରାମ ଦିଆଯିବ ବୋଲି ପୂର୍ବାନୁମାନ କରାଯାଉଥିଲା। ୨୦୧୯ ନଭେମ୍ବର ପରଠାରୁ କୋହଲି କୌଣସି ଫର୍ମାଟରେ ଶତକ ହାସଲ କରିପାରି ନାହାନ୍ତି। ୱେଷ୍ଟଇଣ୍ଡିଜରେ ଟି୨୦ ବ୍ୟତୀତ ଭାରତ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ମଧ୍ୟ ଖେଳିବ। ଏହା ଜୁଲାଇ ୨୨ରୁ ଆରମ୍ଭ ହେବ। ତାରକା ଲେଗ୍‌ସ୍ପିନର ୟୁଜବେନ୍ଦ୍ର ଚହଲଙ୍କୁ ମଧ୍ୟ ବିଶ୍ରାମ ଦିଆଯାଇଛି। ଅଧିନାୟକ ରୋହିତ ଶର୍ମା, ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା ଦିନିକିଆ ସିରିଜ ପାଇଁ ଭାରତୀୟ ଦଳରେ ନାହାନ୍ତି। ଶିଖର ଧାୱନ ଭାରତୀୟ ଦଳର ନେତୃତ୍ୱ ନେବେ। ଲେଗ୍ ସ୍ପିନର ରବି ବିଷ୍ଣୋଇ ଓ ପେସର ଆଭେଶ ଖାଁ ଟି୨୦ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡ ବିପକ୍ଷ ଶେଷ ୨ଟି ଟି୨୦ରେ ଖେଳିବା ସୁଯୋଗ ପାଇ ନ ଥିବା ଅର୍ଶଦୀପ ସିଂ ଦଳକୁ ଫେରିଛନ୍ତି। ତେବେ ପେସ୍ ସେନ୍‌ସେସନ ଉମ୍ରାନ ମଲିକ ଦଳରୁ ବାଦ୍ ପଡ଼ିଛନ୍ତି। ସେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ ହେଁ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ଜୁଲାଇ ୨୯ରେ ପ୍ରଥମ ଟି୨୦ ତ୍ରିନିଦାଦରେ ଖେଳାଯିବ। ସେଣ୍ଟ କିଟ୍ସରେ ଅଗଷ୍ଟ ୧ ଓ ୨ରେ ପରବର୍ତ୍ତୀ ୨ଟି ଟି୨୦ ଅନୁଷ୍ଠିତ ହେବା ପରେ ଆମେରିକାର ଫ୍ଲୋରିଡ଼ାସ୍ଥିତ ଲୌଡରହିଲ୍‌ରେ ଶେଷ ୨ ଟି୨୦ ମ୍ୟାଚ ୬ ଓ ୭ ତାରିଖରେ ଆୟୋଜନ ହେବ।


ରବିଚନ୍ଦ୍ରନ ଅଶ୍ୱିନ

**ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳ**

**ଭାରତୀୟ ଟି୨୦ ଦଳ:** ରୋହିତ ଶର୍ମା (ଅଧିନାୟକ), ଇଶାନ କିଷନ, ଲୋକେଶ ରାହୁଲ (ସବ୍‌ଜେକ୍ଟ ଟୁ ଫିଟ୍‌ନେସ), ସୂର୍ଯ୍ୟକୁମାର ଯାଦବ, ଦୀପକ ହୁଡା, ଶ୍ରେୟାସ ଆୟାର, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ରବିଚନ୍ଦ୍ରନ ଅଶ୍ୱିନ, ରବି ବିଷ୍ଣୋଇ, କୁଲଦୀପ ଯାଦବ (ସବ୍‌ଜେକ୍ଟ ଟୁ ଫିଟ୍‌ନେସ), ଭୁବନେଶ୍ୱର କୁମାର, ଆଭେଶ ଖାଁ, ହର୍ଷଲ ପଟେଲ, ଅର୍ଶଦୀପ ସିଂ।

ମନେ ପଡ଼ନ୍ତି

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ରମାକାନ୍ତ ସାହୁ
ଜଗନ୍ନାଥପ୍ରସାଦ, ସମ୍ବଲପୁର
ଆବିର୍ଭାବ- ୦୧.୧୦.୧୯୫୧
ତିରୋଭାବ- ୧୪.୦୭.୨୦୧୪
(ଶ୍ରାବଣ, ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସ ହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ।
ଧ–୧୦୦୩

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ରଜନୀକାନ୍ତ ସାହୁ
ଜଗନ୍ନାଥପ୍ରସାଦ, ସମ୍ବଲପୁର
ଆବିର୍ଭାବ- ୦୨.୦୪.୧୯୬୩
ତିରୋଭାବ- ୧୪.୦୭.୨୦୧୪
(ଶ୍ରାବଣ, ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସ ହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ।
ଧ–୧୦୦୪

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ମାନସୀ ସାହୁ
ବୈରୀ, ଛତିଆ, ଯାଜପୁର
ଆବିର୍ଭାବ: ୨୯।୧୧।୧୯୫୦
ତିରୋଧାନ: ୦୫।୦୭।୨୦୨୨
କେହି ରହିବେନି ରହିବେ ନାହିଁଟି
ଭବରଙ୍ଗ ଭୂମିତଳେ
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳବଳେ।
ମହାବାହୁ ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର: ଭାଗ୍ୟଧର ସାହୁ, ଶୋକାତୁର ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ–୧୦୦୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ

୰କାଳନ୍ଦୀ ଜେନା
ମଝି ସାହି, ବଡଗଡ, ଭୁବନେଶ୍ୱର
ଆବିର୍ଭାବ - ୧୯୬୨
ତିରୋଧାନ - ୦୫/୦୭/୨୦୨୨
ତୁମେ ଅକସ୍ମାତ ଆମକୁ ଶୋକସାଗରରେ ଭସାଇ ଅମର ପୁରକୁ ଗ୍ଲଲିଗଲ। ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସ୍ୱଭାବ, କର୍ତ୍ତବ୍ୟ ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
ତୁମର ଶୋକସନ୍ତପ୍ତ :
ସ୍ତ୍ରୀ-ପ୍ରତିମା, ସାନ ଭାଇ-ଟୁନା, ଝିଅ-ଲୋରା ଓ ବନ୍ଧୁ ଏବଂ ଆତ୍ମିୟସ୍ୱଜନ
ଧ–୯୯୫

# ଡେଙ୍ଗମେଇଙ୍କ ସ୍ୱପ୍ନ ସାକାର



ଭାରତୀୟ ମହିଳା ଫୁଟବଲ୍‌ର ତାରକା ଖେଳାଳି ଡେଙ୍ଗମେଇ ଗ୍ରେସ୍ ସ୍ପର୍ଶ କରିଛନ୍ତି ଆଉ ଏକ ମାଇଲଖୁଣ୍ଟ। ତାଙ୍କୁ ମିଳିଛି ଏକ ପ୍ରଫେଶନାଲ କଣ୍ଟ୍ରାକ୍ଟ। ଉଜ୍‌ବେକିସ୍ତାନର କ୍ଲବ୍ ଏଫ୍‌ସି ନସାଫ୍ ପକ୍ଷରୁ ଡେଙ୍ଗମେଇଙ୍କୁ ପ୍ରଦାନ କରାଯାଇଛି ଏହି ପ୍ରଫେଶନାଲ କଣ୍ଟ୍ରାକ୍ଟ। ଏଥି ସହିତ ତାଙ୍କର ବିଦେଶୀ କ୍ଲବ୍ ପାଇଁ ଖେଳିବାର ସ୍ୱପ୍ନ ପୂରଣ ହୋଇଛି ବୋଲି ଏକ ସାକ୍ଷାତ୍‌କାର ଅବସରରେ କହିଛନ୍ତି ଡେଙ୍ଗମେଇ। ଭାରତୀୟ ଫୁଟବଲର ଆମ୍ବାସାଡର ଭାବରେ ସେ ଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ୨୦୧୩ ସାଫ୍ ଚାମ୍ପିୟନଶିପ୍‌ରୁ ନିଜର କ୍ୟାରିୟର ଆରମ୍ଭ କରିଥିଲେ ଡେଙ୍ଗମେଇ। ପରେ ୨୦୧୬ ଏବଂ ୨୦୧୯ରେ ସାଫ୍ ଚାମ୍ପିୟନଶିପ୍ ବିଜେତା ଦଳର ସଦସ୍ୟ ରହିଥିଲେ। ପୂର୍ବରୁ କ୍ରିପ୍‌ସା ଏଫ୍‌ସି ଏବଂ ୨୦୧୮-୧୯ ସିଜନ ପାଇଁ ସେଥୁ ଏଫ୍‌ସି ପକ୍ଷରୁ ଖେଳିଥିଲେ ଏହି ତାରକା ଫୁଟବଲର। ଏହାପରେ ଗୋକୁଲମ କେରଳ ଏଫ୍‌ସି ପକ୍ଷରୁ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ପ୍ରତିନିଧିତ୍ୱ କରିଥିଲେ। ଏହା ସହିତ ଦୁଇଟି ଏଚ୍‌ଡବ୍ଲ୍ୟୁଏଲ୍ ଟାଇଟଲ ଏବଂ ଏଏଫ୍‌ସି ମହିଳା କ୍ଲବ୍ ଚାମ୍ପିୟନଶିପରେ ବ୍ରୋଞ୍ଜ ଜିତିଥିଲେ। ଦୀର୍ଘବର୍ଷ ଧରି ଖେଳୁଥିବାରୁ ଅନ୍ତର୍ଜାତୀୟ ଅଭିଜ୍ଞତା ତାଙ୍କପାଇଁ କାମରେ ଆସିବ ବୋଲି ଅନୁଭବ କରୁଛନ୍ତି ଏହି ୨୬ ବର୍ଷୀୟା ଫରୱାର୍ଡ।

# ଫେଡେରରଙ୍କ ପଥରେ ନାଡାଲ

ସୁଇଜରଲାଣ୍ଡର ରୋଜର ଫେଡେରରଙ୍କ ପରି ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ଅଧାରୁ ଓହରିଛନ୍ତି ସ୍ପାନିସ ତାରକା ରାଫାଲ ନାଡାଲ। ୨୦୨୧ରେ ସମାନ ଢଙ୍ଗରେ ୱିମ୍ବେଲଡନ୍ କୋର୍ଟ ଛାଡିଥିଲେ ସ୍ୱିସ୍ ତାରକା ଫେଡେରର। କ୍ୱାର୍ଟର ଫାଇନାଲ ମୁକାବିଲାରେ ନାଡାଲଙ୍କ ପେଟର ମାଂସପେଶୀ ଟାଣି ହୋଇଯାଇଥିଲା। ଏହା ସତ୍ତ୍ୱେ ସେ ବିଜୟ ହାସଲ କରିବାରେ ସକ୍ଷମ ହୋଇଥିଲେ। ତେବେ ସମାନ କାରଣରୁ ନିକ୍ କିର୍ଗିଓସଙ୍କ ବିପକ୍ଷ ସେମିଫାଇନାଲରୁ ଓହରି ଯାଇଥିଲେ ନାଡାଲ। ୩୬ ବର୍ଷ ବୟସରେ ଫ୍ରେଞ୍ଚ ଓପନ ଜିତିଥିବା ନାଡାଲ ମାସେ ପୂର୍ବରୁ ୱିମ୍ବେଲଡନରେ ଅଂଶଗ୍ରହଣକୁ ନେଇ ଆଶଙ୍କା ପ୍ରକାଶ କରିଥିଲେ। ବାମ ପାଦରେ ଥିବା ପୁରୁଣା ଯନ୍ତ୍ରଣା କମ୍ କରିବା ପାଇଁ ତାଙ୍କୁ ସ୍ନାୟୁକୁ ଅବଶ କରୁଥିବା ଇଞ୍ଜେକ୍ସନ୍ ଦିଆଯାଏ। ତେଣୁ ନାଡାଲଙ୍କ ଅଂଶଗ୍ରହଣ କରିବା ଆପାତତଃ ଅସମ୍ଭବ ଥିଲା। ନାଡାଲଙ୍କ ବିଦାୟ ପରେ ଫ୍ୟାନ୍‌ମାନେ ଏହାକୁ ୨୦୨୧ରେ ଫେଡେରରଙ୍କ ବିଦାୟ ସହିତ ତୁଳନା କରିବାରେ ଲାଗିଛନ୍ତି। ଫେଡେରର ମଧ୍ୟ ଆହତ ଥାଇ ୨୦୨୧ ୱିମ୍ବେଲଡନ୍ ଖେଳିଥିଲେ। ୧୮ ମାସ ମଧ୍ୟରେ ଆଣ୍ଠୁରେ ୩ଟି ସର୍ଜରି କରାଯାଇଥିଲେ ହେଁ ଏହାକୁ ଖାତିର ନ କରି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। କ୍ୱାର୍ଟର ଫାଇନାଲରେ କଡା ମୁକାବିଲା କରିବା ସତ୍ତ୍ୱେ ସେ ପରାଜିତ ହୋଇଥିଲେ। ମାତ୍ର ଆଣ୍ଠୁର



ରାଫାଲ ନାଡାଲ

ଆଘାତ ସମସ୍ୟା ବଢ଼ିଥିଲା। ଏହା ଏତେ ଗୁରୁତର ଥିଲା ଯେ ସେବେଠୁ ଆଉ ପଡିଆକୁ ଫେରିନାହାନ୍ତି। ଉଭୟ ଖେଳାଳି ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମ ଦେଇ ମଧ୍ୟ ଗତି କରି ସାରିଛନ୍ତି। ବର୍ତ୍ତମାନ ଖେଳିବାକୁ ଚାହିଁଲେ ମଧ୍ୟ ସେମାନଙ୍କ ଶରୀର ଅନୁମତି ପ୍ରଦାନ କରୁନାହିଁ। ନାଡାଲ ଓହରି ଯିବାରୁ ପ୍ରଥମଥରପାଇଁ ୱିମ୍ବେଲଡନ ଫାଇନାଲରେ ପ୍ରବେଶ କରିଥିଲେ କିର୍ଗିଓସ। ତେବେ ନାଡାଲଙ୍କ ପ୍ରଶଂସାରେ ଶତମୁଖ ହୋଇପଡ଼ିଥିଲେ ଏହି ଅଷ୍ଟ୍ରେଲୀୟ ଟେନିସ ତାରକା। ନାଡାଲ ମାସେ ମଧ୍ୟରେ ସୁସ୍ଥ ହୋଇ ୟୁଏସ୍ ଓପନ ଖେଳିବାର ଲକ୍ଷ୍ୟ ରଖିଥିବା ବେଳେ ଏହା ଉପରେ ଟେନିସ ଜଗତର ନଜର ରହିଛି।

ଭାରତୀୟ ସ୍ପିଡ୍‌ଷ୍ଟର ଯଶପ୍ରୀତ୍ ବୁମ୍‌ରା ଆଇସିସି ଦିନିକିଆ ବୋଲର ତାଲିକାରେ ପୁଣିଥରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୭୧୮ ପଏଣ୍ଟ ହାସଲ କରି ସେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇଛନ୍ତି। ପାଖାପାଖି ଦୁଇବର୍ଷ ବ୍ୟବଧାନରେ ସେ ଏହି ସ୍ଥାନକୁ ଫେରିଛନ୍ତି...

# ବୁମ୍ ବୁମ୍ ବୁମ୍‌ରା



ରୁଦ୍ର ପ୍ରସନ୍ନ ରଥ



ଭାରତୀୟ ସ୍ପିଡ୍‌ଷ୍ଟର ଯଶପ୍ରୀତ୍ ବୁମ୍‌ରା ଆଇସିସି ଦିନିକିଆ ବୋଲର ତାଲିକାରେ ପୁଣିଥରେ ପ୍ରଥମ ସ୍ଥାନ ଦଖଲ କରିଛନ୍ତି। ୭୧୮ ପଏଣ୍ଟ ହାସଲ କରି ସେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇଛନ୍ତି। ଫେବୃୟାରୀ ୨୦୨୦ ପରେ ପାଖାପାଖି ଦୁଇବର୍ଷ ବ୍ୟବଧାନରେ ସେ ଏହି ସ୍ଥାନକୁ ଫେରିଛନ୍ତି। କପିଳ ଦେବଙ୍କ ପରେ ଏହି କୃତିତ୍ୱ ହାସଲ କରିବାରେ ସେ ହେଉଛନ୍ତି ଦ୍ୱିତୀୟ ଭାରତୀୟ ଫାଷ୍ଟ ବୋଲର। ପୂର୍ବରୁ ମନିନ୍ଦର ସିଂ, ଅନିଲ କୁମ୍ବଲେ ଏବଂ ରବୀନ୍ଦ୍ର ଜାଡ଼େଜା ଏହି କୃତିତ୍ୱ ହାସଲ କରିଥିଲେ ବି ସେମାନେ ସବୁ ସ୍ପିନ୍ ବୋଲର ଥିଲେ। ଚଳିତ ଇଂଲଣ୍ଡ ଗସ୍ତରେ ବୁମ୍‌ରା ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଗତ କିଛିବର୍ଷ ଧରି ସେ ଭାରତୀୟ ଦଳର ମୁଖ୍ୟ ବୋଲିଂ ଅସ୍ତ୍ର ପାଲଟିଛନ୍ତି। ଚଳିତ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌ରେ ସେ ଓଭାଲ୍‌ଠାରେ ୧୯ ରନ ବିନିମୟରେ ୬ ଉଇକେଟ୍ ନେଇ ବିଜୟର କର୍ଣ୍ଣଧାର ସାଜିଥିବାବେଳେ ଏହି ପ୍ରଦର୍ଶନ ତାଙ୍କୁ ଆଇସିସିର ଏକଦିବସୀୟ ବୋଲରମାନଙ୍କ ତାଲିକାରେ ଶ୍ରେଷ୍ଠ ସ୍ଥାନ ପ୍ରଦାନ କରିବାରେ ସହାୟକ ହୋଇଛି ବୋଲି କୁହାଯାଇପାରେ।

ଭାରତୀୟ ଦଳରେ ଭୁବନେଶ୍ୱର କୁମାର, ମହମ୍ମଦ ଶାମିଙ୍କପରି ବରିଷ୍ଠ ବୋଲର ଥିଲେ ବି ବିପକ୍ଷ ଦଳ ବୁମ୍‌ରାଙ୍କ ପାଇଁ ସବୁବେଳେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରି ପଡ଼ିଆକୁ ଓହ୍ଲାଇ ଥା’ନ୍ତି। ସାଧାରଣତଃ ଜଣେ ପାରମ୍ପରିକ ଫାଷ୍ଟ ବୋଲର ଲମ୍ବା ରନଅପ୍ ନେଇ ଦୌଡ଼ିଥାଏ। ଏହାବାଦ୍ ଜଣେ ନିୟମିତ ଫାଷ୍ଟ ବୋଲରଙ୍କ ଜମ୍ପ, ଲ୍ୟାଣ୍ଡିଂ, ରିଷ୍ଟ ପୋଜିଶନ, ସିମ୍ ପୋଜିଶନ ଏବଂ ରିଲିଜ୍ ପଏଣ୍ଟ ଉପରେ ମଧ୍ୟ ସମସ୍ତେ ନଜର ରଖିଥା’ନ୍ତି। ଟି୨୦ର ଆଗମନ ପରେ ଫାଷ୍ଟ ବୋଲର ଗତି କିମ୍ବା ସୁଇଂ ଅପେକ୍ଷା ବିବିଧତା ଉପରେ ଗୁରୁତ୍ୱ ଦେଉଛନ୍ତି। ଫାଷ୍ଟ ବୋଲରମାନେ ସ୍ଲୋ ଅଫ୍ କଟର, ନକେଲ୍ ବଲ୍, ସ୍ଲୋ ବାଉନ୍‌ସର ଉପରେ ଧ୍ୟାନ ଦେଉଛନ୍ତି। ତୀବ୍ର ଗତିରେ ବ୍ୟାଟରଙ୍କୁ ଚକ୍‌ମା ଦେବା ଅପେକ୍ଷା ସ୍ଲୋ ବଲରେ ଚକିତ କରିବା ଉପରେ ରଣନୀତି ପ୍ରସ୍ତୁତ କରୁଛନ୍ତି। ପଡ଼ିଆ ଭିତରେ କ୍ୟାପଟେନ୍ ଏବଂ ପଡ଼ିଆ ବାହାରେ ଦର୍ଶକ ସବୁବେଳେ ବୁମ୍‌ରା ପଡ଼ିଆରେ ଛାଇ ରହି ବିପକ୍ଷର ଦୁର୍ଗପତନ କରନ୍ତୁ ବୋଲି ଚାହିଁ ରହୁଛନ୍ତି। ତେବେ ଏସବୁ କ୍ଷେତ୍ରରେ ବୁମ୍‌ରା ବେଶ୍ ଭିନ୍ନ। ପାରମ୍ପରିକ ବୋଲରଙ୍କ ପରି ତାଙ୍କର ଲମ୍ବା ରନଅପ୍ ନାହିଁ। ତେବେ ଛୋଟିଆ ରନଅପ୍‌ରେ ମଧ୍ୟ ସେ ନିୟମିତ ଘଣ୍ଟାପ୍ରତି ପାଖାପାଖି ୧୪୦ କିଲୋମିଟରରୁ ଅଧିକ ବେଗରେ ବଲ ପକାଇ ପାରୁଛନ୍ତି। ପୁଣି ସମାନ ଆକ୍ସନରେ ସମାନ ସ୍ଥାନରୁ ସ୍ଲୋ ବାଉନ୍ସର ଏବଂ ନିୟମିତ ବାଉନ୍ସର ପକାଇବାର ଦକ୍ଷତା ସେ ରଖିଛନ୍ତି। ତାଙ୍କର ୟର୍କର ଏବଂ ଅଫ୍‌ଷ୍ଟମ୍ପରୁ ବାହାରକୁ ଯାଉଥିବା ଆଉଟ୍ ସୁଇଂ ଯେତିକି ମାରାତ୍ମକ, ବିଳମ୍ବରେ ସୁଇଂ ହୋଇ ଭିତରକୁ ଆସୁଥିବା ବଲ ମଧ୍ୟ ସେତିକି ବିପଜ୍ଜନକ। ସେ ଏ ସବୁ ପକାନ୍ତି ମାତ୍ର କେଇ ପାହୁଣ୍ଡ ଦୌଡ଼ି। ଦେଖିବାକୁ ଜଟିଳ ଲାଗୁଥିଲେ ବି ଏହା ପ୍ରକୃତରେ ସେତେ ଜଟିଳ ନୁହେଁ। ତେବେ ଭିନ୍ନ ଧରଣର ଆକ୍ସନ କାରଣରୁ ବୁମ୍‌ରାଙ୍କ ବଲକୁ ହାତରୁ ପଢ଼ିବା ସହଜ ନୁହେଁ। ଆଉ କ୍ରିକେଟରେ ଯେଉଁ ବଲ ବୋଲର ହାତରୁ ପଢ଼ାଯାଇ ପାରେ ନାହିଁ ତାକୁ ପିଚ୍‌ରୁ ପଢ଼ିବାକୁ ହୁଏ। ଅଥଚ ଏହି ବଲ ଏତେ ଦ୍ରୁତ ଗତିରେ ବୁମ୍‌ରାଙ୍କ ହାତରୁ ରିଲିଜ୍ ହୁଏ ଯେ ବ୍ୟାଟରଙ୍କ ପାଖରେ ଏହାକୁ ପିଚ୍‌ରୁ ପଢ଼ିବାକୁ ମଧ୍ୟ ସମୟ ହୁଏ ନାହିଁ। କାନ୍ଧରୁ ନୁହେଁ ସେ ବରଂ କଟଟିରୁ ହିଁ ସ୍ପିଡ୍ ବାହାର କରନ୍ତି। ଏଣୁ ବୁମ୍‌ରା ଅନେକ ସମୟରେ ବ୍ୟାଟରଙ୍କ ଆଗରେ ଦୁର୍ବୋଧ୍ୟ ପ୍ରଶ୍ନବାଚୀ ହୋଇ ଛିଡ଼ା ହୁଅନ୍ତି। ଆଉଟ୍ ନ ହୋଇ ପିଚ୍ ଉପରେ ଛିଡ଼ା ହୋଇ ରହିଥିବା ବ୍ୟାଟର ନିଜକୁ ଅନେକ ସମୟରେ ଭାଗ୍ୟବାନ ମନେକରିଥାଏ।

ବୁମ୍‌ରା ଭାରତ ପକ୍ଷରୁ ବୋଲିଂ ଓପନ କରନ୍ତି। ପୁଣି ଖେଳ ମଝିରେ ମ୍ୟାଚ୍ ସ୍ଥିତିକୁ ଦେଖି ବୋଲିଂ କରିବାକୁ ବି ଆସନ୍ତି। ଶେଷ ଓଭର ବେଳକୁ ସେ ପାଲଟି ଯାଆନ୍ତି ଜଣେ ଡେଥ୍ ଓଭର ସ୍ପେଶାଲିଷ୍ଟ। ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ବ୍ୟାଟରଙ୍କୁ ଭିନ୍ନ ଭିନ୍ନ ବାଗରେ ବୋଲିଂ କରିବାକୁ ପଡ଼େ। ସବୁଠି ଲକ୍ଷ୍ୟଥାଏ ରନ ରୋକିବା ସହ ବିପକ୍ଷର ଉଇକେଟ୍ କାଢ଼ିବା। ଆଉ ଯେତେବେଳେ ବୁମ୍‌ରା ଏ ଦୁଇଟି କାମରେ ସଫଳ ହୁଅନ୍ତି, ମ୍ୟାଚ୍ ବିନା କଷ୍ଟରେ ଭାରତ ହାତକୁ ଆସିଯାଏ। ଅନେକ ସମୟରେ ଦେଖା ଦେଇଛି ଯେ ବୁମ୍‌ରା ବିଫଳ ହେଲେ ଭାରତ ପରାଜୟ ଆଡ଼କୁ ଠେଲି ହୋଇଯାଇଥାଏ।

୨୦୧୬ରେ ଏକଦିବସୀୟ ଏବଂ ୨୦୧୮ରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ବୁମ୍‌ରା ୩୦ଟି ଟେଷ୍ଟରୁ ୧୨୮ ଉଇକେଟ୍ ଏବଂ ୭୧ଟି ଏକଦିବସୀୟରୁ ୧୧୯ ଉଇକେଟ ନେଇଛନ୍ତି। ଏହା ବ୍ୟତୀତ ସେ ୫୮ଟି ଟି୨୦ରୁ ୬୯ ଉଇକେଟ ପାଇସାରିଲେଣି। କହିଲେ ଅତ୍ୟୁକ୍ତି ହେବନାହିଁ ଯେ, କରୋନା ପାଇଁ ବିଶ୍ୱ କ୍ରିକେଟ୍ ୨୦୨୦ ଏବଂ ୨୦୨୧ରେ ପ୍ରଭାବିତ ହୋଇ ନ ଥିଲେ ବୁମ୍‌ରାଙ୍କ ଚର୍ଚ୍ଚା ଏବେ ଆକାଶ ଛୁଉଁଥା’ନ୍ତା।

ଏବେ ବୁମ୍‌ରାଙ୍କ ଯାଦୁ ଏବଂ ଯୁଗ ଚାଲିଛି ବୋଲି କୁହାଯାଇ ପାରେ। ଅନେକେ ଆଶଙ୍କା କରୁଥିଲେ ଯେ ଲ୍ୟାଣ୍ଡିଂବେଳେ ବୁମ୍‌ରାଙ୍କ ଆଣ୍ଠୁ ଉପରେ ଅଧିକ ଚାପ ପଡୁଥିବାରୁ ଏହା ତାଙ୍କୁ ଆଘାତ ଆଣିଦେଇପାରେ। ତେବେ ଆପାତତଃ ଏବେ ସେପରି କିଛି ସମସ୍ୟା ନାହିଁ କହିଲେ ଚଳେ। ନିଜକୁ ଫିଟ୍ ରଖିପାରି ବୋଲିଂ କଲେ ବୁମ୍‌ରା ଭବିଷ୍ୟତରେ ଅନେକ ରେକର୍ଡ ଭାଙ୍ଗି ପାରିବେ। ବର୍ତ୍ତମାନ ବୁମ୍‌ରାଙ୍କୁ ସବୁଫର୍ମାଟ୍‌ର ଶ୍ରେଷ୍ଠ ବୋଲି କୁହାଯାଉଛି ଏବଂ ଜଣେ ଭାରତୀୟ ହିସାବରେ ଆମ ସମସ୍ତଙ୍କୁ ଏ ନେଇ ଗର୍ବ ଅନୁଭବ କରିବା ସ୍ୱାଭାବିକ କଥା। ଏହିପରି ପ୍ରଦର୍ଶନ ଜାରି ରଖିଲେ ବୁମ୍‌ରା ଚଳିତ ଦଶନ୍ଧିର ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫାଷ୍ଟ ବୋଲର ହେବେ ବୋଲି କୁହାଯାଇପାରେ।

# ଐତିହାସିକ ସଫଳତା

ରଣଜୀ ଚାମ୍ପିୟନ ହୋଇ କିଛିଦିନ ତଳେ ଇତିହାସ ରଚିଛି ମଧ୍ୟପ୍ରଦେଶ। ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ଅଧ୍ୟବସାୟ ହିଁ ସଫଳତା ଆଣିଦିଏ ବୋଲି ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ପ୍ରମାଣିତ କରିଛି...



ନିର୍ମଳ କୁମାର ମିଶ୍ର

ଘରୋଇ କ୍ରିକେଟ୍‌ର ସର୍ବୋଚ୍ଚ ଟୁର୍ନାମେଣ୍ଟ ରଣଜୀ ଟ୍ରଫିର ୮୭ତମ ସଂସ୍କରଣ କିଛି ଦିନତଳେ ସଫଳତାର ସହ ଶେଷ ହୋଇଛି। ଯୁବ ଖେଳାଳିଙ୍କୁ ନେଇ ଗଠିତ ମଧ୍ୟପ୍ରଦେଶ ଦଳକୁ ପ୍ରଥମଥର ପାଇଁ ମିଳିଛି ବିରାଟ ସଫଳତା। ରଣଜୀ ଚାମ୍ପିୟନ ହୋଇ ଇତିହାସ ରଚିଛି ଏହି ଦଳ। ରଣଜୀ ଇତିହାସରେ ସର୍ବାଧିକ ୪୧ଥର ଚାମ୍ପିୟନ ଶକ୍ତିଶାଳୀ ମୁମ୍ବାଇକୁ ଫାଇନାଲରେ ହରାଇ କ୍ରିକେଟପ୍ରେମୀଙ୍କ ହୃଦୟ ଜିତିଛି ମଧ୍ୟପ୍ରଦେଶ। କୋଚ୍ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସ୍ୱପ୍ନ ସାକାର ହୋଇଛି। ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ଅଧ୍ୟବସାୟ ହିଁ ସଫଳତା ଆଣିଦିଏ ବୋଲି ଏଥିରୁ ପ୍ରମାଣିତ ହୋଇଛି। ସେମିଫାଇନାଲରେ ବେଙ୍ଗଲକୁ ପରାସ୍ତ କରି ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶକୁ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା ମୁମ୍ବାଇ। ଆଇପିଏଲ୍ ୧୫ ଯୋଗୁ ଏହା ୨ଟି ପର୍ଯ୍ୟାୟରେ ଖେଳାଯାଇଥିଲା। ମୋଟ ୩୮ଟି ଦଳକୁ ନେଇ ୬୫ଟି ମ୍ୟାଚ ଖେଳାଯାଇଥିଲା। ମଧ୍ୟପ୍ରଦେଶ ପୂର୍ବରୁ ୧୯୯୮-୯୯ ସିଜନରେ ରନର୍ସଅପ୍ ହୋଇଥିଲା।

ଲିଗ୍ ମ୍ୟାଚ୍ ଆରମ୍ଭ ସମୟରେ ପ୍ରଥମ ଖେଳାଳି ରୂପେ ବିହାର ବ୍ୟାଟର ସକିବୁଲ୍ ଗନି ମିଜୋରାମ ବିପକ୍ଷରେ ପଦାର୍ପଣରେ ୩୪୧ ରନ୍‌ର ତ୍ରିଶତକୀୟ ଇନିଂସ ଖେଳି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପର୍ଯ୍ୟନ୍ତ ୧୧ଟି ତ୍ରିଶତକ ରଣଜୀ ଇତିହାସରେ ହୋଇଥିବା ବେଳେ ଏଥିରେ ସେ ନିଜର ନାମକୁ ସାମିଲ କରିଥିଲେ। ମଧ୍ୟପ୍ରଦେଶ, ବେଙ୍ଗଲ, କର୍ନାଟକ, ମୁମ୍ବାଇ, ଉତ୍ତରାଖଣ୍ଡ, ପଞ୍ଜାବ, ଉତ୍ତରପ୍ରଦେଶ ଲିଗ୍ ପର୍ଯ୍ୟାୟରୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଝାଡ଼ଖଣ୍ଡ ଗ୍ରୁପ ‘ଏଚ୍’ରୁ ଏବଂ ନାଗାଲାଣ୍ଡ ପ୍ଲେଟ ଗ୍ରୁପରୁ ନକ୍‌ଆଉଟ୍ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲେ। ବିହାର ଏବଂ ମିଜୋରାମ ବିପକ୍ଷରେ ବବୁଲ କୁମାର ଏବଂ ସକିବୁଲ ଗନିଙ୍କ ମଧ୍ୟରେ ସର୍ବାଧିକ ପାର୍ଟନରଶିପ୍ ୫୩୮ ରନ୍ ରହିଥିଲା।

ମୁମ୍ବାଇ ବ୍ୟାଟର ସର୍ଫରାଜ୍ ଖାଁ ବ୍ୟାଟିଂରେ ନିଜର କମାଲ ଦେଖାଇ ସର୍ବାଧିକ ୯୮୨ରନ୍ କରିଥିଲେ। ସେହିପରି ଦଳର ବୋଲର ସାମ୍ସ ମୁଲାନୀ ସର୍ବାଧିକ ୪୫ଟି ଉଇକେଟ ନେଇଥିଲେ। ଏହାସତ୍ତ୍ୱେ ୪୭ଥର ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଥିବା ମୁମ୍ବାଇ ଦଳକୁ ଦୁହେଁ ଚାମ୍ପିୟନ କରାଇପାରି ନ ଥିଲେ। ସର୍ଫରାଜ୍ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ୧୯ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଟିମ୍ ଇଣ୍ଡିଆ ଅଧିନାୟକ ଯାଶ୍ ଧୁଲ୍ ଦିଲ୍ଲୀ ପାଇଁ ତାଙ୍କର ପ୍ରଥମ ରଣଜୀ ସିଜନରେ ୩ଟି ଶତକ ଲଗାଇ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିପାରିଛନ୍ତି। ଗତ ସିଜନ୍‌ରେ ବ୍ୟାଟରମାନେ ୯ଟି ଦ୍ୱିଶତକ ହାସଲ କରିଥିଲେ। ନାଗାଲାଣ୍ଡ ବ୍ୟାଟର ଚେତନ ବିଷ୍ଟ ୫ଟି ଏବଂ ସର୍ଫରାଜ୍ ଖାଁ ଏବଂ ଶୁଭମ୍ ଶର୍ମା ପ୍ରତ୍ୟେକ ୪ଟି ଲେଖାଏ ଶତକ ଅର୍ଜନ କରିଥିଲେ। ସର୍ଫରାଜ ଟୁର୍ନାମେଣ୍ଟର ୯ ମ୍ୟାଚ୍‌ରୁ ସର୍ବାଧିକ ୧୯ଟି ଛକା ମାରିଥିଲେ। ମୁମ୍ବାଇ ବୋଲର ସାମ୍ସ ମୁଲାନୀ ୪୫ଟି ଉଇକେଟ ନେଇଥିବାବେଳେ ମଧ୍ୟପ୍ରଦେଶ ବୋଲର କୁମାର କାର୍ତ୍ତିକେୟ ୬ଟି ମ୍ୟାଚରୁ ୩୨ଟି ଉଇକେଟ ନେଇଥିଲେ। ମୁଲାନୀ ୨ଥର ଏବଂ କୁମାର କାର୍ତ୍ତିକେୟ ୩ଥର ୫ ଉଇକେଟ୍ ସଫଳତା ପାଇଥିଲେ।

ଯୁବ ବ୍ୟାଟରଙ୍କ ସଫଳତା ଫାଇନାଲ ମ୍ୟାଚର ମୁଖ୍ୟ ଆକର୍ଷଣ ରହିଥିଲା। ମଧ୍ୟପ୍ରଦେଶର ଶୁଭମ୍ ଶର୍ମା ପ୍ଲେୟର ଅଫ ଦି ଫାଇନାଲ ବିବେଚିତ ହୋଇଥିଲେ। ଯଶସ୍ୱୀ ଜୟସ୍ୱାଲ, ଅରମାନ ଜାଫର, ଯାଶ ଦୁବେ, ରଜତ ପଟିଦାର, ଯାଶ ଧୁଲ୍, ହିମାଂଶୁ ମନ୍ତ୍ରୀ, ହାର୍ଦ୍ଦିକ ଟାମୋରେ ଏବଂ ସାମ୍ସ ମୁଲାନୀଙ୍କ ପରି ଯୁବଖେଳାଳି ସଫଳତା ହାସଲ କରିବା ଭାରତୀୟ କ୍ରିକେଟ ପାଇଁ ନିଶ୍ଚିତ ରୂପେ ଶୁଭ ସୂଚନା।

ରେକର୍ଡ ଦେଖିବାକୁ ଗଲେ ରଣଜୀ ଟ୍ରଫି ଇତିହାସରେ ସର୍ବାଧିକ ଦଳଗତ ସ୍କୋର ୯୧୨ ରନ୍ ମଧ୍ୟପ୍ରଦେଶ ଏବଂ କର୍ନାଟକ ମ୍ୟାଚରେ ହୋଇଛି। ସର୍ବାଧିକ ବ୍ୟକ୍ତିଗତ ସ୍କୋର ମୁମ୍ବାଇ ବ୍ୟାଟର ବି. ନିମ୍ବାଲକରଙ୍କ ନାମରେ (୪୪୩*) ରହିଛି, ଯାହାକି ଏକ ରେକର୍ଡ। ୧୯୯୯-୨୦୦୦ରେ ଗୋଟିଏ ସିଜନ୍‌ରେ ବ୍ୟକ୍ତିଗତ ସର୍ବାଧିକ ରନ୍ ଭି.ଭି.ଏସ୍. ଲକ୍ଷ୍ମଣ (୧୪୧୫ ରନ୍)ଙ୍କ ନାମରେ ରହିଥିବା ବେଳେ ୧୦ ଜଣ ବ୍ୟାଟର ଏପର୍ଯ୍ୟନ୍ତ ଗୋଟିଏ ସିଜନ୍‌ରେ ୧ ହଜାରରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ଓଡ଼ିଶା ସିନିୟର ଦଳର ମୁଖ୍ୟ କୋଚ୍ ୱାସିମ୍ ଜାଫର ରଣଜୀ ଟ୍ରଫିରେ ୧୨ ହଜାର ୩୮ ରନ୍ ସଂଗ୍ରହ କରିଛନ୍ତି। ୪୦ଟି ଶତକ ତାଙ୍କ ନାମରେ ରହିଛି।

ଗତ ସିଜନ୍‌ରେ ଓଡ଼ିଶା ରଣଜୀ ଦଳର ପ୍ରଦର୍ଶନ ସେତେ ଉତ୍ସାହଜନକ ହୋଇପାରି ନାହିଁ। ଗ୍ରୁପ୍-ଡିରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ମୁମ୍ବାଇ, ସୌରାଷ୍ଟ୍ରଠାରୁ ହାରିଥିବା ବେଳେ ଗୋଆ ସହିତ ମ୍ୟାଚ ଡ୍ର ରଖିଥିଲା। ଆଗାମୀ ସିଜନ୍ ପାଇଁ ଟିମ୍ ଓଡ଼ିଶାକୁ ଆଗୁଆ ପ୍ରସ୍ତୁତ ରହିବାକୁ ହେବ। ଆମ ପାଖରେ ଅଭିଜ୍ଞ କୋଚ୍ ସହ ସମସ୍ତ ସୁବିଧା ସୁଯୋଗ ରହିଥିବା ବେଳେ ବାରମ୍ବାର ଅସଫଳ ହେବା ଓଡ଼ିଶା କ୍ରିକେଟ୍ ପାଇଁ ସମସ୍ୟା ସୃଷ୍ଟି କରିଛି। ମଧ୍ୟପ୍ରଦେଶଠାରୁ ଆମକୁ ଢେର କିଛି ଶିଖିବାର ଅଛି।



## ନମ୍ବରୱାନ

ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂରେ
ଧରାଶାୟୀ ଇଂଗଲଣ୍ଡ
ବୋଲିଂ, ବ୍ୟାଟିଂ ଫିଲ୍ଡିଂରେ ଟିମ୍
ଇଣ୍ଡିଆ ରଖିକି ମୁଣ୍ଡ
ପ୍ରଥମ ୱାନ୍‌ଡେରେ ଷଣ୍ଢ
ଘରୋଇ ପିଚ୍‌ରେ ଦଶ
ଉଇକେଟରେ ହାରି
ଖୋଲୁନି ବଟଲର ତୁଣ୍ଡ।

ଆଇସିସି ବୋଲର ୱାନ୍‌ଡେ ତାଲିକା
ହୋଇଅଛି ପ୍ରକାଶିତ
କିଛି ଦିନ ଗ୍ୟାପ୍ ପରେ ପୁଣି ଶୀର୍ଷେ
ମାନ୍ୟତାରେ ଯଶପ୍ରୀତ
କପିଳଙ୍କ ପରେ ଦ୍ରୁତ
ବୋଲର ଗୌରବ ବୁମ୍‌ରା ବେକରେ
ଫୁଲମାଳ ପକା ମିତ।

କିର୍ଗିଓଜ୍‌ଙ୍କୁ ସାତ-ଛଅ ସେଟ୍‌ରେ
ହରାଇ ନମ୍ବର ୱାନ
ଟେନିସ ଖେଳାଳି ଜୋକୋଭିଚ୍ ପୁଣି
ୱିମ୍ବେଲଡନ ଚାମ୍ପିୟନ
ଧ୍ୟାନ ରଖି ନିଷ୍ଠାବାନ
ଶୀର୍ଷକୁ ଉଠଇ ନିଷ୍ଠାହୀନ ଦେଖେ
ସପନରେ ସଦା ଜହ୍ନ।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଜୁଲାଇ ୧୫/୨୦୨୨ Sambalpur, Friday, July 15/ 2022

# ବ୍ରିଟିଶ ସଂସଦରେ ଗାଙ୍ଗୁଲି ସମ୍ବର୍ଦ୍ଧିତ

**ଲଣ୍ଡନ, ୧୪।୭:** ଭାରତୀୟ କ୍ରିକେଟ ବୋର୍ଡର ସଭାପତି ସୌରଭ ଗାଙ୍ଗୁଲିଙ୍କୁ ବ୍ରିଟିଶ ସଂସଦରେ ସମ୍ମାନିତ କରାଯାଇଛି। ବୁଧବାର ବ୍ରିଟିଶ ସଂସଦରେ ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜଣେ ବଙ୍ଗାଳୀ ଭାବରେ ବ୍ରିଟିଶ ସଂସଦରେ ସମ୍ବର୍ଦ୍ଧିତ ହେବା ନିହାତି ସୌଭାଗ୍ୟର ବିଷୟ। ୬ ମାସ ତଳେ ବ୍ରିଟିଶ ସଂସଦ ପକ୍ଷରୁ ତାଙ୍କୁ ସମ୍ପର୍କ କରାଯାଇଥିଲା। ଜୁଲାଇ ୧୩ ତାରିଖରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି କୁହାଯାଇଥିଲା। ଭାରତ ୨୦୦୨ ନାଟୱେଷ୍ଟ ଫାଇନାଲକୁ ଜିତିବା ସହିତ ଇତିହାସ ରଚିଥିଲା। ନାଟୱେଷ୍ଟ ଫାଇନାଲକୁ ୨୦ ବର୍ଷ ପୂରୁଥିବା ବେଳେ ଗାଙ୍ଗୁଲିଙ୍କୁ ସମ୍ମାନିତ କରାଯାଇଛି। ଏହା ସହିତ ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ଦଳର ପ୍ରଦର୍ଶନକୁ ବେଶ ପ୍ରଶଂସା କରିଛନ୍ତି ଗାଙ୍ଗୁଲି।




















FOR INFORMATION CONTACT: TOLL FREE: 1800114645; ANGUL: BINOD HYUNDAI, PH: 8093147272, BALANGIR: BINOD HYUNDAI, PH: 8117067272; BHUBANESWAR: UTKAL HYUNDAI, PAHAL, PH: 6371750223; RASULGARH, PH: 8093066006; PATIA, PH: 9861455661; ADITYA HYUNDAI, TAMANDO, PH: 7873999645, NAYAGARH, PH: 7873999331; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; BERHAMPUR: UTKAL HYUNDAI, PH: 9437964843; BALASORE: PREMIER HYUNDAI, PH: 9938449806; BHADRAK, PH: 9938449806; BARIPADA: PREMIER HYUNDAI, PH: 9938449811; CUTTACK: OSL HYUNDAI, PH: 9338104597; PARADEEP, PH: 7077736600; JAGATSINGHPUR, PH: 7077736590; UTKAL HYUNDAI, PH: 9437063221; KEONJHAR, PH: 9937117471, JAJPUR, PH: 7077719045; ROURKELA: KOSHALA HYUNDAI, PH: 7440022333; RAJGANGPUR, PH: 8093598037; SAMBALPUR: AAKASHDEEP HYUNDAI, PH: 9437070126; BARGARH: SAKAMBARI HYUNDAI, PH: 6370101797; JHARSUGUDA: INFINITY HYUNDAI, PH: 7077011114; SUNDERGARH, PH: 7606003303; JEYPORE: HSPL HYUNDAI, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; UTTARA: ADITYA HYUNDAI, PH: 7873999545, PURI, PH: 7873999980;

*Terms & Conditions apply. Features & specifications shown may not be part of standard fitment & are subject to change without prior notice. Segment is defined by comparable sub 4m SUVs whose length lies between 3 993-3 995 mm, width between 1 770-1 821 mm, petrol engine capacity from 998-1 462 cc & diesel engine capacity from 1 493-1 497 cc. Alexa Amazon Echo device is not a standard car accessory & customer needs to purchase from third party. Actual Echo device may differ from the one shown. Hyundai Bluelink Amazon skill/Action on Google only works in India and can be interacted in English & Hindi. Alexa Skill / Action on Google functions only in select Hyundai Car(s) and depends on your device compatibility, software and availability of network and device internet. Functionality of Bluelink depends on adequate power supply and uninterrupted network connectivity to infotainment system. The Bluelink system is designed in such a way that it makes vehicle theft difficult if its circuit and battery connection is uninterrupted. ##The new Hyundai VENUE (Petrol) has lowest average yearly periodic maintenance service cost of ₹2 851 for 5 years in Delhi. **Source:** Cardekho.com. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads. Hyundai No. 1 SUV maker – Highest number of SUVs sold by an OEM in 2021.


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୫ ଜୁଲାଇ, ୨୦୨୨



## ଚାଷୀ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ

ପଦ୍ମପୁର,(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ବ୍ଲକ କଂଗ୍ରେସ କମିଟିର ଏକ ବୈଠକ ବ୍ଲକ କଂଗ୍ରେସ ସଭାପତି ଚମ୍ପକେଶ୍ୱର ପୁରୋହିତଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ୧୮ ତାରିଖରେ କୃଷକ ସଙ୍ଗଠନର ପଦ୍ମପୁର ବନ୍ଦ ଆହ୍ୱାନକୁ କଂଗ୍ରେସ ସମର୍ଥନ ଦେବାକୁ ନିଷ୍ପତି ନିଆଯାଇଛି। ସମସ୍ତ ଗ୍ରାମପଞ୍ଚାୟତ ସ୍ତରୀୟ କଂଗ୍ରେସ କମିଟି ଏଥିରେ ଯୋଗଦେବେ। ବୈଠକରେ ଉଭୟ କେନ୍ଦ୍ର, ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତିର ଦୃଢ଼ ନିନ୍ଦା କରାଯାଇଥିଲା।

# ସରକାରୀ ଅଧିକାରୀ-ଜମି ମାଫିଆ ଲିଙ୍କ୍

ବଲାଙ୍ଗୀର ଅଫିସ, ୧୪।୭

## ମୃତବ୍ୟକ୍ତିଙ୍କ ନାଁରେ ଜମି ବିକ୍ରି ମାମଲା

- ଟିମନ୍ କୁମ୍ଭାର କରିଥିଲେ ଜମି ଡିଲ୍
- ଗିରଫ ହେଲେ, ଜେଲଗଲେ
- ୯୯ ଡିସିମିଲ ଜମି ଫେରସ୍ତ ପ୍ରକ୍ରିୟା ଆରମ୍ଭ: ଉପଜିଲାପାଳ


ଗିରଫ ଟିମନ୍ କୁମ୍ଭାର।

ମୃତବ୍ୟକ୍ତିଙ୍କ ନାଁରେ ଜମିକିଣା ମାମଲାରେ ବଲାଙ୍ଗୀର ସଦର ପୋଲିସ ଗୁରୁବାର ଷଷ୍ଠ ଅଭିଯୁକ୍ତଭାବେ ଚର୍ଚ୍ଚିତ ଜମି ମାଫିଆ ଟିମନ କୁମ୍ଭାରଙ୍କୁ ଗିରଫ କରଛି । ଧୁମାମରା ଜମି କେଲେଙ୍କାରୀ ଘଟଣାରେ ଜମିକ୍ରେତା ମାଧବ ପୃଷ୍ଟି ଓ ଲବଣୀ ପୃଷ୍ଟିଙ୍କୁ ଜମି ଯୋଗାଇବା ମାମଲାରେ ଟିମନ ମଧ୍ୟସ୍ଥି ଭାବେ କାର୍ଯ୍ୟ କରିଥିଲେ । ଜମି ବିକ୍ରି ଯୋଜନାରେ ସେ ଅନ୍ୟତମ ମୁଖ୍ୟ ଷଡ଼ଯନ୍ତ୍ରକାରୀ ହୋଇଥିବା ତଦନ୍ତରୁ ଜଣାପଡିବା ପରେ ପୋଲିସ ତାଙ୍କୁ ଗିରଫ୍ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜିଲା କାରାଗାରକୁ ପଠାଇ ଦିଆଯାଇଛି। ପୂର୍ବରୁ ବହୁ ଜମି ହଡ଼ପ ଏବଂ ଆପରାଧିକ ଘଟଣାରେ ଟିମନ୍ ଗିରଫ ହୋଇ ଜାମିନରେ ବାହାରିଛନ୍ତି। ଧୁମାମରା ଜମି କେଲେଙ୍କାରୀ ଘଟଣାରେ ଟିମନ୍ ଲିଙ୍କ ବାହାରିବା ପରେ ଜମି ହଡ଼ପ ଘଟଣା ଆହୁରି ଜଟିଳ ଓ ବିବାଦୀୟ ହୋଇପଡିଛି।

୨୦୦୫ ମସିହାରୁ ଧୁମାମରାର ଜମି ମାଲିକ ହର୍ଷ ଷାଣ୍ଡଙ୍କ ମୃତ୍ୟୁ ଘଟିଥିବା ସତ୍ତ୍ୱେ ତାଙ୍କ ନାଁରେ ଉତ୍ତମ ନାଗ ନାମକ ଜଣେ ବ୍ୟକ୍ତିଙ୍କୁ ସବ୍‌ରେଜିଷ୍ଟ୍ରି ଅଫିସରେ ହାଜର କରି ଗତ ୨୦୨୧ ଡିସେମ୍ବର ୧୧ ତାରିଖରେ ସେଲଡିଡ୍ ତିଆରି କରାଯାଇଥିଲା। ବଲାଙ୍ଗୀର ଗୋପବନ୍ଧୁନଗରର ମାଧବ ପୃଷ୍ଟି ନାମକ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ ଲବଣୀ ପୃଷ୍ଟିଙ୍କ ନାଁରେ ଏହି ୫୦ ଡିସମିଲ ଜମି କିଣିଥିଲେ। ଗତ ୨୦୨୨ ମାର୍ଚ୍ଚ ୩ରେ ଏହି ସେଲଡିଡ୍‌ର ପାର୍ଚ୍ଚା କରାଯାଇଥିଲା। ତହସିଲ ଅଫିସରୁ ୫୦ ଡିସମିଲ ଜମିର ପାର୍ଚ୍ଚା ବାହାରିବା ପରିବର୍ତ୍ତେ ଲବଣୀ ପୃଷ୍ଟିଙ୍କ ନାଁରେ ୧.୪୯ ଏକର ଜମିର ପାର୍ଚ୍ଚା ତିଆରି ହୋଇଯାଇଥିଲା। ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଯାଇ ସବ୍‌ରେଜିଷ୍ଟ୍ରି ଅଫିସ ଏବଂ ତହସିଲ ଅଫିସର କର୍ମଚାରୀ ତଥା ଅଧିକାରୀଙ୍କୁ ହାତ କରି ଛୁଟି ଦିନରେ ଲବଣୀ ପୃଷ୍ଟିଙ୍କ ନାଁରେ ଜମି ହସ୍ତାନ୍ତର କରାଯାଇଥିଲା। ଘଟଣା ସମ୍ପର୍କରେ ମୃତ ହର୍ଷ ଷାଣ୍ଡଙ୍କ ପୁଅ ଅବଦୁଲ ଷାଣ୍ଡ ଜାଣିବା ପରେ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା (୨୪୯/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।

ଏହି ଜମି କେଲେଙ୍କାରୀ ଘଟଣାରେ ବଲାଙ୍ଗୀର ତହସିଲଦାର ମଘବନ ବାଗଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରାଯାଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ଜମି କିଣିଥିବା ଲବଣୀ ପୃଷ୍ଟିଙ୍କ ସ୍ୱାମୀ ମାଧବ ପୃଷ୍ଟି, ନକଲି ଜମି ମାଲିକ ସାଜିଥିବା ଉତ୍ତମ ନାଗ ଏବଂ ସାକ୍ଷୀ ହୋଇଥିବା ଦେବରାଜ ରାଉତ୍, ତହସିଲ ଅଫିସ ରେକର୍ଡ଼ କିପର ମକରଧ୍ୱଜ କାଲସାଏ, ସବରେଜିଷ୍ଟ୍ରାର ଅଫିସ କିରଣୀ ଦୀପକ ବାଗ ପୂର୍ବରୁ ପୋଲିସ ଗିରଫ କରିଥିଲା। ଆଜି ଷଷ୍ଠ ଅଭିଯୁକ୍ତ ଭାବେ ଟିମନ୍ କୁମ୍ଭାରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଟିମନ୍ କୁମ୍ଭାରଙ୍କ ଗିରଫଦାରୀ ପରେ ବଲାଙ୍ଗୀର ସବରେଜିଷ୍ଟ୍ରାର ଓ ତହସିଲ ଅଫିସ ଜମି ମାଫିଆଙ୍କ ରାଜ ଚାଲିଥିବା ଅଭିଯୋଗ ପ୍ରମାଣିତ ହୋଇଛି। ଟିମନ୍ ଗୋଷ୍ଠୀ ସହ ଅନ୍ୟ କିଛି ଜମି ର୍ୟାକେଟ୍ ଗୋଷ୍ଠୀ ସବରେଜିଷ୍ଟ୍ରି ଏବଂ ତହସିଲ ଅଫିସରେ କର୍ମଚାରୀ ଓ ଅଧିକାରୀଙ୍କୁ ହାତ କରି ଜମି ହଡପ ଯୋଜନାକୁ କାର୍ଯ୍ୟକାରୀ କରୁଥିବା ଅଭିଯୋଗ ହୋଇଆସୁଥିଲା। ଧୁମାମରା ଘଟଣା ପ୍ରଘଟ ହେବା ପରେ ବଲାଙ୍ଗୀର ସରକାରୀ ଅଫିସରମାନେ କିଭଳି ସ୍ଥାନୀୟ ଗୁଣ୍ଡା ଓ ଜମି ମାଫିଆଙ୍କ ସହ ମିଶି ସାଧାରଣ ଲୋକଙ୍କୁ ଲୁଟ୍ କରୁଛନ୍ତି ତାହା ପ୍ରମାଣିତ ହୋଇଛି। ଏ ଦିଗରେ ଅଧିକ ତଦନ୍ତ କରାଗଲେ ଆହୁରି ଜମି ସଂକ୍ରାନ୍ତୀୟ ଜାଲ କାରସାଦି ଲୋଲୋଚନକୁ ଆସିବ ବୋଲି ଚର୍ଚ୍ଚା ଯୋର୍ ଧରିଛି।

ସବିଶେଷ ସୂଚନାନୁସାରେ ଲବଣୀ ପୃଷ୍ଟିଙ୍କ ନାମରେ ୧.୪୯ ଏକର ଜମି ପାର୍ଚ୍ଚା ହୋଇଥିଲା। ସେଥିରୁ ୯୯ ଡିସିମିଲ ଜମି ବିନା ସେଲଡିଡ୍‌ରେ ହସ୍ତାନ୍ତରିତ ହୋଇଥିଲା। ଏହି ଜମିକୁ ମୂଳଖାତାକୁ ଫେରାଇ ନେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ବୋଲି ଉପଜିଲାପାଳ ଲମ୍ବୋଦର ଧରୁଆ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ କହିଛନ୍ତି।

# ଅଙ୍ଗନୱାଡି କେନ୍ଦ୍ର ଅଧାପନ୍ତରିଆ


ଅଧାପନ୍ତରିଆ ଭାବେ ପଡ଼ିରହିଥିବା ଅଙ୍ଗନୱାଡି କେନ୍ଦ୍ର।

ସିନାପାଲି,୧୪।୭(ଡି.ଏନ.ଏ.)

## ୧ କି.ମି. ଦୂର ମିନିକେନ୍ଦ୍ରକୁ ଚାଲି ଯାଉଛନ୍ତି

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡାଠାରେ ନିର୍ମାଣାଧୀନ ଏକ ଅଙ୍ଗନୱାଡି କେନ୍ଦ୍ର ଅଧାପନ୍ତରିଆ ହୋଇପଡ଼ିରହିଛି। ନିର୍ମାଣ କାର୍ଯ୍ୟ ଆରମ୍ଭର ଦୀର୍ଘମାସ ବିତିଯାଇଥିଲେ ସମ୍ପୃକ୍ତ ଠିକାଦାର ସମ୍ପୂର୍ଣ୍ଣ କରୁନାହାନ୍ତି। ଫଳରେ ଅନ୍ୟ ଏକ ମିନିକେନ୍ଦ୍ରକୁ କୁନି ପିଲାମାନେ ପ୍ରାୟ ଏକ କି.ମି. ଚାଲି ଚାଲି ଯାଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ୨୦୨୦-୨୧ ଆର୍ଥିକ ବର୍ଷରେ ଏହି କାର୍ଯ୍ୟ ୮ ଲକ୍ଷ ୨୦ ହଜାର ଟଙ୍କା ଅଟକଳରେ ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମଞ୍ଜୁରୀ ହୋଇଥିଲା। ଉକ୍ତ କାର୍ଯ୍ୟ ସ୍ଥାନୀୟ ଜଣେ ଠିକାଦାର ଆରମ୍ଭ କରି ଅଧାପନ୍ତରିଆ ଅବସ୍ଥାରେ ଛାଡି ଦେଇଛନ୍ତି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଉଥିଲେ ବି କୌଣସି ସୁଫଳ ମିଳୁନାହିଁ। କେନ୍ଦ୍ରର ଅଙ୍ଗନୱାଡି କର୍ମୀ ପିଲାମାନଙ୍କୁ ପ୍ରାୟ ଏକ କିମି ଦୂର ବେଲପଡା ମିନି କେନ୍ଦ୍ରକୁ ନେଇ ଶିକ୍ଷାଦାନ କରୁଛନ୍ତି। କୁନିକୁନି ଶିଶୁମାନେ ଏକ କିମି ଦୂରକୁ ଯିବାକୁ କୁଣ୍ଠାବୋଧ କରୁଛନ୍ତି। ଅଭିଭାବକମାନେ ମଧ୍ୟ ଛାଡିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ପୁଣି ଗୋଟିଏ କେନ୍ଦ୍ରରେ ଦୁଇଟି କେନ୍ଦ୍ରର ପିଲା ବସିବା ସମ୍ଭବ ହୋଇପାରୁନାହିଁ। ବର୍ଷା ଋତୁ ହେତୁ ପିଲାମାନେ ଯିବାଆସିବା ସମ୍ଭବ ନୁହେଁ। ସ୍ଥାନୀୟ ଅଭିଭାବକଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ତଥା ବ୍ଲକ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ତୈଳିକ ବୈଶ୍ୟ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ସଭା

ବଲାଙ୍ଗୀର ଅଫିସ,୧୪।୭



ତୈଳିକ ବୈଶ୍ୟ ସମାଜ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ସ୍ଥାନୀୟ ରେଳ ଷ୍ଟେଶନ ନିକଟସ୍ଥ ହରି ଓଁ ଭବନଠାରେ ଗୁରୁବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ନଗର ସଭାପତି ରେବତୀକାନ୍ତ ସାହୁ ମଞ୍ଚାସୀନ ହୋଇଥିଲେ। ପ୍ରସନ୍ନ ସାହୁ ମଞ୍ଚ ପରିଚାଳନା କରିଥିଲେ। ବଲାଙ୍ଗୀର ପୌରାଧ୍ୟକ୍ଷା ଲିପ୍‌କା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଅନୁଦାନ ପାଣ୍ଠିରୁ ଏକ କମ୍ୟୁନିଟି ହଲ୍ ସ୍ଥାପନ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ସରପଞ୍ଚ ଜାନକୀ ସାହୁ, ବରକାନୀ ପଞ୍ଚାୟତର ବଳଦେବ ସାହୁ, ଲୋଇସିଂହା ବାଦୀମୁଣ୍ଡା ସରପଞ୍ଚ କିରନ ସାହୁ, ତୁଷୁରା ଏନ୍‌ଏସି କାଉନସିଲ ସୁଷମା ସାହୁ, ସମିତି ସଭ୍ୟ ପ୍ରବୋଧ ସାହୁ, ଖୁଜେନପାଲି ସମିତି ସଭ୍ୟା ସୂର୍ଯ୍ୟକାନ୍ତୀ ସାହୁ, ସାଲେପାଲି ସମିତି ସଭ୍ୟା ଗାୟତ୍ରୀ ସାହୁ, ବାଦୀମୁଣ୍ଡା ସମିତି ସଭ୍ୟାସୁକାନ୍ତି ସାହୁ ଏବଂ ସ୍ୱର୍ଗତ ରଞ୍ଜିତ ସାହୁଙ୍କ ଧର୍ମପତ୍ନୀ ଅଞ୍ଜନା ସାହୁ ଏବଂ ବଲାଙ୍ଗୀର ହାଉସିଂ ବୋର୍ଡ ଉପସଭାପତି କଲ୍ୟାଣୀ ସାହୁଙ୍କୁ ତୈଳିକ ବୈଶ୍ୟ ସମାଜ ତରଫରୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । କଂସ ଭୂମିକାରେ ଅଭିନୟ କରି ସାରା ଓଡିଶାରେ ବିଶେଷ ସୁନାମ ଅର୍ଜନ କରିଥିବା ବିଶିଷ୍ଟ କଳାକାର ରବୀନ୍ଦ୍ର ସାହୁ ଏହି ସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କୁ ମନମୁଗ୍ଧ କରିଥିଲେ। ସଭାରେ କୃଷ୍ଣ ବିହାରୀ ସାହୁ, ଫକୀର ସାହୁ, ଧ୍ରୁବ ସାହୁ, ଆନନ୍ଦ ସାହୁ, ଫିରୋଜ ସାହୁ ସହଯୋଗ କରିଥିଲେ । ସଭାରେ ମହେନ୍ଦ୍ର ସାହୁ, ସୁଦାମ ସାହୁ, ଅଙ୍ଗୀରା ସାହୁ, ସୌକିଲାଲ ସାହୁ, ରାଜ କିଶୋର ସାହୁ, ନିରଞ୍ଜନ ସାହୁ, ଦେବଦତ୍ତ ସାହୁ ଏବଂ ଜିଲା ତୈଳିକ ବୈଶ୍ୟ ସମାଜ ମହିଳା ଶାଖା ସଭାପତି ଗୌରୀ ସାହୁ, ସବିତା ସାହୁ, ମହେଶ୍ୱତା ସାହୁ, ସ୍ୱିଟି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଙ୍ଗନୱାଡି କେନ୍ଦ୍ରରେ ପଚା ଅଣ୍ଡା ବଣ୍ଟନ ଅଭିଯୋଗ

ଜାମଟିକ୍ରା, ୧୪।୭(ଡି.ଏନ.ଏ.): ବରଗଡ଼ ଜିଲା ଅତାବିରା ବ୍ଲକ ଝିଲିମିଣ୍ଡା ପଞ୍ଚାୟତ ଅଧୀନ କ୍ଷୀରାପାଲିର ୧ ନମ୍ବର ଅଙ୍ଗନୱାଡି କେନ୍ଦ୍ରରେ ବୁଧବାର ହିତାଧିକାରୀମାନଙ୍କୁ ଦୁଇ ମାସର ପଚା ଅଣ୍ଡା ବଣ୍ଟନ କରାଯାଇଛି। ଏ ନେଇ ଗ୍ରାମର ହିତାଧିକାରୀ ପଦ୍ମିନୀ ଭୋଇ, ସୀମା ସେଟ, ମନିକା ସେଟ, ଉଷସୀ ଭୋଇ, କୌଶଲ୍ୟା ସେଟ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ ଅନୁରାଧା ମହାନ୍ତିଙ୍କୁ ପଚାରିବାରୁ ତଦନ୍ତ କରିବା ପରେ କ'ଣ ହୋଇଛି କହିପାରିବେ ବୋଲି ସେ ମତ ଦେଇଥିଲେ। ତେବେ ଅଙ୍ଗନୱାଡି କର୍ମୀ ଗିରିଜା ଭୋସାଗରଙ୍କୁ ତାଙ୍କ ମୋବାଇଲ ନଂ. ୭୮୯୪୦୮୧୯୪୧ରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ମାତ୍ର ସେ ଫୋନ ରିସିଭ ନ କରିବାରୁ ତାଙ୍କ ମତାମତ ନେବା ସମ୍ଭବ ହୋଇପାରିନାହିଁ।

# କୃଷିବୀମା କ୍ଷତିପୂରଣ ପାଇଁ କୃଷିମନ୍ତ୍ରୀଙ୍କୁ ଦାବିପତ୍ର


ବିଜେଡି ପକ୍ଷରୁ କୃଷିମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବଲାଙ୍ଗୀର ଅଫିସ, ୧୪।୭: ବଲାଙ୍ଗୀର ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ୍ କରିଥିଲେ। ଚାଷୀଙ୍କୁ କୃଷିବୀମା କ୍ଷତିପୂରଣ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବଲାଙ୍ଗୀର ସଦର ବ୍ଲକର ୬ପଞ୍ଚାୟତ ଶିବତଲା, ସାହାଜବାହାଲ, ତୁଷୁରାବାହାଲ, ମାୟାବର୍ହା, ଭୁଣ୍ଡିମୁହାଣ, ଚନ୍ଦନଭାଟିର ଚାଷୀ ପ୍ରଧାନମନ୍ତ୍ରୀ ଫସଲ କୃଷିବୀମାରୁ ବଞ୍ଚିତ ହୋଇଥିବା ଜଣାଯାଇଛି। ଏହି ପ୍ରତିନିଧି ଦଳରେ ଶିବତଲା କୃଷି ସେବା ସମବାୟ ସମିତି ସଭାପତି ପ୍ରଦ୍ୟୁମ୍ନ ହୋତା, ସୁଧିର ହୋତା, ଜଗବନ୍ଧୁ ରଣା, ଲୋକନାଥ ବେହେରା, ସୂର୍ଯ୍ୟ ସାହୁ, ବ୍ରହ୍ମା ସାହୁ ସାମିଲ ଥିଲେ।

# ଜନସଂଖ୍ୟା ସ୍ଥିରତା ସଚେତନତା ରଥ

କୋକସରା,୧୪।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନସଂଖ୍ୟା ସ୍ଥିରତା ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଡାକ୍ତରଖାନା ପରିସରରେ ସବୁଜ ପତାକା ଦେଖାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସ ଉଦଘାଟନ କରିଥିଲେ। ସଚେତନତା ରଥ ବ୍ଲକର ୨୨ ପଞ୍ଚାୟତ ପରିଭ୍ରମଣ କରି ଜନସଂଖ୍ୟା ନିୟନ୍ତ୍ରଣ ଓ ପରିବାର ନିୟୋଜନ ପଦ୍ଧତି ସମ୍ବନ୍ଧରେ ସଚେତନ କରିବା ଲକ୍ଷ୍ୟ ରହିଛି। ଏହି ଅବସରରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା, ବିପିଏମ ମାନସ ରଞ୍ଜନ ସୱାଇଁ, ହିସାବ ରକ୍ଷକ କିରଣ ପାଣିଗ୍ରାହୀ, ବିଡିଏମ ଇଜାକ ଅହମଦ, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ଡାକ୍ତରଖାନାର କର୍ମଚାରୀ ଉପସ୍ଥିତ ରହିଥିଲେ।


OFFICE OF THE PRINCIPAL, I/C-CUM-SECRETARY
JARASINGHA HIGHER SECONDARY SCHOOL,
JARASINGHA, DIST-BALANGIR,ODISHA-767067

Notice No.269 Date:14.07.2022

**REQUIREMENT**

Applications are invited by post from eligible candidates having minimum 55% of marks at P.G. Level for engagement as Lecturer in Political Science with complete Bio-data within ten days from the publication of this advertisement. Remuneration of Rs.250/- per period maximum 40 periods per month has been fixed up for the said engagement.

Sd./-Principal I/C-Cum-Secretary
Jarasingha Higher Secondary School,
Jarasingha, Dist-Balangir, Odisha

**ADVERTISEMENT**

INVITATION OF APPLICATION FOR ENGAGEMENT OF CRCCs ON DEPLOYMENT BASIS UNDER SAMAGRA SHIKSHA, SUBARNAPUR

No.1368, Date:13.07.2022

Applications are invited from the eligible Elementary Cadre Teachers of Subarnapur District for selection of 57 nos. CRCCs under Samagra Shiksha, Subarnapur through Visioning Test on deployment basis. The interested candidates shall submit their application forms addressing to District Project Coordinator, Samagra Shiksha, Subarnapur by Speed Post/Regd. Post/ Currier only by 29.07.2022. Incomplete application and application received after the due date will be rejected.

The details of eligibility criteria, documents to be submitted, application format and undertaking format will be available in concerned Block Education Offices as well as in the office of the District Project Coordinator, Samagra Shiksha, Subarnapur and district website i.e. www.Subarnapur.nic.in.

The authority reserves every right to cancel, amend or alter the advertisement without assigning any reason thereof.

By order of Collector-cum-Chairperson,
Samagra Shiksha, Subarnapur
Sd./- District Project Coordinator
Samagra Shiksha, Subarnapur

GOVERNMENT OF ODISHA No. O-646
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL
No. 1248 Email: sencrwangul@yahoo.co.in, Ph.: 06764-236404 Dt.12.07.2022
e-Procurement NOTICE for Maintenance Work in Odisha

1. Name of the work : Maintenance Work
2. Total No. of Work : 17 Nos.
3. Estimated Cost : Rs.100.00 Lakhs to Rs.220.07 Lakhs
4. Class of Contractor : 'B' & 'A' Class
5. Period of Completion : 05 (Five) Calendar Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Maintenance Online AGL-06/2022-23 | 16.07.2022 at 10.00 A.M. | 01.08.2022 upto 3.00 P.M. | 27.07.2022 upto 1.00 P.M. | 01.08.2022 at 04.00 P.M. | Will be intimated later on |

For detailed Notice inviting tenders, please visit to the website www.tendersorissa.gov.in.
OIPR-25180/11/0009/2223 Sd./- Chief Construction Engineer, Rural Works Circle, Angul

GOVERNMENT OF ODISHA No. O-642
OFFICE OF THE EXECUTIVE ENGINEER, RURAL WORKS DIVISION, BHUBANESWAR
Ph. No. 0674-2301787, Fax No. 0674-2300965, E-Mail ID: eerw_bbsr@yahoo.co.in
No. Tender-Online-BBSR Divn. - 15 Date: 11.07.2022
e-Procurement NOTICE

1. Name of the work : Repair of Road Works
2. Total No. of Road : 1 No.
3. Class of Contractor :
   a) Estimated cost more than Rs. 40.00 lakh & not exceeding to Rs.1.50 Crore : "A" & "B" Class (of Odisha PWD) or relevant class of other licensing authorities.
   b) Estimated cost more than Rs.20.00 lakh & not exceeding to Rs.40.00 lakh : "B" & "C" Class (of Odisha PWD) or relevant class of other licensing authorities.
   c) Estimated cost not exceeding to Rs.20.00 lakh : "C" & "D" Class (of Odisha PWD) or relevant class of other licensing authorities.
4. Estimate cost of individual projects : Rs.65.00 lakh
5. Time for completion : 3 (Three) Calendar months
6. Other details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bhubaneswar | Tender Online - BBSR Divn. - 15 | 18.07.2022 at 11.00 A.M. | 01.08.2022 upto 5.00 P.M. | 02.08.2022 at 11.00 A.M. | 06.08.2022 at 11.00 A.M. |

7. Further details can be seen from the website www.tendersorissa.gov.in.
8. Corrigendum if any/shall only be published in the above website.

OIPR-25066/11/0017/2223 Sd./- Executive Engineer, Rural Works Divn. BBSR

obcc
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

No-4618 Date. 13.07.2022
File: SMT-1804

EXPRESSION OF INTEREST (EOI) FOR DEVELOPMENT OF WATER SPORTS FACILITIES IN SUANDO, PURI ON PPP MODE

No.CAD-1116: OBCC invites Expression of Interest (EOI) from reputed Developers for Development of Water Sports Activities on the Bhargavi River near Suando Village, Puri, Odisha on Public Private Partnership (PPP) mode. OBCC shall provide the land to the selected developer for a term lease of 5 years .

The site location is opposite to the Birthplace of Pandit Utkalmani Gopabandhu Das at Suando in Puri district, along the Bhargavi river.

**Eligibility Criteria:**
Please refer the EOI document (available at www.mdobcc.in) for detailed technical and financial criteria.

**EOI Submission:**
The EOI application must be submitted in a sealed envelope clearly marked **"DEVELOPMENT OF WATER SPORTS FACILITIES IN SUANDO, PURI"** through speed post/registered post/courier at the below mentioned address from **18.07.2022 to 19.08.2022 before 17:00 hrs.** OBCC will not be responsible for any postal/courier delay.
**Address**-Odisha Bridge and Construction Corporation Limited Vikash Bhavan, Nayapalli, Bhubaneshwar - 751012
For any query, please write to pmuobcc@gmail.com and md@obcc.in.

Sd./- EIC-cum-Managing Director
OIPR-34106/11/0018/2223

**ବିଜ୍ଞାପନ**

ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା

ନାମ: ଦୁଶ୍ମନ୍ ମହାନନ୍ଦିଆ (U/S)
କନଷ୍ଟେବଳ ନଂ.: ୫୨୫
ପିତା: ଦିବାକର୍ ମହାନନ୍ଦିଆ
ଗ୍ରାମ: ସର୍ଗିଗୁଡ଼ା, ପୋ.: ଏମ୍.କେ. ରାଇ
ଥାନା: ଗୁଡ଼ାରୀ, ଜିଲ୍ଲା: ରାୟଗଡ଼ା
No. D-95: ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା୨୪।୦୯।୨୦୨୦ରିଖ ଅପରାହ୍ଣଠାରୁ କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ ଏବଂ ମୁଖ୍ୟ କାର୍ଯ୍ୟାଳୟରୁ ଆପଣ ବିନା ଅନୁମତିରେ କାହାକୁ ନ ଜଣାଇ ତା୨୫।୧୦।୨୦୨୧ରିଖ ଅପରାହ୍ଣଠାରୁ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ ବାରମ୍ବାର ତଲବ ହେବା ସତ୍ତ୍ୱେ ଆପଣ ମୁଖ୍ୟ କାର୍ଯ୍ୟାଳୟରେ ଯୋଗ ଦେଉ ନାହାଁନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି।
ଏଣୁ ଏହି ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି, ଆପଣ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ, ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ,
ଭାମିନୀ, ରାୟଗଡ଼ା

ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା

ନାମ: ମାଧବ ଉର୍ମା
କନଷ୍ଟେବଳ ନଂ.: ୫୬୨
ପିତା: କୁମ୍ଭି ଉର୍ମା
ଗ୍ରାମ: ଚିଖିଲି, ପୋ.: ରେମତା
ଥାନା: ରେଙ୍ଗାଲି, ଜିଲ୍ଲା: ଝାରସୁଗୁଡ଼ା
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା୧୦।୧୨।୨୦୨୧ରିଖ ଅପରାହ୍ଣଠାରୁ ତା୧୬।୧୨।୨୦୨୧ରିଖ ଅପରାହ୍ଣ ପର୍ଯ୍ୟନ୍ତ ୦୭ଦିନ ସାମୟିକ ଛୁଟିରେ ଯାଇଥିଲେ। ଆପଣ, ଆପଣଙ୍କ କାର୍ଯ୍ୟରେ ତା୧୭।୧୨।୨୦୨୧ରିଖ ପୂର୍ବାହ୍ଣରେ ଯୋଗ ଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉ ନାହାଁନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି କି ଆପଣ ଉଦ୍ଦେଶ୍ୟ ମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି ଏବଂ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୁଲିସ୍ ବିଭାଗରେ ନିଯୁକ୍ତି କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ।
ଏଣୁ ଏହି ନୋଟିସ୍ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି, ଆପଣ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିଜର ନିମ୍ନ ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ, ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ,
ଭାମିନୀ, ରାୟଗଡ଼ା

ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା

ନାମ: ଅଜୟ କୁମାର ପାତ୍ର
କନଷ୍ଟେବଳ ନଂ.: ୩୮
ପିତା: ସ୍ୱର୍ଗତ ସୁସିଲ କୁମାର ପାତ୍ର
ଗ୍ରାମ: ରସମତଲା, ପୋ.: ରସମତଲା
ଥାନା: କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା୧୫।୦୧।୨୦୨୨ରିଖ ଅପରାହ୍ଣଠାରୁ ତା୨୦।୦୧।୨୦୨୨ରିଖ ଅପରାହ୍ଣ ପର୍ଯ୍ୟନ୍ତ ୦୫ଦିନ ସାମୟିକ ଛୁଟି ନେଇ ଯାଇଥିଲେ। ଆପଣ, ଆପଣଙ୍କ କାର୍ଯ୍ୟରେ ତା୨୧।୦୧।୨୦୨୨ରିଖ ପୂର୍ବାହ୍ଣରେ ଯୋଗ ଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି ଏବଂ ବାରମ୍ବାର କାର୍ଯ୍ୟରେ ଅନୁପସ୍ଥିତ ରହୁଛନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ବିଶୃଙ୍ଖଳା ସୃଷ୍ଟି ହେଉଛି।
ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି, ଆପଣ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ, ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ,
ଭାମିନୀ, ରାୟଗଡ଼ା

OIPR-12029/11/0016/2223

## ବିଧାୟକଙ୍କ ଜନ୍ମ ଦିନରେ ରକ୍ତଦାନ ଶିବିର

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ୪୬ ତମ ଜନ୍ମ ଦିନ ଅବସରରେ ଖଡ଼ିଆଳ ଯୁବ କଂଗ୍ରେସ ପକ୍ଷରୁ କଂଗ୍ରେସ କାର୍ଯ୍ୟାଳୟଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏନ୍ଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ହିରାଧର ମେହେର, ଚନ୍ଦ୍ର ଶେଖର ତାଣ୍ଡି, ରଞ୍ଜିତ ଶବର, ନୀଳାମ୍ବର ମେହେର, ବରୁଣ ସୁନା, ଅରବିନ୍ଦ ବାରିକ, ଶିଶୁପାଳ ବାଗ, ଭୂଜବଳ ଥପାଙ୍କ ତତ୍ୱାବଧାନରେ ହୋଇଥିବା ବେଳେ ୩୨ଜଣ କଂଗ୍ରେସ କର୍ମୀ ରକ୍ତଦାନ କରିଥିଲେ।

**ସଂକ୍ଷେପରେ**

### ଗୁଣମଣି ଭୋଇ ସଭାପତି ନିର୍ବାଚିତ

**ଖପ୍ରାଖୋଲ ପ୍ରାଥମିକ କୃଷି ସମବାୟ ସମିତି**

ଖପ୍ରାଖୋଲ,୧୪।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ପ୍ରାଥମିକ କୃଷି ସମବାୟ ସମିତି ସଭାପତିଭାବେ ଗୁଣମଣି ଭୋଇ ନିର୍ବାଚିତ ହୋଇଛନ୍ତି। ଉକ୍ତ ପଦବୀ ପାଇଁ ଗୁରୁବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗୁଣମଣି ଭୋଇ ଓ ମୋହନ ସୁନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ନିର୍ବାଚନରେ ସମସ୍ତ ୧୩ ନିର୍ଦ୍ଦେଶକ ଭାଗ ନେଇଥିଲେ। ଗୁଣମଣି ୭ଡାଇରେକ୍ଟରଙ୍କ ସମର୍ଥନ ପାଇଥିବା ବେଳେ ମୋହନ ୬ଖଣ୍ଡ ଭୋଟ ପାଇଥିଲେ। ନିର୍ବାଚନ ଅଧିକାରୀଭାବେ କରମ ସିଂ ତାଣ୍ଡି, ଲୋକନାଥ ରଣା ଯୋଗ ଦେଇଥିଲେ। ସମ୍ପାଦକ ଶ୍ରୀପତି ଭୋଇ, ରାଜୀବ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଗଣ୍ଡ୍ରାବାହାଲିରେ ଇଣ୍ଡିକ୍ୟାଶ ଏଟିଏମ୍ ଉଦ୍‌ଘାଟିତ

ସିନାପାଲି,୧୪।୭(ଡି.ଏନ.ଏ.): ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡ୍ରାବାହାଲି ଗ୍ରାମରେ ଇଣ୍ଡିକ୍ୟାଶ ଏଟିଏମ୍ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଫଳରେ ଗଣ୍ଡ୍ରାବାହାଲି ସମେତ ମଖାପଦର, ବରଗାଁ, ଲରକା, ରାମପୁର, ସିକୁଆ, କିରକିଟା, ପଞ୍ଚାୟତର ବିଭିନ୍ନ ଗ୍ରାମ ଲୋକେ ଉପକୃତ ହେବେ। ପୂର୍ବାହ୍ନ ୧୦ଟାରେ ଗଣ୍ଡ୍ରାବାହାଲି ସରପଞ୍ଚ କୌଶଲ୍ୟା ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମଖାପଦର ପଞ୍ଚାୟତ ସରପଞ୍ଚ ରତ୍ନେ ତାଣ୍ଡି, ପଙ୍କଜ ମେହେର, ତ୍ରିନାଥ ମେହେର, ତୁଳସୀରାମ ସେଠି, ବୁଟୁଲୁ ମେହେର, ଲୁପ୍ତେଶ୍ୱର ମେହେର, ଗୋଲକ ବୈଠାରୁ, ଜଗସନ ମାଝିଙ୍କ ସମେତ ଅନ୍ୟାନ୍ୟ ଉପସ୍ଥିତ ଥିଲେ।

### ଗଙ୍ଗାଧର ସାରସ୍ୱତ ସମିତିର କବିତା ଆସର

ସିନାପାଲି,୧୪।୭(ଡି.ଏନ.ଏ.): ଗଙ୍ଗାଧର ସାରସ୍ୱତ ସମିତି ଆନୁକୂଲ୍ୟରେ ସ୍ଥାନୀୟ ସ୍ୱର ସଙ୍ଗମ କଳା ପରିଷଦର ସଭାଗୃହରେ ବର୍ଷା ଶୀର୍ଷକରେ ଏକ କବିତା ଆସର ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଯୁବ ଲେଖକ ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ବରିଷ୍ଠ କବି ଚିନ୍ତାମଣି ସାହୁ, ସ୍ତମ୍ଭକାର ରବୀନ୍ଦ୍ରନାଥ ଯୋଷୀ, ସଙ୍ଗୀତଜ୍ଞ ତ୍ରିନାଥ ମେହେର ମଞ୍ଚାସୀନ ଥିଲେ। ଅଧାପକ କବି ଧ୍ରୁବଚରଣ ପଧାନଙ୍କ ସଂଯୋଜନାରେ ଉପସ୍ଥିତ କବିଗଣ ବର୍ଷା ଶୀର୍ଷକରେ ସ୍ୱଲିଖିତ କବିତା ପାଠ କରିଥିଲେ। ବରିଷ୍ଠ କବି ମହେନ୍ଦ୍ର ସୁନାନୀ, ବିଜୟ କୁମାର ଯୋଷୀ, ମୁରଲୀଧର ସା, ପରେଶନାଥ ପାଣିଗ୍ରାହୀ, ମୋହନ ଚରଣ ଦାସ, ତରୁଣ କୁମାର ମେହେର, ଚିନ୍ତାମଣି ହଂସ, ରୂପେଶ ମେହେର, ପିଣ୍ଟୁ ଖଣ୍ଡାୟତ ପ୍ରମୁଖ କବିତା ଆବୃତ୍ତି ସହ ସାରସ୍ୱତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କବି ଲୋଚନ ମେହେର ଧନ୍ୟବାଦ ଦେଇଥିଲେ।

# କର୍ମଚାରୀ ଅଭାବ, ମିଳୁନି ତ୍ୱରିତ ସେବା

**ଲାଠୋର ରାଜସ୍ୱ କାର୍ଯ୍ୟାଳୟ**

- ଅତିରିକ୍ତ ରାଜସ୍ୱ ନିରୀକ୍ଷକ, ଅମିନ ଓ ପିଅନ ପଦବୀ ଖାଲି
- ଅଧୀନରେ ରହିଛି ୨୪ ରାଜସ୍ୱ ଗ୍ରାମ
- ବିପଦସଙ୍କୁଳ ଗୃହରେ ଚାଲିଛି କାର୍ଯ୍ୟାଳୟ



ଲାଠୋର,୧୪।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ରାଜସ୍ୱ କାର୍ଯ୍ୟାଳୟରେ ଏବେ କର୍ମଚାରୀ ଅଭାବଜନିତ ସମସ୍ୟା ଦେଇ ଗତି କରୁଛି। ଏଠାରେ ଜଣେ ମାତ୍ର ରାଜସ୍ୱ ନିରୀକ୍ଷକ କାର୍ଯ୍ୟରତ ଅଛନ୍ତି। ଅନ୍ୟ କୌଣସି କର୍ମଚାରୀ ନ ଥିବା ଯୋଗୁଁ ସ୍ଥାନୀୟ ଲୋକ ରାଜସ୍ୱ ସମ୍ପର୍କିତ କାମରେ ଅଫିସ ଆସିଲେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନରୁ କର୍ମଚାରୀ ନିଯୁକ୍ତି ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ।

୧୯୭୬ ଅଗଷ୍ଟ ୧ରେ ଲାଠୋର ଗ୍ରାମରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପଞ୍ଚାୟତ ଅଫିସ ପରିସରରେ ଖୋଲିଥିଲା। କିଛିବର୍ଷ ସେଠାରେ ଚାଲିବା ପରେ ଏହା ଲାଠୋର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ସରକାରୀ ଜମିରେ ଚାଲିଛି। ହେଲେ ସେହି କୋଠା ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବର୍ଷାଦିନ ହୋଇଥିବା ଯୋଗୁଁ କେତେବେଳେ ଖସିପଡି଼ ଜନ ଜୀବନ କ୍ଷତି ହେବ ତାହା କହି ହେଉନାହିଁ। ଗୃହାଭାବ ସାଙ୍ଗକୁ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଦିଆଯାଇନାହିଁ। ଅତିରିକ୍ତ ରାଜସ୍ୱ ନିରୀକ୍ଷକ, ଅମିନ ଓ ପିଅନ ପଦବୀ ଖାଲି ରହିଛି। ଲାଠୋର, ବେନ୍ଦେର, ମାଲପଡ଼ା, କରୁଆଝର ଏବଂ ଟଙ୍କପାଣି ପଞ୍ଚାୟତର ୨୪ଖଣ୍ଡ ରାଜସ୍ୱ ଗ୍ରାମର ଲୋକ ଏହି କାର୍ଯ୍ୟାଳୟ ଉପରେ ନିର୍ଭର କରିଥାନ୍ତି। ହେଲେ ଆବଶ୍ୟକ କର୍ମଚାରୀ ନଥିବା ଯୋଗୁଁ ସମସ୍ତ କାର୍ଯ୍ୟଭାର ରାଜସ୍ୱ ନିରୀକ୍ଷକଙ୍କ ଉପରେ ପଡୁଛି। ଫଳରେ ଲୋକଙ୍କ କାମରେ ବିଳମ୍ବ ହେତୁ ସମସ୍ୟା ସୃଷ୍ଟି ହେଉଛି। ଏନେଇ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ପଚାରିବାରୁ ସମସ୍ୟାର ସମାଧାନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି କହିଥିଲେ। ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ଲାନ୍ଥନଦୀ ସେତୁ ଉପର ରାସ୍ତାରେ ଗର୍ତ୍ତ



ସେତୁରେ ଲାଗିଥିବା ସ୍ୱାନ ବାହାରି ଆସି ଗର୍ତ୍ତ ସୃଷ୍ଟି ହୋଇଛି।

ସଇତଲା, ୧୪।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ଦେଇଯାଇଥିବା ଜାତୀୟ ରାଜପଥ ୨୬ର ବରଗାଁ ଛକ ନିକଟ ଲାନ୍ଥନଦୀ ସେତୁ ଉପର ରାସ୍ତାରେ ଯାତାୟାତ ବିପଦସଙ୍କୁଳ ହୋଇଛି। ସେତୁ ଉପର ଦୁଇ ପିଲର ଜଏଣ୍ଟ ସ୍ଥଳ ରାସ୍ତାର କଙ୍କ୍ରିଟ ଫାଟି ଯାଉଛି। ସେତୁରେ ଲାଗିଥିବା ଲୁହା (ସ୍ୱାନ) ଗୁଡ଼ିକ ବାହାରକୁ ବାହାରି ଆସି ଗର୍ତ୍ତ ସୃଷ୍ଟି ହେଉଛି । ମଝିରେ ମଝିରେ ଜାତୀୟ ରାଜପଥ ବିଭାଗ ଏହାକୁ ମରାମତି କରୁଥିଲେ ହେଁ ନିମ୍ନମାନର କାମ ଯୋଗୁ କିଛିଦିନ ଭିତରେ ଏହା ଯଥା ପୂର୍ବଂ ତଥା ପର ହୋଇଯାଉଛି। ଏଥିଯୋଗୁ ଫାଟ ହୋଇଥିବା ସ୍ଥାନଗୁଡ଼ିକରେ ଫାଟ ସୃଷ୍ଟି ହୋଇ ପ୍ରତ୍ୟହ ଛୋଟବଡ ଦୁର୍ଘଟଣା ଘଟିବାରେ ଲାଗିଛି। ଗତ ୨୭ ତାରିଖ ଦିନ ଧରବଗଡ଼ ପଞ୍ଚାୟତ ମାକ୍ରି ଗ୍ରାମର ଲୋଚନ ଭୋଇ ବାଇକ ଯୋଗେ କୌଣସି କାମରେ ସଇଁତଲାରୁ ଘରକୁ ଫେରୁଥିବାବେଳେ ସେତୁରେ ବାହାରିଥିବା ସ୍ୱାନରେ ଭାରସାମ୍ୟ ହରାଇ ଏକ ଚାରିଚକିଆ ଗାଡ଼ିରେ ପିଟି ହୋଇ ମୃତ୍ୟୁ ଘଟିଥିଲା। ଏଥିସହିତ ସେତୁର ଦୁଇପାର୍ଶ୍ୱରେ ବାଲି ଜମି ରହିଥିବାରୁ ଟିକିଏ ବର୍ଷା ହେଲେ ପାଣି ଜମି ରହୁଛି। ଜାତୀୟ ରାଜପଥ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ହରିଣଙ୍କ ରହିବା, ସ୍ୱାସ୍ଥ୍ୟ ବିଷୟରେ କଲେ ଅନୁଧ୍ୟାନ



ଡିଅର ପାର୍କରେ ସେଣ୍ଟ୍ରାଲ ଜୁ ଅଥୋରିଟି ସଦସ୍ୟ ଡ. ଏସ.କେ. ସିଂ ବନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଖପ୍ରାଖୋଲ,୧୪।୭(ଡି.ଏନ.ଏ.)

**ହରିଶଙ୍କରର ଡିଅର ପାର୍କ ପରିଦର୍ଶନ କଲେ ସେଣ୍ଟ୍ରାଲ ଜୁ ଅଥରିଟି ସଦସ୍ୟ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଥିବା ଡିଅର ପାର୍କକୁ ଗୁରୁବାର ସେଣ୍ଟ୍ରାଲ ଜୁ ଅଥୋରିଟି ସଦସ୍ୟ ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ଡ. ଏସ.କେ. ସିଂ ଗସ୍ତ କରିଥିଲେ। ଡିଅର ପାର୍କର ଭିତ୍ତିଭୂମି, ହରିଣଙ୍କ ଖାଇବା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ନେଇ ସେ ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଡିଅର ପାର୍କରେ ଆବଶ୍ୟକଠାରୁ ଅଧିକ ହରିଣ ରହିଛନ୍ତି। ଏହାକୁ ସମ୍ପ୍ରସାରଣ କରାଯିବା ସହ ଆବଶ୍ୟକ ପଡିଲେ ଜଙ୍ଗଲକୁ କିଛି ହରିଣଙ୍କୁ ଛାଡ଼ିବା ପାଇଁ ପଦକ୍ଷେପ ନିଆଯିବା ନେଇ ଆଲୋଚନା ହୋଇଥିବା ଜଣାଯାଇଛି। ଗସ୍ତ ଅବସରରେ ବଲାଙ୍ଗୀର ଏସିଏଫ ବାବାଜୀ ଚରଣ ରାଉଳ, ହରିଶଙ୍କର ରେଞ୍ଜର ଗିରିଧାରୀ ନାଗ, ବନପାଳ ଅରବିନ୍ଦ ଧରୁଆ, ଘାସିରାମ ଦୀକ୍ଷିତ, ସୁଧୀର ଜେନା ପ୍ରମୁଖ ବନ କର୍ମଚାରୀ ଉପସ୍ଥିତ ଥିଲେ। ଡିଅର ପାର୍କ ୧ଏକର ୭୫ ଡିସିମିଲ ଜମିରେ ରହିଥିଲା। କିଛି ଦିନ ତଳେ ୧ଏକର ୫୦ ଡେସିମିଲ ଜମି ସମ୍ପ୍ରସାରିତ ହେଇଛି। ମୋଟ ୩ଏକର ୨୫ ଡେସିମିଲ ଜାଗାରେ ରହିଛି । ପାର୍କ ରେ ୪୬୬ ହରିଣ ଥିବା ବନ ବିଭାଗ ତରଫରୁ ଜଣାପଡିଛି। ଏନେଇ ହରିଶଙ୍କର ରେଞ୍ଜର ନାଗଙ୍କୁ ପଚାରିବାରୁ ସେଣ୍ଟ୍ରାଲ ଜୁ ଅଥରିଟି ଡିଅର ପାର୍କ ପରିଦର୍ଶନ କରି ଖୁସିବ୍ୟକ୍ତ କରିଥିବା କହିଛନ୍ତି।

## ଝରକା ଭାଙ୍ଗି ସୁନା, ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ

ଜୁନାଗଡ,୧୪।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ମଥୁରା ଗ୍ରାମର ଫକୀର ମୋହନ ପଣ୍ଡାଙ୍କ ଘରୁ ଦୁର୍ବୃତ୍ତମାନେ ଝରକା ଗ୍ରୀଲ ଭାଙ୍ଗି ସୁନା, ଟଙ୍କା, ମୋବାଇଲ ଚୋରି କରି ନେଇଛନ୍ତି। ଏ ନେଇ ଫକୀର ଜୁନାଗଡ ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ବୁଧବାର ଫକୀରଙ୍କ ପରିବାର ଲୋକେ ଘରେ କେହି ନ ଥିଲେ। ଏହାର ସୁଯୋଗ ନେଇ ଚୋରମାନେ ଝରକା ଗ୍ରୀଲ ଭାଙ୍ଗି ଘରେ ପଶି ସୁନା ୪ ଭରି, ୨ ଲକ୍ଷ ଟଙ୍କା ଓ ଗୋଟିଏ ମୋବାଇଲ ଚୋରି କରି ନେଇଥିବା ଜଣାପଡିଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା (ନଂ. ୩୦୩/୨୨) ରୁଜୁ ହୋଇଛି।

## ଡୁମାଳ ସମାଜ ପାଳିଲା ଗୁରୁପୂର୍ଣ୍ଣିମା

ବଲାଙ୍ଗୀର ଅଫିସ/ଲୋଇସିଂହା, ୧୪।୭(ଡି.ଏନ.ଏ)

ବଲାଙ୍ଗୀର ଅମଲା ଭବନଠାରେ ଜିଲା ଷାଠିଏ ଘର ଡୁମାଳ ସମାଜ ପକ୍ଷରୁ ଗୁରୁପୂର୍ଣ୍ଣିମା ତିଥିରେ ଗୁରୁ ଆର୍ଶୀବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁଶିଷ୍ୟ ପରମ୍ପରାକୁ ଗୁରୁତ୍ୱ ଦେଇ ସମାଜର ମଙ୍ଗଳ ପାଇଁ ମାର୍ଗଦର୍ଶନ ଦେଇଥିଲେ ଅତିଥି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନାଟ୍ୟଭୂଷଣ ଜଗଦାନନ୍ଦ ଛରିଆ, ଇନ୍ଦ୍ରମଣୀ ବାରିକ, ନାରାୟଣ କର୍ମୀ, ପ୍ରକାଶ ମେର୍ଲି, ଟେକାମଣୀ ମହାକୁର, ସୁବଳଚନ୍ଦ୍ର ଗୁରାଣ୍ଡି, ରାମେଶ୍ୱର ପଧାନ, ସତ୍ୟବାଦୀ ପଧାନ, ଶଙ୍କର୍ଷଣ ପଧାନ ପ୍ରମୁଖଙ୍କୁ ଉତ୍ତରୀୟ ଦେଇ ଗୁରୁ ଆର୍ଶୀବାଦ ଭିକ୍ଷା କରାଯାଇଥିଲା। ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ସମାଜର ଛାତ୍ରୀ ଅସ୍ମିତା ପ୍ରିୟଦର୍ଶନୀ କ୍ଷେତିଙ୍କ ଅନୁପସ୍ଥିତିରେ ତାଙ୍କ ଅଭିଭାବକଙ୍କୁ ସମ୍ମାନୀତ କରାଯାଇଥିଲା। ରମାକାନ୍ତ ପଧାନ, ଜଗନ୍ନାଥ କରନ, ତୀର୍ଥ ପଧାନ, ଖୁସିରାମ ଚାଉଳିଆ, ଈଶ୍ୱର କରନଙ୍କ ସମେତ ବହୁ ବ୍ୟକ୍ତି ସ୍ୱକୀୟ ମତ ରଖିଥିଲେ ।

## ଡାକ୍ତରଙ୍କୁ ମରଣାନ୍ତିକ ଆକ୍ରମଣ ଘଟଣାରେ ୨ ଗିରଫ

ଖଡ଼ିଆଳ,୧୪।୭(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୀନବନ୍ଧୁ ମହାନନ୍ଦ କାର୍ଯ୍ୟ ସାରି ସରକାରୀ କାର୍ଯ୍ୟ ନେଇ ଆସୁଥିବା ବେଳେ ଖଡ଼ିଆଳ ବ୍ଲକ ଛକଠାରେ ପୂର୍ବରୁ ଜଗି ରହିଥିବା ଜଣେ ବ୍ୟକ୍ତି ନିଜ ପୁଅକୁ ମାରି ଦେବା ଅଭିଯୋଗ କରି ସମ୍ପୃକ୍ତ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଡାକ୍ତର ମହାନନ୍ଦ ଖଡ଼ିଆଳ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଖଡ଼ିଆଳ ଏସ୍‌ଡିପିଓ ସନ୍ତକ ଜେନା ସୂଚନା ଦେଇଛନ୍ତି। ଗିରଫ ଦୁଇ ଜଣ ହେଲେ ଖଡ଼ିଆଳ ଥାନା ଅନ୍ତର୍ଗତ ବାରେଶ ବାହାଲି ଗ୍ରାମର ଦୁନ୍ଦେଶ ମୁଗ୍ରୀ (୩୩) ଓ ଭାଲୁଡୁଙ୍ଗରି ଗ୍ରାମର ପ୍ରବୀଣ ପଟେଲ (୩୦)। ଏ ନେଇ ଖଡ଼ିଆଳ ଥାନାରେ ଏକ ମାମଲା (ନଂ.୨୫୨।୨୨) ରୁଜୁ ହୋଇଛି।

## ଶିକ୍ଷାନିକେତନ, ବାର୍ଦ୍ଧକ୍ୟ ଆବାସ ଅନ୍ତେବାସୀଙ୍କୁ ସହାୟତା



ସତ୍ୟସାଇ ସଂଗଠନ ପକ୍ଷରୁ ଅନ୍ତେବାସୀଙ୍କୁ ହର୍ଲିକ୍ସ ବଣ୍ଟନ କରାଯାଉଛି।

ଦେଓଗାଁ,୧୪।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ଜଗତବନ୍ଧୁ ବିଶ୍ୱଭାରତୀ ଶିକ୍ଷାନିକେତନ ଓ ବାର୍ଦ୍ଧକ୍ୟ ଆବାସରେ ଦୁଷ୍ଠୁରା ଶ୍ରୀସତ୍ୟସାଇ ସେବା ସମିତି ତରଫରୁ ଜରାସିଂହା ଭଜନ ମଣ୍ଡଳୀ ସହଯୋଗରେ ଅନ୍ତେବାସୀଙ୍କୁ ହର୍ଲିକ୍ସ ବଣ୍ଟନ କରାଯାଇଛି। ଏଥିସହିତ ଭଜନ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଜିଲା ଶିକ୍ଷା ସଂଯୋଜକ ଗୋବିନ୍ଦ ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଶିକ୍ଷାନିକେତନଠାରେ ରହୁଥିବା ୮୧ ଚକ୍ଷୁବାଧିତ, ମୂକ, ବଧିର ଛାତ୍ରୀଛାତ୍ରଙ୍କୁ ହର୍ଲିକ୍ସ ବଣ୍ଟନ କରିଥିଲେ। ସେହିପରି ସ୍ଥାନୀୟ ବାର୍ଦ୍ଧକ୍ୟ ଆବାସରେ ରହୁଥିବା ୨୮ବୃଦ୍ଧାବୃଦ୍ଧ ଅନ୍ତେବାସୀଙ୍କୁ ମଧ୍ୟ ହର୍ଲିକ୍ସ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସକ୍ରୀୟ ସଦସ୍ୟା ପୁଷ୍ପାଞ୍ଜଳି ମେହେରଙ୍କ ତତ୍ତ୍ୱାବଧାନରେ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପଞ୍ଜୀକରଣ ନୂଆ ନିୟମ ନେଇ ଚାଷୀ ସଚେତନତା

ଲୋଇସିଂହା,୧୪।୭(ଡି.ଏନ.ଏ.)

ପାକ୍ସରେ ଧାନକିଣା ବେଳେ ଜମି ଜାଲିଆତି ଓ ବିଭିନ୍ନ ଅନିୟମିତତା ହେଉଛି। ପ୍ରକୃତ ଚାଷୀ ଧାନବିକ୍ରିରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ଧାନକିଣାରେ ଦୁର୍ନୀତି ରୋକିବା ସହ ସଂସ୍କାର ଆଣିବା ପାଇଁ ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ୨୦୨୨-୨୩ ଖରିଫ ଋତୁରୁ ନୂଆ ନିୟମ ଜାରି ହୋଇଛି। ଚଳିତ ଖରିଫରେ ଧାନ ବିକ୍ରି ସକାଶେ ପାକ୍ସରେ ଚାଷୀଙ୍କ ନବୀକରଣ କରା ନ ଯାଇ ନୂତନ ପଞ୍ଜୀକରଣ କରାଯିବ। ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ସ୍ଥିତ ବୁରୋଭାଡି ପାକ୍ସ ପକ୍ଷରୁ ଚାଷୀଙ୍କୁ ଏନେଇ ସଚେତନ କରାଯାଇଛି। ପ୍ରତ୍ୟେକ ପାକ୍ସରେ ଚାଷୀ ପଞ୍ଜୀକରଣ ପାଇଁ ଜୁଲାଇ ୧୫ରୁ ୩୧ ପର୍ଯ୍ୟନ୍ତ ଫର୍ମ ବଣ୍ଟନ କରାଯିବ। ଅଗଷ୍ଟ ୧୬ ସୁଦ୍ଧା ପଞ୍ଜୀକରଣ ଫର୍ମ ଗ୍ରହଣ କରାଯିବ ବୋଲି ପାକ୍ସ ସମ୍ପାଦକ ପ୍ରିତମ ମିଶ୍ର କହିଛନ୍ତି। ବୁରୋଭାଡି, ନଅଗାଁ(ଖ) ଓ ସାନଟିକା ଗ୍ରାମକୁ ନେଇ ବୁରୋଭାଡି ପ୍ରାଥମିକ କୃଷି ସମବାୟ ସମିତିରେ ୮୧୭ ଜଣ ସଦସ୍ୟ ରହିଛନ୍ତି। ସେଥିରୁ ୨୦୨୨-୨୩ ଖରିଫ ଋତୁରେ ସମିତ ପଞ୍ଜୀକୃତ ୨୨୭ ଜଣଙ୍କୁ ୧ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଋଣ ପ୍ରଦାନ କରାଯାଇଛି ।

୨୦୨୧-୨୨ ଖରିଫରେ ୨୮୫ ଚାଷୀ ଧାନବିକ୍ରି ସକାଶେ ପଞ୍ଜୀକୃତ ହୋଇଥିଲେ। ଲୋଇସିଂହା ଓ ଆଗଲପୁର ବ୍ଲକ ଦାୟିତ୍ୱରେ ଥିବା ସମବାୟ ସହ ନିବନ୍ଧକ ଗୋବିନ୍ଦ ନାଗ କହିଛନ୍ତି ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ନୂଆ ନିୟମ ଜାରି ହୋଇଛି। ଦୁର୍ନୀତିକୁ ରୋକିବା ଲାଗି ବିଭିନ୍ନ ସମୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଥିଲେ।

# ପ୍ରମୁଖ ସମସ୍ୟାଗୁଡ଼ିକର ତତ୍କାଳ ସମାଧାନକୁ ଗୁରୁତ୍ୱ

ଦେଓଗାଁ,୧୪।୭(ଡି.ଏନ.ଏ)

**ଦାୟିତ୍ୱ ଗ୍ରହଣ କଲେ ପାକ୍ସ ସଭାପତି**

ବଲାଙ୍ଗୀର ଜିଲା ଦେଓଗାଁ ପାକ୍ସରେ ଗୁରୁବାର ନୂତନ ସଭାପତି ଶୈଳେନ୍ଦ୍ର ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗୁରୁବାର ସମ୍ପାଦକ ରାମକୃଷ୍ଣ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରଥମ ପରିଚାଳନା ପରିଷଦ ବୈଠକରେ ପାକ୍ସର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପ୍ରମୁଖ ସମସ୍ୟାଗୁଡିକର ତ୍ୱରିତ ସମାଧାନ ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ପକ୍ସର କୋଠାଛାତରୁ ବର୍ତ୍ତମାନ ବର୍ଷାହେଲେ ପାଣି ଝରୁଥିବାରୁ କୌଣସି କାମ ହୋଇପାରୁ ନାହିଁ। ତେଣୁ ତୁରନ୍ତ ମରାମତି କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଏଥିସହ ଗଛ ପଡି ସମ୍ମୁଖ ଗେଟ ଭାଙ୍ଗିଯାଇଥିବାରୁ ନୂତନ ଗେଟ ଲଗାଇବା ଜରୁରୀ ହୋଇଥିବା ମତପ୍ରକାଶ ପାଇଥିଲା । ବର୍ତ୍ତମାନ ଖରିଫ ଧାନଚାଷ ଆରମ୍ଭ ହୋଇଥିବାରୁ ଚାଷୀଙ୍କ କୃଷିଋଣ ଓ ସାର ପ୍ରଦାନ ଉପରେ ଗୁରୁତ୍ୱ ଦେବାପାଇଁ ଉପସ୍ଥିତ ନିର୍ଦ୍ଦେଶକମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଡାଟା ଏଣ୍ଟି ଅପରେଟର ଶ୍ରୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ, ଲକ୍ଷ୍ମଣ କୁମାର ପୋଢ଼, କିଶୋର ନନ୍ଦ, ପ୍ରମୋଦ କୁମାର ସାହୁ, କାର୍ତ୍ତିକ ମଲ୍ଲିକ, ଘନ ନନ୍ଦ, ଛବିଲ ବଗର୍ତ୍ତି, ମଣି ଧରୁଆ, ଅକ୍ଷୟ ପୁଟା ପ୍ରମୁଖ ଉପସ୍ଥିତ ଥିଲେ ।



ଦେଓଗାଁ ପାକ୍ସରେ ନୂତନ ପରିଚାଳନା ପରିଷଦ ବୈଠକରେ ଉପସ୍ଥିତ ସଦସ୍ୟ।

# ଖୋଳି ଛାଡିଦେଲେ, ଡ୍ରେନ୍ କାମ ହେଉନି

କଣ୍ଟାବାଞ୍ଜି, ୧୪।୭(ଡି.ଏନ.ଏ.)

- ବର୍ଷା ପରେ ସ୍ଥିତି ସଙ୍ଗିନ
- ବର୍ଷା ପୂର୍ବରୁ କାମ ସରିବ: ମ୍ୟୁନିସିପାଲିଟି ଇଞ୍ଜିନିୟର



ଡ୍ରେନ ନିର୍ମାଣ ପାଇଁ ରାସ୍ତା ଖୋଳି ପକାଇ ଦିଆଯାଇଛି।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି ୱାର୍ଡ ନଂ.୧୧ ବନ୍ଧପଡାରେ ଡ୍ରେନ ନିର୍ମାଣ ପାଇଁ ପୌର ପରିଷଦ ପକ୍ଷରୁ କାମ ଆରମ୍ଭ ହୋଇଛି। ହେଲେ ଠିକାଦାର ରାସ୍ତା ଖୋଳି ଦେବା ପରେ କାମ ଆଗଉ ନାହାନ୍ତି। ଗାତ ଖୋଳି ପକାଇ ଦିଆଯାଇଥିବାରୁ ବର୍ଷା ପରେ ବନ୍ଧପଡାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କିତ ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ବର୍ଷା ପୂର୍ବରୁ ୱାର୍ଡ ନଂ. ୧୧ର ବିଭିନ୍ନ ସାହି ବସ୍ତିରେ ଡ୍ରେନ ନିର୍ମାଣର ଆବଶ୍ୟକତା ନେଇ ଗତ ଜୁନ ୬ତାରିଖରେ ନିର୍ବାହୀ ଅଧିକାରୀଙ୍କୁ ଲିଖିତଭାବେ କାଉନସିଲର ସୂର୍ଯ୍ୟପ୍ରତାପ ମିଶ୍ରଙ୍କ ଜରିଆରେ ପଡାବାସୀ ଜଣାଇଥିଲେ। କାଉନସିଲର ମିଶ୍ର ଗତ ତା୩୧।୬।୨୨ରିଖରେ ଏନେଇ କାଉନସିଲ ମିଟିଂରେ ନଗରପାଳଙ୍କୁ ଲିଖିତଭାବେ ଜଣାଇଥିଲେ। ନେହେରୁଲାଲ ଦଣ୍ଡସେନାଙ୍କ ଘରଠାରୁ କାର୍ତ୍ତିକ ଦଣ୍ଡସେନାଙ୍କ ଘର ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ, ଉମେଶ ବଗର୍ତ୍ତିଙ୍କ ଘରଠାରୁ ମୁକେଶ ବଗର୍ତ୍ତିଙ୍କ ଘର ଯାଏ ଡ୍ରେନର ଉନ୍ନତୀକରଣ, ପୁଡାଦରସ୍ଥିତ କୁକୁଡାହାଡ ରୋଡ ପୋଲ ନିକଟ ଡ୍ରେନର ଉନ୍ନତୀକରଣ କଳିଙ୍ଗ ନଗର ସ୍କୁଲ ନିକଟ ନୂତନ ଭେଣ୍ଡିଂ ଯୋନ ଦେଇ ଯାଇଥିବା ଡ୍ରେନର ଉନ୍ନତୀକରଣ, ସାଲେପଡାର ଦୀପକ ବଛାଙ୍କ ଘରଠାରୁ ଗୋକୁଳ ବଛାଙ୍କ ଘର ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। କିନ୍ତୁ ଅଦ୍ୟାବଧି କୌଣସି କାମ କରାଯାଇ ନ ଥିବାରୁ ବର୍ଷାରେ ନାଳନର୍ଦ୍ଦମା ପାଣିରେ ଘାଣ୍ଟି ହେବା ନିଶ୍ଚିତ ବୋଲି ପଡାବାସୀ ଅଭିଯୋଗ କରିଛନ୍ତି। ଏ ନେଇ କଣ୍ଟାବାଞ୍ଜି ମ୍ୟୁନିସିପାଲିଟି ଇଞ୍ଜିନିୟର ଅଶୋକ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିନା ଏଷ୍ଟିମେଟରେ କାମ ଆରମ୍ଭ ହୋଇଥିଲା। ଏବେ ଏଷ୍ଟିମେଟ ସରିଯାଇଛି। ଗୁରୁବାର ଅପରାହ୍ନରେ ନଗରପାଳ ବରିୟାମ ସିଂ ସାଲୁଜାଙ୍କ ସହ ସେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଖୁବ୍‌ଶୀଘ୍ର କାମ ସରିବ ବୋଲି ସେ କହିଛନ୍ତି।

## କଳ୍ପତରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବରପାଲି,(ଡି.ଏନ.ଏ.): ବରଗଡ ଜିଲା ବରପାଲି ବ୍ରହ୍ମକୁମାରୀ ଆଶ୍ରମ ପରିସରରେ ଗୁରୁବାର କଳ୍ପତରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମକୁମାରୀ ଗୌରୀ ଯୋଗଦେଇ ବୃକ୍ଷରୋପଣର ଉପକାରିତା ଉପରେ ଆଲୋଚନା କରିଥିଲେ। ପରେ ସେ ନିଜେ ବୃକ୍ଷରୋପଣ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହ ଅନ୍ୟ ଭଉଣୀଭାଇମାନେ କରଞ୍ଜ, ନିମ୍ବ, କୃଷ୍ଣ ଚୂଡ଼ା, ଆମ୍ବ ଚାରା ମାନ ରୋପଣ କରିଥିଲେ।

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ: ଜେଲ ଗଲେ ପୋଲିସ ଡ୍ରାଇଭର

ଅମରପାଲି,୧୪।୭(ଡି.ଏନ.ଏ): ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ରିଜର୍ଭ ପୋଲିସ କାର୍ଯ୍ୟାଳୟରେ କାମ କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ଉଲୁଣ୍ଡା ବ୍ଲକ ସହରାପାଲି ଗ୍ରାମର ରଞ୍ଜିତ ପ୍ରଧାନ(୩୦)। ରଞ୍ଜିତ ସୁବର୍ଣ୍ଣପୁର ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଡ୍ରାଇଭର ଭାବେ କାମ କରନ୍ତି। ଅଭିଯୋଗ ଅନୁସାରେ, ସୁବଳୟା ଥାନା ଅଞ୍ଚଳର ସମ୍ପୃକ୍ତ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ ହେଁ ପରେ ପ୍ରତାରଣା କରିଥିବା ପୀଡିତା ଜଣକ ଥାନାରେ ଅଭିଯୋଗ କରିଥିଲେ। ସୁବଳୟା ଥାନାରେ ଏ ନେଇ ଦଫା ୩୭୬(୨)(ଏନ) ଓ ୫୦୬ରେ ଏକ ମାମଲା (୮୭/୨୨) ରୁଜୁ ହୋଇଥିବା ଜଣାପଡ଼ିଛି। ବୁଧବାର ସୁବଳୟା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀ ବଳାତ୍କାର ଅଭିଯୋଗରେ ଗିରଫ ହୋଇ ଜେଲ ଯିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

### ଚୋରି ମାମଲାର ମୁଖ୍ୟ ଅଭିଯୁକ୍ତ ଗିରଫ

ତରଭା,୧୪।୭(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ତରଭା ତଥା ବିଭିନ୍ନ ସ୍ଥାନରେ ଚୋରି କରିବା ଅଭିଯୋଗରେ ପୋଲିସ ସମ୍ବଲପୁର ଅଞ୍ଚଳର ଫୈଜାଲ ଖାନ (୨୭)ଙ୍କୁ ଗିରଫ କରିଛି। ସମ୍ବଲପୁର ଦଳେଇପଡାର ଫୈଜାଲ ଗତ ୫ ତାରିଖରେ ସୋନପୁର ଖିଦଳପଡ଼ାର ଜଣେ କନଷ୍ଟେବଲଙ୍କ ବାଇକ୍ ଚୋରି କରିଥିଲେ। ୬ ତାରିଖରେ ବଲାଙ୍ଗୀରର ଦୈନିକ ବଜାର ନିକଟ ସୁଦାମ ଚନ୍ଦ୍ର ବହିଦାରଙ୍କ ଘରୁ ଗୋଟିଏ ଲାପଟପ, ୮ ତାରିଖ ରାତିରେ ତରଭା ଫକୀର ବାବା ମସଜିଦରେ ଶୋଇଥିବା ଦେବଗଡ଼ ଅଞ୍ଚଳର ଜଣେ ହିନ୍ଦୁ ଭକ୍ତ ଫକୀର ମୋହନ କରଙ୍କଠାରୁ ୧୧ହଜାର ଟଙ୍କା, ପାନ କାର୍ଡ, ୩ଟି ମୋବାଇଲ, ଏଟିଏମ କାର୍ଡ, ଆଧାର କାର୍ଡ, ଭ୍ୟାନିଟି ବ୍ୟାଗ ପ୍ରଭୃତି ଚୋରି କରି ନେଇଥିଲେ। ତରଭା ମସଜିଦ କମିଟିର ଏତଲାକୁ ଭିତ୍ତି କରି ପୋଲିସ ଫୈଜାଲଙ୍କୁ ଗିରଫ କରିଥିଲା। ଏଥିସହିତ ଚୋରି ବାଇକ୍, ଲାପଟପ୍, ନଗଦ ୭ ହଜାର ଟଙ୍କା, ୩ମୋବାଇଲ ପୋଲିସ ଉଦ୍ଧାର କରଛି। ଏ ନେଇ ତରଭା ଥାନାରେ ନଂ ୧୬୬/୨୨ରେ ଏକ ମାମଲା ରୁଜୁ ହୋଇଛି। ଏହାର ତଦନ୍ତ ଦାୟିତ୍ୱ ଆଇଆଇସି ସୁବ୍ରତ ପାଣିଗ୍ରାହୀ ନେଇଥିବା ସୂଚନା ମିଳିଛି।

# ୨ ଆର୍ଥିକ କ୍ଷମତାପ୍ରାପ୍ତ ସ୍କୁଲରେ ନାହାନ୍ତି ପ୍ରଧାନଶିକ୍ଷକ

ସୋନପୁର,୧୪।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ରହିଛି ତିନୋଟି ପ୍ରମୁଖ ଆର୍ଥିକ କ୍ଷମତାପ୍ରାପ୍ତ(ଡିଡିଓ) ସ୍କୁଲ। ସେଥିମଧ୍ୟରୁ ସୋନପୁର ମହାରାଜା ହାଇସ୍କୁଲ ଓ ତରଭା ବାଳକ ହାଇସ୍କୁଲରେ ଦୀର୍ଘ ବର୍ଷ ଧରି ପ୍ରଧାନଶିକ୍ଷକଙ୍କୁ ନିଯୁକ୍ତ କରାଯାଉନାହିଁ। ନିକଟରେ ସୋନପୁର ସରକାରୀ ବାଳିକା ହାଇସ୍କୁଲରେ ବୈଦ୍ୟନାଥ କର୍ଣ୍ଣ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ସୁବର୍ଣ୍ଣପୁରର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ତିନୋଟି ଯାକ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିଲେ । ଯେଉଁ ସ୍କୁଲରୁ ପ୍ରଧାନଶିକ୍ଷକ ବଦଳି କିମ୍ବା ଅବସର ନେଉଛନ୍ତି ଆଉ ପଦବୀ ପୂରଣ ହେଉନାହିଁ। ଯାହାଫଳରେ ସ୍କୁଲ ପରିଚାଳନା ସହିତ ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟ ସମ୍ପାଦନାରେ ବହୁ ସମସ୍ୟା ଦେଖାଦେଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଡିଡିଓ ସ୍କୁଲଗୁଡିକରେ ପ୍ରଧାନଶିକ୍ଷକ ଦୀର୍ଘଦିନ ଧରି ନ ରହିବା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢା ଉପରେ ଗଭୀର ପ୍ରଭାବ ପକାଉଛି। ଏହି ୩ଟି ସ୍କୁଲକୁ ୫-ଟିରେ ସାମିଲ କରାଯାଇଛି। ଜୁନ ୧ ତାରିଖରେ



ତରଭା ହାଇସ୍କୁଲ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ତିନୋଟି ରୂପାନ୍ତରଣ ହାଇସ୍କୁଲକୁ ଭିଡିଓ କନଫେରେନ୍ସିଂ ଯୋଗେ ଉଦ୍‌ଘାଟନ କରିଛନ୍ତି । କିନ୍ତୁ ଚଳିତ ମାଟ୍ରିକ୍ ପରୀକ୍ଷାରେ ଏହି ସ୍କୁଲଗୁଡିକର ଜଣେ ବି ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇନାହାନ୍ତି। ସୋନପୁର ମହାରାଜା ହାଇସ୍କୁଲ ଜିଲାର ସର୍ବପୁରାତନ ଶିକ୍ଷାନୁଷ୍ଠାନ। ୧୯୧୩ ମସିହାରେ ଏହି ସ୍କୁଲ ପ୍ରତିଷ୍ଠା ହୋଇଥିଲା। ଏହି ଶତାୟୁ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାହାନ୍ତି। ଏଡିଇଓ ମଞ୍ଜୁଲତା ଭୋଇଙ୍କ ହାତରେ ବିଦ୍ୟାଳୟର ଆର୍ଥିକ ପରିଚାଳନା ଦାୟିତ୍ୱ ରହିଛି। ବିଦ୍ୟାଳୟର ବରିଷ୍ଠ ସହାୟକ ପଦ୍ମନାଭ କର୍ଣ୍ଣ ପ୍ରଧାନ ଶିକ୍ଷକ ଭାର ସମ୍ଭାଳୁଛନ୍ତି। ଜିଲାର ଏହି ପୁରାତନ ସ୍କୁଲରେ ଏବେ ମୋଟ ୨୯୨ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଚଳିତ ମାଟ୍ରିକ୍ ପରୀକ୍ଷା

### ମାଟ୍ରିକ୍ ପରୀକ୍ଷାରେ ମିଳିନି ଏ-୧ ଗ୍ରେଡ୍

ଫଳ ଅନୁଯାୟୀ ଏହି ବିଦ୍ୟାଳୟରେ କୌଣସି ଛାତ୍ରୀଛାତ୍ର ଏ-୧ ଓ ଏ-୨ ପାଇନାହାନ୍ତି । ମୋଟ ୬୬ ଜଣ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ ୬୩ ଜଣ ପାସ କରିଛନ୍ତି। ଏହି ସ୍କୁଲରେ କିରାଣୀ ପଦ ଖାଲି ପଡି ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ତରଭା ସରକାରୀ ବାଳକ ହାଇସ୍କୁଲ ୧୯୫୫ ମସିହାରେ ପ୍ରତିଷ୍ଠା ହୋଇଛି। ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାହାନ୍ତି । ଏଡିଇଓ ମଞ୍ଜୁଲତା ଭୋଇଙ୍କ ହାତରେ ବିଦ୍ୟାଳୟର ଆର୍ଥିକ ପରିଚାଳନା ଦାୟିତ୍ୱ ରହିଛି। ବିଦ୍ୟାଳୟର ବରିଷ୍ଠ ସହାୟକ ସୁରଜ ସେଠୀ ପ୍ରଧାନ ଶିକ୍ଷକ ଭାର ସମ୍ଭାଳୁଛନ୍ତି। ୧୯୬୩ ମସିହାରେ ପ୍ରତିଷ୍ଠିତ ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନିକଟରେ ପ୍ରଧାନ ଶିକ୍ଷକ ନିଯୁକ୍ତି ଦିଆ ଯାଇଥିଲେ ହେଁ ଭିତ୍ତିଭୂମିର ଉନ୍ନତି ହୋଇପାରିନି। ଭିତ୍ତିଭୂମିର ଉନ୍ନତି ପାଇଁ ଜିଲାର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଦିଗଶିରା ପାକ୍ସ: ତ୍ରିଲୋଚନ ପାଣ୍ଡେ ସଭାପତି ନିର୍ବାଚିତ


ଶୁଭେଚ୍ଛୁଙ୍କ ସହ ନବ ନିର୍ବାଚିତ ଦିଗଶିରା ପାକ୍ସ ସଭାପତି।

ଡୁଙ୍ଗୁରିପାଲି,୧୪।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା କୃଷି ସେବା ସମବାୟ ସମିତି ସଭାପତି ଭାବେ ତ୍ରିଲୋଚନ ପାଣ୍ଡେ ନିର୍ବାଚିତ ହୋଇଛନ୍ତି। ପାକ୍ସର ମୋଟ ୧୫ ଡାଇରେକ୍ଟରଙ୍କୁ ନେଇ ମତଦାନ ହୋଇଥିଲା। ସେଥିମଧ୍ୟରୁ ତ୍ରିଲୋଚନଙ୍କୁ ୮ଖଣ୍ଡ ଭୋଟ ମିଳିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ରାଜେନ୍ଦ୍ର ନାରାୟଣ ଶତପଥୀ ୬ଖଣ୍ଡ ଭୋଟ ପାଇଥିଲେ। ଖଣ୍ଡିଏ ଭୋଟ ନାକଚ ହୋଇ ଯାଇଥିଲା। ଭୋଟ ଗଣତି ପରେ ତ୍ରିଲୋଚନଙ୍କୁ ନିର୍ବାଚନ ଅଧିକାରୀ ରଞ୍ଜନ ବେହେରା ପାକ୍ସ ସଭାପତି ଭାବେ ଘୋଷଣା କରିଥିଲେ। ପ୍ରିଜାଇଡିଂ ଅଧିକାରୀ ଭାବେ ନୀତେଇ ଚରଣ ପଣ୍ଡା, ପାକ୍ସ ସମ୍ପାଦକ ସୂର୍ଯ୍ୟ ଦାସ, ଜୟ କୁମାର ମିଶ୍ର ଉପସ୍ଥିତ ଥିଲେ। ଗୁରୁବାର ଦାମୋଧର ପାଣ୍ଡେଙ୍କ ନେତୃତ୍ୱରେ ପୂର୍ବତନ ପାକ୍ସ ସଭାପତି ମନୋଜ କୁମାର ଭୁକ୍ତା, ମହାଦେବ ପଧାନ, ବୃନ୍ଦାବନ ପଧାନ, ଫଣି ଭୂଷଣ ପଧାନ, ବୀରେନ୍ଦ୍ର ମିତ୍ର ବେରିହା, ଜଗଦୀଶ ବାରିକ, ନେତ୍ର ପାଣ୍ଡେ, ପ୍ରଦୀପ ସା, ପୁଷ୍ପାଞ୍ଜଳି ନାଏକ, ତୀର୍ଥବାସୀ ଆଡାବର, ପ୍ରେମରାଜ ପଧାନ, ଗଙ୍ଗାଧର ପାତ୍ର, ମନବୋଧ ଜେନା, ନାରାୟଣ ବିଭାର,ଜିତେନ ପଧାନ ପ୍ରମୁଖ ନବ ନବନିର୍ବାଚିତ ସଭାପତି ତ୍ରିଲୋଚନଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ ଜଣାଇଥିଲେ।

# କଳାଧାମ ଅନୁଷ୍ଠାନରେ ଗୁରୁ ପୂର୍ଣ୍ଣିମା


କଳାଧାମ ଅନୁଷ୍ଠାନରେ ଗୁରୁପୂର୍ଣ୍ଣିମା ପାଳନ କରାଯାଉଛି।

ବଲାଙ୍ଗୀର ଅଫିସ,୧୪।୭

ବଲାଙ୍ଗୀର ତେଲିଗୋଠପଡା ସ୍ଥିତ ଚିତ୍ର, ସଙ୍ଗୀତ, ନୃତ୍ୟ ମହାବିଦ୍ୟାଳୟ କଳାଧାମଠାରେ ଆଦିକବି ବ୍ୟାସଦେବଙ୍କ ଜନ୍ମ ତିଥିରେ ଗୁରୁପୂର୍ଣ୍ଣିମା ଓ ଗୁରୁ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳାଧାମର ଛାତ୍ରୀଛାତ୍ରୀ ତଥା ଅଭିଭାବକ ଉପସ୍ଥିତ ରହି ଗୁରୁ ପୂଜନୋତ୍ସବକୁ ପରିଚାଳନା କରିଥିଲେ। କଳାଧାମ ଅଧ୍ୟକ୍ଷ ତଥା ଗୁରୁଶ୍ରୀ ଦିଲୀପ କୁମାର ସିଂଦେଓ ସର୍ବପ୍ରଥମେ ବ୍ୟାସଦେବ ଏବଂ ନିଜ ଗୁରୁମାନଙ୍କୁ ଦୀପ, ଧୂପ ଓ ଫୁଲ ଚନ୍ଦନ ଦେଇ ପୂଜନ କରିଥିଲେ। ଭାରତୀୟ ପରମ୍ପରାରେ ଆଦିକାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟକ୍ତିତ୍ୱ ଓ ସମାଜ ଗଠନରେ ଗୁରୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ସମ୍ବନ୍ଧରେ ଛାତ୍ରୀଛାତ୍ରୀଙ୍କୁ ସେ ମାର୍ଗଦର୍ଶନ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ଉପଢୌକନ ଓ ନିଜ ଆଗ୍ରହ ଅନୁଯାୟୀ ଅନିତ ଦ୍ରବ୍ୟ ଗୁରୁଦକ୍ଷିଣା ପୂର୍ବକ ଗୁରୁଙ୍କୁ ଅର୍ପଣ କରିଥିଲେ।


## ଓଡ଼ିଆ ଭାଷା ପ୍ରତିଷ୍ଠାନ
### ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
### ବିଜ୍ଞାପନ

No. 14-RR: ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ଓଡ଼ିଆ ଭାଷାର ସମ୍ପାଦନା ତଥା ବନାନ ଶୁଦ୍ଧି ଏବଂ ପ୍ରୁଫ୍ ସଂଶୋଧନ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ୫ଦିନ ଧରି ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନ ସର୍ତ୍ତରେ ତା୩୦।୦୭।୨୦୨୨ରିଖ ସୁଦ୍ଧା ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ପ୍ରତିଷ୍ଠାନର ୱେବ୍‌ସାଇଟ୍‌ରେ ଉପଲବ୍ଧ ଦରଖାସ୍ତର ନମୁନା ଫର୍ମ ଓ ସର୍ତ୍ତାବଳୀ ଅନୁଯାୟୀ ସ୍ପିଡ୍‌ପୋଷ୍ଟ କିମ୍ବା ଇ-ମେଲ୍ ମାଧ୍ୟମରେ ଆବେଦନ କରିପାରିବେ।

୧. ପ୍ରଶିକ୍ଷଣ ଶିବିର କେବଳ ତାଲିମ ପାଇଁ ଉଦ୍ଦିଷ୍ଟ। ଏହା ପ୍ରତିଷ୍ଠାନର ନିଯୁକ୍ତି ପାଇଁ ନୁହେଁ।
୨. ଏଥିରେ ଯାତାୟାତ ଖର୍ଚ୍ଚ ଏବଂ ବୈଠକୀ ବାବଦରେ ଉପଯୁକ୍ତ ପାରିଶ୍ରମିକ ପ୍ରଦାନ କରାଯିବ।
୩. ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ସମ୍ପୂର୍ଣ୍ଣ କରିବା ପରେ ପ୍ରମାଣପତ୍ର ଦିଆଯିବ।
୪. ପ୍ରଶିକ୍ଷାର୍ଥୀମାନେ ଅନୂନ ସ୍ନାତକ ଡିଗ୍ରୀଧାରୀ ଏବଂ ବୟସ ୨୧ବର୍ଷରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ।
୫. ପ୍ରତିଷ୍ଠାନର ଶୃଙ୍ଖଳା ଓ ନିୟମାନୁଯାୟୀ ପ୍ରଶିକ୍ଷାର୍ଥୀମାନେ ଏହି ତାଲିମ ଶିବିରରେ ଯୋଗଦାନ କରିବେ।

**ଦରଖାସ୍ତ ପଠାଇବା ଠିକଣା:**
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ
ସଂସ୍କୃତି ଭବନ, ଭୁବନେଶ୍ୱର – ୧୪
E-mail: odiabhasapratisthan@yahoo.co.in
Website: www.odiabhasapratisthana.in

ସ୍ୱା./– ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର
OIPR-03026/11/0001/2223



## Angul Fresh Producer Company Limited, Angul

C/o- DRDA Office Building, DRDA, Angul,Odisha,India
PIN:759122, Email:angulfreshpcl@gmail.com
CIN-U01400OR2021PTC035778,
PAN-AAUCA8829Q, TAN-BBNA04836G
Notice No.256, Date:13.07.2022

### ADVERTISEMENT

No.CAD-1117:Application is invited from eligible candidates for the post of Manager( Marketing and Procurement); Accountant cum MIS and Cluster Coordinators for Angul Fresh Producer Company Ltd., Angul C/O DRDA Office Building, 2nd Floor, DRDA, Angul, Odisha, Pin-759122. The detail advertisement along with Terms & Conditions may be downloaded from the following website: www.angul.nic.in from 14.07.2022 to 25.07.2022 upto 5.00PM through Registered Post/ Speed Post/ Courier/ By Hand only. No other means will be accepted, The Managing Director, AFPCL, Angul reserves the rights to reject any or all applications without assigning any reason thereof.

Sd./- Managing Director, AFPCL, Angul
OIPR-19132/11/0002/2223


See Career Appointment on every Wednesday & Saturday

# ପଦ୍ମପୁର ବନ୍ଦ ପାଇଁ ଦାବିପତ୍ର ପ୍ରଦାନ

ସୋହେଲା,୧୪।୭(ଡି.ଏନ.ଏ.)

ସୋହେଲା କୃଷକ ବିକାଶ ମଞ୍ଚର କାର୍ଯ୍ୟକାରୀ ସଭାପତି ମନୋହର ମାଝୀଙ୍କ ନେତୃତ୍ୱରେ ଗୁରୁବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଅନ୍ତର୍ଯାମୀ ପାତ୍ର, ଲକ୍ଷ୍ମଣ ପଧାନ, ମନୋହର ସାହୁ, ଚନ୍ଦ୍ରଶେଖର ପଧାନ, ଶ୍ରୀକାନ୍ତ ସେନାପତି, ନୀଳକଣ୍ଠ ସେନାପତି ପ୍ରମୁଖ ବହୁ ଚାଷୀ ସୋହେଲା ତହସିଲ କାର୍ଯ୍ୟାଳୟକୁ ଯାଇ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଅଂଶୁମାନ ଷଡଙ୍ଗୀଙ୍କୁ ଏହି ଦାବିପତ୍ର ଦେଇଛନ୍ତି। ବୀମାପ୍ରାପ୍ୟ ନ ଦେଲେ ଆଗାମୀ ୧୮ତାରିଖରେ ସମସ୍ତ ରାସ୍ତା, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଦୋକାନ ବଜାର ବନ୍ଦ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଦୁଇ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ: ୯ ଆହତ

ତରଭା,୧୪।୭(ଡି.ଏନ.ଏ.)

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସୁବର୍ଣ୍ଣପୁର ଜିଲା ତରଭା ଥାନା କମସରା ଫାଣ୍ଡି ଅନ୍ତର୍ଗତ କୁମ୍ଭାରମୁଣ୍ଡା ଗ୍ରାମରେ ବୁଧବାର ଦୁଇ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ ୩ମହିଳାଙ୍କ ସମେତ ୯ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ତରଭା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଆହତଙ୍କ ମଧ୍ୟରୁ ଚନ୍ଦନ ମିଶ୍ର, ନରୋତ୍ତମ ମିଶ୍ର ଓ ଲକ୍ଷ୍ମୀ ମେହେର ଗୁରୁତର ଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଗୁରୁବାର ଏ ନେଇ ଉଭୟ ପକ୍ଷର ଏତଲାକୁ ଭିତ୍ତି କରି ଦୁଇଟି ପୃଥକ ମାମଲା(ନଂ. ୧୭୨/ ୧୭୩) ରୁଜୁ ହୋଇଛି। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରହିଛି ।

ପ୍ରକାଶ ଯେ, ଗ୍ରାମର ଅଭିମନ୍ୟୁ ମେହେର ଓ ନରୋତ୍ତମ ମିଶ୍ରଙ୍କ ପରିବାର ମଧ୍ୟରେ ଏକ ଆଟ ଜମିକୁ ନେଇ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ବିବାଦ ଲାଗି ରହିଛି। ଏ ନେଇ ତରଭା ଜେଏମଏଫସି କୋର୍ଟରେ ଏକ ମାମଲା ବିଚାରଧୀନ ରହିଛି। ବୁଧବାର ସନ୍ଧ୍ୟାରେ ଏହି ଘଟଣାକୁ ନେଇ କୁମ୍ଭାରମୁଣ୍ଡା ନିକଟ ବଡ ଫଟାମୁଣ୍ଡାରେ ଦୁଇ ପରିବାରର ସଦସ୍ୟ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ମଧ୍ୟରେ ବଚସା ହୋଇ ସଂଘର୍ଷ ଘଟିଥିଲା। ଏଥିରେ ଉଭୟ ପକ୍ଷର ଅଭିମନ୍ୟୁ ମେହେର(୬୦), ଗଙ୍ଗାଧର ମେହେର(୩୧), ମକୁନ୍ଦ ମେହେର(୩୫), ଲକ୍ଷ୍ମୀ ମେହେର (୩୫), କୁନି ମେହେର (୩୨), ଡୋଲେଶ୍ୱରୀ ବାରିକ(୩୫), ନରୋତ୍ତମ ମିଶ୍ର ଓ ମଧୁସୂଦନ ବେଦବାକ୍(୬୫), ଚନ୍ଦନ ମିଶ୍ର ଗୁରୁତର ଆହତ ହୋଇଛନ୍ତି।

ଅଭିମନ୍ୟୁ ମେହେରଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ନରୋତ୍ତମ ମିଶ୍ର, ଚନ୍ଦନ ମିଶ୍ର ଓ ମଧୁ ବେଦବକ ଟାଙ୍ଗିଆ, ଲୁହାଛଡ଼, ଠେଙ୍ଗା ଧରି ଆମ ଘରକୁ ଆସିଥିଲେ। ବିନା କାରଣରେ ଗାଳିଗୁଲଜ କରିବା ସହ ଭାଇ ଗଙ୍ଗାଧର ଓ ପରିବାରର ଅନ୍ୟମାନଙ୍କୁ ଆକ୍ରମଣ କରିଥିଲେ। ଅପରପକ୍ଷରେ ନରୋତ୍ତମଙ୍କ ସ୍ତ୍ରୀ ବ୍ରଜେଶ୍ୱରୀ ମିଶ୍ରଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ତାର ବାଡ ଦେଇ କାହିଁକି ଆମ ଜାଗାକୁ ଅବରୋଧ କରିଛ ବୋଲି ପଚାରିବାରୁ ଅଭିମନ୍ୟୁ ମେହେର, ଗଙ୍ଗା, ମକୁନ୍ଦ, ମିନତୀ ମେହେର, ଶାନ୍ତି ମେହେର ପ୍ରମୁଖ ସଂଘବଦ୍ଧ ଭାବେ ଠେଙ୍ଗା, ବାଡ଼ି, ଟାଙ୍ଗିଆ, ଛଡ଼ ଧରି ନରୋତ୍ତମ, ଚନ୍ଦନ, ମଧୁସୂଦନ ବେଦବାକ୍‌ଙ୍କୁ ଆକ୍ରମଣ କରିଥିଲେ। ତରଭା ଥାନା ଏସଆଇ ଯଯାତି କେଶରୀ ସାହୁ, ଏସଆଇ ଅରକ୍ଷିତ ମାଝି, ଏଏସଆଇ ନିମାଇଁ ଚରଣ ବାରିକ, କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା ବଡଫଟାମୁଣ୍ଡାକୁ ଯାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏହାର ତଦନ୍ତ ଦାୟିତ୍ୱ ଏସ ଆଇ ଯଯାତି କେଶରୀ ସାହୁ ନେଇଥିବା ଜଣାପଡିଛି।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଧର୍ମଶାଳା
## PANCHAYAT SAMITI OFFICE, DHARMASALA

At/Po- Kumari, Dist- Jajpur, Pin:755050, Tel/Fax No.06725-283023,Email:ori-dharmasala@nic.in

**Detail Tender Call Notice No.2691/2022-23 Date:13.07.2022**

**No.i-64:The Block Development Officer, Dharmasala invites sealed tenders on behalf of Governor of Odisha from registered and eligible Contractors of the State P.W.D (R&B)/Water Resources/ Rural Works/M.I./C.P.W.D. for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.**

| Sl. No. | Name of the Work | DTCN No. | Amount put to tender | Cost of tender paper non-refundable | E.M.D. 1% | Time for completion the work in months | Class of contractors |
|---|---|---|---|---|---|---|---|
| 1 | Const. of Day care Sub Center at Anjira | 1/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 2 | Const. of Day care Sub Center at Jaraka | 2/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 3 | Const. of Day care Sub Center at Mangalpur | 3/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 4 | Const. of Day care Sub Center at Patapur | 4/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 5 | Const.of Day care Sub Center at Samsundarpur | 5/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |

**Terms and Conditions:**

1. **Cost of Tender Paper :** The tender specifications can be obtained from Panchayat Samiti Office, Dharmasala on payment towards cost of the tender papers as mentioned above (Non-refundable) in shape of Bank Draft In favour of Block Development Officer, Dharmasala in UCO Bank having Its branch at Dharmasala.
2. **Sale of Tender Papers :** The tender documents will be sold from 15/07/2022 to 30/07/2022 at Panchayat Samiti Office Dharmasala. The tender documents will be sold during the above mentioned period between 10 AM to 5 PM on working days only. The cost of bid document should be attached with the bid (in shape of Bank Draft payable at UCO Bank, Dharmasala).
3. **Date of receipt and mode of submission of Tender Papers :** The tenderers have to submit sealed tender papers in complete shape through Registered Post /Speed Post Only to the B.D.O., Dharmasala in his official postal address. The last date of receipt of tender papers is 30.07.2022 (up to 4.00PM). The undersigned will not be responsible for postal delay if any or non-receipt of the papers In time. The tenderers must superscribe the name of the work/ Project,DTCN no and detailed address on the sealed envelopes.
4. **Date of Opening Of Tender Paper:** The tender papers shall be opened on 01/08/2022 at 11 am at Conference Hall, Dharmasala Block in the presence of the tenderers or their authorized representatives having written authorization for the purpose and the tender committee.
5. **Earnest money deposit:** The E.M.D. is to be deposited in shape of Post Office Short term deposit/Term deposit/N.S.C./ KVP, or deposit receipt of any nationalized bank duly pledged in favour of Block Development Officer, Dharmasala. The Tender Papers without required amount of E.M.D. will not be considered and transfer or adjustment of E.M.D. is not also admissible.
6. **Document to be attached :** The tender is to submit in one cover is to contain E.M.D., signed DTCN, Price bid duly filled in and signed by the tenderer along with the following documents should be furnished with the tender papers failing which the tender will be liable to rejection.
a) E.M.D. pledged in favour of the Block Development Officer, Dharmasala. b) Attested copy of Contractor Registration Certificate c) Attested copy of PAN card. d)Up to date GST clearance certificate, e) Attested copy of up to date valid labour license, f) Attested copy of Caste Certificate issued by competent authorities in case of S.C. /S.T. contractors desirous of availing preference, g) Affidavit as regards the fact of availing award of work without submission of E.M.D. /I.S.D. during the current financial year in case of Engineer Contractors desirous of availing exemption of E.M.D. h) Affidavit about the authentication of document including bank guarantee.
7. **Additional Performance Security Deposit:** The additional performance security shall be deposited by the bidder, when the bid amount less than the estimated cost put to tender. In such case/event the bidder who have quoted less bid price than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security in shape of Post office short term deposit /NSC/K.V.P/ deposit receipt of any Nationalised bank duly pledged in favour of Block Development Officer, Dharmasala in the sealed envelope along with the price bid at the time of submission of bids.
8. **Forfeiture:** a) The E.M.D. amount will be forfeited, if the tenderer backs out from the offer of acceptance of tender, by the competent authority.
b) Submission of more than one tender paper by a bidder for a single work will be liable for refection of all such tender papers.
c) On review of the last performance of the works executed through B.D.O., Dharmasala previously, the lowest- 1 tenderer may/may not be considered for the works, though he/she becomes lowest -1 tenderer.
d) The Contractors who have failed to execute projects of this agency/backed out from execution process/abandoned the project work midway/those who have been declared by considered at all.
e) **The undersigned reserves the right either to reject any or all tenders or cancel the entire process without assigning the reason thereof.**

**Sd./- Block Development Officer, Dharmasala**
**OIPR-19216/11/0001/2223**



## OFFICE OF THE SUPERINTENDING ENGINEER, RWSS DIVISION, BERHAMPUR

Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com

### Government of Odisha "e" Procurement Notice
### NATIONAL COMPETITIVE BIDDING

**Bid Identification No. EERWSSBAM-08/2022-23**

No. O-655: The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites Bids in Single Cover & Double Cover System according to the norm of "e" Procurement System in Online mode for Supply, Drawing, Design, Construction, Testing and Commissioning and Maintenance of different PWS Schemes and electrification works in Ganjam district from the eligibile contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District |
| 2 | No. of Work (Tender) | 03 Nos. |
| 3 | Estimated Cost (Approximate) | From Rs.10.55 lakhs to Rs.467.72 lakhs |
| 4 | Period of Completion | From 60 to 360 days |
| 5 | Date & time of availability of bid document in the portal | From 20.07.2022 at 11.00 hrs. to 10.08.2022 upto 17.00 hrs. |
| 6 | Last date & time for seeking clarification | 06.08.2022 upto 17.00 hrs. |
| 7 | Dt. of Opening of Bid | 12.08.2022 at 11.00 hrs. |
| 8 | Last date/time for receipt of bids in the portal | 10.08.2022 upto 17.00 hrs. |
| 9 | Name & address of the Officer Inviting Tender | Superintending Engineer, RWSS Division, Near Jarada Bunglow, Berhampur - 760004, Dist.- Ganjam, Odisha |

Further details can be seen from the e-procurement portal **https://tendersorissa.gov.in**.

OIPR-25035/11/0004/2223
**Superintending Engineer**
**RWS&S Division, Berhampur**



## SAMBALPURI BASTRALAYA
## HLCS LTD., GOVINDPALI ROAD, BARGARH
### SHORT TENDER CALL NOTICE

**No. 1256 Dt.12.07.2022**

No. PP-22: Sealed tenders are invited from experienced individual/company to run the Garment Manufacturing Unit at Sambalpuri Bastralaya HLCS Ltd., Bargarh, Odisha. **The last date and time of submission of tender paper is Dt.02.08.2022 at 4.00 P.M.** at Bargarh which shall be opened on 03.08.2022 at 4.00 P.M. Refer to our website **www.sambalpuribastralaya.com**. All the information on this tender notice will be available in the above website.

**Sd./- S.K. Nag**
**Managing Director**
OIPR-31032/11/0014/2223

## ଗଛପଡ଼ି ପାକ୍ସ କୋଠା ଭାଙ୍ଗିଲା

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହାରେ ଲଗାଣ ବର୍ଷାରେ ଗୁରୁବାର ସ୍ଥାନୀୟ କୃଷିସେବା ସମବାୟ ସମିତି କୋଠାରେ ଏକ ଗଛ ପଡିଯାଇଥିଲା। ଏଥିରେ କୋଠାକାନ୍ଥ ଭାଙ୍ଗିଯାଇଛି। ଗଛ ପଡିବା ବେଳେ କୋଠାରେ କୌଣସି କର୍ମଚାରୀ ନ ଥିଲେ। ଉକ୍ତ ପାକ୍ସ ପଛପଟେ ଅନେକ ଦିନ ହେଲା ଏକ ପୁରୁଣା ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ତୁରନ୍ତ କୋଠା ମରାମତି ଓ ନୂତନ କୋଠା ନିର୍ମାଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ସରକାରୀ ସହାୟତା ଅପେକ୍ଷାରେ ବନ୍ୟା ବିପନ୍ନ



ଖଡ଼ିଆଳ,୧୪।୭(ଡି.ଏନ.ଏ.): ନୂଆପଡ଼ା ଜିଲାରେ ଗତ କିଛି ଦିନ ହେଲା ଲଘୁଚାପ ଜନିତ ବର୍ଷା ଫଳରେ ଅନେକ ଲୋକଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଅନେକ ଚାଷୀଙ୍କ ଜମିରେ ପାଣି ଜମି ରହିଛି। ଖଡ଼ିଆଳ ବ୍ଲକ ସଦର ଡୁଆଝର ଗ୍ରାମର ଅନେକ ଘର ଭାଙ୍ଗି ଯାଇଥିବା ନେଇ ହିତାଧିକାରୀମାନେ ସ୍ଥାନୀୟ ସରପଞ୍ଚ ଜିତୁ କୁମ୍ଭାରଙ୍କଠାରେ ଅଭିଯୋଗ କରିଛନ୍ତି। ହିତାଧିକାରୀଙ୍କ ଅଭିଯୋଗ ପରେ ସରପଞ୍ଚ ଭାଙ୍ଗିଯାଇଥିବା ଘରଗୁଡିକୁ ପରିଦର୍ଶନ କରିଥିଲେ। ସେମାନଙ୍କୁ ତାଙ୍କ ଘର ଚଳଣି ପାଇଁ ଦୈନନ୍ଦିନ ଚଳଣି ଜିନିଷ ଚାଉଳ, ଡାଲି, ତେଲ, ଲୁଣ ଆଦି ଯୋଗାଇ ଦେବା ସହ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବିଷୟରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନ କରି ଶୀଘ୍ର ଘର ଯୋଗାଇ ଦେବା ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଡୁଆଝର ଗ୍ରାମର ଜୟରାମ ଘିଭେଲାଙ୍କ ଘର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିବା ବେଳେ ଗ୍ରାମର ଅନେକ ଘର ଆଂଶିକ ଭାବେ ଭାଙ୍ଗି ଯାଇଛି। ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ଜିତୁ କୁମ୍ଭାର ତଥା ଜନସାଧାରଣ ଦାବି କରିଛନ୍ତି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର: ୧୭୨ ପ୍ରମାଣପତ୍ର ପ୍ରଦାନ

କୋକସରା,୧୪।୭(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଆନୁକୂଲ୍ୟରେ ଭୀମ ଭୋଇ ସାମର୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରାଙ୍କ ପରିଚାଳନାରେ ବ୍ଲକର ୨୨ ପଞ୍ଚାୟତରୁ ଶତାଧିକ ଦିବ୍ୟାଙ୍ଗ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇ ରାଜ୍ୟ ସରକାରଙ୍କ ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ସହାୟତା ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ, ଉପାଧକ୍ଷ ରାଜୀବ ଅଗ୍ରୱାଲ, ବିଡିଓ ମନୀଷା ଦାସ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶିବିର ଉଦଘାଟନ କରିଥିଲେ। ଶିବିରରେ ଜିଲା ମୁଖ୍ୟ ଡାକ୍ତରଖାନାର ଅସ୍ଥି ଶୈଳ ବିଶେଷଜ୍ଞ ଡ. ସୁନୀଲ ପାଢ଼ୀ, ମାନସିକ ରୋଗ ବିଶେଷଜ୍ଞ ଡ. ପ୍ରତାପ ପଟ୍ଟନାୟକ, କର୍ଣ୍ଣ ଗଳା ନାସା ବିଶେଷଜ୍ଞ ଡ. ପ୍ରଦ୍ୟୁମ୍ନ କିଶୋର ପଣ୍ଡାଙ୍କ ସମେତ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଅଧିକାରୀ ଶୁଭାଶିଷ ମହାନ୍ତି, ବାଦଲ ପଟ୍ଟନାୟକ, ବରିଷ୍ଠ ଶ୍ରବଣ ବିଶେଷଜ୍ଞ ନିବାସ ଚନ୍ଦ୍ର ସାହୁ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଶିବିରରେ ମୋଟ ୨୬୮ ପଞ୍ଜୀକରଣ କରିଥିବା ବେଳେ ୧୭୨ଜଣ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନ, ୧୬ଜଣଙ୍କୁ ବସ ଓ ଟ୍ରେନ ପାସ, ପେନସନ ଆବେଦନ ୧୭ଜଣ, ଓଡିଆରଆଇ ଋଣ ପାଇଁ ୭ଜଣ ଆବେଦନ କରିଥିବା ସୂଚନା ମିଳିଛି।

# ୩ କି.ମି. ବଦଳରେ ଯିବାକୁ ପଡୁଛି ୧୨ କି.ମି.

## ରାସ୍ତା ଅବରୋଧ କଲା ଅର୍ଦ୍ଧନିର୍ମିତ ପୋଲ

ବୋଡେନ,୧୪।୭(ଡି.ଏନ.ଏ.)

ନୂଆ ଚଉଡା ରାସ୍ତା ତିଆରି ହେବ। ସବୁ ଦିନ ସୁବିଧାରେ ଯିବାଆସିବା କରି ହେବ। ଏପରି ଆଶା ନେଇ ନୂଆପଡ଼ା ଜିଲା ବୋଡେନ ବ୍ଲକ ମାଓବାଦୀ ଅଧ୍ୟୁଷିତ ବୋଇରଗାଁ ପଞ୍ଚାୟତବାସୀ ଖୁସି ହୋଇଥିଲେ। ହେଲେ ରାସ୍ତା ତିଆରି କାମ ଚାଲିଥିବା ବେଳେ ଏବେ ରାସ୍ତା ବନ୍ଦ ହୋଇଛି। ଅର୍ଦ୍ଧ ନିର୍ମିତ ପୋଲ ରାସ୍ତା ଅବରୋଧ କଲା। ସୂଚନା ଯେ, ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ବୋଡେନରୁ ବୋଇରଗାଁ ଦେଇ ଖଦୁପାଣି ପର୍ଯ୍ୟନ୍ତ ୯ କି.ମି. ୫୫୦ ମିଟର ରାସ୍ତା ନିର୍ମାଣ କାମ ଆରମ୍ଭ ହେଲା। ଗତ ଡିସେମ୍ବରରେ କାମ ଶେଷ ସମୟ ଧାର୍ଯ୍ୟ ହେଲା ଆସନ୍ତା ଡିସେମ୍ବର ମାସକୁ। କାମ ଚାଲିଲା ହେଲେ ବୋଇରଗାଁରୁ ସୁନାମୁଦି ରାସ୍ତାରେ ସୁନାମୁଦି ଗାଁ ନିକଟରେ ଥିବା ନାଳର ପୋଲ ନିର୍ମାଣ କାମର ଖମ୍ବ ଉଠିଗଲା। ସ୍ଲାବ ପଡିବା ପୂର୍ବରୁ ବର୍ଷା ଋତୁ ଆସିଗଲା। ଅର୍ଦ୍ଧ ନିର୍ମିତ ହୋଇ ରହିଗଲା ପୋଲ। ବାଇପାସ୍ ରାସ୍ତା ତିଆରି ହୋଇଥିଲା। ହେଲେ ଲଘୁଚାପ ଜନିତ ଲଗାଣ ବର୍ଷା ଧୋଇନେଲା ବାଇପାସ୍ ରାସ୍ତା। ପଞ୍ଚାୟତ ସଦର ମହକୁମା ବୋଇରଗାଁରୁ ବିଚ୍ଛିନ୍ନ ହେଲା ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଲୋକସଂଖ୍ୟା ବିଶିଷ୍ଟ ସୁନାମୁଦି, ଚିକଲଚୁଆଁ ଓ ଖଦୁପାଣି ଗ୍ରାମ ସହ ଅନେକ ପଡା ଗ୍ରାମ। ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଅଧିକାଂଶ ପରିବାର ସରକାରଙ୍କ ପିଡିଏସ୍ ଚାଉଳ ଉପରେ ଭରସା କରନ୍ତି। ବର୍ତ୍ତମାନ ବୋଇରଗାଁ ଆସି ପିଡିଏସ୍ ନେବାକୁ ହେଲେ ୩ କି.ମି. ପରିବର୍ତ୍ତେ ହିତାଧିକାରୀଙ୍କୁ ବୋଡେନ ଦେଇ ପ୍ରାୟ ୧୨ କି.ମି. ବୁଲି ଯିବାକୁ ପଡୁଛି। ପୁଣି ବୋଇରଗାଁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ତଥା ସେମାନଙ୍କ ଅଭିଭାବକ ବିଭିନ୍ନ ସମୟରେ ଏହି ରାସ୍ତା ଦେଇ ବୋଇରଗାଁ ଯାତାୟାତ କରିଥାନ୍ତି। ଏବେ ରାସ୍ତା ବନ୍ଦ ହେବାରୁ ସେମାନଙ୍କୁ ବୋଡେନ ଦେଇ ବୁଲି ଯିବାକୁ ପଡୁଛି। ପୋଲ ନିର୍ମାଣ ନ ହେବା ପର୍ଯ୍ୟନ୍ତ ନାଳ ଉପରେ ବିକଳ୍ପ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ନାଳ ଉପରେ ନିର୍ମାଣାଧୀନ ପୋଲ।



ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛେଲବାହାଲ ଗାଁରେ ଥିବା ଏହି ନଳକୂପ ପାଣିଘେରରେ ରହିଛି। ଚାନ୍ଦିନୀ କରାଯାଇନାହିଁ। ଏଥିସହିତ ନଳକୂପ ଚତୁଃପାର୍ଶ୍ୱ କ୍ରମାଗତଭାବେ ଉଚ୍ଚ ହୋଇଯିବାରେ ବର୍ଷା ପାଣି ଜମି ରହୁଛି। ଲୋକେ ପାଣି ସଂଗ୍ରହ କରି ନ ପାରି ହଟହଟାର ସମ୍ମୁଖୀନ ହେଉଛନ୍ତି।

# ପଛୁଆବର୍ଗଙ୍କ ପାଇଁ ଶିକ୍ଷା, ବୃତ୍ତିରେ ୨୭ % ସଂରକ୍ଷଣ କର



ଧର୍ମଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ମହାମଞ୍ଚ କର୍ମକର୍ତ୍ତା।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର

ଧର୍ମଗଡ଼,୧୪।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଓବିସି, ଏସ୍‌ସି, ଏସ୍‌ଟି ମିଳିତ ମହାମଞ୍ଚ ପକ୍ଷରୁ ଗୁରୁବାର ଉଚ୍ଚ ଶିକ୍ଷା ଓ ବୃତ୍ତିଗତ ଶିକ୍ଷାରେ ପଛୁଆବର୍ଗ ଛାତ୍ରୀଛାତ୍ରମାନଙ୍କୁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଧର୍ମଗଡ ଉପଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ବର୍ତ୍ତମାନ ଛାତ୍ରୀଛାତ୍ରମାନଙ୍କ ନାମ ଲେଖା ସମୟ। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୯୫ ପ୍ରତିଶତରୁ ଅଧିକ ଛାତ୍ରୀଛାତ୍ର ପାସ କରିଛନ୍ତି। ହେଲେ ତଦନୁସାରେ କଲେଜଗୁଡ଼ିକରେ ସିଟ ସଂଖ୍ୟା କମ୍ ରହିଛି। ଫଳରେ କଟଅଫ ମାର୍କ ଅଧିକ ଯିବ, ନାମ ଲେଖାରେ ପଛୁଆବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ କଲେଜଗୁଡ଼ିକରେ ସ୍ଥାନ ପାଇବାରୁ ଏହି ବର୍ଗର ବହୁତ ଛାତ୍ରୀଛାତ୍ର ବଞ୍ଚିତ ହେବେ। କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟରେ ଉଚ୍ଚ ଶିକ୍ଷାରେ ଏହି ବର୍ଗର ଛାତ୍ରଛାତ୍ରମାନଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ସୁବିଧା ଥିବାବେଳେ ଓଡିଶାରେ ଏହି ବ୍ୟବସ୍ଥା ନ ଥିବା ଦୁର୍ଭାଗ୍ୟଜନକ ବୋଲି ସଂଘ କହିଛି। ଅନ୍ୟ ରାଜ୍ୟ ଭଳି ସମ୍ବିଧାନ ସଂଶୋଧନ କରି କିମ୍ବା ଅର୍ଡିନାନ୍ସ ଆଣି ଏହି ନିୟମ ଓଡିଶାରେ ଲାଗୁ କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଓଡିଶାର ମୋଟ ଜନସଂଖ୍ୟାର ପ୍ରାୟ ୫୨ ପ୍ରତିଶତରୁ ଅଧିକ ପଛୁଆବର୍ଗ ଜନସାଧାରଣ ଅଟନ୍ତି। ସେମାନଙ୍କ ବିକାଶ ବିନା ଓଡିଶାର ବିକାଶ ଅସମ୍ଭବ। ଓଡିଶାର ସମତୁଳ ବିକାଶ ପାଇଁ ଏହି ବର୍ଗକୁ ନ୍ୟାୟ ଦେବାକୁ ହେବ। ଅନ୍ୟଥା ଆଗାମୀ ଦିନରେ ଜନସାଧାରଣ, ଅଭିଭାବକ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ମିଳିତ ଭାବେ ଆନ୍ଦୋଳନ ପାଇଁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉମ୍ବରୁଧର ଲହଜଲ, ଧନୁ ଗୋପାଳ, ଡାକେଶ୍ୱର ଲହଜଲ, ଲିଙ୍ଗରାଜ ବେହେରା, ଲବଣି ଯାଦବ, ଇଶରାମ ଟୋଲଟିଆ, ଝସକେତନ ପାରି, ହାତୀରାମ ଦୁର୍ଗା, ଚକ୍ରଧର ବେଣୁପାଣି, ଜୀବଶଙ୍କର ନାଏକ, ରବି ନାଏକ, ସୁଧୀର ଗୋପାଳ, ସେତୁ ରାମ ଭକ୍ତ, ପଦ୍ମବନ ବେମାଲ, ଦିଗାମ୍ବର ଦୁରିଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଚାରାରୋପଣ

କୋକସରା,୧୪।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଟୋମୁଣ୍ଡା ପଞ୍ଚାୟତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଅଠରନଳାଠାରେ ଗୁରୁବାର ବିଜୁ ଯୁବ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ ବନଖଣ୍ଡ ବେହେରା ସେକ୍ସନ ଅଧୀନ ସଂରକ୍ଷିତରେ ଜଙ୍ଗଲ ନଷ୍ଟ ରୋକିବା ପାଇଁ ଜଙ୍ଗଲ ବିଭାଗ ମିଳିତ ଉଦ୍ୟମରେ ଚାରାରୋପଣ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ, ଉପାଧକ୍ଷ ରାଜୀବ ଅଗ୍ରୱାଲ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ଆମ୍ବା ଅଧକ୍ଷ ରଘୁରାଜ ମାଝି, କୋକସରା ଜୋନ ୧ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଜୋନ ୨ ତ୍ରିନାଥ ବାଗ, ଜୋନ ୩ ବୈଜୟନ୍ତି ପୂଝାରୀ, ଧର୍ମଗଡ ବ୍ଲକ ଜିଲା ପରିଷଦ ଜୋନ ୨ ପ୍ରଣବ ଭଇଁସାଲ, ଜୋନ ୩ ଶଙ୍କର କୁଏଡ଼, ଜୋନ ୧ ଗୋପୀ ମହାନନ୍ଦ, ବେହେରା କୃଷି ସମବାୟ ସମିତି ସଭାପତି ଭବେଶ ଗଏଁତା, ସମିତି ସଭ୍ୟା ଶାମୁକା ନାଏକ, ସରପଞ୍ଚ ପଦ୍ମିନୀ ପୂଝାରୀଙ୍କ ସମେତ ଛାତ୍ର ଜନତା ଦଳର କର୍ମକର୍ତ୍ତା, ଗୋଟୋମୁଣ୍ଡା ଗ୍ରାମବାସୀ ଉପସ୍ଥିତ ରହିଥିଲେ। ଚାରାରୋପଣ କାର୍ଯ୍ୟକ୍ରମରେ ଧର୍ମଗଡ ରେଞ୍ଜର ଭବାନୀ ଶଙ୍କର କୁଅଁର, ଫରେଷ୍ଟର ଫାଲ୍ଗୁନୀ ମେହେର, ଫରେଷ୍ଟ ଗାର୍ଡ ସୁଧାଂଶୁ ସାହୁ, ନମିତା ବାଗ ଓ ବନ କର୍ମଚାରୀ ସହଯୋଗ କରିଥିଲେ।

## ଦକ୍ଷତା ବିକାଶ ପରାମର୍ଶ ଶିବିର



ଦକ୍ଷତା ବିକାଶ ପରାମର୍ଶ ଶିବିରରେ ଯୋଗଦେଇଥିବା ଯୁବତୀମାନେ।

ଖପ୍ରାଖୋଲ,୧୪।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲରେ ଓରମାସ ତରଫରୁ ଦକ୍ଷତା ବିକାଶ ପରାମର୍ଶ ଶିବିର ବ୍ଲକ ସଭାଗୃହଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଏଲଏମ ବ୍ଲକ ବିପିଏମ ମନୋଜ କେରକେଟାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୁଶଳ ଯୋଜନା ଜିଲା ସଂଯୋଜକ ମୁକେଶ ସିଂ, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧକ୍ଷା ନିରୁପମା ପଟେଲ, ବ୍ଲକ ଦକ୍ଷତା ବିକାଶ ସଂଯୋଜକ ସତ୍ୟବ୍ରତ ସିଂ, ବିପିସି ପ୍ରଶାନ୍ତ ନନ୍ଦ ଯୋଗଦେଇଥିଲେ। ଦକ୍ଷତା ବିକାଶ ଯୋଜନାରେ ବିଭିନ୍ନ ବିଷୟଭିତ୍ତିକ ତାଲିମ କାର୍ଯ୍ୟକ୍ରମରେ ଇଚ୍ଛୁକ ଯୁବତୀମାନେ ଯୋଗଦେଇ ଦକ୍ଷତା ବୃଦ୍ଧି ସହ ଅଧିକ ରୋଜଗାର କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପରାମର୍ଶ ଶିବିରରେ ଏମବିକେ, ସିଆରପି ଏବଂ ଇଚ୍ଛୁକ ପ୍ରାର୍ଥୀମାନେ ଯୋଗ ଦେଇଥିଲେ।

## ବର୍ଷାରେ ଭାଙ୍ଗିଲା ଘର, ଅସହାୟ ୨ ପରିବାର



ଲଗାଣ ବର୍ଷାରେ ୨ ପରିବାରର ଘର ଭାଙ୍ଗି ଯାଇଛି।

### ସରକାରୀ ସହାୟତା ଦାବି

କୋକସରା,୧୪।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଦୁଗାଁ ପଞ୍ଚାୟତ ଭିରକାପଡାର ୨ ଗରିବ ପରିବାରଙ୍କ ଘର ବର୍ଷାରେ ଭାଙ୍ଗି ଯାଇଛି। ଘର ଭାଙ୍ଗିବା ପରେ ନିରାଶ୍ରୟ ହୋଇ ଭଙ୍ଗା ଘର କୋଣରେ ଆଶ୍ରୟ ନେଇଛନ୍ତି। ଭିକାପଡାର ଟଙ୍କଧର ଧଙ୍ଗଡା ମାଝି ଓ କୁମୁଦ ଚନ୍ଦ୍ର ଧଙ୍ଗଡାମାଝି ଗରିବ ହୋଇଥିବା ବେଳେ ବର୍ଷ ବର୍ଷ ଧରି ଆବାସ ଘର ପାଇଁ ସ୍ଥାନୀୟ ପଞ୍ଚାୟତ ଅଧିକାରୀଙ୍କ ସମେତ ସରପଞ୍ଚଙ୍କୁ ଗୁହାରି କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ମିଳିନାହିଁ। ଫଳରେ ଅତିଦୟନୀୟ ଅବସ୍ଥାରେ ରହୁଥିଲେ। ହେଲେ ମଙ୍ଗଳବାର ଲଗାଣ ବର୍ଷାରେ ଦୁଇ ପରିବାର ଘର ଭାଙ୍ଗିଯିବା ପରେ ଟଙ୍କଧର ସ୍ତ୍ରୀ ଦେବକୀ, ଝିଅ ମନୋରମା, ପୁଅ ବୈଷ୍ଣବ ଓ ବିଧବା ମା' ବାଳମତି ବେୱା ୫ପ୍ରାଣୀ ଦୟନୀୟ ସ୍ଥିତିରେ ରହୁଥିବା ଟଙ୍କଧର ପ୍ରକାଶ କରିଛନ୍ତି। ଟଙ୍କଧରଙ୍କ ମା' ବାଳମତିଙ୍କ ସ୍ୱାମୀ ମୃତ୍ୟୁ ହେବାର ୭ ବର୍ଷ ବିତିଯାଇଥିଲେ ହେଁ ଆବାସ ଯୋଜନାରେ ଘର ମିଳିବାରୁ ବଞ୍ଚିତ ଥିବାରୁ ସେ ମଧ ଘର ଭାଙ୍ଗିବା ପରେ ଏବେ ବେଘର ହୋଇପଡିଛନ୍ତି। କୁମୁଦ ଚନ୍ଦ୍ର ଧଙ୍ଗଡା ମାଝି ମଧ ସ୍ତ୍ରୀ ଜୟନ୍ତୀ, ଦୁଇ ଝିଅ କୌଶଲ୍ୟା, ଡୋଲେଶ୍ୱରୀ, ପୁଅ ଗୁଣନିଧି ଓ ମା' ହେମ ବେୱାଙ୍କ ସହ ରହୁଥିଲେ। ବର୍ଷାରେ ଘର ଭାଙ୍ଗିଯିବା ପରେ ସେ ମଧ ବେସାହାରା ହୋଇ ପଡିଛନ୍ତି। ଏ ନେଇ ଲଦୁଗାଁ ରାଜସ୍ୱ ନିରୀକ୍ଷିକା ମମତା ସାଏଙ୍କୁ ପଚାରିବାରୁ ଦୁଇ ପରିବାଙ୍କ ଘର ଭାଙ୍ଗିଛି। ସେମାନଙ୍କୁ ସରକାରୀ ନିୟମ ଅନୁସାରେ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଦୁଇ ପରିବାରକୁ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇ ଦେବା ପାଇଁ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଗାଁକୁ ମଦମୁକ୍ତ ପାଇଁ ଅଣ୍ଟାଭିଡ଼ିଲେ ମହିଳା ଗୋଷ୍ଠୀ

ଜୁନାଗଡ,୧୪।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଙ୍ଗୁଡିସର ଗାଁରେ ମଦମୁକ୍ତ ପାଇଁ ସ୍ଥାନୀୟ ମହିଳାମାନେ ଅଣ୍ଟାଭିଡିଛନ୍ତି। ଗାଁରେ ଚାଲିଥିବା ବେଆଇନ ମଦ କୋଠି ବନ୍ଦ କରିବା ପାଇଁ ସେମାନେ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ମଧ ଦେଇଛନ୍ତି। ପରେ ସେମାନେ ଜିଲାପାଳଙ୍କଠାରୁ ଏକ ପତ୍ର ଆଣି ଜୁନାଗଡ ଥାନାରେ ଦେଇଛନ୍ତି। ଗାଁର ସ୍କୁଲ ସମ୍ମୁଖରେ ବେଆଇନ ମଦ କୋଠି ଯୋଗୁ ସେଠାକାର ପରିବେଶ ଖରାପ ହେବାରେ ଲାଗିଛି। ଏପରି କି ମଦ୍ୟପଙ୍କ ଯୋଗୁ ଗ୍ରାମରେ ଅଶାନ୍ତି ବାତାବରଣ ଲାଗିରହିଛି। ତେଣୁ ଗାଁରେ ଭାଇଚାରା ପାଇଁ ମଦ କୋଠିଗୁଡିକୁ ବନ୍ଦ କରିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି। ଚିଙ୍ଗୁଡିସର ସମିତିସଭ୍ୟା କାଞ୍ଚନ ବାଗଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ମଦ ବିରୋଧୀ ଅଭିଯାନରେ ସ୍ଥାନୀୟ ୱାର୍ଡମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସାମିଲ ହୋଇଥିଲେ।



ଗାଁକୁ ମଦମୁକ୍ତ ପାଇଁ ସ୍ଥାନୀୟ ମହିଳାମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ଜିଲାସ୍ତରୀୟ ସରପଞ୍ଚ ମହାସଂଘ ଗଠିତ

କେସିଙ୍ଗା,୧୪।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ୧୩ଟି ବ୍ଲକର ସରପଞ୍ଚଙ୍କୁ ନେଇ ଏକ ମହାସଂଘ ଭବାନୀପାଟଣାସ୍ଥିତ ରାୟାଲ ମିଡ ଟାଉନଠାରେ ନୂତନ କର୍ମକର୍ତ୍ତା ଗଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ କେସିଙ୍ଗା ବ୍ଲକ ଫଟକାମାଲ ପଞ୍ଚାୟତ ସରପଞ୍ଚ ତଥା କେସିଙ୍ଗା ବ୍ଲକ ସରପଞ୍ଚ ସଂଘ ସଭାପତି ସୁବୋଧ ରଣାଙ୍କୁ ମହାସଂଘର ନୂତନ ସଭାପତି ଭାବେ ଚୟନ କରାଯାଇଛି। ସେହିପରି ଉପସଭାପତି ଭାବେ ନକୁଳ ନାଏକ, ତାରା ପ୍ରସାଦ ରାୟଗୁରୁ, ସମ୍ପାଦକ ଭାବେ ଗୋବିନ୍ଦ ନାଏକ, କୋଷାଧକ୍ଷ ଭାବେ ଗୁମାଞ୍ଜଳି ସାହୁ ମନୋନୀତ ହୋଇଛନ୍ତି। ଉପଦେଷ୍ଟା କମିଟି ସଦସ୍ୟ ଗଣେଶ ପଣ୍ଡା, ହାତୀରାମ ଦୁର୍ଗା ମନୋନୀତ ହୋଇଛନ୍ତି।

## ଡାକ୍ତରଙ୍କୁ ମାଡ଼ ପ୍ରତିବାଦରେ କର୍ମଚାରୀଙ୍କ ଆନ୍ଦୋଳନ

ଖଡ଼ିଆଳ,୧୪।୭(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡାକ୍ତର ଦିନବନ୍ଧୁ ମହାନନ୍ଦଙ୍କୁ ମାଡ଼ ଘଟଣାକୁ ନିନ୍ଦା କରି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସମସ୍ତ ଜରୁରୀ କାମକୁ ସହଯୋଗ କରୁଥିବା ବେଳେ ଅନ୍ୟ କାମ ନ କରି ସେମାନେ ଆନ୍ଦୋଳନ କରିଛନ୍ତି। ଆନ୍ଦୋଳନରେ ଇନଚାର୍ଜ ଡାକ୍ତର ମହାନନ୍ଦ, ବରିଷ୍ଠ ଡାକ୍ତର ଭୁବନେଶ୍ୱର ମିଶ୍ର, ଡାକ୍ତର ରଞ୍ଜିତ ରାଉତ, ଡାକ୍ତର ମହେନ୍ଦ୍ର ମାଝି, ଡାକ୍ତର ଆଦିତ୍ୟ ଯୋଶୀ, ଡାକ୍ତର ବିଷ୍ଣୁ ନାଏକ, ଡକ୍ଟର ଆଇସା ଦାସ, ଡାକ୍ତର ଆସ୍ମା ନାଏକ, ଡାକ୍ତର ଚିରରଞ୍ଜନ ନିଶ୍ୱାଳ, ଡାକ୍ତର ପ୍ରବୀଣ କୁମାର ମେହେର, ଡାକ୍ତର ଦେବାଶିଷ ସିଂ, ଡାକ୍ତର ସୂର୍ଯ୍ୟଲଗ୍ନା ନାଏକ, ଅନୁପ ଭୂଷଣ, ଏଲଏଚଭି ଜ୍ୟୋତିର୍ମୟୀ ସେନାପତି, ଏନସିଡି କାଉନସିଲର ରାଣୀ ଠାକୁରଙ୍କ ସମେତ ଏସଡିଏଚର ସମସ୍ତ ଷ୍ଟାଫ ନର୍ସ, ଏଏନଏମ, ଲାବ୍ରୋଟାରୀ ଟେକନିକସିଆନଙ୍କ ସମେତ ସିକ୍ୟୁରିଟି ଗାର୍ଡ, ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ସୂଚନା ଯେ, ଏହି ଆନ୍ଦୋଳନରେ ଡାକ୍ତରଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ପୋଲିସ ସୁରକ୍ଷା, ଡାକ୍ତରଙ୍କୁ ମାଡ଼ ମାରିଥିବା ବ୍ୟକ୍ତିଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ, ଚିକିତ୍ସାଳୟରେ ପୋଲିସ ଫାଣ୍ଡିର ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି।



ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଏବଂ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

## କୂଳ ଲଙ୍ଘୁଛି ହାତୀ ନଦୀ: ଆତଙ୍କିତ ନଦୀକୂଳିଆବାସୀ

- ବାନ୍ଦପାରି-ଲାଞ୍ଜିଗଡ଼ ଯୋଗାଯୋଗ ବିଚ୍ଛିନ୍ନ
- ଧୁଲୁଘାଟି ରାସ୍ତାରେ ଘାଇ ସୃଷ୍ଟି

ଭବାନୀପାଟଣା,୧୪।୭(ସ୍ୱ.ପ୍ର.)

୪ ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ କଳାହାଣ୍ଡି ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏଭଳିସ୍ଥିତିରେ କୂଳ ଲଙ୍ଘୁଛି ହାତୀ ନଦୀ। ଏଥିଯୋଗୁ ଭୟଭୀତ ହୋଇ ପଡିଛନ୍ତି ନଦୀ କୂଳିଆ ବାସିନ୍ଦା। କଳାହାଣ୍ଡି ଓ କନ୍ଧମାଳ ଜିଲାକୁ ସଂଯୋଗ କରୁଥିବା ୫୭ ନମ୍ବର ଜାତୀୟ ରାଜପଥର ମଣ୍ଡଳପଦର ନିକଟ ଆପ୍ରୋଚ ରୋଡ୍ ଧୋଇ ହୋଇଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ସେପଟେ ଇନ୍ଦ୍ରାବତୀ ଜଳ ଭଣ୍ଡାରରୁ ଜଳ ନିଷ୍କାସନ ସାଙ୍ଗକୁ ଲଗାଣ ବର୍ଷା ଯୋଗୁ ହାତୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଜୁନାଗଡ ବ୍ଲକ ଦେଇ ପ୍ରବାହିତ ହେଉଥିବା ହାତୀ ନଦୀର ଜଳସ୍ତର ବୃଦ୍ଧି ପାଇ କୂଳ ଲଙ୍ଘିଛି। ହାତୀ ନଦୀରେ ବନ୍ୟା ଜଳ ଆସିବା ଯୋଗୁ କୂଳରେ ଥିବା ଅନେକ ଗାଁର ଲୋକେ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହାସହ ଜିଲାର ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ବନ୍ଦପାରି ନାଳରେ ଥିବା ଅସ୍ଥାୟୀ ପୋଲ ଭୁଶୁଡି ପଡିବାରୁ ବାନ୍ଦପାରି ଓ ଲାଞ୍ଜିଗଡ଼ ମଧରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ଜୟପାଟଣା ବ୍ଲକ ଧୁଲୁଘାଟି ରାସ୍ତାରେ ଘାଇ ସୃଷ୍ଟି ହୋଇ ଜୟପାଟଣା ଓ ନବରଙ୍ଗପୁର ଜିଲାକୁ ଯୋଗାଯୋଗ ମଧ ବିଚ୍ଛିନ୍ନ ହୋଇଛି।



ହାତୀ ନଦୀରେ ବର୍ଷା ପାଣି ଭର୍ତ୍ତି ହେଇଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୫ ଜୁଲାଇ, ୨୦୨୨



## ସଂକ୍ଷେପରେ

### ପଞ୍ଚାୟତ ଅଫିସ୍‌ରୁ ଚୋରି ଅଭିଯୋଗ

**ବରପାଲି,୧୪।୭(ଡି.ଏନ.ଏ.):** ବରପାଲି ବ୍ଲକ କୁମ୍ଭାରୀ ପଞ୍ଚାୟତ ଅଫିସରୁ ଗୋଟିଏ ପୁରୁଣା ଟ୍ରେଜେରି ଓ ଡିଜେଲ ରାଇସ ହଲରକୁ ଦିନ ଦ୍ୱିପ୍ରହରରେ ଚୋରି ହୋଇଛି। ଏ ନେଇ ନାଏବ ସରପଞ୍ଚଙ୍କ ସମେତ ୱାର୍ଡସଭ୍ୟମାନେ ଗୁରୁବାର ବରପାଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ଗୁରୁବାର କେତେଜଣ ଲୋକ ଦିନବେଳା ପଞ୍ଚାୟତ ଅଫିସ୍‌ରେ ଥିବା ଗୋଟିଏ ଟ୍ରେଜେରି ଓ ଡିଜେଲ ରାଇସ୍ ହଲରକୁ ମେଶିନ ସାହାଯ୍ୟରେ କାଟି ନେଇଯାଇଥିଲେ। ଏହା ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ନାଏବ ସରପଞ୍ଚଙ୍କ ନେତୃତ୍ୱରେ ବରପାଲି ଥାନାରେ ଅଭିଯୋଗ କରାଯାଇଥିଲା। ଏ ନେଇ ପଞ୍ଚାୟତ ଅଫିସ୍ ପିଅନ ଅଶ୍ୱିନୀ ହାତୀ କୁହନ୍ତି, ସରପଞ୍ଚଙ୍କ ଉପସ୍ଥିତିରେ କେତେକ ଲୋକ ହଲର ଓ ଟ୍ରେଜେରିକୁ ଗ୍ୟାସ କଟରରେ କାଟି ନେଇଛନ୍ତି । ତେବେ ଏ ସମ୍ପର୍କରେ ସରପଞ୍ଚ ବସନ୍ତ ମହାନନ୍ଦଙ୍କୁ ପଚାରିବାରୁ ସେ କହିଲେ, ଏହି ଘଟଣାରେ ମୋର ସମ୍ପୃକ୍ତି ନାହିଁ। ଯେଉଁମାନେ ଠିକାକାମ କରୁଛନ୍ତି ସେମାନେ ଏହା କରିଥିବେ ବୋଲି ମହାନନ୍ଦ କହିଥିଲେ।

### ନାଳରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଡୁଙ୍ଗୁରିପାଲି,୧୪।୭(ଡି.ଏନ.ଏ.):** ଗୁରୁବାର ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମାଝିମୁଣ୍ଡାର ଧର୍ମଦାଣ୍ଡି ନାଳରେ ବୁଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ହେଲେ ପ୍ରଶାନ୍ତ ପାଣେ (୨୭)। ପ୍ରକାଶ ଯେ, ମାଝିମୁଣ୍ଡା ଗ୍ରାମର ପ୍ରଶାନ୍ତ ଅପରାହ୍ନରେ ନିଜ ଜମିରେ ଧାନ ତଳି ପକାଇ ସାଙ୍ଗମାନଙ୍କ ସହ ନିକଟରେ ଥିବା ଉକ୍ତ ନାଳକୁ ଗାଧୋଇବା ପାଇଁ ଯାଇଥିଲେ । ଏହି ନାଳରେ ଏକ ଚେକ୍‌ଡ୍ୟାମ ତିଆରି ହୋଇଛି। ସେ ଚେକ୍‌ଡ୍ୟାମ ମଝିକୁ ଯାଇ ପାଣିରେ ଭାସି ଯାଉଥିବା ଏକ ଖଟକୁ ଧରିବାକୁ ଉଦ୍ୟମ କଲାବେଳେ ବୁଡି ଯାଇଥିଲେ । ଖବରପାଇ ଅଗ୍ନିଶମ ବାହିନୀ ଦୀର୍ଘ ୨ ଘଣ୍ଟା ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରିଥିଲେ। ସୁକାନ୍ତ ପାତ୍ର, ପ୍ରଭାକର ପ୍ରଧାନଙ୍କ ସହ ଅଗ୍ନିଶମ ବାହିନୀର ଅନ୍ୟ କର୍ମଚାରୀମାନେ ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ପ୍ରଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଏହି ଖବର ପ୍ରଚାରିତ ହେବା ପରେ ମାଝିମୁଣ୍ଡା ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

### ଜବରଦଖଲ ଉଚ୍ଛେଦ ଅଭିଯାନ

**ତରଭା,୧୪।୭(ଡି.ଏନ.ଏ.):** ଗୁରୁବାର ତରଭା ଏନଏସି ଅଧୀନସ୍ଥ ପମ୍ପ ହାଉସ ନିକଟରେ ଥିବା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ଏହି ସରକାରୀ ଜମିକୁ ତାର ବାଡ ଦେଇ କେତେଜଣ ବ୍ୟକ୍ତି ଦଖଲରେ ରଖିଥିଲେ। ଏହାର ପ୍ଲଟ ନମ୍ବର ୪୯୪, ଖାତା ନଂ ୪୩୪। ତହସିଲଦାର ଅନାଦି ଚରଣ ସାହୁଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା । ଉଚ୍ଛେଦ ସମୟରେ ଅତିରିକ୍ତ ତହସିଲଦାର ତଥା ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ଭୋଇ,ସୁଜିତ ପାଢ଼ୀ, ହାକିମ ଖାନ, ଅଜୟ ସ୍ୱାଇଁ, ବିଶ୍ୱରଞ୍ଜନ ନାଏକ, ଏଏସଆଇ ଅରକ୍ଷିତ ମାଝୀଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଜାଗା ମାପ କରି ନିର୍ମାଣ ହେବାକୁ ଥିବା ମିଶନ ଶକ୍ତି ଗୃହର ମାଟିଖୋଳା ଆରମ୍ଭ କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ସରକାରୀ ଜମି ଜବରଦଖଲ ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭୋଇ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଜବରଦଖଲକାରୀ ଦେଇଥିବା ତାର ବାଡ, ସିମେଣ୍ଟ ଖମ୍ବ ପ୍ରଭୃତି ସାମଗ୍ରୀ ଜବତ କରାଯାଇଛି ।

### ଅଜୟ, ରାହୁଲଙ୍କ କୁଶ ପୁତ୍ତଳିକା ଦାହ

**ବରଗଡ଼ ଅଫିସ୍,୧୪।୭:** ଏନ୍‌ଡ଼ିଏ ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କ ଉପରେ କଂଗ୍ରେସ ନେତା ଅଜୟ୍ କୁମାର ଦେଇଥିବା ମନ୍ତବ୍ୟକୁ ନେଇ ଭାଜପା ପ୍ରତିବାଦ କରିଛି। ଏହି କ୍ରମରେ ଗୁରୁବାର ବରଗଡ଼ ଜିଲା ଭଟଲି ସ୍ଥିତ ବିଜୟା ଛକରେ ଭାଜପା କର୍ମୀମାନେ କଂଗ୍ରେସ ନେତା ଅଜୟ୍ କୁମାର ଏବଂ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଅଚ୍ୟୁତ ବୁଧିଆ, ଅବଦୁଲ ଫାରୁକ୍ ଖାନ୍, ସ୍ୱାଧୀନ ମେହେର, ସୁଶିଲ ପାତ୍ର, ଅକ୍ଷୟ ନାଏକ ପ୍ରମୁଖ ଭାଜପା କର୍ମୀ ଅଂଶଗ୍ରହଣ କରିଥିଲେ।

# ଆନ୍ଦୋଳନ କରିବ ଭାଜପା

**ବୀମା କମ୍ପାନୀର ଚଞ୍ଚକତାରେ ରାଜ୍ୟ ସରକାର ନିରବ**

**ପଦ୍ମପୁର,୧୪।୭ (ଡି.ଏନ.ଏ.)**

୨୦୨୧-୨୨ ବର୍ଷର ପ୍ରଧାନମନ୍ତ୍ରୀ ଫସଲ ବୀମାରାଶି ଚାଷୀଙ୍କୁ ଯୋଗାଇ ଦେବାରେ ଏଚ୍‌ଡିଏଫସି ବୀମା କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଏଥିରେ ରାଜ୍ୟ ସରକାରଙ୍କ ନିରବତାକୁ ନେଇ ପ୍ରଶ୍ନ ଉଠିଛି ବୋଲି ଭାଜପା କହିଛି। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଗୁରୁବାର ବରଗଡ଼ ଜିଲା ପଦ୍ମପୁର ପୂର୍ତ୍ତ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଗତ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବିଜେଡି ସମ୍ପୃକ୍ତ କମ୍ପାନୀଠାରୁ ଶହେ କୋଟି ଟଙ୍କା ଦଳୀୟ ପାଣ୍ଠି ସଂଗ୍ରହ କରିଥିବାରୁ ରାଜ୍ୟ ସରକାର ଚାଷୀଙ୍କୁ ସମର୍ଥନ ନ କରି ବୀମା କମ୍ପାନୀ ସପକ୍ଷରେ କେନ୍ଦ୍ରକୁ ଚିଠି ଲେଖିବା ଦୁର୍ଭାଗ୍ୟଜନକ। ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇଁ ପଞ୍ଜୀକରଣ କରିଥିବା ପଦ୍ମପୁର ସବ୍‌ଡିଭିଜନର ସମସ୍ତ ଚାଷୀ ଫସଲ ବୀମା ଟଙ୍କା ନ ପାଇବା ପର୍ଯ୍ୟନ୍ତ ଭାଜପା ଆନ୍ଦୋଳନ କରିବ। କୃଷି ବିଭାଗ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ତାଲାବନ୍ଦ ଆନ୍ଦୋଳନ ପରେ ଆସନ୍ତା ୧୬ତାରିଖରେ ବରଗଡ ଜିଲାର ସମସ୍ତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ଘଣ୍ଟିଆ ଧାରଣା ଦିଆଯିବ। ୧୮ତାରିଖରେ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ପଦ୍ମପୁର ସବ୍‌ଡିଭିଜନ ବନ୍ଦ ପାଳନ ଆହ୍ୱାନକୁ ଭାଜପା ପୂର୍ଣ୍ଣ ସମର୍ଥନ କରିବା ସହ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଆନ୍ଦୋଳନରେ ସାମିଲ ହେବା ପାଇଁ ପୁରୋହିତ ଆହ୍ୱାନ ଦେଇଛନ୍ତି। ଏଚ୍‌ଡିଏଫସି ବୀମା କମ୍ପାନୀକୁ ରାଜ୍ୟ ସରକାର କଳାତାଲିକା ଭୁକ୍ତ କରନ୍ତୁ ଓ ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇଁ ଏହି କମ୍ପାନୀ ସହ ଓଡ଼ିଶା ସରକାର ଚୁକ୍ତିପତ୍ର ସ୍ୱାକ୍ଷର କରନ୍ତୁ ନାହିଁ ବୋଲି ପୁରୋହିତ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ପ୍ରୀତେଶ ବହିଦାର, ଏମ୍‌ପି ପ୍ରତିନିଧି ଶ୍ରୀକାନ୍ତ ପାଣିଗ୍ରାହୀ, ରାଜୁ ଘିବେଲା, ସୁନୀଲ ଅଗ୍ରୱାଲ, ଅଶୋକ ମିଶ୍ର, ଚିନ୍ମୟ ପଣ୍ଡା, ଜ୍ୟୋତ୍ସ୍ନାରାଣୀ କର, ରଞ୍ଜୁ ସେଠ, କେତନ ମେହେର, ସୌକିଲାଲ ସାହା, ପ୍ରମୋଦ ମେହେର, ନରେଶ ସାହୁ, ଦିନେଶ ବାରିକ, ମଣ୍ଟୁ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା



ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ଥାନା ଅଧିକାରୀଙ୍କୁ ଭେଟି ସମସ୍ୟା ଜଣାଉଛନ୍ତି ।

**ଡୁଙ୍ଗୁରିପାଲି,୧୪।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନାରେ ନୂତନ ଭାବେ ଯୋଗ ଦେଇଥିବା ସତ୍ୟ ନାରାୟଣ ପଧାନଙ୍କୁ ଗୁରୁବାର ଡୁଙ୍ଗୁରିପାଲି ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ସୌଜନ୍ୟମୂଳକ ସାକ୍ଷାତକାର କରି ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଡୁଙ୍ଗୁରିପାଲି ସହରରେ ଟ୍ରାଫିକ ସମସ୍ୟାକୁ ଦୂର କରିବା, ପାଟ୍ରୋଲିଂ କଡାକଡି କରିବା, ଚୋରା ମଦ, କୋରେକ୍ସ, ଗଞ୍ଜେଇ ଚାଲାଣ, ଅସାମାଜିକ କାର୍ଯ୍ୟକୁ ଦମନ କରିବା, ସଟ୍ଟା ଖେଳ ବୃଦ୍ଧି ରୋକିବା, ଥାନା ଅଞ୍ଚଳରେ ହେଉଥିବା ଛୋଟ ବଡ଼ ଚୋରି ରୋକିବା ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ । ଏହାଛଡା ସହର ଭିତରେ ଦ୍ରୁତ ଗାଡି ଚାଳନା ଯୋଗୁ ଲୋକଙ୍କ ଜୀବନ ହାନି ହେବା ଆଶଙ୍କା ଥିବାରୁ ଏହାକୁ ପ୍ରତିହତ କରିବା ପାଇଁ ସଂଘ ତରଫରୁ ଦାବି କରାଯାଇଛି । ସଂଘର ସଭାପତି କିଶନ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ବରିଷ୍ଠ ପରାମର୍ଶଦାତା ପବିତ୍ର ମୋହନ ପାଣ୍ଡିଆ, ଉପ ସଭାପତି ଦୀନବନ୍ଧୁ ସୁନା, କୋଷାଧକ୍ଷ ରତ୍ନାକର ସେଠ, ପ୍ରକାଶ ହାତୀ, ମୁକେଶ କୁମାର ଭୋଇ, ଘନଶ୍ୟାମ ମେହେର, ସାଗର ଜେନା, ଅରବିନ୍ଦ ମିଶ୍ର, ମହାଦେବ ଗଡତିଆ, ଦେବରାଜ ବେହେରା, ପ୍ରେମଲାଲ ସେଠ ପ୍ରମୁଖ ଉପସ୍ଥିତ ଥିଲେ । ଥାନା ଅଧିକାରୀ ପଧାନ ଖୁବଶୀଘ୍ର ଏହସବୁ ସମସ୍ୟାର ସମାଧାନ ଲାଗି ଆଇନଗତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି ।

## ଏସ୍‌ପିଙ୍କୁ ଛାତ୍ର କଂଗ୍ରେସର ସ୍ମାରକପତ୍ର

**ଯୁକ୍ତ ତିନି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣା**

**ବରଗଡ଼ ଅଫିସ୍,୧୪।୭**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଚାଲିଥିବା ଯୁକ୍ତ ତିନି ଶେଷବର୍ଷ ଷଷ୍ଠ ସେମିଷ୍ଟାର ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଏହି କ୍ରମରେ ଗୁରୁବାର ବରଗଡ଼ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ସ୍ଥାନୀୟ ଏସ୍‌ପି ସ୍ମିତ ପି. ପରମାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଛାତ୍ର କଂଗ୍ରେସ ଜିଲା ସଭାପତି ଗୌରବ ପତିଙ୍କ ନେତୃତ୍ୱରେ ବିଭିନ୍ନ କଲେଜର ଛାତ୍ର ହରିଶ ବିଶି, ଦୀପକ ଷଣ୍ଢ, ଜିତୁ ପ୍ରଧାନ, ଲୋକନାଥ ନାଏକ, ଆକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଜନସଂଖ୍ୟା ଦିବସରେ ସଚେତନତା

**ବରଗଡ଼ ଅଫିସ୍,୧୪।୭**

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଅଧିକାରୀ ଡା. ଆଦତ୍ୟ ନାରାୟଣ ପାଢ଼ୀ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଭୂତି ଭୂଷଣ ମେହେର, ପ୍ରତାପ ଶଙ୍କର ଦାଶ, ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନର ଆଭିମୁଖ୍ୟ ଉପରେ ଅଧିକାରୀବୃନ୍ଦ ମତବ୍ୟକ୍ତ କରିଥିଲେ। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ରଥର ଶୁଭାରମ୍ଭ ସହିତ ପ୍ରଚାର ପତ୍ର ଉନ୍ମୋଚନ କରାଯାଇଥିଲା ।

## ଓଏଭି ପରିଦର୍ଶନ କଲେ ଜିଲାପାଳ



ବରଗଡ଼ ଜିଲାପାଳ ଗୋବିନ୍ଦପୁର ଓଏଭି ପରିଦର୍ଶନ କରୁଛନ୍ତି।

**ବରଗଡ଼ ଅଫିସ୍,୧୪।୭**

ବରଗଡ଼ ଜିଲା ଗୋବିନ୍ଦପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)କୁ ଗୁରୁବାର ଜିଲାପାଳ ମୋନିଷା ବାନାର୍ଜୀ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ସମୟରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ତହସିଲଦାର ସଞ୍ଜୀବ ମେହେର, ବିଡ଼ିଓ ଯୁଧିଷ୍ଠିର ମେହେର, ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ବାନାର୍ଜୀ ବିଦ୍ୟାଳୟରେ ୫-ଟି କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ଛାତ୍ରୀଛାତ୍ରଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଓଏଭି ଅଧ୍ୟକ୍ଷ କେଦାରନାଥ ଚୌଧୁରୀଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା।

## ଦେଶୀ ବିହନ ବ୍ୟାଙ୍କରେ ବିଦେଶୀ ଏନ୍‌ଜିଓ



ବିଦେଶୀ ଏନ୍‌ଜିଓ ମୁଖ୍ୟ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରୁଛନ୍ତି।

**ବରଗଡ଼ ଅଫିସ୍,୧୪।୭**

ବରଗଡ଼ ବ୍ଲକ କଟାପାଲି ଗ୍ରାମରେ ରହିଥିବା ଦେଶୀ ବିହନ ବ୍ୟାଙ୍କକୁ ଗୁରୁବାର ବିଦେଶୀ ଏନ୍‌ଜିଓ ଅର୍ଥାତ୍ ସୁଇଜରଲାଣ୍ଡର ସୁଇସ୍ ଏଡ୍ ଏବଂ ଫିବେକ୍ ସଂସ୍ଥାର ଏକ ପ୍ରତିନିଧି ଦଳ ପରିଦର୍ଶନରେ ଆସିଥିଲେ। ଉକ୍ତ ଏନ୍‌ଜିଓର ଦୁଇ ମୁଖ୍ୟ ଏଣ୍ଟିନ ଏବଂ ଅନୁଭବ ଦେଶୀ ବିହନର ସଂଗ୍ରାହକ ସୁଦାମ ସାହୁଙ୍କୁ ଭେଟି ବିହନ ବ୍ୟାଙ୍କ ଉପରେ ପଚାରି ବୁଝିଥିଲେ। ବିହନ ବ୍ୟାଙ୍କର ସମସ୍ତ ସଭ୍ୟାସଭ୍ୟଙ୍କ ସହିତ ସେମାନେ ଭାବ ବିନିମୟ କରିଥିଲେ। ଏହି ଅବସରରେ ସେମାନେ ସ୍ଥାନୀୟ ପାରମ୍ପରିକ ଖାଦ୍ୟ ତଥା ମୁଗବରା, ଆରିସା, ରାଶି ଲଡ୍ଡୁ, ମଣ୍ଡା, ବାଦାମ ଲଡ୍ଡୁ, ସୁଆଁଳି ପିଠାରେ ଜଳପାନ କରିଥିଲେ। ବିହନ ବ୍ୟାଙ୍କ ତରଫରୁ ଏଣ୍ଟିନ ଏବଂ ଅନୁଭବଙ୍କୁ ବିଭିନ୍ନ ପ୍ରକାର ବିହନରେ ପ୍ରସ୍ତୁତ ବିହନ ଚକ୍ର ଏବଂ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ସ୍ଥାନୀୟ ସରପଞ୍ଚ ରମେଶ ସାହୁଙ୍କୁ ଭେଟି କଟାପାଲି ଗ୍ରାମରେ ସ୍ଥାୟୀ ଜୈବିକ ବଜାର କିଭଳି କରାଯାଇପାରିବ, ସେ ନେଇ ଆଲୋଚନା କରିଥିଲେ। ତନୟ ଯୋଶୀ, ପ୍ରମୋଦ ପ୍ରଧାନ, ସାଗର ମହାନ୍ତି, ସରୋଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁପତ୍ର ଡିଏଫ୍‌ଓଙ୍କ ସହ କର୍ମଚାରୀ ସଂଘର ଆଲୋଚନା

**ପଦ୍ମପୁର,୧୪।୭ (ଡି.ଏନ.ଏ.)**

ବରଗଡ଼ ଜିଲା କେନ୍ଦୁପତ୍ର ଡିଭିଜନର ନୂତନ ଡିଏଫ୍‌ଓ ବିଭୂତି ଭୂଷଣ ବେହେରାଙ୍କ ସହ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଏକ ବୈଠକ କେନ୍ଦୁପତ୍ର ବଙ୍ଗଳାଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ କୋକିଳ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ନୂତନ ଡିଏଫ୍‌ଓ ବେହେରାଙ୍କୁ କର୍ମଚାରୀ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତୀତରେ ପଦ୍ମପୁର ଡିଭିଜନ କେନ୍ଦୁପତ୍ର ଓଡିଶାରେ ଉଲ୍ଲେଖଯୋଗ୍ୟ ସ୍ଥାନରେ ଥିଲା। ପୁଣି ଥରେ ସିଜିନାଲ କର୍ମଚାରୀ ଓ ସରକାରୀ କର୍ମଚାରୀଙ୍କ ଭିତରେ ଉତ୍ତମ ବୁଝାମଣା କରି ପଦ୍ମପୁର କେନ୍ଦୁପତ୍ର ଡିଭିଜନକୁ ଓଡ଼ିଶାର ୧ ନମ୍ବର ଡିଭିଜନ କରିବା ପାଇଁ ଡିଏଫ୍‌ଓ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ପଦ୍ମପୁର ରେଞ୍ଜର କେଶବ ନାଏକ, ଜଗଦଲପୁର ରେଞ୍ଜର ରମେଶ ସାହୁ, କେନ୍ଦୁପତ୍ର କର୍ମଚାରୀ ସଂଘ ହେଡ୍ ଚେକର ଋଷଭ ପ୍ରଧାନ, ପ୍ରଫୁଲ୍ଲ କୁମ୍ଭାର, ନାରାୟଣ ପୋଢ, ବସନ୍ତ ସାହୁ, ରଙ୍କମଣି ହୋତା, ଲୋଚନ ମୁନା, ଡୋଲେନ୍ଦ୍ର ସାହୁ, ମହେନ୍ଦ୍ର ପ୍ରଧାନ, ପଞ୍ଚାନନ ପ୍ରଧାନ, ଘନଶ୍ୟାମ ଭୋଇ, ଚକାମନ ପ୍ରଧାନ, କ୍ଷିତି ଭୂଷଣ ପ୍ରଧାନ, ରବିନ୍ଦ୍ର ନନ୍ଦ, ମଧୁ ବେହେରା ଉପସ୍ଥିତ ଥିଲେ । ଶେଷରେ ହେଡ୍ ଚେକର ସୁରେଶ ପଣ୍ଡା ଧନ୍ୟବାଦ ଅର୍ପଣ ଦେଇଥିଲେ।

## ଆମ ପୋଲିସ ସମିତି କାର୍ଯ୍ୟକ୍ରମ

**ଝାରବନ୍ଧ,୧୪।୭(ଡି.ଏନ.ଏ.)**

ଝାରବନ୍ଧ ପୋଲିସ ପକ୍ଷରୁ ବିଳାସପୁରଠାରେ ଗୁରୁବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ଥାନାଧିକାରୀ ଦିଲୀପ ବେହେରାଙ୍କ ନେତୃତ୍ୱରେ ବିଳାସପୁର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀବାଇ ନାଏକ ମୁଖ୍ୟ ଅତିଥି, ପୂର୍ବତନ ବ୍ଲକ ଅଧକ୍ଷ ହୃଷିକେଶ ବରିହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୋଲିସ ଜନସାଧାରଣଙ୍କ ସେବା ପାଇଁ କାମ କରୁଛି। ଜନସାଧାରଣଙ୍କ ସୁରକ୍ଷା ସହିତ ବିଭିନ୍ନ ଆସାମାଜିକ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ପାଇଁ ଲୋକଙ୍କ ସହଯୋଗ ଜରୁରି ବୋଲି ଥାନାଧିକାରୀ ବେହେରା ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କୁନି କୁନି ପିଲାମାନଙ୍କୁ ଖାତା କଲମ ବଣ୍ଟନ କରାଯାଇଥିଲା। ଝାରବନ୍ଧ ଥାନା ଅଞ୍ଚଳର ବରିଷ୍ଠ ନାଗରିକଙ୍କ ସମେତ ଏସ୍‌ଆଇ ଜଗା ବରିହା, ଏଏସ୍‌ଆଇ ସମାରୁ ନାଗ ପ୍ରମୁଖ ଯୋଗ ଦେଇଥିଲେ।





କାର୍ଯ୍ୟକ୍ରମରେ ପିଲାଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଉଛି।

## ଅତିମାନସ ଚେତନା ଜାଗରଣ ଯାତ୍ରାକୁ ସ୍ୱାଗତ

**ସୋହେଲା,୧୪।୭(ଡି.ଏନ.ଏ.)**

ମହାଯୋଗୀ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଅତିମାନସ ଚେତନା ଯାତ୍ରା ବୁଧବାର ସନ୍ଧ୍ୟାରେ ସୋହେଲା ପହଞ୍ଚିବା ପରେ ଦୁର୍ଗା ମନ୍ଦିର ପରିସରରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ଶ୍ରୀ ଅରବିନ୍ଦ ପାଠଚକ୍ର ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ଦେବତା ସଭାପତିତ୍ୱ କରିଥିଲେ। ସଂହତି ମଣ୍ଡଳର ସଂଯୋଜକ ପ୍ରଫୁଲ୍ଲ ପଣ୍ଡାଙ୍କ ସଂଯୋଜନାରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟ ଅତିଥି, ଅଧାପକ ରାଧାକାନ୍ତ ମିଶ୍ର ମୁଖ୍ୟ ବକ୍ତା, ସୁରେଶ୍ୱର ଶତପଥୀ, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ଇରାସିସ୍ ଆଚାର୍ଯ୍ୟ, ସୁରେଶ ଦେବତା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରଶାନ୍ତ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମା ଗୌରୀ ଦେବୀ ଟ୍ରଷ୍ଟର ଡାକ୍ତର ଶିଶିର କୁମାର ସାହୁ, ନଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁ, ବଳବୀର ସିଂ ଠାକୁର, ଶିକ୍ଷାବିତ୍ ଗିରିଜା ଶଙ୍କର ଆଚାର୍ଯ୍ୟ, ଭଗବାନ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଟ୍ରଷ୍ଟି ସୁଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଅତିମାନସ ଚେତନା ଯାତ୍ରା ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

## ବୌଦ୍ଧ ପଞ୍ଚାୟତ କଲେଜ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ବୌଦ୍ଧ,୧୪।୭(ସ୍ୱ.ପ୍ର.)**



କଲେଜ ଛାତ୍ରୀଛାତ୍ରମାନେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବି ପତ୍ର ପ୍ରଦାନ କରୁଛନ୍ତି ।

**ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ**

ବିଭିନ୍ନ ସମସ୍ୟା ନେଇ ଗୁରୁବାର ବୌଦ୍ଧ ପଞ୍ଚାୟତ କଲେଜ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରାଙ୍କୁ ପ୍ରଦାନ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ, ଅନେକ ଗରିବ ଛାତ୍ରୀଛାତ୍ର କଲେଜରେ ପାଠ ପଢୁଥିବା ବେଳେ ପ୍ରତିବର୍ଷ କଲେଜରେ ଫିଜ୍ ବୃଦ୍ଧି କରାଯାଉଛି। ଗତବର୍ଷ କଲେଜର ଫିଜ କୌଣସି ଛାତ୍ରୀଛାତ୍ରଙ୍କୁ ମଗାଯାଇ ନ ଥିବା ବେଳେ ଚଳିତବର୍ଷ ଦୁଇବର୍ଷର ଫିଜ ଦେବାକୁ କଲେଜ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେବା ଯୋଗ ଅନେକ ଛାତ୍ରୀଛାତ୍ର ଏହା ପ୍ରଦାନ କରିବାକୁ ଅକ୍ଷମତା ପ୍ରକାଶ କରୁଛନ୍ତି। ଫଳରେ ବର୍ଦ୍ଧିତ ଫିଜ ପ୍ରତ୍ୟାହାର ସହ ପ୍ରତିବର୍ଷ ଫିଜ ବୃଦ୍ଧି ନ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଏହାବ୍ୟତୀତ କଲେଜରେ ଛାତ୍ରମାନଙ୍କ ପାଇଁ କମନରୁମ ବ୍ୟବସ୍ଥା ନ ଥିବାବେଳେ ଛାତ୍ରୀମାନଙ୍କ କମନରୁମରେ ଶୌଚାଳୟ ଓ ପାନୀୟଜଳ ଭଳି ଜରୁରୀ ସୁବିଧା ନାହିଁ। ଉପଯୁକ୍ତ ଲାଇବ୍ରେରୀ ବ୍ୟବସ୍ଥା ନାହିଁ। କଲେଜର କ୍ରୀଡା ବିଭାଗ ଏକପ୍ରକାର ସ୍ଥାଣୁ ପାଲଟିଛି। ଅନେକ ଅଧାପିକା ଅଧାପକ କଲେଜ ଆସୁନଥିବାରୁ ପାଠପଢା ବ୍ୟାହତ ହେଉଛି। ଶ୍ରେଣୀକକ୍ଷର ମଧ ଘୋର ଅଭାବ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି କଲେଜ ନାକ୍ କମିଟି ଦ୍ୱାରା ବିଗ୍ରେଡ ମାନ୍ୟତା ପାଇଥିଲେ ମଧ ଛାତ୍ରୀଛାତ୍ରଙ୍କ ପାଇଁ ନିମ୍ନତମ ସୁବିଧା ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଏହିସବୁ ସମସ୍ୟା ନେଇ ଛାତ୍ରୀଛାତ୍ରମାନେ ଅତିରିକ୍ତ ଜିଲାପାଳ ତଥା କଲେଜ ପରିଚାଳନା କମିଟିର ସଭାପତିଙ୍କ ନିକଟରେ ଅଭିଯୋଗ କରିବା ସହ ତୁରନ୍ତ ଏହାର ସମାଧାନ କରାଯିବାକୁ ଦାବି କରିଥିଲେ। ଅତିରିକ୍ତ ଜିଲାପାଳ ସମସ୍ତ ଅଭିଯୋଗ ଶୁଣିବା ସହିତ କଲେଜ ଅଧ୍ୟକ୍ଷଙ୍କ ସହିତ ଏନେଇ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ବୌଦ୍ଧ ଜିଲାରେ ୮୦ ପ୍ରତିଶତ ଲୋକ ଚାଷ ଓ ଦିନ ମଜୁରୀ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଜିଲାରେ ଉଚ୍ଚଶିକ୍ଷାର ବିଶେଷ ଭିତ୍ତିଭୂମି ନ ଥିବା ବେଳେ ଅନେକ ଗରିବ ମେଧାବୀ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡଛନ୍ତି।